DHARITRI
ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୮/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, April 8/2022 | Page 14 | ₹ 7.00 | ★★★★★★
୪୮ଶ ଭାଗ ୧୩୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲରେ**
ଭାରତର ଶୀର୍ଷସ୍ଥାନୀୟ ପୁରୁଷ ଖେଳାଳି କିଡାମ୍ବି ଶ୍ରୀକାନ୍ତ କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।
୧୪

୧୨
**ଆକ୍ସନ ଫିଲ୍ମରେ ରୁଚି**
କମେଡି, ଡ୍ରାମା ଫିଲ୍ମ ବଦଳରେ ଆକ୍ସନ ଚଳଚ୍ଚିତ୍ରରେ କାମ କରିବା ପାଇଁ ଆଗ୍ରହ ଥିବା ବଲିଉଡ୍ ଅଭିନେତ୍ରୀ ଭୂମି ପେଡନେକର କହିଛନ୍ତି।






# ଅଜାନ୍ ପରେ ମୂର୍ତ୍ତି, ଆମ୍ବ

- କର୍ନାଟକ ବିଧାନସଭା ନିର୍ବାଚନକୁ ବର୍ଷେ ବାକି
- ଟାର୍ଗେଟ୍‌ରେ ମୁସଲମାନ ବେପାରୀ



**ବେଙ୍ଗାଲୁରୁ,୭।୪**

ଭାଜପା ଶାସିତ କର୍ନାଟକରେ ବିଧାନସଭା ନିର୍ବାଚନକୁ ବର୍ଷେ ବାକି ଥିବାବେଳେ ହିନ୍ଦୁ ସଙ୍ଗଠନଗୁଡ଼ିକ ଗୋଟିଏ ପରେ ଗୋଟିଏ ଧ୍ରୁବୀକରଣର ଅସ୍ତ୍ର ପ୍ରୟୋଗ କରିଚାଲିଛନ୍ତି। ସେମାନେ ହିଜାବ, ହଲାଲ ସହ ମନ୍ଦିର ମେଳାରେ ମୁସଲମାନଙ୍କ ଯୋଗଦାନକୁ ନେଇ କଟକଣା ପାଇଁ ଅଭିଯାନ ଚଳାଇବା ପରେ ଏବେ ମୁସଲମାନ ଆମ୍ବ ବ୍ୟବସାୟୀଙ୍କୁ ବିକ୍ରି ଏବଂ ସ୍ଥପତିଙ୍କୁ ଦେବଦେବୀ ମୂର୍ତ୍ତି ଗଢ଼ିବାକୁ ବାରଣ କରିଛନ୍ତି। ଏହି ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ପ୍ରସଙ୍ଗକୁ ନେଇ ଦକ୍ଷିଣ ଭାରତୀୟ ରାଜ୍ୟରେ ବଡ଼ ବିବାଦ ସୃଷ୍ଟି କରିଛି। ଆଗକୁ ନିର୍ବାଚନ ଥିବାରୁ ଭାଜପା ଭୋଟ ବ୍ୟାଙ୍କ ପାଇଁ ଏପରି କରାଉଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।

କର୍ନାଟକର ହିନ୍ଦୁତ୍ୱ ଗୋଷ୍ଠୀ ସ୍କୁଲଗୁଡ଼ିକରେ ମୁସଲିମ୍ ଛାତ୍ରୀଙ୍କ ହିଜାବ ପରିଧାନ ଅଧିକାରକୁ ଚ୍ୟାଲେଞ୍ଜ କରିଥିଲେ। ଏହା ପରେ ଭାଜପା ନେତାମାନେ ହଲାଲ ମାଂସ ବର୍ଜନ ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ମସ୍‌ଜିଦଗୁଡ଼ିକରେ ଅଜାନ୍ (ପ୍ରାର୍ଥନା) ପାଇଁ ବ୍ୟବହୃତ ଲାଉଡ୍‌ସ୍ପିକର ଉପରେ କଟକଣା ପାଇଁ ନୋଟିସ କରିଛନ୍ତି। ଇତିମଧ୍ୟରେ ମୁସଲମାନ ବ୍ୟବସାୟୀଙ୍କ ଆମ୍ବ ବିକ୍ରି ଉପରେ କଟକଣା ଅଭିଯାନ ରାଜ୍ୟରେ ଜୋର୍ ଧରିଛି। ହିନ୍ଦୁବାଦୀ ସଙ୍ଗଠନଗୁଡ଼ିକ ଅନ୍‌ଲାଇନ୍‌ରେ ☞ପୃଷ୍ଠା-୪

# ଜାତିସଂଘ ମାନବାଧିକାର ପରିଷଦରୁ ରୁଷିଆ ବାଦ୍

- ଭୋଟରୁ ବିରତ ରହିଲା ଭାରତ
- ପ୍ରସ୍ତାବ ସପକ୍ଷରେ ୯୩, ବିରୋଧରେ ୨୪

**ଜାତିସଂଘ, ୭।୪**

ୟୁକ୍ରେନ୍ ଉପରେ ଆକ୍ରମଣ ଓ ବୁଚା ଗଣହତ୍ୟାକୁ ନେଇ ସାରା ବିଶ୍ୱରେ ନିନ୍ଦିତ ରୁଷିଆ ଜାତିସଂଘର ମାନବାଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)ରୁ ବାଦ୍ ପଡ଼ିଛି। ଗୁରୁବାର ଅନୁଷ୍ଠିତ ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)ରେ ରୁଷିଆକୁ ମାନବାଧିକାର ପରିଷଦରୁ ବାହାର କରିବା ପାଇଁ ଆମେରିକା ପକ୍ଷରୁ ପ୍ରସ୍ତାବ ଆଗତ ହୋଇଥିଲା। ଏହି ପ୍ରସ୍ତାବ ସପକ୍ଷରେ ୯୩ ସଦସ୍ୟ ରାଷ୍ଟ୍ର ଭୋଟ ଦେଇଥଲେ। ୨୪ ସଦସ୍ୟ ଏହା ବିରୋଧରେ ମତଦାନ କରିଥିବାବେଳେ ୫୮ ରାଷ୍ଟ୍ର ଭୋଟିଂରୁ ବିରତ ରହିଥିଲେ। ମତଦାନବେଳେ ଭାରତ ପୂର୍ବଭଳି ନିରପେକ୍ଷ ରହି ଏଥିରୁ ବିରତ ରହିଥିଲା।

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି. ଏସ୍. ତିରୁମୂର୍ତ୍ତି ପ୍ରସ୍ତାବ ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ନ ଦେବା ଉପରେ ମତ ରଖିଥିଲେ। ଏକ ବିବୃତିରେ ସେ କହିଥିଲେ, ୟୁକ୍ରେନ୍ ସମସ୍ୟା ଆରମ୍ଭ ହେବା ଦିନରୁ ଭାରତ ଶାନ୍ତି ସପକ୍ଷରେ ରହି ଆଲୋଚନା ଏବଂ କୂଟନୈତିକ ଉପାୟରେ ସମାଧାନ ଚାହିଁଆସିଛି। ରକ୍ତପାତ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ। ଯଦି ଭାରତକୁ କୌଣସି ପକ୍ଷ ବାଛିବାକୁ ପଡ଼େ ତେବେ ନୂଆଦିଲ୍ଲୀ ତ୍ୱରିତ ହିଂସା ବନ୍ଦ ଏବଂ ଶାନ୍ତି ସ୍ଥାପନକୁ ପସନ୍ଦ କରିବ। ନିରୀହ ଜୀବନ ପ୍ରତି ବିପଦ ଆସିଲେ କୂଟନୀତି ହିଁ ଏକମାତ୍ର ବିକଳ୍ପ ବୋଲି ତିରୁମୂର୍ତ୍ତି ସ୍ପଷ୍ଟ କରିଛନ୍ତି। ୟୁଏନ୍‌ଏଚ୍‌ଆର୍‌ସିରୁ ରୁଷିଆ ବାଦ୍ ପଡ଼ିବାକୁ ୟୁକ୍ରେନ୍ ସ୍ୱାଗତ କରିଛି। ଜାତିସଂଘର ସଂସ୍ଥାଗୁଡ଼ିକରେ ଯୁଦ୍ଧ ଅପରାଧୀଙ୍କ କୌଣସି ସ୍ଥାନ ନାହିଁ ବୋଲି ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା କହିଛନ୍ତି। ଏହି ଅବସରରେ ସେ ୟୁଏନ୍‌ଜିଏ ସଂକଳ୍ପନାମାକୁ ସମର୍ଥନ କରିଥିବା ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶ ଯେ, ଆଣ୍ଟିଗୁଆ, ବର୍ବୁଡା, କାନାଡା, ☞ପୃଷ୍ଠା-୪

# ବିଜେଡି ଦଖଲରେ ୯୧

**ପୌର/ଏନ୍‌ଏସି ଉପାଧ୍ୟକ୍ଷ ନିର୍ବାଚନ**

- ଭାଜପାକୁ ୬, କଂଗ୍ରେସ, ସ୍ୱାଧୀନ ହାତରେ ୮
- ବିଜେଡି ହାତରୁ ଖସିଗଲା ପାରାଦୀପ, ଜଗତ୍‌ସିଂହପୁର, ରେଢ଼ାଖୋଲ, ଖଡ଼ିଆଳ
- ପାରାଦୀପରେ କ୍ରସ୍‌ଭୋଟିଂ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

ରାଜ୍ୟର ୧୦୫ ପୌର ପରିଷଦ/ଏନ୍‌ଏସି ଉପାଧ୍ୟକ୍ଷ ପଦବୀ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଏହି ନିର୍ବାଚନରେ ମଧ୍ୟ ବିଜେଡିକୁ ବିପୁଳ ସଫଳତା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ବିଜେଡି ୯୧ଟି ଉପାଧ୍ୟକ୍ଷ ପଦ ହାତେଇଛି। ଭାଜପାକୁ ମାତ୍ର ୬ଟି ଉପାଧ୍ୟକ୍ଷ ପଦବୀରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ତେବେ ଅନ୍ୟ ୮ଟି ପୌର ପରିଷଦ ଓ ଏନ୍‌ଏସିରେ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ତେବେ ଉପାଧ୍ୟକ୍ଷ ପାଇଁ ଆବଶ୍ୟକ ସଂଖ୍ୟା ଥିଲେ ମଧ୍ୟ ଅନେକ ପୌରାଞ୍ଚଳରେ ବିଜେଡିକୁ ନିରାଶ ହେବାକୁ ପଡ଼ିଛି। ବିରୋଧୀ ବିଜେଡିକୁ ଚକମା ଦେଇଛନ୍ତି। ☞ପୃଷ୍ଠା-୪

# ରେଭେନ୍‌ଶା ଛାତ୍ରୀ କଟକ ଡେପୁଟି ମେୟର

**କଟକ ଅଫିସ,୭।୪**


ଦମୟନ୍ତୀ ମାଝି

ବସ୍ତିରେ ରହିଥିବା ଲୋକଙ୍କ ବିଶ୍ୱାସ ଭାଜନ ହୋଇ କର୍ପୋରେଟର ଭାବେ ନିର୍ବାଚିତ ହେଲେ। ଆଉ ଏବେ ନିର୍ଦ୍ୱନ୍ଦ୍ୱରେ ଡେପୁଟି ମେୟର ପଦବୀ ଅଳଙ୍କୃତ କରିଛନ୍ତି ୨୧ ବର୍ଷୀୟ ଆଦିବାସୀ ଝିଅ ଦମୟନ୍ତୀ ମାଝି। ୪୯ ନମ୍ବର ୱାର୍ଡର କର୍ପୋରେଟର ଭାବେ ନିର୍ବାଚିତ ହୋଇଥିବା ଦମୟନ୍ତୀ କଟକ ମହାନଗର ନିଗମ(ସିଏମ୍‌ସି)ର ସର୍ବକନିଷ୍ଠା ଡେପୁଟି ମେୟରର ମାନ୍ୟତା ପାଇଛନ୍ତି। ସେ ରେଭେନଶାରେ ଏମ୍‌କମ୍ ଶେଷ ବର୍ଷରେ ଅଧ୍ୟୟନ କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇବେ ବୋଲି ଆଶା କରି ନ ଥିଲେ ବୋଲି ଦମୟନ୍ତୀ କହିଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇ ପାରିଛି। ତାଙ୍କ ବିଶ୍ୱାସ ଭରସା ଜିତିବା ପାଇଁ ଚେଷ୍ଟା କରିବି। ☞ପୃଷ୍ଠା-୪

# ପୋଲିସର ଆକ୍ରୋଶ ଖବରଦାତାଙ୍କ ଗୋଡ଼ରେ ବେଡ଼ି

- ଚିକିତ୍ସାଧୀନ ଅବସ୍ଥାରେ ହାତକଡ଼ି
- ଡିଏସ୍‌ପି ସ୍ତରରେ ତଦନ୍ତ ଆରମ୍ଭ


ଖବରଦାତାଙ୍କ ଗୋଡ଼ରେ ବେଡ଼ି ପକାଯାଇଛି।

**ବାଲେଶ୍ୱର ଅଫିସ/ସଜନାଗଡ଼, ୭।୪(ଡି.ଏନ.ଏ.)**

ପୋଲିସ ବର୍ବରତାର ଏକ ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ। ସାମାନ୍ୟ ଘଟଣାକୁ କେନ୍ଦ୍ର କରି ପୋଲିସ ଆକ୍ରୋଶମୂଳକ ଭାବେ ମେଡିକାଲରେ ଚିକିତ୍ସାଧୀନ ସମ୍ବାଦ ଖବରଦାତା ଲୋକନାଥ ଦଳେଇଙ୍କ ଗୋଡ଼ରେ ଦାଗୀ ଅପରାଧୀଙ୍କ ଭଳି ବେଡ଼ି ପକାଇଛି। ନୀଳଗିରି ପୋଲିସର ଏଭଳି କାର୍ଯ୍ୟକୁ ବିରୋଧ କରି ଖବରଦାତାମାନେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ୍ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ☞ପୃଷ୍ଠା-୪

# ବୁକର ଦୌଡ଼ରେ 'ଟମ୍ବ ଅଫ୍ ସ୍ୟାଣ୍ଡ'

- ଶର୍ଟଲିଷ୍ଟ ହେବାରେ ପ୍ରଥମ ହିନ୍ଦୀ ଉପନ୍ୟାସ
- ମେ ୨୬ରେ ଫାଇନାଲ

**ଲଣ୍ଡନ,୭।୪**

ସୁନାମଧନ୍ୟା କଥାକାର ଗୀତାଞ୍ଜଳି ଶ୍ରୀଙ୍କ ବହୁଚର୍ଚ୍ଚିତ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ୍' ଚଳିତ ବର୍ଷର ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇଁ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ ହୋଇଛି। ଲଣ୍ଡନର ବୁକର ଫେୟାରରେ ଗୁରୁବାର ଏନେଇ ଘୋଷଣା କରାଯାଇଛି। ଉକ୍ତ ଅନ୍ତର୍ଜାତୀୟ ପୁରସ୍କାର ପାଇବା ପାଇଁ ତାଲିକାରେ ସୂଚୀବଦ୍ଧ ହେବାରେ ଏହା ହେଉଛି ପ୍ରଥମ ହିନ୍ଦୀ ଫିକ୍ସନ। ଏବେ ବିଶ୍ୱର ଅନ୍ୟ ୫ ଶ୍ରେଷ୍ଠ କୃତି ସହ ଏହାର ପ୍ରତିଯୋଗିତା ହେବାକୁ ଯାଉଛି। ଫାଇନାଲରେ ଉତ୍ତୀର୍ଣ୍ଣ ହେଲେ 'ବାଲିର ସମାଧି' ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିବ।

୧୯୫୭ରେ ଉତ୍ତର ପ୍ରଦେଶର ମୈନପୁରୀରେ ଜନ୍ମିତ ତଥା ନୂଆଦିଲ୍ଲୀରେ ରହୁଥିବା ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଅନେକ କ୍ଷୁଦ୍ରଗଳ୍ପ ଓ ୫ଟି ଉପନ୍ୟାସ ରଚନା କରିଛନ୍ତି। ୬୪ ବର୍ଷୀୟା ଗୀତାଞ୍ଜଳିଙ୍କ ଅନେକ ପୁସ୍ତକ ଇଂଲିଶ, ଫରାସୀ, ଜର୍ମାନ, ସର୍ବିଆନ୍ ଓ କୋରିଆନ୍ ଭାଷାରେ ଅନୂଦିତ ହୋଇଛି। ତାଙ୍କ ଉପନ୍ୟାସ 'ରେତ୍ କୀ ସମାଧି' (୨୦୧୮) ଆମେରିକୀୟ ପେଣ୍ଟର ତଥା ଲେଖିକା ଡେଜି ରକ୍‌ୱେଲ ଇଂଲିଶ୍ ଭାଷାରେ ଅନୁବାଦ କରିଛନ୍ତି। ଡେଜି ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଅନେକ ସାହିତ୍ୟ କୃତିକୁ ଅନୁବାଦ କରିଛନ୍ତି।

ଏହି ଅନୁଦିତ ପୁସ୍ତକକୁ ବୁକର ବିଚାରକମାନେ 'ଉଚ୍ଚକୋଟୀର ଓ ଅକାଟ୍ୟ' ବୋଲି ଅଭିହିତ କରିଛନ୍ତି। ଟମ୍ବ ଅଫ୍ ସ୍ୟାଣ୍ଡ ଫାଇନାଲରେ ଯୋଗ୍ୟ ବିବେଚିତ ହେଲେ ପୁରସ୍କାର ବାବଦକୁ ୫୦,୦୦୦ ପାଉଣ୍ଡ (୪୯,୫୭,୬୯୯ ଟଙ୍କା) ପ୍ରଦାନ କରାଯିବ। ପୁରସ୍କାର ରାଶିକୁ ଲେଖିକା ଗୀତାଞ୍ଜଳି ଶ୍ରୀ ଏବଂ ଅନୁବାଦିକା ଡେଜି ରକ୍‌ୱେଲଙ୍କ ମଧ୍ୟରେ ଦୁଇଭାଗ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ମନୋନୀତ ହୋଇଥିବା ଲେଖକ ଓ ଅନୁବାଦକଙ୍କୁ ୨,୫୦୦ ପାଉଣ୍ଡ ଲେଖାଏ ଦିଆଯିବା ପାଇଁ ସ୍ଥିର କରାଯାଇଛି, ଯାହାକି ପୂର୍ବରୁ ୧,୦୦୦ ପାଉଣ୍ଡ ଥିଲା। ଆସନ୍ତା ମେ' ୨୬ରେ ☞ପୃଷ୍ଠା-୪





ଔପନ୍ୟାସିକା ଗୀତାଞ୍ଜଳି ଶ୍ରୀ ଏବଂ ତାଙ୍କ ଉପନ୍ୟାସ 'ଟମ୍ବ ଅଫ୍ ସ୍ୟାଣ୍ଡ୍'।

# ଅଙ୍ଗନୱାଡି କେନ୍ଦ୍ରରେ ମହୁମାଛି ଆତଙ୍କ

**୨୦ ଶିଶୁ ଆହତ, ଅଙ୍ଗନୱାଡି କର୍ମୀ ଗୁରୁତର**

**ବାଉଁଶୁଣୀ/କନ୍ଧମାଳ/ସୋନପୁର, ୭।୪(ଡି.ଏନ୍.ଏ./ନି.ପ୍ର.)**

ଶିଶୁଙ୍କୁ ସାଙ୍ଗରେ ଧରି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିଲେ ସହାୟିକା। ଏହି ସମୟରେ ହଠାତ୍ ବସାରୁ ବାହାରି ଆକ୍ରମଣ କଲେ ମହୁମାଛି। ଏଥିରେ ଆହତ ହୋଇଛନ୍ତି ୨୦ କୁନି ପିଲା। ସେମାନଙ୍କୁ ରକ୍ଷା କରିବାକୁ ଯାଇଥିବାବେଳେ ଅଙ୍ଗନୱାଡି କର୍ମୀ ଏବଂ ସହାୟିକା ମଧ୍ୟ ମହୁମାଛି ଦଂଶନର ଶିକାର ହୋଇଛନ୍ତି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଅନ୍ତର୍ଗତ ବଉଲସିଙ୍ଗା ଗ୍ରାମରେ ଗୁରୁବାର ଘଟିଛି ଏଭଳି ଅଭାବନୀୟ ଘଟଣା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବଉଲସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ର ରହିଛି। ସ୍କୁଲ ପାଖରେ ଥିବା ଏକ ବରଗଛରେ ବହୁ ମହୁଫେଣା ରହିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଓର୍ବାନ୍ କାହିଁକି ଜିତିଲେ**



## ସଂକ୍ଷେପରେ

### ଓମାର ଅବଦୁଲ୍ଲାଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୭।୪:** ଜମ୍ମୁ-କଶ୍ମୀର ବ୍ୟାଙ୍କ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲାଙ୍କୁ ଜେରା କରିଛି। ଋଣ ମଞ୍ଜୁରୀ ଓ ନିବେଶରେ ଅନିୟମିତତା ଅଭିଯୋଗ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୂର୍ବରୁ ଜମ୍ମୁ-କଶ୍ମୀର ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ମୁସ୍ତାକ୍ ଅହମଦ ଶେଖ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସିବିଆଇର ଏତଲାକ୍ରମେ ଇଡି ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଜେରାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଏନ୍‌ସି କହିଛି। ଦିଲ୍ଲୀ ଓମାରଙ୍କ ଘର ହୋଇ ନ ଥିବାବେଳେ ରମଜାନ ମାସରେ ତାଙ୍କୁ ଜେରା ପାଇଁ ଦିଲ୍ଲୀ ଡକାଗଲା କାହିଁକି ବୋଲି ଦଳ ପ୍ରଶ୍ନ କରିଛି। ବ୍ୟାଙ୍କର କେତେଜଣ ନିର୍ଦ୍ଦେଶକଙ୍କୁ ଓମାର ନିଯୁକ୍ତ କରାଇଥିବାରୁ ତାଙ୍କ ସହ ସମ୍ପର୍କକୁ ନେଇ ଇଡି ଜେରା କରିଥିବା କୁହାଯାଉଛି। ଜମ୍ମୁ-କଶ୍ମୀର ବ୍ୟାଙ୍କ ଋଣ ମଞ୍ଜୁରୀରେ ଅନିୟମିତତା, ନିଯୁକ୍ତିରେ ପ୍ରିୟାପ୍ରୀତି ତୋଷଣ ଓ ବ୍ୟାଙ୍କ କାର୍ଯ୍ୟକୁ ନେଇ ୨୦୧୯ରୁ ତଦନ୍ତ ଚାଲିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଉକ୍ତ ବ୍ୟାଙ୍କ ଓ ଏହାର ଅଧିକାରୀମାନଙ୍କ ବିରୋଧରେ ଏକାଧିକ ମାମଲା ରୁଜୁ ହୋଇଛି।

### ବୋର୍ଡ ପରୀକ୍ଷା ଖାତାରେ 'ଖେଲା ହୋବେ'

**କୋଲକାତା,୭।୪:** ଗତବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) 'ଖେଲା ହୋବେ' ସ୍ଲୋଗାନ ଦେଇ ପୁନର୍ବାର କ୍ଷମତାକୁ ଆସିଥିଲା। ଏହି ସ୍ଲୋଗାନର ପ୍ରଭାବ ସେଠାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଥିବା ପିଲାଙ୍କ ଉପରେ ପଡ଼ିଥିବା ଦେଖାଯାଇଛି। ବୋର୍ଡ ପରୀକ୍ଷା ଦେଇଥିବା ଗୋଟିଏ ଗୋଷ୍ଠୀ ଛାତ୍ରୀଛାତ୍ର ସେମାନଙ୍କ ପରୀକ୍ଷା ଖାତାରେ ଉକ୍ତ ଲୋକପ୍ରିୟ ସ୍ଲୋଗାନ 'ଖେଲା ହୋବେ' ଲେଖିଥିବା ଦେଖାଯାଇଛି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତାରେ ଏପରି ଲେଖିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମବଙ୍ଗ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଗତ ମାର୍ଚ୍ଚରେ ପରିଚାଳିତ ଦଶମ ପରୀକ୍ଷାରେ ଅନେକ ଛାତ୍ରୀଛାତ୍ର ସେମାନଙ୍କ ଖାତାରେ ଖେଲୋ ହୋବେ ଲେଖିଥିବା ପରୀକ୍ଷକମାନେ ଦେଖିବାକୁ ପାଇଛନ୍ତି। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତାରେ ଏଭଳି ରାଜନୈତିକ ସ୍ଲୋଗାନ ଲେଖିଲେ ସେମାନଙ୍କ ଖାତା ମୂଲ୍ୟାୟନ ନ କରିବାକୁ ପରୀକ୍ଷକମାନଙ୍କୁ ପଶ୍ଚିମବଙ୍ଗ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶ ଦେଇଛି।

### ୫୦ ତଳକୁ ପେଟ୍ରୋଲ ମନା

**ମୁମ୍ବାଇ,୭।୪:** ଦେଶରେ ପେଟ୍ରୋଲ ଦର ବଢ଼ିଚାଲିଥିବାବେଳେ ମହାରାଷ୍ଟ୍ର କାନ୍‌ପୁରରେ ଏକ ପେଟ୍ରୋଲ ପମ୍ପ ୫୦ ଟଙ୍କା ତଳକୁ ତେଲ ବିକ୍ରି କରିବ ନାହିଁ ବୋଲି କହିଛି। ଏ ନେଇ ମାଲିକ ପମ୍ପ ସାମ୍ନାରେ ପୋଷ୍ଟର ଲାଗାଇଛନ୍ତି। କମ୍ ଟଙ୍କାର ତେଲ ପାଇଁ ପେଟ୍ରୋଲ ପମ୍ପ ମେସିନ୍ ସବୁ ଅଧିକ ମାତ୍ରାରେ ଇଲେକ୍ଟ୍ରିସିଟି କନ୍‌ଜ୍ୟୁମ୍ କରୁଥିବା ପମ୍ପ ମାଲିକ ରବିଶଙ୍କର କହିଛନ୍ତି। ଗାଡ଼ିଚାଳକମାନେ ୨୦ରୁ ୫୦ ଟଙ୍କାର ପେଟ୍ରୋଲ ମାଗୁଛନ୍ତି। ମେସିନ୍ ଚାଲୁ କଲାବେଳକୁ ସମାନ ପରିମାଣର ଇଲେକ୍ଟ୍ରିସିଟି ଖର୍ଚ୍ଚ ହୋଇଯାଉଛି। ଅନେକ ସମୟରେ ଝଗଡ଼ା ହେଉଥିବା ଯୋଗୁ ୫୦ ଟଙ୍କା ତଳକୁ ତେଲ ବିକ୍ରି କରାଯିବ ନାହିଁ ବୋଲି ନିଷ୍ପତ୍ତି ନେବା ସହ ଗାଡ଼ିଚାଳକଙ୍କ ଅବଗତି ନିମନ୍ତେ ପୋଷ୍ଟର ଲଗାଯାଇଥିବା ସେ କହିଛନ୍ତି।



ତେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପ୍ରତିବାଦରେ ଗୁରୁବାର ପାର୍ଲାମେଣ୍ଟ ପରିସର ଗାନ୍ଧୀ ମୂର୍ତ୍ତି ନିକଟରେ ଟିଏମ୍‌ସି ଏମ୍‌ପିଙ୍କ ବିକ୍ଷୋଭ।

# ଲଦାଖର ପାୱାର ଗ୍ରୀଡ୍‌କୁ ଚାଇନା ହ୍ୟାକରଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୭।୪**

ଚାଇନା ପ୍ରାୟୋଜିତ ହ୍ୟାକରମାନେ ଗତ ୮ ମାସ ହେଲା ଲଦାଖ ନିକଟରେ ଥିବା ଭାରତର ବିଦ୍ୟୁତ୍ ଯୋଗାଣ କେନ୍ଦ୍ରକୁ ଟାର୍ଗେଟ କରିଆସୁଥିବା ଘରୋଇ ଗୋଇନ୍ଦା ସଂସ୍ଥା ରେକର୍ଡେଡ୍ ଫ୍ୟୁଚର ପକ୍ଷରୁ କୁହାଯାଇଛି। ତେବେ ଚାଇନାର ଏହି ସାଇବର ଆକ୍ରମଣ ସଫଳ ହୋଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଗତବର୍ଷ ଅଗଷ୍ଟରୁ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟରେ ଅନ୍ୟୁନ ୭ଟି ରାଜ୍ୟ ଲୋଡ୍ ଡେସ୍‌ପାଚ୍ ସେଣ୍ଟର(ଏସ୍‌ଏଲ୍‌ଡିସି)ର ନେଟ୍‌ୱର୍କରେ ବାଧା ସୃଷ୍ଟି ଲାଗି ଉଦ୍ୟମ ହୋଇଥିବା ଜଣାପଡ଼ିଥିଲା। ଲଦାଖ ଅନ୍ତର୍ଗତ ଭାରତ-ଚାଇନା ସୀମାଠାରୁ ଅଳ୍ପ ଦୂରରେ ଉତ୍ତର ଭାରତରେ ଏହିସବୁ ଏସ୍‌ଏଲ୍‌ଡିସି ଅବସ୍ଥିତ। ଏହି ସମୟ ମଧ୍ୟରେ ଭାରତୀୟ ଲୋଡ୍ ଡେସ୍‌ପାଚ ସେଣ୍ଟରଗୁଡ଼ିକ ସହ ଚାଇନା

### କେନ୍ଦ୍ର କହିଲା ବିଫଳ ଉଦ୍ୟମ

ହ୍ୟାକରମାନଙ୍କ ନିୟନ୍ତ୍ରିତ ସର୍ଭରକୁ ଡାଟା ପ୍ରବେଶ ଓ ପ୍ରସ୍ଥାନ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ପାୱାର ଗ୍ରୀଡ୍‌କୁ ଟାର୍ଗେଟ କରିବା ସହିତ ଜାତୀୟ ଜରୁରିକାଳୀନ ରେସ୍ପନ୍ସ ସିଷ୍ଟମ ଏବଂ ଏକ ବହୁରାଷ୍ଟ୍ରୀୟ ଲଜିଷ୍ଟିକ୍ କମ୍ପାନୀର ଭାରତୀୟ ସହଯୋଗୀ ସଂସ୍ଥାକୁ ମଧ୍ୟ ଟାର୍ଗେଟ କରାଯାଇଥିବା ରେକର୍ଡେଡ୍ ଫ୍ୟୁଚର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚାଇନା ହ୍ୟାକରମାନେ ଲଦାଖ ନିକଟ ବିଦ୍ୟୁତ୍ ବଣ୍ଟନ କେନ୍ଦ୍ରକୁ ଟାର୍ଗେଟ କରିବାକୁ ଦୁଇଥର ଉଦ୍ୟମ କରି ବିଫଳ ହୋଇଥିବା ଶକ୍ତିମନ୍ତ୍ରୀ ଆର୍.କେ. ସିଂ କହିଛନ୍ତି। ସାଇବର ଆକ୍ରମଣକୁ ପ୍ରତିହତ କରିବା ଲାଗି ସିଷ୍ଟମକୁ ସୁଦୃଢ଼ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଅନାସ୍ଥା ଖାରଜ ଅସାମ୍ବିଧାନିକ

**ଇସ୍‌ଲାମାବାଦ, ୭।୪**




### ପାକ୍ ସୁପ୍ରିମକୋର୍ଟଙ୍କ ରାୟ
- ୯ରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍
- ଉପବାଚସ୍ପତିଙ୍କ ରୁଲିଂ ଭୁଲ୍
- ଦେଶକୁ ଅସହାୟ କରିଦେଇଛନ୍ତି ଇମ୍ରାନ୍

ପିଟିଆଇ ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ଗୁରବାର ପାକିସ୍ତାନ ସୁପ୍ରିମକୋର୍ଟରେ ବଡ଼ ଝଟକା ଲାଗିଛି। ଇମ୍ରାନ୍‌ଙ୍କ ନେତୃତ୍ୱାଧୀନ ସରକାର ବିରୋଧରେ ନ୍ୟାଶନାଲ ଆସେମ୍ବ୍ଲିରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଖାରଜ ହେବା ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ପାକ୍ ପ୍ରଧାନ ବିଚାରପତି (ସିଜେପି) ଉମର ଅତା ବନ୍ଦିଆଲ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ରାୟ ଦେଇଛନ୍ତି। ଏଥିସହ ଇମ୍ରାନ୍‌ଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବାକୁ କୋର୍ଟ ବେଆଇନ କହିଛନ୍ତି। ଶୀଘ୍ର ଆସେମ୍ବ୍ଲି ଅଧିବେଶନ ଡାକିବା ପାଇଁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୯ ତାରିଖ ପୂର୍ବାହ୍ଣ ୧୦ଟାରେ ଇମ୍ରାନ୍ ଅନାସ୍ଥା ପ୍ରସ୍ତାବ ଉପରେ ପାର୍ଲାମେଣ୍ଟରେ ଶକ୍ତି ପରୀକ୍ଷା ଦେବେ ବୋଲି ସୁପ୍ରିମକୋର୍ଟ ରାୟରେ ପ୍ରକାଶ କରିଛନ୍ତି।

ପାକିସ୍ତାନରେ ରାଜନୈତିକ ଅସ୍ଥିରତା ଭିତରେ ଇମ୍ରାନ୍‌ଙ୍କ ବିପକ୍ଷରେ ବିରୋଧୀ ଦଳ ଏବଂ ସେନା ଏକଜୁଟ ହୋଇଛନ୍ତି। ଇମ୍ରାନ୍‌ଙ୍କୁ ଶାସନରୁ ହଟାଇବା ପାଇଁ ଶାସକ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବିରୋଧୀଙ୍କ ସହ ହାତ ମିଳାଇବା ପରେ ଗତ ୩ ତାରିଖରେ ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ହେଲେ ଉପବାଚସ୍ପତି କାସିମ୍ ସୁରି ତାହାକୁ ଖାରଜ କରିବାରୁ ଅନାସ୍ଥା ଉପରେ ଭୋଟ ହୋଇପାରି ନ ଥିଲା। ପରେ ଇମ୍ରାନ୍‌ଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ପାର୍ଲାମେଣ୍ଟ ଭଙ୍ଗ କରିଥିଲେ। ଏହା ଉପରେ ୪ ଦିନ ଧରି ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିବାବେଳେ ଗୁରୁବାର ରାତିରେ ଚୂଡ଼ାନ୍ତ ରାୟ ଆସିଛି। ନ୍ୟାଶନାଲ ଆସେମ୍ବ୍ଲିରେ ଅନାସ୍ଥା ଖାରଜ କରିବା ଉପବାଚସ୍ପତିଙ୍କ ଭୁଲ୍ ନିଷ୍ପତ୍ତି ଥିଲା ଏବଂ ଏହା ସମ୍ବିଧାନ ଅନୁଚ୍ଛେଦ ୯୫ର ଉଲ୍ଲଂଘନ ବୋଲି ଅଦାଲତ କହିଛନ୍ତି। ସିଜେପି ବନ୍ଦିଆଲଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଇଜାବୁଲ ଏହସାନ୍, ମହମ୍ମଦ ଅଲି ମଜ୍‌ହ ମିଆନ୍‌ଖେଲ୍, ମୁନିବ ଅଖତର ଏବଂ ଜମାଲ ଖାନ୍ ମାନ୍‌ଡୋଖେଲ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସମ୍ବିଧାନ ବିରୋଧୀ କାର୍ଯ୍ୟ ଏବଂ ବେଆଇନ ଭାବେ ପାର୍ଲାମେଣ୍ଟ ଭଙ୍ଗ କରାଯାଇଥିବା ଦର୍ଶାଇ ଦେଶର ହିତକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ ବୋଲି ଖଣ୍ଡପୀଠ ଶୁଣାଣିବେଳେ କହିଥିଲେ। ଏଥିସହ ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ରାୟ ସଂରକ୍ଷିତ ରଖିଥିଲେ। ରାୟ ଆସିବା ପୂର୍ବରୁ ଅଦାଲତ ପରିସର ଏବଂ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଦଙ୍ଗା ଆଶଙ୍କାରେ ସେନା କମାଣ୍ଡୋଙ୍କୁ ମଧ୍ୟ ମୁତୟନ କରାଯାଇଥିଲା। ଶୁଣାଣିବେଳେ ସୁପ୍ରିମକୋର୍ଟ ଇମ୍ରାନଙ୍କୁ ଭର୍ତ୍ସନା କରିଥିଲେ। ଇମ୍ରାନ୍ ପାର୍ଲାମେଣ୍ଟ ଭଙ୍ଗ କରିଥିବାରୁ ଏବଂ ପୁନଃ ନିର୍ବାଚନ ପ୍ରସ୍ତାବ ଦେବା ଫଳରେ ୯୦ ଦିନ ପାଇଁ ଦେଶବାସୀ ଅସହାୟ ହୋଇପଡ଼ିଥିବା କୋର୍ଟ କହିଥିଲେ।

କୋର୍ଟରେ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭିଙ୍କ ପକ୍ଷରୁ ଓକିଲ ଅଲି ଜାଫର ଯୁକ୍ତି ବାଢ଼ିଥିଲେ। ସିଜେପି ଜାଫରଙ୍କୁ ପ୍ରଶ୍ନ କରିଥିଲେ ଯେ, ସବୁକିଛି ସମ୍ବିଧାନ ଅନୁସାରେ ଚାଲିଥିଲେ ଅସୁବିଧା କେଉଁଠି ରହିଛି। ଯଦି କେବଳ ପାର୍ଲାମେଣ୍ଟର ଜଣେ ନୁହଁନ୍ତି ବରଂ ସମସ୍ତ ସଦସ୍ୟଙ୍କ ପ୍ରତି ଅନ୍ୟାୟ ହୁଏ ତେବେ କ'ଣ ଘଟିବ ବୋଲି ସିଜେପି ପଚାରିଥିଲେ। ସେହିପରି ଜଷ୍ଟିସ୍ ଜମାଲ୍ ଖାନ୍ କହିଥିଲେ, ଯଦି ଉପବାଚସ୍ପତି ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଖାରଜ କରିଥିଲେ ତେବେ ଏହାକୁ କିପରି ବାଚସ୍ପତି ଦସ୍ତଖତ କରି ଅନୁମୋଦନ କରିଥିଲେ। ଏହାସହ ଦେଶରେ ପୁଣି ନିର୍ବାଚନ କରାଗଲେ ବହୁ ଅର୍ଥ ଖର୍ଚ୍ଚ ହେବ ବୋଲି ମଧ୍ୟ ସିଜେପି କହିଥିଲେ। ଅନ୍ୟପକ୍ଷେ ଜାତୀୟ ସୁରକ୍ଷା କମିଟି (ଏନ୍‌ଏସ୍‌ସି) ବୈଠକରେ ହୋଇଥିବା ଆଲୋଚନା ବାବଦରେ ଖୋଲାଖୋଲି କହିହେବ ନାହିଁ ବୋଲି ଆର୍ଟର୍ନି ଜେନେରାଲ ଖାଲିଦ୍ ଜାୱେଦ୍ ଖାନ୍ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ରାୟ ଦେବା ପୂର୍ବରୁ ମୁଖ୍ୟ ନିର୍ବାଚନ କମିଶନର ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ଇସି ସଚିବଙ୍କୁ ମଧ୍ୟ ସମନ କରାଯାଇଥିଲା। ଦେଶରେ ୯୦ ଦିନ ମଧ୍ୟରେ ନିର୍ବାଚନ ସମ୍ଭବ ନୁହେଁ ବୋଲି ପୂର୍ବରୁ ଇସି କହିଥିଲେ। ଅକ୍ଟୋବରରେ ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତି କରିହେବ ବୋଲି ଇସି ପ୍ରକାଶ କରିଥିଲେ।


ଇମ୍ରାନ ଖାନ୍

### ଆକାର ପଟେଲଙ୍କୁ କ୍ଷମା ମାଗ, ଲୁକ୍‌ଆଉଟ୍ ସର୍କୁଲାର ପ୍ରତ୍ୟାହାର କର

**ନୂଆଦିଲ୍ଲୀ,୭।୪:** ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ପୂର୍ବତନ ଅଧ୍ୟକ୍ଷ ଆକାର ପଟେଲଙ୍କୁ ସିବିଆଇ ନିର୍ଦ୍ଦେଶକ ଲିଖିତ କ୍ଷମା ମାଗିବା ସହ ତାଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ

#### ସିବିଆଇକୁ କୋର୍ଟ ନିର୍ଦ୍ଦେଶ

ସର୍କୁଲାରକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି ଦିଲ୍ଲୀର ଏକ ଅଦାଲତ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଶୁକ୍ରବାର ଅପରାହ୍ଣ ୪ଟା ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ କୁହାଯାଇଛି। ଏହି ରାୟ ପରେ ଆକାରଙ୍କ ବିରୋଧରେ ବିମାନବନ୍ଦର ଆଲର୍ଟକୁ ତୁରନ୍ତ



ହଟାଇବାକୁ ସିବିଆଇ କୋର୍ଟ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ସିବିଆଇର ଲୁକ୍‌ଆଉଟ ସର୍କୁଲାର ଯୋଗୁ ବୁଧବାର ଆକାର ପଟେଲଙ୍କୁ ବେଙ୍ଗାଲୁରୁ ବିମାନବନ୍ଦରରୁ ବିଦେଶ ଯିବାକୁ ଅନୁମତି ମିଳି ନ ଥିଲା। କେଉଁ ମାମଲାରେ ଏଭଳି ସର୍କୁଲାର ଜାରି ହୋଇଛି, ତାହା ତାଙ୍କୁ ଜଣା ନ ଥିଲା। ସେ ଏହା ବିରୋଧରେ ଦିଲ୍ଲୀର ଏକ ଅଦାଲତଙ୍କ ଦ୍ୱାରସ୍ଥ ହେବା ସହ ମେ' ଶେଷ ଯାଏ ତାଙ୍କୁ ଆମେରିକା ଯିବା ଲାଗି ଅନୁମତି ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସିବିଆଇକୁ ନୋଟିସ ଜାରି କରିବା ସହ ଗୁରୁବାର ଆବେଦନର ଶୁଣାଣି କରିଥିଲେ। ଆକାରଙ୍କୁ ବିଦେଶ ଯିବା ଲାଗି ଅନୁମତି ମିଳିଛି। ତାଙ୍କ ତରଫରୁ ଆଇନଜୀବୀ ତନବୀର ଅହମଦ ମୀର୍, ବୈଭବ ସୁରୀ ଏବଂ ସାଉଦ୍ ଖାନ୍ ମାମଲା ଲଢୁଥିଲେ।

# ଆନ୍ଧ୍ର ମନ୍ତ୍ରୀଙ୍କ ସମୂହ ଇସ୍ତଫା

**ଅମରାବତୀ,୭।୪**

### ଗଢ଼ା ହେବ ନୂଆ କ୍ୟାବିନେଟ


ୱାଇ.ଏସ୍. ଜଗନମୋହନ ରେଡ୍ଡୀ

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ କ୍ୟାବିନେଟରେ ପରିବର୍ତ୍ତନ କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଚାହୁଁଛନ୍ତି। ସେଥିପାଇଁ ତାଙ୍କ କ୍ୟାବିନେଟର ସମସ୍ତ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ନିକଟରେ ଆନ୍ଧ୍ରପ୍ରଦେଶରେ ୧୩ ନୂଆ ଜିଲା ଗଠନ ହେବା ସହିତ ମୋଟ ଜିଲା ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ତେଣୁ ନୂଆ ମନ୍ତ୍ରିମଣ୍ଡଳରେ ସବୁ ଜିଲାରୁ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଗୁରୁବାର ଅପରାହ୍ଣରେ କ୍ୟାବିନେଟ ବୈଠକ ପରେ ମନ୍ତ୍ରୀମାନେ ସେମାନଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଥିଲେ। ୨୦୨୧ ଡିସେମ୍ବର ସୁଦ୍ଧା କ୍ୟାବିନେଟରେ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବେ ବୋଲି ଜଗନମୋହନ ପୂର୍ବରୁ ଘୋଷଣା କରିଥିଲେ। ତେବେ କୋଭିଡ୍ ଯୋଗୁ ଏହି ପ୍ରକ୍ରିୟା ୪ ମାସ ବିଳମ୍ବିତ ହୋଇଛି। ବୁଧବାର ଜଗନମୋହନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭେଟି ମନ୍ତ୍ରିମଣ୍ଡଳ ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ। ଦିନେ ଦୁଇଦିନ ମଧ୍ୟରେ ସେ ରାଜ୍ୟପାଳଙ୍କୁ ନୂଆ ମନ୍ତ୍ରୀମାନଙ୍କ ତାଲିକା ଦେବେ ବୋଲି ଜଣାପଡ଼ିଛି।

# ଦରବୃଦ୍ଧିକୁ ନେଇ କେନ୍ଦ୍ର ଉପରେ ବର୍ଷିଲେ ମମତା

**କୋଲକାତା,୭।୪**

ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବଢ଼ିଚାଲିଥିବାବେଳେ ଏହାକୁ ରୋକିବା ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ଅଭିଯୋଗ କରିଛନ୍ତି। ଦରବୃଦ୍ଧି ନିୟନ୍ତ୍ରଣ ଲାଗି କେନ୍ଦ୍ର ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଦେଶର ଆର୍ଥିକ ସ୍ଥିତି ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି। ଆଗାମୀ ଦିନରେ ରାଜ୍ୟଗୁଡ଼ିକ ସେମାନଙ୍କ କର୍ମଚାରୀଙ୍କୁ ବେତନ ଦେବାକୁ ସକ୍ଷମ ହେବେନାହିଁ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। କେନ୍ଦ୍ର ସରକାର ତୁରନ୍ତ ରାଜ୍ୟଗୁଡ଼ିକୁ ସେମାନଙ୍କ ଜିଏସ୍‌ଟି ପ୍ରାପ୍ୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି।

ବିରୋଧୀ ରାଜନେତାମାନଙ୍କୁ ହଇରାଣ କରିବା ଲାଗି କେନ୍ଦ୍ର ସରକାର ସିବିଆଇ, ଇଡି ଆଦି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର ବନ୍ଦ କରନ୍ତୁ। ଏହା ବଦଳରେ ଦର ବୃଦ୍ଧିକୁ ଲଗାମ ଦେବା ଲାଗି ନୀତି ପ୍ରଣୟନ କରାଯାଉ ବୋଲି ମମତା କହିଛନ୍ତି।

# ଖବରଦାତାଙ୍କୁ ଉଲଗ୍ନ କଲା ପୋଲିସ

### ଭାଜପା ବିଧାୟକଙ୍କ ସମ୍ପର୍କରେ ଖବର ସଂଗ୍ରହ ପାଇଁ ଯାଇଥିଲେ

**ଭୋପାଳ,୭।୪**

ମଧ୍ୟପ୍ରଦେଶର ଏକ ଥାନାରେ ପୋଲିସ ନିର୍ଦ୍ଦେଶରେ ଜଣେ ଖବରଦାତା, ଯାତ୍ରା କଳାକାରଙ୍କ ସମେତ ୮ ଜଣଙ୍କୁ ପ୍ୟାଣ୍ଟଶାର୍ଟ ଉତାରିବାକୁ ପଡ଼ିଛି। ଉକ୍ତ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୋଷୀ ପୋଲିସ ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟପ୍ରଦେଶର ସିଧି ଜିଲାରେ ଗତ ଶନିବାର ସ୍ଥାନୀୟ ଭାଜପା ବିଧାୟକଙ୍କ ବିରୋଧରେ ବିକ୍ଷୋଭ ବେଳେ ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତା ଓ ଅନ୍ୟମାନଙ୍କୁ ପୋଲିସ କର୍ମଚାରୀମାନେ ଗାଳିଦେବା ସହ ମାଡ଼ ମାରିଥିଲେ ଏବଂ


ଖବରଦାତା ଓ ଯାତ୍ରା କଳାକାରଙ୍କୁ ଥାନାରେ ଉଲଗ୍ନ କରାଯାଇଛି।

ପୋଷାକ ଖୋଲିବାକୁ କହିଥିଲେ।

ଖବର ଅନୁଯାୟୀ ଯାତ୍ରା କଳାକାର ନୀରଜ କୁନ୍ଦର ଜାଲ୍ ଫେସ୍‌ବୁକ୍ ପ୍ରୋଫାଇଲରେ ସ୍ଥାନୀୟ ବିଧାୟକ କେଦାରନାଥ ଶୁକ୍ଲା ଓ ତାଙ୍କ ପୁଅଙ୍କ ବିରୋଧରେ କେତେକ ମନ୍ତବ୍ୟ ଲେଖିଥିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଗିରଫଦାରି ବିରୋଧରେ ବିକ୍ଷୋଭ ଚାଲିଥିବାବେଳେ ଖବର ସଂଗ୍ରହ ଲାଗି ଯାଇଥିବା କନିଷ୍କ ତିୱାରି ଓ କ୍ୟାମେରାମ୍ୟାନଙ୍କୁ ଗିରଫ କରାଯାଇଥିଲା। କ'ଣ ପାଇଁ ବିଧାୟକଙ୍କ ବିରୋଧରେ ଖବର ପ୍ରକାଶ କରି ଶାନ୍ତି ଭଙ୍ଗ କରୁଛ ବୋଲି ପୋଲିସ ସେମାନଙ୍କୁ ପଚାରିଥିଲା। ତିୱାରିଙ୍କ ସହ ୮ ଜଣଙ୍କୁ ହାଜତରେ ୧୮ ଘଣ୍ଟା ରଖାଯାଇ ନିର୍ଯାତନା ଦିଆଯାଇଥିଲା।

# ଶେଷ ହେଲା ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୭।୪(ପି.ଟି.)**



- ଶେଷ ଦିନରେ ରାଜ୍ୟ ସଭାରେ ହଟ୍ଟଗୋଳ
- ୧୨ ବିଧେୟକ ପାରିତ
- ଲୋକ ସଭା ୧୨୯%, ରାଜ୍ୟ ସଭା ୯୯.୮% ଫଳପ୍ରଦ

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଧାର୍ଯ୍ୟ ସମୟର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଗୁରୁବାର ଶେଷ ହେବା ସହ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରାଯାଇଛି। ଶେଷ ଦିନରେ ରାଜ୍ୟ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଦରଦାମ୍ ବୃଦ୍ଧି ଏବଂ ଆଇଏନ୍‌ଏସ୍ ବିକ୍ରାନ୍ତ ସୁରକ୍ଷା ଲାଗି ପାଣ୍ଠି ସଂଗ୍ରହରେ ଅନିୟମିତତା ଅଭିଯୋଗକୁ ନେଇ ବିରୋଧୀ ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିଥିଲେ। ତୈଳ ଦର ବୃଦ୍ଧି ଉପରେ ଆଲୋଚନା ନ କରି ସରକାର ଦିନକ ପୂର୍ବରୁ ଅଧିବେଶନକୁ ବନ୍ଦ କରିଦେଲେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଲୋକ ସଭାରେ ଶେଷ ଦିନର ଅଧିବେଶନ ସ୍ୱାଭାବିକ ଥିବାବେଳେ ରାଜ୍ୟ ସଭାରେ ବାରମ୍ବାର ତୈଳ ଦର ବୃଦ୍ଧି ଉପରେ ବିରୋଧୀ ସଦସ୍ୟ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଡେରେକ୍ ଓ'ବ୍ରିଏନ୍ ଆଲୋଚନା ଚାହୁଁଥିବାବେଳେ ଭେଙ୍କାୟା ଅନୁମତି ନ ଦେବାରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଆଇଏନ୍‌ଏସ୍ ବିକ୍ରାନ୍ତ ପାଇଁ ସଂଗୃହୀତ ଚାନ୍ଦା ବାଟମାରଣା ଅଭିଯୋଗରେ ଭାଜପାର କିରୀଟ ସୋମେୟାଙ୍କ ବିରୋଧରେ ଏତଲା ଦାଏର ପ୍ରସଙ୍ଗ ଉଠାଇବା ଲାଗି ଶିବସେନା ସଦସ୍ୟ ସଞ୍ଜୟ ରାଉତ ଏବଂ ପ୍ରିୟଙ୍କା ଚତୁର୍ବେଦୀ ଉଦ୍ୟମ କରିଥିଲେ। ଭେଙ୍କାୟା ସେମାନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେବାରୁ ବିରୋଧୀ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ।

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣ ସହ ଜାନୁୟାରୀ ୩୧ରେ ବଜେଟ ଅଧିବେଶନ ଆରମ୍ଭ ହୋଇଥିଲା। ଫେବୃୟାରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ର ବଜେଟ ଉପସ୍ଥାପନ କରିଥିଲେ। ଅଧିବେଶନର ପ୍ରଥମ ଭାଗ ଫେବୃୟାରୀ ୧୧ରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୪ରୁ ଆରମ୍ଭ ହୋଇ ବଜେଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ସଂଶୋଧନ) ବିଲ୍, ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଆଦି ଗୁରୁତ୍ୱପୂର୍ଣ୍ଣ ବିଧେୟକ ପାରିତ ହେବା ପରେ ଗୁରୁବାର ଅଧିବେଶନ ଶେଷ ହୋଇଛି।

୧୭ତମ ଲୋକ ସଭାର ଅଷ୍ଟମ ଅଧିବେଶନ ୧୨୯% ଫଳପ୍ରଦ ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଜାତୀୟ ଗୁରୁତ୍ୱ ଥିବା ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସଦସ୍ୟମାନେ ଅଧିକ ୪୦ ଘଣ୍ଟା ଗୃହରେ ଉପସ୍ଥିତ ରହିଥିଲେ। ଅନ୍ୟ ପକ୍ଷରେ ରାଜ୍ୟ ସଭାରେ ହୋହଲ୍ଲା ଓ ବାରମ୍ବାର ମୁଲତବୀ ଯୋଗୁ ୯.୫ ଘଣ୍ଟା ବରବାଦ ହୋଇଥିଲା। ତେବେ ଗୃହ ଅଧିକ ୯ ଘଣ୍ଟା ୧୬ ମିନିଟ ଚାଲିବାରୁ ବରବାଦ ସମୟ ଭରଣା ହୋଇପାରିଥିଲା। ରାଜ୍ୟ ସଭା ଅଧିବେଶନ ୯୯.୮ ପ୍ରତିଶତ ଫଳପ୍ରଦ ଥିଲା। ଲୋକ ସଭାରେ ଅର୍ଥ ବିଧେୟକ ସମେତ ୧୨ଟି ବିଲ୍ ଓ ରାଜ୍ୟ ସଭାରେ ୧୧ ବିଧେୟକ ପାରିତ ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୫୮,୧୮,୭୦୯ | ୬୧,୯୩,୩୭୪ | ୪୩,୧୬,୨୪,୬୧୪ |
| ଭାରତ | ୪,୩୦,୩୧,୯୫୮ | ୫,୨୧,୫୬୦ | ୪,୨୪,୯୮,୭୮୯ |
| ଓଡ଼ିଶା | ୧୨,୮୭,୮୦୧ | ୯୧୨୧(+୫୩) | ୧୨,୭୮,୪୪୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କଥା ହୁଅନ୍ତି ଛତୁ

■ ଗବେଷଣାରେ ଦାବି
■ ବୁଝିପାରନ୍ତି ୫୦ ଶବ୍ଦ





**ନୂଆଦିଲ୍ଲୀ**

ମଣିଷଙ୍କ ଭଳି ଛତୁ ମଧ୍ୟ ପରସ୍ପର ସହ କଥା ହୋଇପାରନ୍ତି। ୟୁନିଭର୍ସିଟି ଓ୍ୱେଷ୍ଟ ଅଫ୍ ଇଂଲଣ୍ଡର ପ୍ରଫେସର ଆଣ୍ଡ୍ର୍ୟୁ ଆଡାମାଟଜକିଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଏହା ଜାଣିବାକୁ ମିଳିଛି। କଥା ମାଧ୍ୟମରେ ଛତୁମାନେ ମଧ୍ୟ ଭାବର ଆଦାନ ପ୍ରଦାନ କରନ୍ତି। ବିଶେଷକରି ଇନୋକି, ସ୍ପ୍ଲିଟ୍ ଗିଲ୍, ଗୋଷ୍ଟ ଏବଂ କାଟରପିଲାର ଛତୁରେ ଇଲେକ୍ଟ୍ରିକ୍ ଇମ୍ପଲ୍‌ସେସ୍ (ବିଦ୍ୟୁତ୍ ସଂବେଗ) ସୃଷ୍ଟି ହୁଏ। ଏହା ମାଧ୍ୟମରେ ଛତୁମାନେ ପରସ୍ପର ସହ କଥା ହୋଇଥାନ୍ତି। କାଠ ପାଚନ କରୁଥିବା ଛତୁ କାଠ ସଂସ୍ପର୍ଶରେ ଆସିଲେ ଛତୁରେ ବିଦ୍ୟୁତ ସଂବେଗର ବେଗ ଦ୍ରୁତ ବେଗରେ ବୃଦ୍ଧି ପାଉଥିବା ଗବେଷକ ଦାବି କରିଛନ୍ତି। ଛତୁରେ ଇଲେକ୍ଟ୍ରିକାଲ୍ ସ୍ପାଇକ୍ସ୍ ମଧ୍ୟ ଉତ୍ପନ୍ନ ହେଉଥିବା ଗବେଷଣାରୁ ଜଣାପଡ଼ିଛି। ମଣିଷ ବ୍ୟବହାର କରୁଥିବା ଶବ୍ଦ ଓ ଛତୁର ଶବ୍ଦ ମଧ୍ୟରେ କୌଣସି ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଛତୁ ବ୍ୟବହାର କରୁଥିବା ପାଖାପାଖି ୫୦ଟି ଶବ୍ଦ ମାନବ ଶବ୍ଦାବଳୀ ସହ ମେଳ ଖାଉଛି। ଇଂଲିଶ ଶବ୍ଦଗୁଡ଼ିକରେ ହାରାହାରି ୪.୮ ଅକ୍ଷର ରହିଥାଏ। କିନ୍ତୁ ଛତୁ ବ୍ୟବହାର କରୁଥିବା ଶବ୍ଦରେ ହାରାହାରି ୫.୯୭ ଅକ୍ଷର ରହିଛି। ଏହା ଜରିଆରେ ଛତୁର ମନ ଓ ଚେତନାଶକ୍ତି ଅଛି ବୋଲି ଜଣାପଡୁଥିବା ଆଡାମାଟଜକି କହିଛନ୍ତି। କଥା ହେବା ପାଇଁ ୫୦ ଶବ୍ଦ ମଧ୍ୟରୁ ୧୫-୨୦ଟି ଶବ୍ଦ ହିଁ ଛତୁ ବହୁଳମାତ୍ରାରେ ବ୍ୟବହାର କରନ୍ତି। ଛତୁର ଚେର (ଜୁଲୋଜିକାଲ ଟର୍ମ ମାଇସେଲିୟମ୍) ଇଲେକ୍ଟ୍ରିକାଲି ଚାର୍ଜଡ୍ ହେବା ଫଳରେ ମାଇସେଲିୟମ୍ ଟିପ୍ ଜରିଆରେ ଅନ୍ୟ ମାଇସେଲିୟମ୍‌କୁ ଇଲେକ୍ଟ୍ରୋଡ୍ ସଂଚାରିତ ହୋଇଥାଏ। ଛତୁ ପରସ୍ପର ସହ କଥା ହେବା ସାଙ୍ଗକୁ ୫୦ ଶବ୍ଦ ବ୍ୟବହାର କରିବା କଥା ମନରେ କୌତୂହଳ ସୃଷ୍ଟି କରୁଥିବାବେଳେ ଏନେଇ ଅଧିକ ଗବେଷଣାର ଆବଶ୍ୟକ ବୋଲି ୟୁନିଭର୍ସିଟି ଅଫ୍ ଏକ୍ସଷ୍ଟର ଏବଂ ବ୍ରିଟିଶ୍ ମାଇକୋଲୋଜିକାଲ ସୋସାଇଟିଜ୍ ଫଙ୍ଗାଲ ବାୟୋଲୋଜି ରିସର୍ଚ୍ଚ କମିଟିର ସଦସ୍ୟ ଡାନ୍ ବେବବର କହିଛନ୍ତି।



ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ତ୍ରୀ ଦେବାୟନୀ ନନ୍ଦ, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର ସଚିବ ଶୁଭା ଶର୍ମା ଓ ଅନ୍ୟମାନେ।

# ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ ଉମର ଫାରୁକ୍ ଗିରଫ

**କଟକ ଅଫିସ, ୭।୪**

ହତ୍ୟା ମାମଲାରେ ଫେରାର ଥିବା ତେଲଙ୍ଗାନାର ମୋଷ୍ଟ ୱାଣ୍ଟେଡ୍ ଉମର ଫାରୁକ୍‌ଙ୍କୁ କଟକ ରେଳ ଷ୍ଟେଶନରେ ଟ୍ରେନ୍ ଭିତରୁ ବୁଧବାର ରାତିରେ ରେଳବାଇ ପୋଲିସ ଗିରଫ କରିଥିଲା। ପରେ ତାଙ୍କୁ ତେଲଙ୍ଗାନାରୁ ଆସିଥିବା ସ୍ୱତନ୍ତ୍ର ପୋଲିସକୁ ଗୁରୁବାର ହସ୍ତାନ୍ତର କରାଯାଇଥିବା କଟକ

### ହତ୍ୟା ମାମଲାରେ ଫେରାର ଥିଲେ

ରେଳବାଇ ଥାନା ଅଧିକାରୀ ପ୍ରବୀଣ କୁମାର ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଫାରୁକ୍ ଏକ ହତ୍ୟା ମାମଲାରେ ଦୁଇବର୍ଷ ହେବ ତେଲଙ୍ଗାନାର ରାଏ ଦୁର୍ଗମ ଥାନା ଅଞ୍ଚଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ପରେ ତେଲଙ୍ଗାନା ପୋଲିସ ଫାରୁକ୍‌ଙ୍କୁ ମୋଷ୍ଟୱାଣ୍ଟେଡ୍ ବୋଲି ଘୋଷଣା କରିଥିଲା। ଅଭିଯୁକ୍ତ ଫେରାର ହେବା ପାଇଁ ଟ୍ରେନ୍‌କୁ ମୁଖ୍ୟ ମାଧ୍ୟମ ଭାବେ ବାଛିଥିବାବେଳେ ପୋଲିସ ସିଧାସଳଖ ଆର୍‌ପିଏଫକୁ ଏନେଇ ସୂଚନା ଦେଇଥିଲା। ଫାରୁକ୍ କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଛି।

# ଘରୁ ମିଳିଲା ନଗଦ ୨ କୋଟି ଟଙ୍କା, ୨୦ ସୁନା ବିସ୍କୁଟ୍





ଜବତ ଟଙ୍କା, ସୁନା ବିସ୍କୁଟ, କଏନ, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।



କାର୍ତ୍ତିକେଶ୍ୱର ରାଉଳ

**ଭୁବନେଶ୍ୱର,୭।୪ (ବ୍ୟୁରୋ)**

### କୁବେର ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସର ଯାଞ୍ଚ

■ ଜବତ ନଗଦ ଟଙ୍କା ରାଜ୍ୟରେ ସର୍ବାଧିକ
■ ବୁଧବାର ୬ ସ୍ଥାନରେ ଚଢ଼ାଉ ହୋଇଥିଲା
■ ଦ୍ୱିତୀୟ ସ୍ତ୍ରୀଙ୍କୁ ନେଇ ଚର୍ଚ୍ଚା

ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହେବାରେ ଲାଗିଛି। ଗୁରୁବାର ଭୁବନେଶ୍ୱର ଆଇଗିଣିଆଠାରେ ଥିବା ଟାଟା ଆରିଆନାସ୍ଥିତ ତାଙ୍କ ଘରୁ (ଫ୍ଲାଟ୍ ନଂ.୦୫୦୫) ନଗଦ ୨ କୋଟି ଟଙ୍କା, ୫୮୦ ଗ୍ରାମର ୨୦ଟି ସୁନା ବିସ୍କୁଟ୍, କଏନ, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଯାଞ୍ଚବେଳେ ଏତେ ପରିମାଣର ଟଙ୍କା ଓ ସୁନା ଦେଖି ଭିଜିଲାନ୍ସ ଅଧିକାରୀମାନେ ଚକିତ ହୋଇଯାଇଛନ୍ତି। ଏକକାଳୀନ ଗୋଟିଏ ସ୍ଥାନରୁ ଜବତ ଟଙ୍କା ମଧ୍ୟରେ ଏହା ସର୍ବାଧିକ ବୋଲି ଭିଜିଲାନ୍ସ କହିଛି। ଉକ୍ତ ଫ୍ଲାଟ୍‌ରେ କାର୍ତ୍ତିକଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନ ରହୁଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ତେବେ କାର୍ତ୍ତିକଙ୍କର ଦ୍ୱିତୀୟ ସ୍ତ୍ରୀ ରହିଥିବା ଜଣାପଡିବା ପରେ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, କାର୍ତ୍ତିକ ଭଞ୍ଜନଗରରେ ଦୀର୍ଘବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଥିଲା। ବୁଧବାର ଗଞ୍ଜାମ ଜିଲା ଭଞ୍ଜନଗର ମାଇନର୍ ଇରିଗେଶନ କଲୋନୀସ୍ଥିତ ତାଙ୍କ ସରକାରୀ ବାସଭବନ, ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମରେ ଥିବା ପୈତୃକ ଘର, ଭଞ୍ଜନଗରସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ଖଣ୍ଡଗିରି ଥାନା ଡୁମୁଡୁମାସ୍ଥିତ କସ୍ମୋପୋଲିସ୍ ରେସିଡେନ୍‌ସିରେ ଥିବା ୨ ବିଏଚ୍‌କେ ଫ୍ଲାଟ୍, ତୃପ୍ତି ରେସିଡେନ୍‌ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ୍ ଓ ଜାଗମରାସ୍ଥିତ ଦୁଇ ମହଲା ଘର ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉବେଳେ ଏସବୁ ସ୍ଥାନରୁ ନଗଦ ୨ ଲକ୍ଷ ୫୦ ହଜାର ୮୮୦ ଟଙ୍କା ମିଳିଥିଲା। ସେହିଭଳି ଖଲ୍ଲିକୋଟ ଲଙ୍ଗଳେଶ୍ୱରସ୍ଥିତ ପୈତୃକ ଘରର ମୂଲ୍ୟ ଆନୁମାନିକ ୨୮ ଲକ୍ଷ ଟଙ୍କାରେ ହିସାବ କରାଯାଇଥିବାବେଳେ ଭୁବନେଶ୍ୱର ଖଣ୍ଡଗିରି କସ୍ମୋପୋଲିସ୍ ରେସିଡେନ୍‌ସିର ୨ ବିଏଚ୍‌କେ ଫ୍ଲାଟ୍‌ର ମୂଲ୍ୟ ୩୩.୬୩ ଲକ୍ଷ, ତୃପ୍ତି ରେସିଡେନ୍‌ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ୍‌କୁ ୪୦ ଲକ୍ଷ ଟଙ୍କା, ଜାଗମରାସ୍ଥିତ ଦୁଇ ମହଲା ଘରର ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଏଥିସହ ଗଞ୍ଜାମରେ ୫ଟି ଓ ଭୁବନେଶ୍ୱରରେ ୨ଟି ପ୍ଲଟ୍ ଠାବ ହୋଇଛି। ଯାଞ୍ଚରୁ ୩୭.୨୩ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ୍, ଘରେ ଥିବା ୧୭.୯୫ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୪ ଲକ୍ଷ ଟଙ୍କାର ଚାରି ଚକିଆ ଯାନ, ୨ଟି ବାଇକ୍ ଓ ୫.୭୨ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଆଦି ମିଳିଛି। ତେବେ ଯାଞ୍ଚ ଓ ହିସାବ ଜାରି ରହିଥିବାରୁ ଠାବ ହୋଇଥିବା ସମ୍ପତ୍ତିର ମୋଟ ମୂଲ୍ୟ ଓ ଆୟ ବହିର୍ଭୂତ ସମ୍ପତ୍ତି ପରିମାଣ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏହି ଚଢ଼ାଉରେ ୫ଜଣ ଡିଏସ୍‌ପି, ୧୧ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି। ଚଢ଼ାଉ ଜାରି ରହିଥିବାରୁ ଆହୁରି ସମ୍ପତ୍ତି ଠାବ ହେବ ବୋଲି ଭିଜିଲାନ୍ସ ଆଶା ରଖିଛି।

# ଭୂତଳ ଜଳ ଶୋଷୁଛି ରାମ୍‌କୋ ସିମେଣ୍ଟ

**ଯାଜପୁର ଅଫିସ,୭।୪**



୨୦୧୮ ଅଗଷ୍ଟରେ ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ରାମ୍‌କୋ ସିମେଣ୍ଟ କାରଖାନାକୁ କେବଳ ନିର୍ମାଣ ଏବଂ ପାନୀୟ ଜଳ ଉଦ୍ଦେଶ୍ୟରେ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦେଇଥିଲେ। କିନ୍ତୁ ଏହି କମ୍ପାନୀ କାରଖାନା ଚଳାଇବାରେ ମଧ୍ୟ ଭୂତଳ ଜଳ ବ୍ୟବହାର କରୁଛି। ଏପରି କି ଜଳମାପକ ଯନ୍ତ୍ର ବାହାରେ ଭୂତଳ ଜଳ ଉତ୍ତୋଳନ କରାଯାଉଛି । ଏଥିପାଇଁ ଗ୍ରୀଷ୍ମପ୍ରବାହ ସମୟରେ ଆଖପାଖ ଗାଁରେ ଭୂତଳ ଜଳସ୍ତର ଆଶାତୀତ ଭାବେ କମିଛି ବୋଲି ଅଭିଯୋଗ ହୋଇଛି। ଏଥିରେ ଜଣେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅକୁଣ୍ଠ ସହଯୋଗ ରହିଥିବାରୁ ଏହି କାରଖାନା ଭୂତଳ ଜଳସ୍ତର ଶୋଷି ଚାଲିଛି ବୋଲି ଚର୍ଚ୍ଚା ହେଉଛି।

ଓଡ଼ିଶାର ବିକାଶରେ ଶିଳ୍ପ ହିଁ ମୁଖ୍ୟ ଆୟୁଧ। ଏଣୁ ସରକାର ଓ ପ୍ରଶାସନିକ ଅଧିକାରୀ ଶିଳ୍ପ ପ୍ରଭାବିତ ଗ୍ରାମବାସୀଙ୍କ ସମସ୍ୟାକୁ ହେୟ ମନେ କରି କାରଖାନା ପ୍ରତିଷ୍ଠାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ହରିଦାସପୁରଠାରେ ପ୍ରତିଷ୍ଠିତ ରାମ୍‌କୋ ସିମେଣ୍ଟ କମ୍ପାନୀକୁ ଅଖଣ୍ଡ କ୍ଷମତା ଦିଆଯାଇଛି। କମ୍ପାନୀ ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ କଥା ବୁଝିବାକୁ କାହାରି ପାଖରେ ସମୟ ନାହିଁ। କହିବା ବାହୁଲ୍ୟ, ଗରିବ ଲୋକଙ୍କୁ ଛାଡ଼ି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି କମ୍ପାନୀ କର୍ତ୍ତୃପକ୍ଷଙ୍କ ଠିକାଦାର ସାଜିଛନ୍ତି। ଫଳରେ ବିଭିନ୍ନ ମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କଠାରୁ ଫାଇଦା ହାସଲ କରିବାକୁ ଲାଗି ପଡ଼ିଛନ୍ତି । ଯିଏ କମ୍ପାନୀ ସପକ୍ଷରେ ଯିବ, ସେ ରାତାରାତି ଲକ୍ଷପତି ହୋଇ ଯାଉଛନ୍ତି । ବ୍ୟକ୍ତିଗତ ସୁବିଧା ହାତେଇବା ଲାଗି ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଓ ସରକାର ବି ସହଯୋଗ କରୁଛନ୍ତି । ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମାମୀ, ସାଗର ଓ ଜେଏସ୍‌ଡବ୍ଲ୍ୟୁ ଜନଶୁଣାଣିରେ ଲୋକଙ୍କ ସମର୍ଥନ ପାଇ କାରଖାନା ପ୍ରତିଷ୍ଠା କରିଛନ୍ତି । କିନ୍ତୁ ଏକ ଅଣଓଡ଼ିଆ ସଂସ୍ଥା ରାମ୍‌କୋ ଉପରେ ଜନଶୁଣାଣି ଛାଡ କରାଯାଇଛି । ତାମିଲନାଡୁ ରାଜ୍ୟର ବିରୁଧୁନଗର ରାଜାପଲୟମ ତହସିଲ ଅଧୀନ ରାମ୍‌କୋ କମ୍ପାନୀ ୪୪୦ କୋଟି ଟଙ୍କା ବ୍ୟୟରେ ୧୦୦ ଏକର ଜମିରେ ଏହି ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପ୍ରତିଷ୍ଠା କରିଛି। ଇପିକଲ ପକ୍ଷରୁ ଏହି ଜମି ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ତେବେ ଏହି ୧୦୦ ଏକର ପରିସର ବାହାରେ ମଧ୍ୟ ପାଣି ପାଇଁ ରାମ୍‌କୋ ଏକ ପୋଖରୀ ଖନନ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଏହି ପୋଖରୀ ଜଳରେ ୧୫ଦିନ ବି କାରଖାନା ଚଳାଇବା ସମ୍ଭବପର ନୁହେଁ। ଗ୍ରୀଷ୍ମ ପ୍ରବାହରେ ପୋଖରୀଟି ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ତେଣୁ ବିକଳ୍ପ ଭାବେ ରାମ୍‌କୋ କାରଖାନା ପରିସରରେ ଥିବା ୩ଟି ବୋରୱେଲରେ ପାଣି ଉତ୍ତୋଳନ କରୁଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଳକର ଆଦାୟ ପାଇଁ ଜଳମାପକ ଯନ୍ତ୍ର ପ୍ରତିଷ୍ଠା ହୋଇଥିଲେ ହେଁ କମ୍ପାନୀ ଚଞ୍ଚକତା କରି ସେହି ଯନ୍ତ୍ର ବାହାରେ ପାଣି ଚୋରି କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଯୋଗଡ଼ା, ମୁରାରୀପୁର, ରଘୁନାଥପୁର, ଶ୍ରୀବନ୍ତପୁର ପ୍ରଭୃତି ଗ୍ରାମରେ ଜଳସ୍ତର ନିମ୍ନଗାମୀ ହୋଇ ଲୋକଙ୍କ ପାଇଁ ପାନୀୟ ଜଳ ଅଭାବ ଦେଖାଦେଇଛି ବୋଲି ଶ୍ରୀକାନ୍ତ ପୃଷ୍ଟି, ହେମନ୍ତ କୁମାର ପାଢ଼ୀ, ସତ୍ୟବ୍ରତ ରାଉତ, ଜୟଦେବ ନାଏକ, ଟୁନା ବାରିକ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି କ୍ରମରେ ଜଳମାପକ ଯନ୍ତ୍ର ବାହାରେ ପାଣି ଚୋରି ଅଭିଯୋଗ ଉପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ରାମ୍‌କୋର ଭୂତଳ ଜଳ ପାଇଁ ୨୩।୬।୨୦୧୮ରେ ଜିଲାସ୍ତରୀୟ ପ୍ରଶାସନିକ ମଞ୍ଜୁରୀ ମିଳିବା ପରେ ଜାରକା ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୭୬୬/ଡବ୍ଲ୍ୟୁଇ/୨୧।୭।୨୦୧୮ରେ ଅନୁପାଳନ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୨୩୬୫୭/୧।୮।୨୦୧୮ରେ ୧୭ ଦଫା ବିଭିନ୍ନ ସର୍ତ୍ତ ରଖି ଭୂତଳ ଜଳ ବ୍ୟବହାର କରିପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ।

■ ଆଖପାଖ ଗାଁରେ ପାଣି ପାଇଁ ହାହାକାର
■ ୩ ବୋର୍‌ୱେଲ୍‌ରେ ଚାଲିଛି ପାଣି ଉତ୍ତୋଳନ

ଅନ୍ୟପକ୍ଷେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୫୧୬/୧।୩।୨୦୧୬ରେ ସଂସ୍ଥାଗୁଡ଼ିକ ନିଜ ନିଜ କାରଖାନା ଅଞ୍ଚଳରେ ବୋର୍‌ୱେଲ୍ ଖନନ କରି ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇ ଗ୍ରୀଷ୍ମପ୍ରବାହ ସମୟରେ ନଳକୂପଗୁଡ଼ିକରେ ଆବଶ୍ୟକ ପାଣି ବାହାରୁ ନ ଥିବା ସ୍ୱୀକାର କରିଥିଲେ। ଏଭଳି ସ୍ଥଳେ ରାମ୍‌କୋ ଦୈନିକ ୧୦୦ କିଲୋଲିଟର ଭୂତଳ ଜଳ ବ୍ୟବହାର କରୁଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ପାଣି ପାଇଁ ତହଳବିକଳ ହେଉଛନ୍ତି।

ଏ ସଂକ୍ରାନ୍ତରେ ଜାରକା ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଅଛନ୍ତି। କାର୍ଯ୍ୟରେ ଯୋଗଦେବା ପରେ ରିପୋର୍ଟ ଦେଖି କିଛି କହିହେବ ବୋଲି ପ୍ରକାଶ କରିଥିଲେ। ସେହିପରି ରାମ୍‌କୋ କାରଖାନାର ଜେନେରାଲ ମ୍ୟାନେଜର ଅଜିତ ପଲ୍‌ଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରରେ ଗୁରୁବାର ସନ୍ଧ୍ୟା ୬ଟା ୩୯ ମିନିଟରେ ଫୋନ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।




**ଆଜିର ମନ୍ତବ୍ୟ**

"ଭାଜପାକୁ ହରାଇବା ପାଇଁ ବିରୋଧୀ ମେଣ୍ଟ ଯଥେଷ୍ଟ ନୁହେଁ। ଏବେ ଦେଶବାସୀ ଜାଗ୍ରତ ହେବାର ବେଳ।
—ମନୀଷ ସିସୋଡିଆ, ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସୁଜାତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳ ଗଲା, ସୁକାଳ ହେଲା,**
**ଦୋଷ ଲଦି ଦେଇ ଭଣଜା ଗଲା।**

ଯେତେବେଳେ ବ୍ୟକ୍ତି ଅସୁବିଧାରେ ପଡ଼େ, ସେତେବେଳେ ସେ ପରର ଦ୍ୱାରସ୍ଥ ହୁଏ। ପରଠୁଁ ସାହାଯ୍ୟ ଆଶା କରେ। ପରନ୍ତୁ ଯେତେବେଳେ ଦୁର୍ଦ୍ଦିନ ହଟିଯାଏ ସେତେବେଳେ ଉପକାରୀ ବ୍ୟକ୍ତିର ସାହାଯ୍ୟ ସହାନୁଭୂତି ପଣିଆକୁ ଅସ୍ୱୀକାର କରି ଉପକୃତ ବ୍ୟକ୍ତି ଛିଦ୍ର ଖୋଜି ତାଚ୍ଛଲ୍ୟ କରିବାକୁ ପଛାଇ ନ ଥାଏ। ଅକୃତଜ୍ଞ ବ୍ୟକ୍ତିକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ନଡ଼ନଡ଼ ବାଉଁଶ କଣି;**
**କେମିତି କାଢ଼ିବୁ ବାମ୍ଫିରୁ ପାଣି ।**

କୂଅରୁ ପାଣି କାଢ଼ିବାରେ ବହୁ ଶାରୀରିକ ଶ୍ରମ ଲୋଡ଼ା ପଡ଼ିଥାଏ। ଯାହାର ଶରୀର ରୁଗ୍ଣ କ୍ଷୀଣ ତା' ପକ୍ଷେ ଅତି ଗଭୀରରୁ ପାଣି କାଢ଼ିବା ଖୁବ କାଠିକର ପାଠ ହୋଇଥିବା ସ୍ଥଳେ ଦୁର୍ବଳ ମହିଳାଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds Everyday 0674-2580101, 2549302



**SALE**

Plot for Sale at Ghangapatna (4km from Sumhospital). 9583295832, 9937816565. D- 067

**Residentialgharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71881

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/-ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D- 014

**Gharabari boundary plot at Chhatabara, Little Odisha housing project, adjacent to Pitapalli-Cuttack NH. 7008563697.** D-035

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ଭୁବନେଶ୍ୱର, ତମାଣ୍ଡୋ ବଜାର ନିକଟରେ 30ft. road, electricity, ପାଚେରି ଥାଇ ପ୍ଲଟ୍ କିଣନ୍ତୁ। 8658918284. D-73224

**ହଂସପାଳ ପାଖରେ Audi Showroom ଆଗରେ NH ଠାରୁ 200 mtr. ଦୂରରେ ସମସ୍ତ development ଯଥା: boundarywall, road, electricity ଥାଇ ଜାଗା ବିକ୍ରି କରାଯାଉଅଛି । ଯୋଗାଯୋଗ: 9337343941.** D-057

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ **30ft. road, Bank finance** ସହିତ ପ୍ଲଟ୍ ମିଳୁଛି। **8093465134, 9668194157.** D-73306

**ଭୁବନେଶ୍ୱର Gita/ Gandhi କଲେଜରୁ 1k.m. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary ପ୍ଲଟ୍ 30ft.- 750/-. 9439918431, 8249603324.** D-73222

**ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର Balianta Area ଘରବାରି ପ୍ଲଟ୍ ବିକ୍ରିହେବ। sqft. Rs- 750/- immediate construction. Contact No.- 7008992019.** D-025

**Studio and 1BHK Apartment with all furnished available at Srikhetradham, Puri. 9348332283, 9861593321.** D-017

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 7894433357. D-73227

**ଉଭରା ଛକ ବାଳକାଟି market ନିକଟରେ developed, gharabari boundary plot କିଣନ୍ତୁ। 9937166932.** D-23509

ଭୁବନେଶ୍ୱର ଗଙ୍ଗୋତ୍ରୀ ନଗର ଲେନ୍ -3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରି କରାଯିବ। 7008833643. D-73226

**Developed gharabari plot sale at Krushnasaranpur near Patia sqft.-750/-, 1250/- immediate construction. 9937746615.** D-73220

**Gharabari ready to construction plot sale 1.5k.m. from Patia Railway station @1300/-, gharabari plot Puri bypass 1.5.k.m. Kesura Mangaraj point, Bhubaneswar- sqft.-2700/- first possesion then registration. 8249602844.** D-73221



**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Newly open SPA positively health benefits by expert therapist. 8455987557. D-71484

Newly open SPA positively health benifit with expert. Contact: 7749976301. D-71973

Newly open SPA positively health benefits expert therapist, Kalpana. 7846814019. D-71486

"Spa & Massage & Steam-Bath. Contact -Trupti Spa 9861550765.". D-037

Herbal full body relax massage by trend lady therapist. 7008773793. D-71485

Mesmerizing, energetic body, mind qualitative relaxing massage experienced therapists. 9668374480. D-71972

## AFFIDAVIT

I, Sridhar Dash, Aged about 68 years, S/o. Late Jadumani Dash, residing at Duplex No.29, Essen Residency, Raghunathpur, PS.Nandankanan, Dist. Khurda, have changed the spelling of my name Shridhar Dash to Sridhar Dash vide affidavit dated 05/04/2022, affidavit No. 52AA 238173 at Bhubaneswar. D-066



"Required Bolero, Scorpio, Dzire for Monthly Hire Basis. 9776032030, Nttplodisha@gmail.com". D-039

**ଜନ୍ମଦିନ ଶୁଭେଚ୍ଛା**



**ସୁଜାତା ପ୍ରଧାନ**

ଜଗନ୍ନାଥ ପ୍ରସାଦ, ଗଞ୍ଜାମ

ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ: ବାପା, ମାଆ, ଭଞ୍ଜି, ରଞ୍ଜନ, ରାଜା, ବାବୁଲି ।

ଧ-୦୬୫

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଅଜାନ୍ ପରେ...

ଏହି ଅଭିଯାନକୁ ଆହୁରି ତୀବ୍ର କରିଛନ୍ତି। ସେମାନେ ହଲାଲ ସାର୍ଟିଫିକେଶନକୁ ମଧ କୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଏହି ସଙ୍ଗଠନଗୁଡ଼ିକ ହଲାଲ ସାର୍ଟିଫିକେଶନ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇବା ସହ ଏକ ଆଇନଗତ ଯୁଦ୍ଧ ପାଇଁ ମଧ ପ୍ରସ୍ତୁତି ଚଳାଇଛନ୍ତି। ହଲାଲ ଉତ୍ପାଦଗୁଡ଼ିକୁ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଉଛି। ହଲାଲ ସାର୍ଟିଫିକେଶନକୁ ବେଆଇନ ଦର୍ଶାଇ ଖାଦ୍ୟକୁ ପ୍ରମାଣୀକୃତ କରିବା ଲାଗି ଭାରତରେ ଖାଦ୍ୟ ବ୍ୟବସାୟ ପରିଚାଳନା ଓ ନିରୀକ୍ଷଣକାରୀ ସଂସ୍ଥା ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡସ୍ ଆସୋସିଏଶନ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ)କୁ ହିଁ ଏକମାତ୍ର କର୍ତ୍ତୃପକ୍ଷ ଭାବେ ଗ୍ରହଣ କରାଯିବା ଲାଗି କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଯାଉଥିବା ସୂତ୍ରରୁ ଜଣାପଡ଼ିଛି। ହିନ୍ଦୁ ଜନଜାଗୃତି ସମିତି ଓ ଶ୍ରୀରାମ ସେନା ମୁସଲିମ ଫଳ ବିକ୍ରେତାଙ୍କୁ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ହିନ୍ଦୁ ବ୍ୟବସାୟୀମାନେ ଯେପରି ଏହି ବଜାର ଉପରେ ଆଧିପତ୍ୟ ବିସ୍ତାର କରିପାରିବେ ସେଥିପାଇଁ ଏପରି ପଦକ୍ଷେପ ନେଇଥିବା ଦୁଇ କଠୋରପନ୍ଥୀ ହିନ୍ଦୁବାଦୀ ସଙ୍ଗଠନ କହିଛନ୍ତି। କୌଣସି ମନ୍ଦିର କର୍ତ୍ତୃପକ୍ଷ ମୁସଲମାନ ସ୍ଥପତିଙ୍କ ଦ୍ୱାରା ନିର୍ମିତ ଦେବଦେବୀଙ୍କ ମୂର୍ତ୍ତିକୁ ଗ୍ରହଣ ନ କରନ୍ତୁ ବୋଲି ଶ୍ରୀରାମ ସେନା ଅଧକ୍ଷ ସିଦ୍ଧାଲିଙ୍ଗା ସ୍ୱାମୀ ଆହ୍ୱାନ ଦେଇଛନ୍ତି। ଆମ୍ବ ବଜାର ମୁସଲମାନ ସମୁଦାୟର ଲୋକଙ୍କ ନିୟନ୍ତ୍ରଣରେ ରହିଛି। ଗରିବ ହିନ୍ଦୁ ଚାଷୀ ଓ ବିକ୍ରେତାମାନେ ବଜାରକୁ ନିଜ ଦଖଲକୁ ନେବା ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଏହି ଅଭିଯାନ ସଫଳ ହେଲେ ହିନ୍ଦୁ ଆମ୍ବଚାଷୀମାନେ ସମୃଦ୍ଧ ହେବେ ବୋଲି ସେ କହିଛନ୍ତି। ହିନ୍ଦୁ ଜନଜାଗୃତି ସମିତି ସଂଯୋଜକ ଚନ୍ଦ୍ର ମୋଗେର ମୁସଲମାନ ବିକ୍ରେତାଙ୍କଠାରୁ ଫଳ ନ କିଣିବା ପାଇଁ ହିନ୍ଦୁ ସମୁଦାୟକୁ ପରାମର୍ଶ ଦେଇଛନ୍ତି। ମେଲୁକୋଟ୍ ଚେଲୁଭନାରାୟ ସ୍ୱାମୀ ମନ୍ଦିର ସ୍ଥାନିକ ଶ୍ରୀନିବାସନ୍ କହିଛନ୍ତି ଯେ, ମୁସଲମାନ ସ୍ଥପତିମାନଙ୍କ ହିନ୍ଦୁ ଦେବଦେବୀ ମୂର୍ତ୍ତି ଗଢ଼ା ଉପରେ କଟକଣା ଜାରି ଲାଗି ସେ ରାଜ୍ୟବ୍ୟାପୀ ସଚେତନତା ଅଭିଯାନ ଚଳାଇବେ। ମୁସଲମାନ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ହିନ୍ଦୁ ମୂର୍ତ୍ତିଗୁଡ଼ିକୁ ମନ୍ଦିରରେ ସ୍ଥାପନ କରାଯାଇପାରିବ ନାହିଁ। ଏହା ପରମ୍ପରା ବିରୋଧୀ ବୋଲି ଶ୍ରୀନିବାସନ୍ ମତ ଦେଇଛନ୍ତି। ତେବେ ଆମ୍ବ ବ୍ୟବସାୟୀମାନେ ଏହାକୁ ବିରୋଧ କରିଛନ୍ତି। କୋଲାର ଡିଷ୍ଟ୍ରିକ୍ଟ ମ୍ୟାଙ୍ଗୋ ଗ୍ରୋଅର୍ସ ଆସୋସିଏଶନ୍ ସଭାପତି ନିଲାଥୁର ଚିନ୍ନାପ୍ପା ରେଡ୍ଡୀ କହିଛନ୍ତି, ଏଭଳି ଅଭିଯାନ ଚଳାଇବା ପରିବର୍ତ୍ତେ ଆମ୍ବ ଚାଷୀମାନେ ଯେପରି ଲାଭବାନ ହେବେ ସେଦିଗରେ ପ୍ରୟାସ ହେବା ଆବଶ୍ୟକ। ମୁସଲମାନ ବ୍ୟବସାୟୀମାନେ ଦଶନ୍ଧି ଧରି ଚାଷୀଙ୍କୁ ବଜାର ସୁବିଧା ଦେଇଆସୁଛନ୍ତି। କୋଲାର ଜିଲା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ବାଇଆଲାହାଲ୍ଲି ଗୋବିନ୍ଦ ଗୌଡ଼ା ଏହି ଅଭିଯାନକୁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ବୋଲି ଅଭିହିତ କରିଛନ୍ତି। ଶ୍ରୀନିବାସପୁରର ଆମ୍ବ ବ୍ୟବସାୟୀ ଅନିସ୍ ଅହମ୍ମଦ କହିଛନ୍ତି, ଉଭୟ ହିନ୍ଦୁ ଓ ମୁସଲମାନ ବ୍ୟବସାୟୀମାନେ ପିଢ଼ି ପିଢ଼ି ଧରି ମିଳିମିଶି ବ୍ୟବସାୟ କରିଆସୁଥିବାରୁ ଏହି ଅଭିଯାନ ସଫଳ ହେବ ନାହିଁ।

ବିରୋଧୀ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏହି ଘଟଣାକ୍ରମକୁ ନେଇ ଭାଜପାକୁ ଟାର୍ଗେଟ କରିଛନ୍ତି। ମୁସଲମାନ ଫଳ ବିକ୍ରେତାଙ୍କଠାରୁ ନ କିଣିବା ପାଇଁ ଲୋକଙ୍କୁ ମତାଇବା ଦେଶବିରୋଧୀ କାର୍ଯ୍ୟ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ସମାଲୋଚନା କରିଛନ୍ତି। ଏଭଳି ପ୍ରସଙ୍ଗ କେବଳ ନିର୍ବାଚନ ପୂର୍ବରୁ କାହିଁକି ଉଠୁଛି? କେବଳ ଭୋଟ ହାତେଇବା ପାଇଁ ବୋଲି କୁମାରସ୍ୱାମୀ ପ୍ରଶ୍ନ କରିଛନ୍ତି। ଭାଜପା ରାଜନୈତିକ ଫାଇଦା ପାଇଁ ମୁସଲମାନମାନଙ୍କୁ ଟାର୍ଗେଟ କରୁଥିବା କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର ସମାଲୋଚନା କରିଛନ୍ତି। କର୍ଣ୍ଣାଟକ ସରକାର ମୁସଲମାନମାନଙ୍କୁ ଅସ୍ପୃଶ୍ୟ କରିଦେଇଥିବା ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ନିନ୍ଦା କରିଛନ୍ତି। ମୁସଲମାନ ବ୍ୟବସାୟୀଙ୍କ ଆମ୍ବ ବର୍ଜନ ବିବାଦରୁ ଶାସକ ଭାଜପା ନିଜକୁ ଦୂରେଇ ରଖିଥିବାବେଳେ ଅନ୍ୟ ଧ୍ରୁବୀକରଣ ପ୍ରସଙ୍ଗଗୁଡ଼ିକ ଉପରେ ନୀରବ ରହିଛି। କର୍ଣ୍ଣାଟକ ଉଦ୍ୟାନ ମନ୍ତ୍ରୀ କେ. ଗୋପାଲୈଆହ କହିଛନ୍ତି, ଏଥିରେ ସରକାରଙ୍କ କୌଣସି ଭୂମିକା ନାହିଁ। ଲୋକେ କାହାଠୁ ଫଳ କିଣିବେ ତାହା ସେମାନେ ସ୍ଥିର କରିବେ। ତେବେ ମୁସଲମାନ ବ୍ୟବସାୟୀମାନେ ଏକଚାଟିଆ ବେପାର କରୁଥିବା କେତେଜଣ ଲୋକ ମତ ଦେଉଛନ୍ତି। ଏହା ଉପରେ ଆମର ମୁଣ୍ଡ ଖେଳାଇବାର ନାହିଁ। ଉଚ୍ଚଶିକ୍ଷା ମନ୍ତ୍ରୀ ସି.ଏନ୍. ଅଶ୍ୱଥ ନାରାୟନ ଏହାକୁ ନାପସନ୍ଦ କରିଛନ୍ତି। କିଛି ମତଭେଦ ଥିଲେ ଆଲୋଚନା କରି ସମାଧାନ କରାଯିବା ଉଚିତ ବୋଲି ସେ କହିଛନ୍ତି।

## ଜାତିସଂଘ ମାନବାଧିକାର...

କଲମ୍ବିଆ, କୋଷ୍ଟାରିକା, ଜର୍ଜିଆ, ଜାପାନ, ଲାଇବେରିଆ, ମୋଲଡୋଭା, ୟୁକ୍ରେନ୍, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘର ୨୭ ସଦସ୍ୟ ରାଷ୍ଟ୍ରର ଅନୁରୋଧ କ୍ରମେ ଏହି ସାଧାରଣ ସଭାର ଜରୁରୀ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା। ମାନବାଧିକାର ପରିଷଦରେ ୪୭ ସଦସ୍ୟ ରାଷ୍ଟ୍ର ରହିଛନ୍ତି। ଦୁଇ-ତୃତୀୟାଂଶ ସଂଖ୍ୟା ଗରିଷ୍ଠ ସଦସ୍ୟ ରାଷ୍ଟ୍ରଙ୍କ ଉପସ୍ଥିତି ଓ ମତଦାନ କୌଣସି ଦେଶର ସଦସ୍ୟତା ରଦ୍ଦ କରିପାରିବ। ବିରତ ରହୁଥିବା ରାଷ୍ଟ୍ରଗୁଡ଼ିକୁ ଏଥିରେ ହିସାବକୁ ନିଆଯାଇ ନ ଥାଏ। ଧ୍ୱନିମତରେ ଦୁଇ-ତୃତୀୟାଂଶ ଭୋଟକୁ ଚୂଡ଼ାନ୍ତ ରୂପେ ଗ୍ରହଣ କରାଯାଏ।

## ବିଜେଡି ଦଖଲରେ...

କେଉଁଠି ଭାଜପା, କଂଗ୍ରେସ ତ କେଉଁଠି ସ୍ୱାଧୀନ ପ୍ରାର୍ଥୀମାନେ ବାଜି ମାରିଛନ୍ତି। କ୍ରସ ଭୋଟିଂ ଯୋଗୁ ଏଭଳି ହୋଇଥିବା ଜଣାପଡ଼ିଛି। କାଉନସିଲରମାନେ କାହାକୁ ଭୋଟ ଦେଉଛନ୍ତି ତାହା ଦଳୀୟ ଏଜେଣ୍ଟଙ୍କୁ ଦେଖାଇବାକୁ ହେବ। ତେବେ ଏହା ସତ୍ତ୍ୱେ କେତେକ ସ୍ଥାନରେ ବିଜେଡିର କ୍ରସ ଭୋଟିଂ ହୋଇଥିବା ସୂଚନା ମିଳିଛି। ଜଗତସିଂହପୁର, ପାରାଦୀପ, ରେଢାଖୋଲ, ଖଡ଼ିଆଳ ପୌର ପରିଷଦ ଅଧକ୍ଷ ପଦବୀ ବିଜେଡି ହାତରୁ ଖସିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଜଗତସିଂହପୁରରେ ୧୦ଟି କାଉନସିଲର ଥିଲେ ବି ଉପାଧକ୍ଷ ପଦବୀ ଭାଜପା ହାତକୁ ଯାଇଛି। ସ୍ୱାଧୀନ ଓ କଂଗ୍ରେସ ସହଯୋଗରେ ଭାଜପା ଏହି ଆସନ ହାତେଇବାରେ ସଫଳ ହୋଇଛି। ସେହିପରି ପାରାଦୀପ ମ୍ୟୁନିସିପାଲିଟିରେ ବିଜେଡିର ୭ଟି କାଉନସିଲର ଥିବାବେଳେ ବିଜେଡି ପ୍ରାର୍ଥୀଙ୍କୁ ୬ଟି ଭୋଟ ମିଳିଛି। ଏଠାରେ ଜଣେ ବିଜେଡି କାଉନସିଲର କ୍ରସ ଭୋଟିଂ କରିଥିବାବେଳେ ସେ କିଏ ତାହା ସ୍ପଷ୍ଟ ହୋଇନାହିଁ। ଏହି ପୌରାଞ୍ଚଳରେ କଂଗ୍ରେସ ନେତା ବାପି ସର୍କେଲଙ୍କ ସମର୍ଥିତ ପ୍ରାର୍ଥୀ ଛବିଲତା ରାଉତଙ୍କୁ ୧୦ଟି ଭୋଟ ମିଳିଛି। ସେହିପରି ରେଢାଖୋଲ ଏନଏସିରେ ବିଜେଡିର ୬, ଭାଜପାର ୬ ଓ କଂଗ୍ରେସର ଜଣେ କାଉନସିଲର ଥିବା ବେଳେ ଭାଜପା ବାଜି ମାରି ନେଇଛି। ସେହିପରି ଉଦଳାରେ ଭାଜପାର ଅଧକ୍ଷ ଥିବା ବେଳେ ବିଜେଡି ଉପାଧକ୍ଷ ପଦବୀ ହାତେଇବାରେ ସଫଳ ହେଇଛି। ଦଶପଲ୍ଲାରେ ସ୍ୱାଧୀନ ପ୍ରାର୍ଥୀ ଅଧକ୍ଷ ଥିବା ବେଳେ ବିଜେଡି ପ୍ରାର୍ଥୀ ଉପାଧକ୍ଷ ହୋଇଛନ୍ତି।

## ରେଭେନ୍‌ଶା ଛାତ୍ରୀ...

ପାଠ ପଢ଼ା ସହ ଡେପୁଟି ମେୟର କାର୍ଯ୍ୟ ତୁଲାଇବି। ମେୟରଙ୍କ ମାର୍ଗଦର୍ଶନରେ ସିଏମ୍‌ସିର ପ୍ରତ୍ୟେକ ୱାର୍ଡର ସମସ୍ୟା ସମାଧାନ କରିବା ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ...

ସକାଳେ କୌଣସି ବ୍ୟକ୍ତି ଉକ୍ତ ଗଛ ନିକଟରେ ନିଆଁ ଜାଳିଥିବାବେଳେ ଧୂଆଁ ପ୍ରକୋପରେ ମହୁମାଛିମାନେ ଆକ୍ରମଣାତ୍ମକ ହୋଇଉଠିଥିଲେ। ଅଙ୍ଗନୱାଡି କେନ୍ଦ୍ରର ସହାୟିକା ଶିଶୁମାନଙ୍କୁ ଧରି ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବାବେଳେ ହଠାତ୍ ମହୁମାଛି ବସାରୁ ବାହାରି ସେମାନଙ୍କ ଶରୀରକୁ ବେଢ଼ିଯାଇ ଆକ୍ରମଣ କରିଥିଲେ। ପିଲାଙ୍କ ଚିତ୍କାର ଶୁଣି ସ୍ଥାନୀୟ କେତେଜଣ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରିଥିଲେ। ସୂଚନା ପାଇ ପରିବାର ଲୋକେ ପହଞ୍ଚି ଆହତ ଶିଶୁଙ୍କୁ ୧୦ କି.ମି. ଦୂର ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ସମେତ ଅନ୍ୟ କେତେଜଣଙ୍କ ଅବସ୍ଥା ଗୁରୁତର ରହିଛି। ମହୁମାଛି ଆକ୍ରମଣର ଶିକାର ହୋଇଥିବା ଶିଶୁମାନେ ବଡଲସିଙ୍ଗା ଉପରିପଡ଼ାର ବୋଲି ଜଣାପଡ଼ିଛି।

ଘଟଣା ପରେ ଶିକ୍ଷାନୁଷ୍ଠାନ ପରିସରରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ସାଧାରଣ ଲୋକ ଏବଂ କୋମଳମତି ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ବନ ବିଭାଗ ଏହାର ପ୍ରତିକାର ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଭିଭାବକ ଓ ଶିକ୍ଷକମାନେ ଦାବି କରିଛନ୍ତି।



ମହୁମାଛି ଆକ୍ରମଣରେ ଆହତ ଦୁଇ ଶିଶୁ।

## ମହୁବସାକୁ ଖୁମ୍ପିଲା ବାଜ: ଆକ୍ରମଣରେ ୧୦ ଆହତ

**ପାଟଣା, ୭।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ଅନ୍ତର୍ଗତ କଇଣ୍ଡା ଗ୍ରାମର ଏକ ଅଶ୍ୱତ୍ଥ ଗଛରେ ବସା ବାନ୍ଧିଥିବା ମହୁମାଛି ଆକ୍ରମଣରେ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତୁରୁମୁଙ୍ଗା-ରାଜନଗର ରାସ୍ତା ପାର୍ଶ୍ୱରେ ଥିବା ଉକ୍ତ ଗଛରେ ୨୦ରୁ ଊର୍ଦ୍ଧ୍ୱ ମହୁଫେଣା ରହିଛି। ଏକ ବାଜପକ୍ଷୀ ମହୁଫେଣାକୁ ଖୁମ୍ପିବାରୁ ବସାରୁ ମହୁମାଛି ବାହାରି ରାସ୍ତାରେ ଯାଉଥିବା ପଥଚାରୀଙ୍କୁ ଆକ୍ରମଣ କରିଥିଲେ। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡ଼ିଛି।

## ନାରାୟଣପାଟଣାରେ ୧୫ ଗୁରୁତର

**ନାରାୟଣପାଟଣା, ୭।୪(ଡି.ଏନ.ଏ.):** ଗୁରୁବାର ନାରାୟଣପାଟଣା ବ୍ଲକ ବାଲିପେଟା ଗ୍ରାମ ଶ୍ମଶାନରେ ମହୁମାଛି ଆକ୍ରମଣରେ ୧୫ ଜଣ ଗୁରୁତର ହୋଇଛନ୍ତି। ଜଣେ ସମ୍ପର୍କୀୟଙ୍କ ଶେଷକୃତ୍ୟ ସମ୍ପନ୍ନ ଲାଗି ଗ୍ରାମବାସୀ ଶ୍ମଶାନରେ ଏକାଠି ହୋଇଥିଲେ। ଜୁଇରେ ଅଗ୍ନି ସଂଯୋଗ ବେଳେ ପାଖରେ ଥିବା ଏକ ଗଛରୁ ମହୁମାଛି ବାହାରି ଆକ୍ରମଣ କରିଥିଲେ। ଆହତ ଗ୍ରାମବାସୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଲିପାଡୁ ଫୁଲବଂଶ, ସୁବାସ ମୁଦୁଲି, ଇଶୁଧନ ମୁଦୁଲି, ଦାଶରଥୀ ବାଘବଂଶ, ଚିଙ୍ଗୁଲୁ ବାଘବଂଶ,ଚକ୍ର ବାଘବଂଶ, ଶ୍ୟାମ ବାଘବଂଶ, ଟିବୁ ବାଘବଂଶ, ରାମୁଲୁ ବାଘବଂଶ, ଟିନି ବାଘବଂଶ, ଭକୁଲୁ ନାଗବଶ, ରାଧା ଫୁଲବଂଶ,ପୁରୁଷୋତ୍ତମ ମୁଦୁଲି, ଭାବୁମା ବାଘବଂଶ,କୁନା ବାଘବଂଶଙ୍କସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୁକର ଦୌଡ଼ରେ...

ଲଣ୍ଡନରେ ଏକ ସ୍ୱତନ୍ତ୍ର ସମାରୋହରେ ୨୦୨୨ ପାଇଁ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଲଣ୍ଡନ ବୁକ୍ ଫେୟାରରେ ଚୂଡ଼ାନ୍ତ ତାଲିକା ଘୋଷଣା କରାଯାଇଛି। ଗୀତାଞ୍ଜଳି ଶ୍ରୀଙ୍କ ଟମ୍ବ ଅଫ୍ ସ୍ୟାଣ୍ଡ ଏକ ପ୍ରେରଣାଦାୟକ ଉପନ୍ୟାସ, ଯାହାକି ଜଣେ ୮୦ ବର୍ଷୀୟା ମହିଳାଙ୍କ ଜୀବନ ଓ ବିସ୍ମୟକର ଅତୀତକୁ ନେଇ ଗତିଶୀଳ ହୋଇଛି। ଦୌଡ଼ରେ ଥିବା ଅନ୍ୟ ୫ ଉପନ୍ୟାସ ହେଲା ବୋରା ଚୁଙ୍ଗଙ୍କ କ୍ରୁସେଡ୍ ବୁନି, ଜନ୍ ଫୋସେଙ୍କ ଏ ନ୍ୟୁ ନେମ୍: ସେପ୍ଟୋଲୋଜି ୬ଷ୍ଠ-୭ମ, ମିଏକୋ କାୱାକାମିଙ୍କ ହେଭେନ୍, କ୍ଲାଉଡିଆ ପିନେରିଓଙ୍କ ଏଲେନା ନୋଜ୍ ଏବଂ ଓଲ୍‌ଗା ଟୋକାର୍ଜୁକ୍‌ଙ୍କ ପୁସ୍ତକ ଦି ବୁକ୍ ଅଫ୍ ଜାକୋବ୍

## ଖବରଦାତାଙ୍କ ଗୋଡ଼ରେ...

ସମ୍ପୃକ୍ତ ଖବରଦାତାଙ୍କ ଗୋଡ଼ରେ ବନ୍ଧା ହୋଇଥିବା ବେଡ଼ିକୁ କଢ଼ାଯାଇଛି। ଏଥିସହ ଉକ୍ତ ମାମଲାକୁ ଡିଏସ୍‌ପିସ୍ତରରେ ତଦନ୍ତ କରାଯିବା ଲାଗି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ପୋଲିସର ଏଭଳି ଅମାନୁଷିକ କାର୍ଯ୍ୟକୁ ନେଇ ସବୁ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି ପୋଲିସ ସହିତ କେତେକ ସରକାରୀ ଅଧିକାରୀ ବିଭିନ୍ନ ସମୟରେ ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହିବା, ଚୋରା ବାଲିଖାଦାନକୁ ପରୋକ୍ଷରେ ପ୍ରୋତ୍ସାହନ ଦେବା, ପଥରଖାଦାନରୁ ପଥର ଚୋରାଚାଲାଣ, ବ୍ରାଉନ୍‌ସୁଗାର କାରବାର ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଖବରଦାତା ଲୋକନାଥ ବିଭିନ୍ନ ସମୟରେ ଖବର କରୁଥିଲେ। ଯାହାକୁ ନେଇ ସ୍ଥାନୀୟ ପୋଲିସ ଲୋକନାଥଙ୍କ ଉପରେ କ୍ଷୁବ୍ଧ ଥିଲା। ଗତ ୪ ତାରିଖ ପୂର୍ବାହ୍ନ ୧୦ଟାରେ ଲୋକନାଥ ନୀଳଗିରି ଗୁଣ୍ଡିଚା ମନ୍ଦିର ପରିବା ମାର୍କେଟ ନିକଟରେ ମୋଟରସାଇକେଲ ଧରି ଛିଡ଼ା ହୋଇଥିବାବେଳେ ଅପରପାର୍ଶ୍ୱରୁ ସ୍ଥାନୀୟ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ନିରଞ୍ଜନ ରଣା ଏକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଯାହାକୁ ନେଇ ଘଟଣାସ୍ଥଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ରକରି ଗୃହରକ୍ଷୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଖବରଦାତା ଲୋକନାଥଙ୍କୁ ଗିରଫ କରିବାକୁ ଯୋଜନା କରିଥିଲା। ୬ତାରିଖ ବୁଧବାର ଆଇଆଇସି ଦ୍ରୌପଦୀ ଦାସ ଖବରଦାତା ଲୋକନାଥଙ୍କୁ ଥାନାକୁ ଡାକିଥିଲେ। ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କଠାରୁ ମୋବାଇଲ ଛଡ଼ାଇ ନେବାରୁ ସେ ଏହାର ପ୍ରତିବାଦ କରିଥିଲେ। ଫଳରେ ଆଇଆଇସି ଦାସ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଧକ୍କାମାରି ତଳେ ପକାଇ ଦେଇଥିଲେ। ଏଥିରେ ଲୋକନାଥ ଅଚେତ୍ ହୋଇପଡ଼ିଥିଲେ। ଖବରପାଇ ଅନ୍ୟ ଖବରଦାତାମାନେ ଥାନାରେ ପହଞ୍ଚିବା ବେଳକୁ ତାଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ଲାଗି ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବାବେଳେ ପୋଲିସ କର୍ମଚାରୀ ମଧ ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଲୋକନାଥଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସତ୍ତ୍ୱେ ତାଙ୍କୁ ପୋଲିସ ସୁରକ୍ଷା ମଧ୍ୟରେ ଗୋଡ଼ରେ ବେଡ଼ି ଓ ହାତରେ ହ୍ୟାଣ୍ଡକଫ୍ ପକାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏପରିକି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଗୋଡ଼ରେ ବନ୍ଧା ହୋଇଥିବା ବେଡିକୁ ନ ଖୋଲି ହସପିଟାଲ ବେଡ୍‌ରେ ତାଲା ପକାଇଥିଲେ। ଏପରି ଘଟଣା ଜଣାପଡ଼ିବା ପରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଖବରଦାତାମାନେ ହସ୍‌ପିଟାଲରେ ପହଞ୍ଚି ପ୍ରତିବାଦ କରିବା ସହ ଏସ୍‌ପି ମିଶ୍ରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷରେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ନୀଳଗିରି ଥାନା ଅଧିକାରିଣୀ ଦାସ। ସେ କହିଛନ୍ତି, ଗିରଫ ଲୋକନାଥଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ଲାଗି ବାଲେଶ୍ୱର ପଠାଯାଇଥିଲା। ଗୁରୁବାର ମ୍ୟୁନିସିପାଲିଟି ଉପାଧକ୍ଷ ନିର୍ବାଚନ କାର୍ଯ୍ୟ ନିମନ୍ତେ ପୋଲିସ କର୍ମଚାରୀ ବ୍ୟସ୍ତ ଥିବା ନେଇ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଜଣାଇଥିଲୁ। ତେଣୁ ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଲୋକନାଥଙ୍କ ହେପାଜତ ପାଇଁ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କାହା ନିର୍ଦ୍ଦେଶରେ ଓ କାହିଁକି ବେଡ଼ି ପକାଯାଇଥିଲା ତାହା ମୋତେ ଜଣାନାହିଁ ବୋଲି ଦାସ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ କୌଣସି କଥାକୁ ଠିକ୍ ଭାବରେ ନ ବୁଝି ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ କରିବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। କ୍ରୀଡ଼ା, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ବ୍ୟବସାୟରେ ସଫଳତା ହାସଲ କରିବେ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ**
କୌଣସି ନୀଚଜାତିର ବ୍ୟକ୍ତିଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରିଆସିବ। କର୍ମକ୍ଷେତ୍ରରେ କେହିଜଣେ ପ୍ରତିବାଦର ସ୍ୱର ଉଠାଇ କାମରେ ବିଘ୍ନ ଘଟାଇବାର ସୂଚନା ରହିଛି । କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ମିଥୁନ**
ପାରିବାରିକ କ୍ଷେତ୍ରରେ ବୁଝାମଣାର ଅଭାବ ମାନସିକ ଅଶାନ୍ତିର କାରଣ ହେବ। ଆଜି ଖର୍ଚ୍ଚାନ୍ତ ହେବେ ସିନା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ବନ୍ଧୁଙ୍କ ପ୍ରତିଶ୍ରୁତି ପରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ ।

**କର୍କଟ**
କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ । ଇଚ୍ଛା ନ ଥିଲେ ମଧ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ସିଂହ**
କର୍ମକ୍ଷେତ୍ରରେ ଉପର ଅଧିକାରୀମାନଙ୍କ ଦ୍ୱାରା ମାନସିକ ଚାପ ବୃଦ୍ଧି ପାଇବ। ଅଧିକାଂଶ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ଦିନଟି ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ ରହିବ।

**କନ୍ୟା**
ଟେନ୍ସନ ଲାଗିରହିଲେ ମଧ ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ। ଦୀର୍ଘଦିନରୁ ସନ୍ଧାନ ପାଉ ନ ଥିବା ତଥା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**ତୁଳା**
ଆଜିର ଫେରନ୍ତା ବାଟରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଉପର ଅଧିକାରୀଙ୍କ ସମ୍ମୁଖରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ସହକର୍ମୀମାନଙ୍କ କୃତ ମିଥ୍ୟା ଗୁଜବ ମନକୁ ଆନ୍ଦୋଳିତ କରିପାରେ। ପରିବାର ସହିତ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ବିଛା**
ବିଭିନ୍ନ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ସମ୍ପୂର୍ଣ୍ଣ ଭଲ ରହିବ ନାହିଁ । ତଥାପି କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାର ସୂଚନା ରହିଛି । ଭୂମି, ନିର୍ମାଣାଧୀନ କାର୍ଯ୍ୟ, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମହିଳାମାନଙ୍କର ଖାଦ୍ୟପେୟ ଠିକ୍ ରହି ନ ପାରେ।

**ଧନୁ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବା ସକାଶେ ବହୁତ ହଇରାଣ ହେବାକୁ ପଡ଼ିବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିପାରେ। ପାଖ ପଡ଼ୋଶୀଙ୍କ ସାହାଯ୍ୟ ହେତୁ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର**
ସାଙ୍ଗସାଥୀ, ପଡ଼ୋଶୀ ତଥା ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବୃଦ୍ଧି ଘଟିବ। କର୍ମକ୍ଷେତ୍ରରେ ମନ ଦେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। କୌଣସି ମୂଲ୍ୟବାନ ଜିନିଷ ପରକୁ ଦେଇ ଆବଶ୍ୟକ ସମୟରେ ପାଇବେ ନାହିଁ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ ।

**କୁମ୍ଭ**
ସତ କହି ବନ୍ଧୁଙ୍କ ବିରାଗ ଭାଜନ ହୋଇପାରନ୍ତି। ସତର୍କତା ଅଭାବରୁ ହାତ, ପାଦରେ ଆଘାତ ଲାଗିବାର ଆଶଙ୍କା ରହିଛି। ସହକର୍ମୀ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି କେତେକ ଅସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ନିଜ ପରିସରର ବ୍ୟକ୍ତିଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**
ବିଭିନ୍ନ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ସମ୍ପର୍କୀୟଙ୍କ ବିରୋଧାଚରଣ ନୂତନ ସମସ୍ୟାକୁ ଜନ୍ମ ଦେଇପାରେ। କେତେକ କ୍ଷେତ୍ରରେ ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟ, ଆଲୋଚନା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ଏପ୍ରିଲ, ୨୦୨୨



**ଯୋଗୀଙ୍କୁ ବିରୋଧ କରିବାରୁ**

# ବିଧାୟକଙ୍କ ପେଟ୍ରୋଲ ପମ୍ପ ଭଙ୍ଗାଗଲା



ବରେଲି,୭।୪

ସମାଜବାଦୀ ପାର୍ଟି ବିଧାୟକ ଶଜିଲ ଇସ୍‌ଲାମ ଅନ୍‌ସାରୀଙ୍କର ଏକ ପେଟ୍ରୋଲ ପମ୍ପକୁ ଗୁରୁବାର ଭାଙ୍ଗିଦିଆଯାଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ଏହି ବିଧାୟକଙ୍କ ବିରୋଧରେ ନିକଟରେ ମାମଲା ରୁଜୁ ହୋଇଥିଲା। ବରେଲି-ଦିଲ୍ଲୀ ଜାତୀୟ ରାଜପଥର ପର୍ସାଖେଡାଠାରେ ଥିବା ତାଙ୍କ ପେଟ୍ରୋଲ ପମ୍ପ ବିନା ମଞ୍ଜୁରୀରେ ବେଆଇନ ଭାବେ ନିର୍ମିତ ହୋଇଥିବା ଦର୍ଶାଇ ବରେଲି ଉନ୍ନୟନ କର୍ତ୍ତୃପକ୍ଷ ବୁଲ୍‌ଡୋଜର ସହାୟତାରେ ଏହାକୁ ଭାଙ୍ଗିଦେଇଛନ୍ତି। ଏନେଇ ପୂର୍ବରୁ ବିଧାୟକଙ୍କ ପାଖକୁ ନୋଟିସ ପଠାଯାଇଥିଲେ ହେଁ ସେ ଏହାର ଜବାବ ରଖି ନ ଥିଲେ ବୋଲି ବିଡିଏ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସିଂ କହିଛନ୍ତି।

ଗତ ଶୁକ୍ରବାର ଅନ୍‌ସାରୀ ନିଜ ନିର୍ବାଚନ ମଣ୍ଡଳୀରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେବାବେଳେ କହିଥିଲେ, ବିଧାନସଭାରେ ତାଙ୍କ ଦଳର ଶକ୍ତି ବୃଦ୍ଧି ପାଇଛି। ଆଦିତ୍ୟନାଥ ଯଦି ପାଟି କରନ୍ତି, ତେବେ ଏସ୍‌ପି ବନ୍ଧୁକ ଧୂଆଁ ଛାଡ଼ିବ ନାହିଁ ଗୁଳି ଫୁଟାଇବ ବୋଲି ସେ କହିଥିଲେ। ଏହି ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା।

# ଓଡ଼ିଶାର ଭାଜପା ଏମ୍‌ପିଙ୍କୁ ମୋଦିଙ୍କ ମନ୍ତ୍ର



ନୂଆଦିଲ୍ଲୀଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ କେନ୍ଦ୍ରୀୟ ନେତାଙ୍କ ସହ ଓଡ଼ିଶାର ଭାଜପା ଏମ୍‌ପି।

ଭୁବନେଶ୍ୱର,୭।୪(ବ୍ୟୁରୋ)

ଭାଜପାର ଓଡ଼ିଶା ଏମ୍‌ପିମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁମନ୍ତ୍ର ଦେଇଛନ୍ତି। ରାଜ୍ୟରେ ଆଗକୁ ସଙ୍ଗଠନ କିପରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଓଡ଼ିଶା ଏମ୍‌ପିଙ୍କ ସହ ସେ ଆଲୋଚନା କରିଥିବା ଜଣାପଡ଼ିଛି। ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଭାଜପା ସେମିତି ଆଖିଦୃଶିଆ ପ୍ରଦର୍ଶନ କରିପାରି ନ ଥିବାବେଳେ ଆଗକୁ କ'ଣ ସବୁ କରାଗଲେ ଭଲ ହେବ ସେନେଇ ବିଶେଷ ଆଲୋଚନା ହୋଇଛି। ଗୁରୁବାର ସକାଳେ ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଭାଜପା ଏମ୍‌ପିମାନେ ସାକ୍ଷାତ ସହ ଜଳଖିଆ କରିଥିବା କୁହାଯାଉଛି। ତେବେ ଏମ୍‌ପିମାନଙ୍କ ଭୂମିକା ଏବଂ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ,ଏଥିସହ 'ସବ୍‌କା ସାଥ୍ ସବ୍‌କା ବିକାଶ' ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ କହିଛନ୍ତି।

ଏହି ଅବସରରେ ଓଡ଼ିଶାର ବିଭିନ୍ନ ସାଙ୍ଗଠନିକ ସ୍ଥିତି ଏବଂ ତୃଣମୂଳସ୍ତରରେ କେଉଁସବୁ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି ତାହା ଆଲୋଚନା ହୋଇଛି। ତେବେ ଏହି ଅବସରରେ ରାଜ୍ୟ ନେତୃତ୍ୱ ପରିବର୍ତ୍ତନର ଆବଶ୍ୟକତା କଥା ନେଇ କେତେଜଣ ପରୋକ୍ଷରେ ମତ ରଖିଥିବା ଶୁଣିବାକୁ ମିଳୁଛି। ଉପନିର୍ବାଚନଠାରୁ ଆରମ୍ଭକରି ପଞ୍ଚାୟତ, ପୌର ନିର୍ବାଚନ ଫଳାଫଳ କଥା ମଧ୍ୟ ପ୍ରଧାନମନ୍ତ୍ରୀ ଶୁଣିଛନ୍ତି। କିଛିଦିନ ମଧ୍ୟରେ ସେ ଓଡ଼ିଶାର ଭାଜପା ବିଧାୟକଙ୍କ ସହ ସାକ୍ଷାତ କରିପାରନ୍ତି ବୋଲି ମଧ୍ୟ କୁହାଯାଉଛି। ହେଲେ ଓଡ଼ିଶା ନେତାଙ୍କ ଘନ ଘନ ଦିଲ୍ଲୀ ଗସ୍ତ ଏବଂ ପର୍ଯ୍ୟାୟକ୍ରମେ ବିଭିନ୍ନ ନେତାଙ୍କ ସହ ଭେଟକୁ ନେଇ ଚର୍ଚ୍ଚା ଚାଲିଛି। ପ୍ରଥମେ ସାଧାରଣ ସମ୍ପାଦକମାନେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସହ ଯାଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିବା ଏବଂ ପରେ ପରେ ୩ କେନ୍ଦ୍ରମନ୍ତ୍ରୀଙ୍କୁ ରାଜ୍ୟ ବିଧାୟକଙ୍କ ସାକ୍ଷାତ ଆଲୋଚନାକୁ ଭିନ୍ନରଙ୍ଗ ଦେଇଛି। ଏହାପରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ସମସ୍ତ ଏମ୍‌ପିଙ୍କ ସହ ମୋଦିଙ୍କ ବ୍ରେକ୍‌ଫାଷ୍ଟ ଷ୍ଟ୍ରାଟେଜି ସମସ୍ତଙ୍କୁ ଚକିତ କରିଛି। ୨୦୨୪

**ଚର୍ଚ୍ଚାରେ ଓଡ଼ିଶା ନେତାଙ୍କ ଦିଲ୍ଲୀରେ ଘନ ଘନ ବୈଠକ**

ସାଧାରଣ ନିର୍ବାଚନ ପୂର୍ବରୁ ଦଳ ଏକ ନୂଆ ରଣନୀତି ଆଡ଼କୁ ମୁହାଁଉଥିବା ରାଜନୈତିକ ମହଲରେ ଚର୍ଚ୍ଚାକୁ ନୂଆ ଦିଗ ଆଡ଼କୁ ନେଇଛି। ତେବେ ଏମ୍‌ପି ବସନ୍ତ ପଣ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ଯାହା ପଚାରିଥିଲେ ସେନେଇ କହିଥିଲୁ। ବ୍ୟକ୍ତିଗତ ଓଡ଼ିଶା ବାବଦରେ ସେମିତି କିଛି ଆଲୋଚନା ହୋଇ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଲୋକ ଏବଂ ଗରିବଙ୍କ ସହ ଯୋଡ଼ିହେବାକୁ କହିଛନ୍ତି। ଏହି ଅବସରରେ କେବଳ ଓଡ଼ିଶା ନୁହେଁ ଦିଲ୍ଲୀ, ହରିୟାଣା, ଉତ୍ତରାଖଣ୍ଡର ଏମ୍‌ପି ଓ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଯୋଜନାକୁ ତୃଣମୂଳସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା, ସେମାନଙ୍କ ବିଶ୍ୱାସଭାଜନ ହେବା ସହ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଭାଜପା ଏମ୍‌ପିମାନଙ୍କୁ ପରାମର୍ଶ ଦିଆଯାଇଛି।

# ପାରାଦୀପରେ ବିଜେଡି କାଉନ୍‌ସିଲରଙ୍କ କ୍ରସ୍ ଭୋଟିଂ

- ସ୍ୱାଧୀନ ପ୍ରାର୍ଥୀ ଛବିଲତା ହେଲେ ଉପାଧ୍ୟକ୍ଷା
- ଭୋଟଦାନରୁ ଦୂରେଇଗଲା ଭାଜପା



ଛବିଲତା ରାଉତ

ପାରାଦୀପ, ୭।୪(ସ୍ୱ.ପ୍ର.)

ପାରାଦୀପ ପୌର ଉପାଧ୍ୟକ୍ଷା ନିର୍ବାଚନ ଗୁରୁବାର ଶେଷ ହୋଇଛି। ବିଜେଡିର ଜଣେ କାଉନ୍‌ସିଲର କ୍ରସ୍ ଭୋଟିଂ କରିବା ଯୋଗୁ ୨ ନଂ. ୱାର୍ଡର ସ୍ୱାଧୀନ କାଉନ୍‌ସିଲର ଛବିଲତା ରାଉତ ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ଭାଜପା ଭୋଟିଂରୁ ଦୂରେଇ ଯାଇଛି।

ପାରାଦୀପ ପୌରାଞ୍ଚଳର ୧୯ଟି ୱାର୍ଡ ମଧ୍ୟରୁ ନିର୍ବାଚନରେ ବିଜେଡି ୭, କଂଗ୍ରେସ ୧, ଭାଜପା ୩ ଓ ଆମ ପାରାଦୀପ ଆମ ପ୍ରଗତି (ଏପିଏପି) ସଙ୍ଗଠନର ସ୍ୱାଧୀନ ଭାବେ ୮ କାଉନ୍‌ସିଲର ବିଜୟୀ ହୋଇଥିଲେ। ଏମାନେ କଂଗ୍ରେସ ନେତା ଅରିନ୍ଦମ ସର୍ଖେଲ (ବାପି) ଙ୍କ ସମର୍ଥିତ ଥିଲେ। ୮ ସ୍ୱାଧୀନ ଓ ଜଣେ କଂଗ୍ରେସ କାଉନ୍‌ସିଲରଙ୍କୁ ନେଇ ସର୍ବାଧିକ ୯ଟି ଭୋଟ ସର୍ଖେଲଙ୍କ ପାଖରେ ଥିଲା। ଉପାଧ୍ୟକ୍ଷା ନିର୍ବାଚନରେ ସ୍ୱାଧୀନ କାଉନ୍‌ସିଲର ଛବିଲତା, ଭାଜପାର ୧୭ନଂ. ୱାର୍ଡ କାଉନ୍‌ସିଲର ରୁନି ପରିଡ଼ା ଓ ବିଜେଡିର ୧୧ ନଂ. ୱାର୍ଡ କାଉନ୍‌ସିଲର ପ୍ରଭାତୀ ନାୟକ ଉପାଧ୍ୟକ୍ଷା ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। କିନ୍ତୁ ନିର୍ବାଚନ କମିଶନଙ୍କ ଘୋଷଣା ମତେ କୌଣସି ପ୍ରାର୍ଥୀ ନିର୍ବାଚନ ଏଜେଣ୍ଟ ମନୋନୀତ କରି ପାରି ନ ଥିଲେ। ପରେ ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଗୁପ୍ତ ଭୋଟ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଛବିଲତାଙ୍କୁ ୯, ରୁନିଙ୍କୁ ୩ ଓ ପ୍ରଭାତୀଙ୍କୁ ଦଳୀୟ ସମର୍ଥକ ଅନୁସାରେ ୭ ଭୋଟ ମିଳିଥିଲା। ଏହାପରେ ଭାଜପା ପ୍ରାର୍ଥୀ ରୁନିଙ୍କୁ ନିର୍ବାଚନ ଅଧିକାରୀ ସର୍ବନିମ୍ନ ଭୋଟ ଯୋଗୁ ପ୍ରାର୍ଥୀ ତାଲିକାରୁ ବାଦ୍ ଦେଇଥିଲେ। ପରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ୨ ପ୍ରାର୍ଥୀ ପ୍ରଭାତୀ ଓ ଛବିଲତାଙ୍କୁ ନେଇ ହୋଇଥିଲା। ମତଦାନ ପୂର୍ବରୁ ଭାଜପାର ୩ କାଉନ୍‌ସିଲର ବିରତ ରହିଥିଲେ। ଅବଶିଷ୍ଟ ୧୬ କାଉନ୍‌ସିଲରଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଛବିଲତାଙ୍କୁ ୧୦ ଓ ବିଜେଡିର ପ୍ରଭାତୀଙ୍କୁ ୬ ଭୋଟ ମିଳିଥିଲା। ଏଣୁ ଛବିଲତା ଉପାଧ୍ୟକ୍ଷା ଭାବେ ନିର୍ବାଚିତ ହେଲେ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି।

ବିଜେଡିର ୭ କାଉନ୍‌ସିଲରଙ୍କ ମଧ୍ୟରୁ ୨ୟ ପର୍ଯ୍ୟାୟ ମତଦାନରେ ୬ ଭୋଟ ମିଳିଛି। ଅର୍ଥାତ୍ ଜଣେ କାଉନ୍‌ସିଲର କ୍ରସ୍ ଭୋଟିଂ କରିଥିବା ସ୍ପଷ୍ଟ ହୋଇଛି। ବିଜେଡି ଆରମ୍ଭରୁ ଏଜେଣ୍ଟ ରଖିବାରେ ବିଫଳ ହେବାରୁ କିଏ କ୍ରସ୍ ଭୋଟିଂ କରିଛି ଜାଣିବା କଷ୍ଟକର। ନିର୍ବାଚନ ବେଳେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ପହଞ୍ଚି ଦଳୀୟ କାଉନ୍‌ସିଲରଙ୍କୁ ବିଭୂତି ଛୁଆଁଇ ଶପଥ କରିବାକୁ ପ୍ରସ୍ତାବ ଦେଇଥିଲେ। ଜଣେ କାଉନ୍‌ସିଲର ଅଶୌଚ ଥିବାରୁ ମନା କରିଥିଲେ। ଏଜେଣ୍ଟ ନ ଦେବା ପ୍ରସଙ୍ଗରେ କହିଥିଲେ, ଆମେ ହେଲୁ ଶୃଙ୍ଖଳିତ ଦଳ। କେହି ଭୁଲ କରିବେ ନାହିଁ। ଫଳାଫଳ ଘୋଷଣା ପରେ ରାଉତରାୟଙ୍କୁ ପଚାରିବାରେ ଏହାର ତର୍ଜମା କରାଯିବ। ଆମର ମୁଖ୍ୟ ଅଧ୍ୟକ୍ଷ ପଦ ଦଳ ପାଇଛି ବୋଲି କହିଥିଲେ।

# କଂଗ୍ରେସ, ସ୍ୱାଧୀନ ସମର୍ଥନରେ ଭାଜପା ପ୍ରାର୍ଥୀ ଉପାଧ୍ୟକ୍ଷ

**ଜଗତ୍‌ସିଂହପୁର ପୌର ପରିଷଦ**



ରାଜେନ୍ଦ୍ର କୁମାର ବିଶୋଇ

ଜଗତ୍‌ସିଂହପୁର ଅଫିସ, ୭।୪

ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ଉପାଧ୍ୟକ୍ଷ ପଦ ପାଇଁ ଗୁରୁବାର ନିର୍ବାଚନ ହୋଇଥିଲା। ଭାଜପା ପ୍ରାର୍ଥୀ ତଥା ୧୪ନଂ. ୱାର୍ଡର କାଉନସିଲର ରାଜେନ୍ଦ୍ର କୁମାର ବିଶୋଇ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପରିଷଦ ଅଧୀନ ୨୧ଟି ୱାର୍ଡ ମଧ୍ୟରୁ ଉପାଧ୍ୟକ୍ଷ ହେବାକୁ ୧୧ ଜଣ କାଉନସିଲରଙ୍କ ଆବଶ୍ୟକତା ଥିଲା। ଭାଜପା ସପକ୍ଷରେ ମାତ୍ର ୨ଜଣ କାଉନସିଲର ଥାଇ ସୁଦ୍ଧା ଦଳର ପ୍ରାର୍ଥୀ ବାଜିମାତ୍ କରିଛନ୍ତି। କଂଗ୍ରେସର ୭ ଓ ସ୍ୱାଧୀନ ୨ କାଉନ୍‌ସିଲରଙ୍କ ସହଯୋଗରେ ଭାଜପା ପ୍ରାର୍ଥୀ ବିଶୋଇ ୧୧ ଖଣ୍ଡ ଭୋଟ ପାଇ ଜିତିଥିଲେ। ବିଜେଡିର ମନୋଜ ମହାନ୍ତିଙ୍କୁ ୧୦ଟି ଭୋଟ ମିଳିଥିଲା, ଯେଉଁଥିରେ ମହାନ୍ତିଙ୍କ ସହ ଅନ୍ୟ ୮ ଦଳୀୟ ଓ ଜଣେ ସ୍ୱାଧୀନ କାଉନ୍‌ସିଲର ଥିଲେ। ଜଗତ୍‌ସିଂହପୁର ରାଜନୀତିରେ ଏହା ନୂଆ ଇତିହାସ ସୃଷ୍ଟି କରିଛି।

ଗୁରୁବାର ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସମସ୍ତ ୨୧ ଜଣ କାଉନ୍‌ସିଲର ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ବିଜେଡିରୁ ମନୋଜ ଓ ଭାଜପାରୁ ରାଜେନ୍ଦ୍ର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯାଞ୍ଚ ହୋଇଥିଲା। ୧୨ଟାରୁ ଅପରାହ୍ନ ୧ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିଲେ। ଅପରାହ୍ନ ସାଢ଼େ ୧ଟାରେ ମତଦାନ ଆରମ୍ଭ ହୋଇ ୨ଟାରେ ଗଣତି ପରେ ଫଳ ପ୍ରକାଶ ପାଇଥିଲା। ନିର୍ବାଚନରେ ବିଜେଡି ପକ୍ଷରୁ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଭାଜପା ପ୍ରାର୍ଥୀଙ୍କ ପାଇଁ ମିଡିଆ ସେଲ ମୁଖ୍ୟ ଗଣେଶ ମହାନ୍ତି ଏଜେଣ୍ଟ ରହିଥିଲେ। ଉପାଧ୍ୟକ୍ଷ ନିର୍ବାଚନ ଫଳାଫଳ କ'ଣ ହେବ ତାକୁ ନେଇ ସାଧାରଣରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଫଳ ଘୋଷଣା ପରେ ଭାଜପା, କଂଗ୍ରେସ ଓ ୨ ସ୍ୱାଧୀନ ପ୍ରାର୍ଥୀଙ୍କ ସମର୍ଥକମାନେ ବାଣ ଫୁଟାଇ ସେଲିବ୍ରେଶନ୍ କରିଥିଲେ। ନୂଆ ଉପାଧ୍ୟକ୍ଷଙ୍କୁ ସ୍ୱାଗତ କରିବା ସହ ସହର ପରିକ୍ରମା କରାଇଥିଲେ।

## ଭୋଟ ଦେଲେନି ୪ ଭାଜପା କାଉନ୍‌ସିଲର

ବାସୁଦେବପୁର, ୭।୪ (ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଉପାଧ୍ୟକ୍ଷ ଭାବେ ୯ ନଂ. ୱାର୍ଡର ବିଜେଡି କାଉନ୍‌ସିଲର ଉତ୍ତମ କୁମାର ବାରିକ ନିର୍ବାଚିତ ହୋଇଛନ୍ତି। ୨୩ ୱାର୍ଡରୁ ବିଜେଡି ୧୦, କଂଗ୍ରେସ ୯ ଓ ଭାଜପା ୪ଟି ଦଖଲ କରିଥିଲା। ଏହି ନିର୍ବାଚନରେ ଭାଜପାର ୪ କାଉନ୍‌ସିଲର ଭୋଟଦାନରୁ ବିରତ ରହିଥିଲେ। ଫଳରେ ବିଜେଡି ପ୍ରାର୍ଥୀ ଉତ୍ତମଙ୍କ ସପକ୍ଷରେ ୧୦ ଓ କଂଗ୍ରେସ ପ୍ରାର୍ଥୀ ଭକ୍ତରଞ୍ଜନଙ୍କ ସପକ୍ଷରେ ୯ ଖଣ୍ଡ ଭୋଟ୍ ପଡ଼ିଥିଲା।

**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୪-ଟେଣ୍ଡର-ଇଏଲ୍‌ସିଏନ୍-ସିକେପି-୨୧-୨୨, ତାରିଖ: ୦୫।୦୪।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଏନ), ଏସ୍.ଇ. ରେଳପଥ, ରାଉରକେଲାଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ବଣ୍ଡମୁଣ୍ଡାଠାରେ ବାହ୍ୟ ଆଲୋକୀକରଣ ସମେତ ରୋହା ଡିପୋ ଏବଂ ଷ୍ଟୋର ବିଲ୍ଡିଂର ସମ୍ପ୍ରସାରିତ ଅଂଶର ବିଦ୍ୟୁତୀକରଣ । **ଟେଣ୍ଡର ମୂଲ୍ୟ:** ₹୪୦,୮୯,୧୮୭/- । **ଇଏମ୍‌ଡି:** ₹୮୧,୮୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ । **ଧାର୍ଯ୍ୟ ତାରିଖ ଓ ସମୟ:** ତା୦୪।୦୫।୨୦୨୨ରିଖ ୧୨.୦୦ ଘଟିକା । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା ଏବଂ ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-15)

**BIJU PATTANAIK**
**FILM & TELEVISION INSTITUTE OF ORISSA**
BOSE Campus, Cuttack-753 007
Tel No. 0671-2413968 /2415480
email : bpftio123@gmail.com

**ADMISSION NOTICE -2022**

Biju Pattanaik Film & Television Institute of Orissa, Cuttack is the only Government Institute under SD&TE Department & Directorate of Technical Education & Training, Odisha.

ON-LINE Application forms are invited for admission 4 years Bachelor Programme in Cinematic Art and Technology in the following courses for the Academic Session 2022-23.

| Sl. No. | Course | No. of Seats | Entry Qualification |
|---|---|---|---|
| 1. | Cinematography | 20 | Intermediate (10+2) in Science from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |
| 2. | Sound Recording & Sound Design | 20 | |
| 3. | Film Editing | 20 | Intermediate (10+2) in Science/Arts/Commerce from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |

Desirous candidates may apply through OJEE (www.ojee.nic.in).
The last date of submission of online Application Form is 13.04.2022.

**For any Queries Contact :**
**8249889162, 9437069564, 9439978071**

**Sd./- Director**

**Make your Career in**
**Film Making, Media Sectors in Govt. & Private Television Channels & Radio Stations**
**For Details Visit : www.bpftio.org**

# ଆୟୁଷ୍ମାନ ବନାମ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ

- ୬୦ଲକ୍ଷ ପରିବାର ଆୟୁଷ୍ମାନ ଯୋଜନା ସୁବିଧା ପାଇବାରୁ ବଞ୍ଚିତ: ସମୀର
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବେଶ୍ ଲାଭଦାୟକ: ବିଜେଡି

ଭୁବନେଶ୍ୱର,୭।୪(ବ୍ୟୁରୋ)

କେନ୍ଦ୍ର ସରକାର 'ୱାନ୍ ନେଶନ, ୱାନ୍ ହେଲ୍‌ଥ' କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୁଷ୍ମାନ ଯୋଜନା ଆରମ୍ଭ କରିଛନ୍ତି। କିନ୍ତୁ ପଶ୍ଚିମବଙ୍ଗ, ତେଲଙ୍ଗାନା, ଓଡ଼ିଶା, ଦିଲ୍ଲୀ ଭଳି ୪ଟି ରାଜ୍ୟର ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିନାହାନ୍ତି। ଓଡ଼ିଶାର ୬୦ ଲକ୍ଷ ପରିବାରକୁ କାହିଁକି ଆୟୁଷ୍ମାନ ଭାରତ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ କରାଯାଉଛି ରାଜ୍ୟ ସରକାର ଉତ୍ତର ଦିଅନ୍ତୁ ବୋଲି ଗୁରୁବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ବିଜେଡି ଏମ୍‌ପି ମୁନା ଖାଁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାଠାରୁ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଯଥେଷ୍ଟ ଗୁଣରେ ଭଲ ଓ ଲାଭଦାୟକ। ମହିଳାଙ୍କ ଲାଗି ରାଜ୍ୟ ଯୋଜନାରେ ବହୁ ସୁବିଧା ଦିଆଯାଇଛି। କେନ୍ଦ୍ର ସରକାରଙ୍କୁ କିଛି ପ୍ରସ୍ତାବ ଦିଆଯାଇଥିଲା ଆୟୁଷ୍ମାନ ଯୋଜନା ସହ ଯୋଡ଼ିବା ଲାଗି, ହେଲେ ସେମାନେ କଥା ରଖିଲେ ନାହିଁ ବୋଲି ମୁନା କହିଛନ୍ତି।

# ଅକବରୀଙ୍କୁ ଭୋଟ ଦେଲେ ୪ ସ୍ୱାଧୀନ କାଉନ୍‌ସିଲର

**କେନ୍ଦ୍ରାପଡ଼ା ପୌର ଉପାଧ୍ୟକ୍ଷ ନିର୍ବାଚନ**



ଅକବରୀ ଖାତୁନ

କେନ୍ଦ୍ରାପଡ଼ା ଅଫିସ, ୭।୪

କେନ୍ଦ୍ରାପଡ଼ା ପୌର ପରିଷଦ ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଗୁରୁବାର ଅନ୍ତ ଘଟିଛି। ବିଜେଡିରୁ ନିଲମ୍ବିତ ୪ ସ୍ୱାଧୀନ କାଉନସିଲର ଦଳର ଉପାଧ୍ୟକ୍ଷ ପ୍ରାର୍ଥୀ ଅକବରୀ ଖାତୁନଙ୍କୁ ଭୋଟ ଦେଇଛନ୍ତି। ଫଳରେ ଅକବରୀ ବିଜେଡିର ୧୧ କାଉନସିଲର ଓ ଦଳରୁ ନିଲମ୍ବିତ ୪ ସ୍ୱାଧୀନ କାଉନସିଲରଙ୍କ ଭୋଟକୁ ମିଶାଇ ମୋଟ୍ ୧୫ ଭୋଟ ପାଇ ବିଜୟ ହୋଇଛନ୍ତି। ଅକବରୀଙ୍କ ସହ ମୁକାବିଲା କରୁଥିବା କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଦାସ ନିଜ ଦଳର ୫ କାଉନସିଲରଙ୍କ ଭୋଟ ପାଇ ପରାଜୟ ହୋଇଛନ୍ତି। ଭାଜପାର ଜଣେ କାଉନସିଲର ଭୋଟଦାନରୁ ବିରତ ରହିଛନ୍ତି।

ଚଳିତ ପୌର ନିର୍ବାଚନରେ ମୋଟ ୨୧ ୱାର୍ଡରୁ ୧୧ଟିରେ ବିଜେଡି, ୫ଟିରେ କଂଗ୍ରେସ, ଗୋଟିଏ ୱାର୍ଡରେ ଭାଜପା ଓ ୪ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେବେ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିଥିବା କାଉନସିଲର କାଳିପ୍ରସାଦ ମିଶ୍ର, ରଶ୍ମିତା ସିଂହ, ସେକ୍ ଅସଲାମ ଓ ଶୁଭଶ୍ରୀ ନିବେଦିତା ସ୍ୱାଇଁ ପୂର୍ବରୁ ବିଜେଡିରେ ଥିଲେ। ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ସେମାନେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନ କରିବାରୁ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା। ଶେଷରେ ସେମାନେ ନିର୍ବାଚନ ଲଢ଼ି ବିଜୟ ହୋଇଥିଲେ। ଉପାଧ୍ୟକ୍ଷ ପଦବୀ ପାଇଁ ମ୍ୟାଜିକ ନମ୍ବର ୧୧ ବିଜେଡି ହାତରେ ଥିଲା। ଏଣେ ସ୍ୱାଧୀନ କାଉନସିଲରଙ୍କ ସହିତ ବିରୋଧୀଙ୍କ ହାତରେ ମୋଟ ୧୦ ସଦସ୍ୟ ଥିଲେ। ସେମାନେ ବିଜେଡିରୁ ଗୋଟିଏ କାଉନସିଲରଙ୍କୁ କ୍ରସ ଭୋଟିଂ କରାଇବେ ବୋଲି ଆଲୋଚନା ଜୋର ଧରିଥିଲା। ଏପରି କି ଉପାଧ୍ୟକ୍ଷ ନିର୍ବାଚନ ଆରମ୍ଭ ପର୍ଯ୍ୟନ୍ତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଦଳୀୟ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇ ନ ଥିବାରୁ ସେମାନେ ଭୋଟରେ ଭାଗ ନେବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା।

**NOTICE**
**IN THE DEBTS RECOVERY TRIBUNAL : CUTTACK**
**C-71, Sector-7, CDA, Cuttack- 753014**
**O.A.No. 38 of 2020**

**Utkal Grameen Bank,** Paikmal Branch .....Applicant
-Versus-
**M/s Nrusinghnath Neer** and Others ....Defendants

To,
1: **M/s Nrusinghnath Neer,** (Mineral Water Plant) a Proprietorship firm, At/PO- Paikmal, Dist. Bargarh, Represented Through its Proprietor Rajesh Kumar Patel.
2: **Mr. Rajesh Kumar Patel,** S/o Rabji Bhai Patel, At. Jharbandh Road, P.O. Paikmal, Dist. Bargarh.
3: **Mr. Ashok Kumar Agarwal,** S/o Radheshyam Agarwal, At. Jharbandh Road, P.O. Paikmal, Dist. Bargarh.
4: **Smt. Nalini Padhan,** W/o Tirupati Padhan, At. Jharbandh Road, P.O. Paikmal, Dist. Bargarh.
......Defendants

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED FOR SHOULD NOT BE GRANTED**

Take notice that the Applicant has instituted a suit in O.A. No.38 of 2020 in the court of Debts Recovery Tribunal at Cuttack for recovery of **Rs. 36,75,426/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorized agent, in support of their defence to show cause on **Dt.20/05/2022 at 10.30 AM** as to why the reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal, on this the 4th April, 2022.

Sd/- Registrar
Debts Recovery Tribunal,
Cuttack

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/PJ/O/SU/ 004**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**For Supply of 12.5 MVA, 33/11 KV Power Transformers.**

Interested bidders to submit Tender Participation Fee and Authorization Letter through email on or before 18th April. 2022, 1500Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

राष्ट्रीय परीक्षा एजेंसी
**National Testing Agency**
Excellence in Assessment
विश्वविद्यालय अनुदान आयोग
University Grants Commission
(उच्चतर शिक्षा विभाग, शिक्षा मंत्रालय, भारत सरकार के तहत एक स्वायत्त संगठन)
(An Autonomous Organization under the Department of Higher Education, Ministry of Education, Government of India)

**ସର୍ବସାଧାରଣ ବିଜ୍ଞପ୍ତି**
**ତାରିଖ: ୬ ଏପ୍ରିଲ ୨୦୨୨**

**ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ୟୁଜି) ୨୦୨୨ ନିମନ୍ତେ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ**

ତା୨୧।୦୩।୨୦୨୨ରିଖର ୟୁଜିସି ସର୍ବସାଧାରଣ ନୋଟିସ ସନ୍ଦର୍ଭରେ, ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ୨୦୨୨-୨୩ ଶିକ୍ଷାବର୍ଷ ଲାଗି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-ୟୁଜି)-୨୦୨୨ ସଞ୍ଚାଳନ କରିବାକୁ ଯାଉଛି ।

(ସିୟୁଇଟି-ୟୁଜି)-୨୦୨୨ ସାରାଦେଶରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁ)ଗୁଡ଼ିକରେ ବିଭିନ୍ନ ଅଣ୍ଡରଗ୍ରାଜୁଏଟ୍ କାର୍ଯ୍ୟକ୍ରମରେ ନାମ ଲେଖାଇବା ପାଇଁ ଚାହୁଁଥିବା ବିଦ୍ୟାର୍ଥୀମାନଙ୍କୁ ଏକ ସିଙ୍ଗଲ-ୱିଣ୍ଡୋ ସୁଯୋଗ ଯୋଗାଇବ ।

(ସିୟୁଇଟି-ୟୁଜି)-୨୦୨୨ ବିଭିନ୍ନ ଭାଷା, କ୍ଷେତ୍ର-ନିର୍ଦ୍ଦିଷ୍ଟ ବିଷୟ ଏବଂ ସାଧାରଣ ପରୀକ୍ଷା ଆକାରରେ ପରୀକ୍ଷା କରିଥାଏ । ପ୍ରାର୍ଥୀମାନେ ଯେଉଁ ବିଶ୍ୱବିଦ୍ୟାଳୟ/ଗୁଡ଼ିକରେ ନାମଲେଖାଇବାକୁ ଚାହୁଁଛନ୍ତି ତାହାର ଆବଶ୍ୟକତା ଅନୁଯାୟୀ (ସିୟୁଇଟି-ୟୁଜି)-୨୦୨୨ ଅଧୀନରେ ଉପଲବ୍ଧ ଏକ କିମ୍ବା ଏକାଧିକ ପରୀକ୍ଷାକୁ ଚୟନ କରିପାରିବେ ।

(ସିୟୁଇଟି-ୟୁଜି)-୨୦୨୨ ୧୩ଟି ଭାଷାରେ ସଞ୍ଚାଳିତ ହେବ ଯଥା- ଇଂରାଜୀ, ହିନ୍ଦୀ, ଅସମୀୟା, ବଙ୍ଗଳା, ଗୁଜରାଟୀ, କନ୍ନଡ଼, ମାଲୟାଲମ୍, ମରାଠୀ, ଓଡ଼ିଆ, ପଞ୍ଜାବୀ, ତାମିଲ, ତେଲୁଗୁ ଓ ଉର୍ଦ୍ଦୁ । ପରୀକ୍ଷା ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଅନୁସୂଚୀ ନିମ୍ନ ଅନୁଯାୟୀ ଅଟେ:

| | |
|---|---|
| ଅନ୍‌ଲାଇନ୍‌ରେ ଦରଖାସ୍ତ ଫର୍ମ ଦାଖଲ | ୦୬ ଏପ୍ରିଲ ୨୦୨୨ରୁ ୦୬ ମେ ୨୦୨୨ (ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ) |
| ଦରଖାସ୍ତ ଦେୟ ଦାଖଲ | ୦୬ ମେ, ୨୦୨୨ (ରାତ୍ର ୧୧.୫୦ ଘଟିକା ପର୍ଯ୍ୟନ୍ତ) |
| ପରୀକ୍ଷା ପଦ୍ଧତି | କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ପଦ୍ଧତି |
| ପରୀକ୍ଷାର ଢାଞ୍ଚା | ଏକାଧିକ ବିକଳ୍ପ ବିଶିଷ୍ଟ ପ୍ରଶ୍ନାବଳୀ |
| ପରୀକ୍ଷା କେନ୍ଦ୍ରଗୁଡ଼ିକର ଘୋଷଣା | ପରବର୍ତ୍ତୀ ସମୟରେ ୱେବ୍‌ସାଇଟ୍‌ରେ ସୂଚିତ କରାଯିବ |
| ଏନ୍‌ଟିଏ ୱେବ୍‌ସାଇଟ୍‌ରୁ ପ୍ରବେଶପତ୍ର ଡାଉନ୍‌ଲୋଡିଂ | ପରବର୍ତ୍ତୀ ସମୟରେ ୱେବ୍‌ସାଇଟ୍‌ରେ ସୂଚିତ କରାଯିବ |
| ପରୀକ୍ଷା ତାରିଖ | ଜୁଲାଇ ୨୦୨୨ର ପ୍ରଥମ/ଦ୍ୱିତୀୟ ସପ୍ତାହ |

ପ୍ରାର୍ଥୀମାନେ କେବଳ ୱେବ୍‌ସାଇଟ୍ https://cuet.samarth.ac.in ମାଧ୍ୟମରେ "ଅନ୍‌ଲାଇନ୍" ପଦ୍ଧତିରେ (ସିୟୁଇଟି-ୟୁଜି)-୨୦୨୨ ପାଇଁ ଆବେଦନ କରିପାରିବେ ।

ପ୍ରାର୍ଥୀମାନେ ସୁନିଶ୍ଚିତ କରିବେ ଯେ ଅନ୍‌ଲାଇନ୍ ଆବେଦନ ଫର୍ମରେ ଦିଆଯାଇଥିବା ଇ-ମେଲ୍ ଠିକଣା ଓ ମୋବାଇଲ ନମ୍ବରଟି ସେମାନଙ୍କର ନିଜସ୍ୱ କିମ୍ବା ପିତାମାତା/ଅଭିଭାବକଙ୍କର ଅଟେ କାରଣ ସମସ୍ତ ସୂଚନା/ଯୋଗାଯୋଗ ଏନ୍‌ଟିଏ ଦ୍ୱାରା କେବଳ ପଞ୍ଜୀକୃତ ଇ-ମେଲ୍ ଠିକଣାରେ ଇ-ମେଲ୍ କରିଆରେ କିମ୍ବା ପଞ୍ଜୀକୃତ ମୋବାଇଲ ନମ୍ବର କରିଆରେ ଏସ୍‌ଏମ୍‌ଏସ୍ ଦ୍ୱାରା ପଠାଯିବ ।

ପାଠ୍ୟଖସଡ଼ା, ପରୀକ୍ଷାର ଢାଞ୍ଚା, ଅଂଶଗ୍ରହଣର ଯୋଗ୍ୟତା ମାନଦଣ୍ଡ, ବୟସ, ସଂରକ୍ଷଣ, ପରୀକ୍ଷା ଦେୟ, ପରୀକ୍ଷା କେନ୍ଦ୍ରର ସହର ଆଦିର ସବିଶେଷ ସୂଚନା ବୁଲେଟିନ୍ ୱେବ୍‌ସାଇଟ୍ https://cuet.samarth.ac.in ରେ ଉପଲବ୍ଧ । ଅଧିକ ସ୍ପଷ୍ଟୀକରଣ ପାଇଁ ପ୍ରାର୍ଥୀମାନେ ୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ କିମ୍ବା ଇମେଲ: cuet-ug@nta.ac.in ସହିତ ଯୋଗାଯୋଗ କରିପାରନ୍ତି ।

(ଡା. ସାଧନା ପରାଶର)
ବରିଷ୍ଠ ନିର୍ଦ୍ଦେଶକ (ପରୀକ୍ଷା)

davp 21354/12/0001/2223

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। **–ଶ୍ରୀଅରବିନ୍ଦ**

# ଓର୍ବାନ୍ କାହିଁକି ଜିତିଲେ




ଡୋରୋଟ୍ୟା ସିଜକ୍ରା
ସିନିୟର ରିସର୍ଚ୍ଚର, ସେଣ୍ଟର ଫର୍ ସୋସିଆଲ ସାଇନ୍ସ, ବୁଦାପେଷ୍ଟ

ମିଚେଲ୍ ଏ.ଓରିନ୍‌ଷ୍ଟାଇନ
ପ୍ରଫେସର, ରୁଷିଆନ ଆଣ୍ଡ ଇଷ୍ଟ ୟୁରୋପିଆନ୍ ଷ୍ଟଡିଜ, ୟୁନିଭର୍ସିଟି ଅଫ୍ ପେନ୍‌ସିଲ୍‌ଭାନିଆ

ହଙ୍ଗେରୀର ଏକଛତ୍ରବାଦୀ ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ ଲଗାତର ଚତୁର୍ଥ ଥର ପାଇଁ ନିର୍ବାଚନ ଜିତିବେ ବୋଲି ଯାହା ଆଶା କରାଯାଉଥିଲା ତାହା ହିଁ ହେଲା। ଏକ ଭ୍ରଷ୍ଟ ନିର୍ବାଚନ ପଦ୍ଧତି ଏବଂ ସରକାର ନିୟନ୍ତ୍ରଣାଧୀନ ମିଡିଆ ହେତୁ ମିଳିତ ବିରୋଧୀ ମେଣ୍ଟ ଭୋଟରଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇପାରିଲା ନାହିଁ। କିନ୍ତୁ ଯେଉଁ ପରିମାଣ ଭୋଟରେ ଓର୍ବାନ ବିଜୟ ହାସଲ କଲେ ସେଥିରେ ଅଧିକାଂଶ ପର୍ଯ୍ୟବେକ୍ଷକ ଆଶ୍ଚର୍ଯ୍ୟ ହୋଇଗଲେ। ୟୁନାଇଟେଡ୍ ଫର୍ ହଙ୍ଗେରୀର ପ୍ରାର୍ଥୀ ପିଟର୍ ମାର୍କି ଜେ ପପୁଲାର ଭୋଟ୍ ୩୫% ପାଇଥିବାବେଳେ ଓର୍ବାନ ପାଇଛନ୍ତି ୫୩%। ଫଳରେ ଓର୍ବାନ୍‌ଙ୍କ ଫାଇଡ୍‌ଜି ପାର୍ଟି ବଡ଼ ଅନ୍ତରରେ ନିର୍ବାଚନ ଜିତି ପାର୍ଲାମେଣ୍ଟରେ ବୃହତ୍ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ଏହା ମଧ୍ୟ ୟୁରୋପୀୟ ସଂଘ ପାଇଁ ବଡ଼ ପରାଜୟ। ଓର୍ବାନଙ୍କ ସପକ୍ଷରେ ଆସିଥିବା ନିର୍ବାଚନ ପରିଣାମ ସମ୍ଭବତଃ ହଙ୍ଗେରୀର ମିଳିତ ବିରୋଧୀଙ୍କୁ ଆର୍ଥିକ କାରଣଗୁଡ଼ିକ ଉପରେ ଅଧିକ ବିଚାର କରିବାକୁ ବାଧ କରିବ। ୨୦୧୦ ନିର୍ବାଚନରେ ଫାଇଡ୍‌ଜିର ବ୍ୟାପକ ବିଜୟ ପରେ, ବର୍ଷ ବର୍ଷ ଧରି ଆର୍ଥିକ କଠିନ ସ୍ଥିତିରେ ଅଧିକାଂଶ ହଙ୍ଗେରୀବାସୀ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ହୋଇଥିବା ଅନୁଭବ କରିଥିଲେ। ୨୦୧୪ ପରେ ଆସିଥିବା ଆର୍ଥିକ ସୁଧାର ଅନେକ ହଜାର ଚାକିରି ସୃଷ୍ଟି କରିଥିଲା ଏବଂ ଏହା ଓର୍ବାନ୍‌ଙ୍କୁ ସାହାଯ୍ୟ କଲା। ତାଙ୍କ ନୀତିଗୁଡ଼ିକ ଫାଇଡ୍‌ଜି ପାଇଁ ଆର୍ଥିକ ଏବଂ ସାମାଜିକ ସ୍ତରରେ ବିଭିନ୍ନ ବର୍ଗର ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ସଂଗଠିତ କରିପାରିଥିଲା। ହଙ୍ଗେରୀର ଉଦାରବାଦୀ ବିରୋଧୀ ଏହି ନୀତିଗୁଡ଼ିକୁ ଉପହାସ କରିଛି ଏବଂ ଏହାର ବିକଳ୍ପ ଯୋଗାଇଦେବାକୁ ବି ଅକ୍ଷମ ହୋଇଛି।

ନିର୍ବାଚନ ପୂର୍ବରୁ କେତେକ ମିଡିଆ ରିପୋର୍ଟ ଓର୍ବାନଙ୍କ ସ୍ଥିର ଗ୍ୟାସ୍ ଦର ଏବଂ ଖାଦ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଲୋକମାନଙ୍କୁ ଦିଆଯାଉଥିବା ବ୍ୟାପକ ସୁବିଧା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ୨୦୨୧ ଶେଷରେ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ବୃଦ୍ଧିକୁ ଦୃଷ୍ଟିରେ ରଖି ଓର୍ବାନ ଅଟା, ଚିନି, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଓ ଚିକେନ୍ ମୂଲ୍ୟକୁ ନିୟନ୍ତ୍ରଣରେ ରଖିଥିଲେ। ଏପରିକି ସରକାର ମଧ୍ୟ ଗ୍ୟାସ୍ ଷ୍ଟେଶନ୍‌ଗୁଡ଼ିକରେ ଇନ୍ଧନ କମ୍ ମୂଲ୍ୟରେ ବିକ୍ରି କରିବାକୁ ଆବଶ୍ୟକ ମଣିଲେ। ଏଥିପାଇଁ ୟୁକ୍ରେନ୍ ଯୁଦ୍ଧ ପରେ ଏକମାତ୍ର ୟୁରୋପୀୟ ଦେଶ ଭାବେ ହଙ୍ଗେରୀରେ ତୈଳ ଦର ବଢ଼ି ନ ଥିଲା। ଏହି ସବୁ କାର୍ଯ୍ୟକଳାପ ଓର୍ବାନଙ୍କ ଭାବମୂର୍ତ୍ତିକୁ ପୁଣି ଥରେ ମଜଭୁତ କଲା ଏବଂ ସାଧାରଣ ଲୋକଙ୍କ ହୃଦୟ ଜିତିପାରିଲା। କିନ୍ତୁ ଭୋଟରମାନଙ୍କ ଜୀବନ ଜୀବିକାରେ ଉନ୍ନତି ଆଣିବା ଲାଗି ଓର୍ବାନଙ୍କ ଦୀର୍ଘମିଆଦୀ ନୀତିଗୁଡ଼ିକ ଅଧିକାଂଶ ବିଶ୍ଳେଷକଙ୍କ ନଜର ଆଢୁଆଳରେ ରହିଥିବା ଭଳି ମନେ ହେଉଛି। ଏହି ନୀତିଗୁଡ଼ିକ ଓର୍ବାନଙ୍କ ସ୍ଥାୟୀ ଲୋକପ୍ରିୟତା ଓ ସମର୍ଥନର ଆଧାର ହୋଇଥିବା ସତ୍ତ୍ୱେ ଏଗୁଡ଼ିକୁ ସେମାନେ ଅଣଦେଖା କରିଥିବା ଜଣାପଡୁଛି। ଏହିସବୁ ନୀତି ରୋଜଗାର ବୃଦ୍ଧି ଏବଂ ଟିକସ ଓ ଜୀବନବୀମା କାଟିବା ପରେ କର୍ମଚାରୀ ପାଉଥିବା ଦରମା, କାମ କରୁ ନ ଥିବା ଗରିବଙ୍କ ତୁଳନାରେ ସନ୍ତାନ ଥିବା କର୍ମଜୀବୀ ପରିବାରଗୁଡ଼ିକୁ ଅତ୍ୟଧିକ ସାମାଜିକ ସୁବିଧା ଯୋଗାଇଦେବା ଆଦି ଜାତୀୟ ପୁନର୍ଗଠନ ସମ୍ପର୍କିତ ଆଲୋଚନାରେ ଅଧିକ ପ୍ରକାଶ କରାଗଲା।

୧୯୮୯ ପରେ ନବଉଦାରବାଦର ପରିବର୍ତ୍ତିତ ନୀତିଗୁଡ଼ିକ ଯୋଗୁ ହଙ୍ଗେରୀରେ ୧୦ ଲକ୍ଷ ଚାକିରି ହ୍ରାସ ପାଇଥିଲା। ଓର୍ବାନ କ୍ଷମତାକୁ ଆସିବା ପରେ ଚାକିରି ଫେରାଇଆଣିବା ପାଇଁ ପ୍ରୟାସ ଜାରି ରଖିଲେ। ତାଙ୍କ ସରକାର ବିଭିନ୍ନ ପଦ୍ଧତିରେ ରୋଜଗାର ବଢ଼ାଇ ଏକ 'କର୍ମ ଆଧାରିତ ସମାଜ' ଗଠନ କରିବା ସହ ଅଧିକ କର୍ମଚାରୀଙ୍କ ପାଇଁ ଟିକସ ରିହାତି କରି ଏହାକୁ ସୁଧାରିବାକୁ ଚାହିଁଲେ। ଗ୍ରାମାଞ୍ଚଳରେ ଗରିବଙ୍କ ପାଇଁ ଏକ ଲୋକପ୍ରିୟ ସାର୍ବଜନୀନ ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ କଲେ ଯାହା ୨ ଲକ୍ଷ ଚାକିରି ସୃଷ୍ଟି କରିପାରିଲା। ଯେଉଁମାନେ ନବଉଦାରବାଦ ଆର୍ଥିକ ପରିବର୍ତ୍ତନରେ ପଛରେ ପଡ଼ିଯାଇଥିଲେ ବୋଲି ମନେକରୁଥିଲେ ସେମାନେ ଏହି ଚାକିରି ଯୋଜନାକୁ ସମର୍ଥନ କଲେ ଓ ଏହା ଓର୍ବାନଙ୍କ ଲୋକପ୍ରିୟତା ବଢ଼ାଇଲା। ଓର୍ବାନଙ୍କ ସରକାର ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧି କରିବା ଲାଗି ଟିକସ ଓ ଅନ୍ୟ ନୀତିଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ତାହାକୁ ଲାଗୁ କରିବା ଯୋଗୁ କମ୍ ଆୟବର୍ଗର ଲୋକଙ୍କ ସହ ଅଧିକାଂଶ ହଙ୍ଗେରୀବାସୀ ସୁଖଦ ଅନୁଭବ କଲେ। ୨୦୧୦ ଦଶନ୍ଧିର ମଧ୍ୟ ଭାଗରୁ ସରକାର ଭଲ କରୁଛନ୍ତି ବୋଲି ସେମାନଙ୍କର ହୃଦ୍‌ବୋଧ ହେଲା। ଓର୍ବାନ ପ୍ରତିବର୍ଷ ଧୀରେ ଧୀରେ ବାଧ୍ୟତାମୂଳକ ସର୍ବନିମ୍ନ ମଜୁରି ବୃଦ୍ଧି କଲେ। ୨୦୧୮ରେ ଜୀବନଧାରଣ ଲାଗି ଥିବା ସର୍ବନିମ୍ନ ମଜୁରି ସ୍ତରକୁ ଅତିକ୍ରମ କରିବା ଯାଏ ସେ ଏହା କରିଚାଲିଲେ। ୧୯୮୯ ପରଠାରୁ ଏଭଳି ବୃଦ୍ଧି ପ୍ରଥମ ଥର ହୋଇପାରିଲା। ଏବକାର ନିର୍ବାଚନ ପାଇଁ ଓର୍ବାନ ସରକାର ପୁଣି ଥରେ ସର୍ବନିମ୍ନ ମଜୁରି ୨୦% ବୃଦ୍ଧି କରିଥିଲେ। ଏହାଦ୍ୱାରା ୧୦ ଲକ୍ଷ କର୍ମଚାରୀ ସିଧାସଳଖ ଉପକାର ପାଇଲେ।

ଚାକିରି ଓ ମଜୁରିରେ ଏହିସବୁ ସୁବିଧା ଯୋଗାଇଦେବା ସହ ଓର୍ବାନ ମଧ୍ୟ ପରିବାର ନୀତିଗୁଡ଼ିକ ମାଧ୍ୟମରେ ତାଙ୍କ ଲୋକପ୍ରିୟତା ବଢାଇଥିଲେ। ସେ ସନ୍ତାନ ଥିବା ପରିବାରଗୁଡ଼ିକୁ ଅଭୂତପୂର୍ବ ଭାବେ ସରକାରୀ ସଂସାଧନ ଯୋଗାଇ ଦେଇଥିଲେ। ବେରୋଜଗାର ପରିବାର, ସରକାରୀ କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ଏବଂ ଅର୍ଥ ବ୍ୟବସ୍ଥାରେ ବିତ୍ତୀୟ ଓ ଅନ୍ୟ କାରବାରରେ ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ ଲୋକମାନଙ୍କୁ ବାଦ୍ ଦେଇ ଓର୍ବାନ ସଂଗଠିତ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ପରିବାରଗୁଡ଼ିକ ଉପରେ ତାଙ୍କ ସରକାରୀ ସଂସାଧନଗୁଡ଼ିକୁ କେନ୍ଦ୍ରିତ କରିଥିଲେ। ଉଦାହରଣସ୍ୱରୂପ, ତିନି କିମ୍ବା ଚାରିଟି ସନ୍ତାନ ଥିବା ପରିବାରଗୁଡ଼ିକୁ ୨୦୧୨ରୁ ବ୍ୟକ୍ତିଗତ ଆୟ କର (ପିଆଇଟି)ରୁ ମୁକ୍ତ କରାଯାଇଛି। ୨୦୧୯ରୁ ପରିବାରଗୁଡ଼ିକ କାର୍ ଏବଂ ଘର ନିର୍ମାଣ କିମ୍ବା କିଣିବା ଲାଗି ଅଧିକ ଅନୁଦାନ ଓ ଋଣ ପାଇଛନ୍ତି ଏବଂ ୨୦୨୨ର ପ୍ରାରମ୍ଭରେ ସମ୍ପୂର୍ଣ୍ଣ ପିଆଇଟି ଦାଖଲ କରିଛନ୍ତି। ୨୦୧୪ ପରେ ରୋଜଗାର ବଢ଼ିଥିବାରୁ ଅଧିକରୁ ଅଧିକ ପରିବାର ଲାଭବାନ୍ ହୋଇଛନ୍ତି। ପରିବାର ସପକ୍ଷବାଦୀ ନୀତିଗୁଡ଼ିକର ଗୁରୁତ୍ୱ ପ୍ରକାଶ କରିବାକୁ ଯାଇ ମାର୍ଚ୍ଚରେ ଫାଇଡ୍‌ଜି ନିୟନ୍ତ୍ରଣାଧୀନ ପାର୍ଲାମେଣ୍ଟ ଏହି ନୀତିଗୁଡ଼ିକୁ ଲାଗୁ କରିବା ଦାୟିତ୍ୱରେ ଥିବା ମନ୍ତ୍ରୀ କଟାଲିନ୍ ନୋଭାକଙ୍କୁ ହଙ୍ଗେରୀର ପ୍ରଥମ ରାଷ୍ଟ୍ରପତି କରିବାକୁ ଚୟନ କରିଥିଲା।

ବିଭିନ୍ନ ଶତ୍ରୁଙ୍କ ବିରୋଧରେ ଲଢ଼େଇ କରିବା ପାଇଁ ଓର୍ବାନ ତାଙ୍କ ସରକାରଙ୍କ ଆର୍ଥିକ ନୀତିଗୁଡ଼ିକ ପ୍ରସ୍ତୁତ କରିଛନ୍ତି। ମୁଖ୍ୟତଃ ମୁସଲମାନ ଅନୁପ୍ରବେଶକାରୀ ଏବଂ ୨୦୨୦ରୁ ପ୍ରଚାର କରାଯାଉଥିବା ଏଲ୍‌ଜିବିଟିକ୍ୟୁ ସିଦ୍ଧାନ୍ତ ବିରୋଧରେ ଏହା କରାଯାଇଛି। ସେ ଲୋକମାନଙ୍କୁ ଭୟଭୀତ କରାଇବାରେ ଏବଂ ନିଜକୁ ହଙ୍ଗେରୀର ରକ୍ଷକ ଭାବେ ଉପସ୍ଥାପିତ କରିବା ଏବଂ ପାରମ୍ପରିକ ପରିବାରକୁ ମଜଭୁତ କରିବାରେ ପୂରା ଗୁରୁ। ହଙ୍ଗେରୀର ପିଲାମାନଙ୍କ ସୁରକ୍ଷାକୁ ନେଇ ଦେଶସାରା ହୋର୍ଡିଂରେ ଜଣେ ରୁଷୀୟ ମା' ଏବଂ ଝିଅର ଛବି ବ୍ୟବହାର କରି ଫାଇଡ୍‌ଜି ତା' ନିର୍ବାଚନ ପ୍ରଚାର ଚଳାଇଲା। ସମଲିଙ୍ଗୀ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଭୋଟରମାନଙ୍କୁ ପ୍ରାର୍ଥନା କରିବା ସହ ନିର୍ବାଚନ ସମୟରେ ଏହା ଉପରେ ଜନମତ ସଂଗ୍ରହ କରିଥିଲା। କୌଣସି ଭୁଲ୍ ନ କରି ଓର୍ବାନଙ୍କ ଅର୍ଥନୈତିକ ନୀତିଗୁଡ଼ିକ ତାଙ୍କୁ ରାଜନୈତିକ ସଫଳତା ଦେବାରେ ବଡ଼ ଭୂମିକା ନେଇଛି। ତେବେ ବିରୋଧୀ ପ୍ରଭାବୀ ପ୍ରତିକ୍ରିୟା ପ୍ରକାଶ କରିବାରେ ଅକ୍ଷମ ହୋଇଛନ୍ତି। ଏହା ବ୍ୟତୀତ ଅନେକ ଭୋଟର ମାର୍କି ଜେ ଏବଂ ତାଙ୍କ ପଛରେ ଥିବା ଦଳଗୁଡ଼ିକୁ ହଙ୍ଗେରୀର କ୍ଷତି କରିଥିବା ନବଉଦାରବାଦୀ ଅର୍ଥନୈତିକ ନୀତି ଓ ୧୯୯୦ ଦଶକରେ କମ୍ୟୁନିଷ୍ଟ ଶାସନ ଥିବା ଦେଶଗୁଡ଼ିକ ସହ ଗଭୀର ସମ୍ପର୍କ ରହିଛି ବୋଲି ଭାବିଲେ। ଏଥିରୁ ବୁଝାପଡୁଛି, ହଙ୍ଗେରୀବାସୀ ୟୁରୋପୀୟ ନୀତିଗୁଡ଼ିକୁ ଉଲ୍ଲଂଘନ କରୁଥିବା ଜଣେ ଦୃଢ ନେତାଙ୍କୁ ଭୋଟ ଦେବାକୁ ଚାହୁଁଛନ୍ତି। ଆର୍ଥିକ ଓ ସାମାଜିକ ନୀତିଗୁଡ଼ିକୁ ନେଇ ଅଧିକ ଭୋଟରଙ୍କୁ ଆକର୍ଷିତ କରିପାରୁଥିବା ଏକ ସମ୍ମିଳିତ ନୀତି ପ୍ରସ୍ତୁତ କରିବା ଏବେ ହଙ୍ଗେରୀ ବିରୋଧୀଙ୍କ ପାଇଁ ଆହ୍ୱାନ। ଏହାସହ ବର୍ଦ୍ଧିତ ମଧ୍ୟମ ବର୍ଗ ଓ ଯେଉଁମାନେ ଆର୍ଥିକ ପରିବର୍ତ୍ତନ ଏବଂ ଓର୍ବାନଙ୍କ ନୀତିଗୁଡ଼ିକ ଦ୍ୱାରା ପଛରେ ରହିଯାଇଛନ୍ତି, ସେମାନଙ୍କୁ ମଧ୍ୟ ଆକର୍ଷିତ କରିବାକୁ ବିରୋଧୀ ଦଳ କାର୍ଯ୍ୟ କରିବାକୁ ପଡ଼ିବ।

## ସକଳ ଶକ୍ତିର ଆଧାର



ଡ. ସୀତାଂଶୁ କୁମାର ସାମଲ

ଅତି ପୁରାତନ କାଳରୁ ବହୁ ଦୂରଦୃଷ୍ଟିସମ୍ପନ୍ନ ମନୀଷୀମାନେ ସୂର୍ଯ୍ୟଙ୍କୁ ସହସ୍ରାଂଶୁ ନାମରେ ନାମିତ କରିଛନ୍ତି। ସହସ୍ରାଂଶୁ ଶବ୍ଦର ଅର୍ଥ ହଜାର ରଶ୍ମିର ଉତ୍ସ ବା ବହୁ ଶକ୍ତିର ଉତ୍ସ। ସେହି ସମୟରେ ବିଜ୍ଞାନ ବହୁ ପଛରେ ଥିଲା ଏବଂ ଲୋକଙ୍କ ମନରେ ବିଜ୍ଞାନର ଚେତନା ପ୍ରାୟ ନ ଥିଲା। ଅଥଚ ମୁନି ଋଷି ବା ମହାପୁରୁଷମାନେ ପ୍ରକୃତି ସହିତ ନିବିଡ଼ ଭାବରେ ଜଡ଼ିତ ଥିବାରୁ ସୂର୍ଯ୍ୟ ସମସ୍ତ ଶକ୍ତିର ଆଧାର ବୋଲି ଉପଲବ୍ଧି କରିଥିଲେ। ଏହାର ବିଜ୍ଞାନ ସମ୍ମତ ଦିଗ ଉପରେ ଏବେ ଆଲୋଚନା କରିବା। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଉକ୍ତିଟିର ଯଥାର୍ଥତା ଆଲୋଚନା କରିବା ପୂର୍ବରୁ ଶକ୍ତିର ରୂପାନ୍ତରଣ ନିୟମ ବା ଲ ଅଫ୍ କଞ୍ଜରଭେଶନ୍ ଅଫ୍ ଏନର୍ଜିକୁ ଜାଣିବା ଆବଶ୍ୟକ। ଏହି ନିୟମାନୁସାରେ ଶକ୍ତି ସୃଷ୍ଟି ହୁଏନାହିଁ ବା ଶକ୍ତିର ବିନାଶ ହୁଏନାହିଁ। ଏହା ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ। ଗୋଟିଏ ଛୋଟ ଉଦାହରଣରୁ ଏହା ଜାଣିହେବ। କୋଇଲା ଦହନ ଦ୍ୱାରା ଜଳ ବାଷ୍ପରେ ପରିଣତ ହୁଏ ଏବଂ ତାହା ବିଦ୍ୟୁତ୍ ଶକ୍ତି ଉତ୍ପନ୍ନରେ ସହାୟକ ହୁଏ। ଏ କ୍ଷେତ୍ରରେ କୋଇଲାରେ ଗଚ୍ଛିତ ଥିବା ଶକ୍ତି, ମୁଖତଃ ସ୍ଥିତିଜ ଶକ୍ତି, ରୂପାନ୍ତରିତ ହୋଇ ଜଳୀୟ ବାଷ୍ପରେ ତାପଜ ଶକ୍ତି ଏବଂ ଗତିଜ ଶକ୍ତି ରୂପେ ଗଚ୍ଛିତ ହୋଇ ରହେ। ପରବର୍ତ୍ତୀ ଅବସ୍ଥାରେ ତାହା ବିଦ୍ୟୁତ୍ ଶକ୍ତିକୁ ରୂପାନ୍ତରିତ ହୋଇଥାଏ। ଶକ୍ତି ମୁଖ୍ୟତଃ ଦୁଇ ପ୍ରକାର। ଗୋଟିଏ ହେଲା ପାରମ୍ପରିକ ଉତ୍ସରୁ ମିଳୁଥିବା ଶକ୍ତି, ଯାହା ଥରେ ବ୍ୟବହାର ହେବାପରେ ପୁନଃ ସୃଷ୍ଟି ହୋଇପାରେ ନାହିଁ। ଏହି ଶକ୍ତି କୋଇଲା, ପ୍ରାକୃତିକ ଗ୍ୟାସ୍, ମାଟି ତଳୁ ମିଳୁଥିବା ତୈଳ ଇତ୍ୟାଦିରୁ ମିଳିଥାଏ। ଅନ୍ୟଟି ହେଲା ପୁନଃ ବ୍ୟବହାରଯୋଗ୍ୟ ଶକ୍ତି। ଏହି ଶକ୍ତି ଜଳ, ବାୟୁ, ସୂର୍ଯ୍ୟକିରଣ, ସମୁଦ୍ର ଢେଉ, ଭୂଗର୍ଭସ୍ଥ ତାପରୁ ମିଳିଥାଏ। ସୂର୍ଯ୍ୟଙ୍କର ରଶ୍ମି ବା ଶକ୍ତିର ବ୍ୟାପକତା ତିନି, ଚାରୋଟି ଉଦାହରଣରୁ ବୁଝି ହେବ।

ଜଳ ବିଦ୍ୟୁତ୍ ଶକ୍ତି ସମ୍ବନ୍ଧରେ ଆମେ ସମସ୍ତେ ପରିଚିତ। ଜଳ ସୂର୍ଯ୍ୟକିରଣ ଦ୍ୱାରା ବାଷ୍ପୀଭୂତ ହୋଇ ବାଦଲ ଆକାରରେ ଘୂରିବୁଲେ। ଏ କ୍ଷେତ୍ରରେ ସୂର୍ଯ୍ୟାଲୋକର ଶକ୍ତି ବାଷ୍ପକୁ ପ୍ରବେଶ କରିଥାଏ। ଏଣୁ ସୂର୍ଯ୍ୟଶକ୍ତି ବିନା ଜଳୀୟ ବିଦ୍ୟୁତ୍ ଶକ୍ତି ସୃଷ୍ଟି ଅସମ୍ଭବ। ଦ୍ୱିତୀୟ ପୁନଃ ବ୍ୟବହାରଯୋଗ୍ୟ ଶକ୍ତି ଉତ୍ସଟି ହେଲା ବାୟୁ। ବାୟୁ ପ୍ରବାହର ଗତିଜ ଶକ୍ତି ପବନକଳର ଟର୍ବାଇନ୍‌କୁ ଘୂର୍ଣ୍ଣନ କରାଇଥାଏ। ତିହିଁରୁ ଉତ୍ପନ୍ନ ମେକାନିକାଲ ଶକ୍ତି ଶେଷରେ ବିଦ୍ୟୁତ୍ ଶକ୍ତିରେ ପରିଣତ ହୁଏ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ପୃଥିବୀର ସମସ୍ତ ଅଞ୍ଚଳ ଅର୍ଥାତ୍ ଜଳାଶୟ, ଜଙ୍ଗଲ, ପାହାଡ଼, ମରୁଭୂମି ଇତ୍ୟାଦି ସମାନ ମାତ୍ରାରେ ସୂର୍ଯ୍ୟାଲୋକ ବା ସୌରଶକ୍ତି ପାଇ ନ ଥାନ୍ତି। ଅଧିକ ଆଲୋକ ପାଉଥିବା ଅଞ୍ଚଳରେ ଥିବା ବାୟୁ ସୂର୍ଯ୍ୟଙ୍କର ତାପଜ ଶକ୍ତି ଦ୍ୱାରା ଉତ୍ତପ୍ତ ହୁଏ। ତାହା କମ୍ ସାନ୍ଦ୍ରତାବିଶିଷ୍ଟ ହୋଇ ଥିବାରୁ ହାଲୁକା ହୋଇ ବାୟୁମଣ୍ଡଳର ଉପର ସ୍ତରକୁ ଯାଇଥାଏ। ନିମ୍ନସ୍ତରର ଶୂନ୍ୟସ୍ଥାନ ପୂରଣ ପାଇଁ ନିକଟସ୍ଥ ଅଧିକ ଓଜନବିଶିଷ୍ଟ ଶୀତଳ ବାୟୁ ପ୍ରବାହିତ ହୁଏ। ଏଠାରେ ସ୍ପଷ୍ଟ ଅନୁମେୟ ଯେ ସୂର୍ଯ୍ୟଶକ୍ତି ବିନା ବାୟୁ ପ୍ରବାହ ଅସମ୍ଭବ ଏବଂ ବିନା ବାୟୁ ପ୍ରବାହରେ ପବନ ଶକ୍ତି ସୃଷ୍ଟି ମଧ୍ୟ ଅସମ୍ଭବ।

ଅନ୍ୟ ଏକ ଉଦାହରଣ ହେଲା ସୌରଶକ୍ତିରୁ ଉତ୍ପନ୍ନ ବିଦ୍ୟୁତ୍ ଶକ୍ତି। ବିଶ୍ୱର ବୈଜ୍ଞାନିକମାନଙ୍କର କ୍ରମାଗତ ଗବେଷଣା ଓ ବିଭିନ୍ନ ଦେଶର ଏ ଦିଗରେ ଆର୍ଥିକ ପ୍ରୋତ୍ସାହନ ହେତୁ ଏହା ବିଶ୍ୱର ଶକ୍ତି ସଙ୍କଟ ଦୂର କରିବାରେ କିଛିଟା ସହାୟକ ହୋଇଛି। ଦ୍ୱିତୀୟ ଉପାୟରେ ସୂର୍ଯ୍ୟକିରଣକୁ ବଡ଼ ବଡ଼ ଦର୍ପଣ ଦ୍ୱାରା ଘନୀଭୂତ କରାଯାଏ। ଫଳରେ ତା' ଦେହରେ ସୌରଶକ୍ତିର ମାତ୍ରା ଅଧିକ ହୁଏ। ସେହି ଶକ୍ତି ଦ୍ୱାରା ତରଳପଦାର୍ଥକୁ ବାଷ୍ପରେ ପରିଣତ କରାଯାଏ। ଜଳବିଦ୍ୟୁତ୍ ଉତ୍ପନ୍ନ ହେଉଥିବା ପଦ୍ଧତି ଅନୁସାରେ ବାଷ୍ପରେ ଗଚ୍ଛିତ ଶକ୍ତି ଦ୍ୱାରା ଟର୍ବାଇନ୍ ଘୂର୍ଣ୍ଣାୟମାନ କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ଏହି ପଦ୍ଧତି ବଡ଼ ବଡ଼ ପାୱାର ପ୍ଲାଣ୍ଟଗୁଡ଼ିକରେ ଅନୁସରଣ କରାଯାଏ।

ସାଗରର ତାପଜ ଶକ୍ତି ରୂପାନ୍ତର ଅନ୍ୟ ଏକ ଉଦାହରଣ। ବିଷୁବ ମଣ୍ଡଳୀୟ ଅଞ୍ଚଳରେ ସୂର୍ଯ୍ୟଙ୍କ ରଶ୍ମି ପ୍ରଖର ହେତୁ ସମୁଦ୍ର ଜଳରେ ଉପରିଭାଗ ଅଧିକ ଉତ୍ତପ୍ତ ଏବଂ ନିମ୍ନଭାଗ ଶୀତଳ ଥାଏ। ଉପର ସ୍ତରର ଉତ୍ତପ୍ତ ଜଳର ତାପଜଶକ୍ତିକୁ ବ୍ୟବହାର କରି ଟର୍ବାଇନ ଏବଂ ଜେନେରେଟର ଦ୍ୱାରା ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଏ। ସମୁଦ୍ର ନିମ୍ନଭାଗର ଶୀତଳ ଜଳ ବ୍ୟବହାର କରି ଏଥିରେ ସଂଶ୍ଳିଷ୍ଟ ଜଳୀୟ ବାଷ୍ପକୁ ଲବଣମୁକ୍ତ ଜଳରେ ପରିଣତ କରାଯାଏ, ଯାହା ବ୍ୟବହାର ଉପଯୋଗୀ ହୋଇଥାଏ। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଏହି ପଦ୍ଧତି ଦ୍ୱାରା ଉଭୟ ବିଦ୍ୟୁତ୍ ଶକ୍ତି ଏବଂ ଲବଣମୁକ୍ତ ଜଳ ମିଳିଥାଏ।

**ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର, ମୋ: ୯୪୩୭୨୯୫୭୭୫**

## ଏଇ ଭାରତରେ

ଜଳ ଚିନ୍ତାରେ ସଦାମଗ୍ନ ମଣିକନ୍ଦନ ଆର.। ତାମିଲନାଡୁ କୋଏମ୍ବାଟୁର୍‌ର ଏହି ପରିବେଶକର୍ମୀ ଏବେସୁଦ୍ଧା ୫ ପୁଷ୍କରିଣୀ, ୪ ହ୍ରଦ ଏବଂ ୩ କେନାଲ ପୁନରୁଦ୍ଧାର କରିସାରିଲେଣି। କୋଏମ୍ବାଟୁର୍‌ର ସୁନ୍ଦରପୁରମ୍‌ରେ ଜନ୍ମିତ ମଣିକନ୍ଦନ ଆର୍ଥାଭାବ ଯୋଗୁ ଅଷ୍ଟମ ଶ୍ରେଣୀରୁ ପାଠ ଛାଡ଼ିବା ପରେ ଦୀର୍ଘ ୨୦ ବର୍ଷ ହେଲା ସାମାଜିକ କାର୍ଯ୍ୟରେ ନିଜକୁ ଜଡ଼ିତ ରଖିଛନ୍ତି। ଏହି କାର୍ଯ୍ୟ ଭିତରେ ୨୦୧୭ରେ ସେ କୋଏମ୍ବାଟୁର୍‌ରେ ଥିବା ପରିତ୍ୟକ୍ତ ଜଳାଶୟଗୁଡ଼ିକୁ ପୁନର୍ଜୀବନ ଦେବା ବିଷୟ ଚିନ୍ତା କରିଥିଲେ। ପୁନରୁଦ୍ଧାର ଲାଗି 'କୋଭାଇ କୁଲାଙ୍ଗା ପାଦୁକାପ୍ପୁ ଅମାୟିପ୍ପୁ' ବା କୋଏମ୍ବାଟୁର ପୁଷ୍କରିଣୀ ସୁରକ୍ଷା ସଂଗଠନ ଗଢ଼ିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୪ ଜଣିଆ ଟିମ୍ ଗଢ଼ି ସେ ଜଳାଶୟ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କ ସଂଗଠନରେ ୧୦୦ ସକ୍ରିୟ ସଦସ୍ୟ ରହିଛନ୍ତି। ସେ ପ୍ରଥମେ କୋଏମ୍ବାଟୁରର ପେରୁର୍ ହ୍ରଦ ପୁନରୁଦ୍ଧାର କାର୍ଯ୍ୟ କରିଥିଲେ। ପରେ ଅନ୍ୟ ୩ ହ୍ରଦ, ୫ ପୁଷ୍କରିଣୀ, ୩ କେନାଲର ପୁନରୁଦ୍ଧାର ଶେଷ କରିଛନ୍ତି। ମୋଟ ସେ ଏହିସବୁ ଜଳାଶୟରୁ ୧୫୦ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ପରିଷ୍କାର କରିଛନ୍ତି। ତେବେ କୋଏମ୍ବାଟୁର୍‌ରେ ୯୦୦ରୁ ଊର୍ଦ୍ଧ୍ୱ ପୁଷ୍କରିଣୀ ରହିଛି ଓ ସେଗୁଡ଼ିକ ସମୟକ୍ରମେ ସଫା କରାଯିବ ବୋଲି କହିଛନ୍ତି ୩୯ ବର୍ଷୀୟ ମଣିକନ୍ଦନ। କେବଳ ଏତିକି ନୁହେଁ ସେ ଓ ତାଙ୍କ ଟିମ୍ ୧୦, ୦୦୦ ଗଛ ଲଗାଇସାରିଛନ୍ତି। ପ୍ରଜାପତି, ମହୁମାଛି ଓ ଭଅଁରଙ୍କ ପାଇଁ ୪୦ ପ୍ରକାର ଫୁଲଗଛ ଲଗାଇ ଏକ ବଟରଫ୍ଲାଏ ଗାର୍ଡେନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଏପ୍ରିଲ ୧୯୯୭

- ମ୍ୟାନ୍ମାରର ସାମରିକ କୁନ୍ତାର ଦ୍ୱିତୀୟ ସଚିବ ଲିଉଟନାଣ୍ଟ ଜେନେରାଲ ତିନ୍‌ଭଙ୍କ ନିକଟକୁ ଡାକରେ ପଠାଯାଉଥିବା ଏକ ପାର୍ଶଲ ବୋମା ଫୁଟି ତାଙ୍କ ଜ୍ୟେଷ୍ଠା କନ୍ୟା ନିହତ।
- ବିହାର ଗୋଖାଦ୍ୟ ଦୁର୍ନୀତିର ତଦନ୍ତ କରୁଥିବା ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ୟୁ.ଏନ୍. ବିଶ୍ୱାସଙ୍କ ଚାର୍ଜସିଟ୍‌ରେ ବିହାର ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ସମେତ ବହୁ ପ୍ରମୁଖ ନେତାଙ୍କ ନାମ ରହିଥିବା ଜଣାଯାଇଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 6 | | | | | | |
| 8 | 2 | | 9 | | 6 | 1 | | |
| | 3 | | | | | | | |
| | | | 7 | | | 2 | | |
| | | | | 4 | | | 5 | |
| | | | 1 | 2 | 5 | | 8 | |
| | 8 | 3 | | | | | 7 | |
| 4 | | 1 | | | | 5 | | |
| | | | | 7 | | 3 | 4 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 7 | 3 | 1 | 9 | 5 | 8 | 2 |
| 1 | 2 | 5 | 8 | 4 | 6 | 7 | 3 | 9 |
| 3 | 8 | 9 | 2 | 5 | 7 | 4 | 1 | 6 |
| 4 | 1 | 3 | 7 | 6 | 8 | 9 | 2 | 5 |
| 2 | 7 | 6 | 1 | 9 | 5 | 8 | 4 | 3 |
| 9 | 5 | 8 | 4 | 3 | 2 | 1 | 6 | 7 |
| 8 | 6 | 4 | 5 | 7 | 3 | 2 | 9 | 1 |
| 7 | 9 | 2 | 6 | 8 | 1 | 3 | 5 | 4 |
| 5 | 3 | 1 | 9 | 2 | 4 | 6 | 7 | 8 |

ଗତକାଲିର ଉତ୍ତର

# ଡାକ୍ତର ସମସ୍ୟା



ଡ. ବାସନ୍ତୀ ମହାନ୍ତି

ଏକଥା ସତ ଯେ ଏବେ ରୋଗ ଓ ରୋଗୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ତଦନୁସାରେ ଅଧିକ ଡାକ୍ତର ଓ ଡାକ୍ତରଖାନାର ଆବଶ୍ୟକ ହେଉଛି। ଏହା କେବଳ ଆମ ଦେଶର ନୁହେଁ ସମଗ୍ର ବିଶ୍ୱର ସମସ୍ୟା। ମନେହେଉଛି ସାରା ପୃଥିବୀ ଏବେ ଅସୁସ୍ଥ। ରୋଗକୁ ନିପାତ ଓ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଆମ ପାଖରେ ଆବଶ୍ୟକ ପରିମାଣର ସାଧନ ନାହିଁ। ସେଥିପାଇଁ ଆମ ପିଲାମାନେ କେତେବେଳେ ଅନ୍ୟ ଦେଶକୁ ଯାଇ ପାଠ ପଢୁଛନ୍ତି ତ ଆଉ କେତେବେଳେ ଦେଶରେ ପାଠପଢି ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ପରିସର ନ ଥିବାରୁ ଓ ସେମାନଙ୍କୁ ଯଥାସମ୍ଭବ ପାରିଶ୍ରମିକ ନ ମିଳିବାରୁ ବିଦେଶମୁହାଁ ହେଉଛନ୍ତି। ଭାରତରେ ମେଡିକାଲ କଲେଜ ସଂଖ୍ୟା କମ୍। ଡାକ୍ତର ହେବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ବେଶି। ଲୋକସଂଖ୍ୟା ଅନୁସାରେ ସେହି ସଂଖ୍ୟକ ଡାକ୍ତରଖାନା, ଡାକ୍ତର ଓ ଅର୍ଦ୍ଧମେଡିକାଲ କର୍ମଚାରୀ ମଧ୍ୟ ନାହାନ୍ତି। ଗୋଟିଏ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ହାରାହାରି ଚାରିଶହ କୋଟି ଟଙ୍କା ବିନିଯୋଗ କରିବାକୁ ହୋଇଥାଏ। ଜଣେ ଛାତ୍ର ପିଛା ଦଶରୁ କୋଡ଼ିଏ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୁଏ। ଘରୋଇ ମେଡିକାଲ କଲେଜଗୁଡିକ ପିଲା ପିଛା କୋଟିଏ ଟଙ୍କା ପର୍ଯ୍ୟନ୍ତ ବି ଦାବି କରନ୍ତି। ପି.ଜି. ଓ ସୁପର ସ୍ପେଶାଲ ପାଇଁ ତ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ଘରୋଇ କଲେଜରେ ପିଲାମାନେ ପାଠ ପଢିଥାଆନ୍ତି। ତେଣୁ ଆର୍ଥିକ ଅସ୍ୱଚ୍ଛଳ ଅଥଚ ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପାଠ ଅଧ୍ୟୟନ କରିପାରନ୍ତି ନାହିଁ। ପୂର୍ବରୁ ଓଡ଼ିଶାରେ ଘରୋଇ ମେଡିକାଲ କଲେଜ ନ ଥିଲା। ଯେଉଁ ତିନୋଟି ସରକାରୀ କଲେଜ ଥିଲା ସେଥିରେ ସିଟ୍ ସଂଖ୍ୟା କମ୍ ଥିଲା। ସେଥିପାଇଁ ଆଗଧାଡିର ପିଲାମାନେ ହିଁ ସେଥିରେ ପଢ଼ିବାକୁ ସୁଯୋଗ ପାଉଥିଲେ। ଉଚ୍ଚତର ଅଧ୍ୟୟନ ଓ ଗବେଷଣା ପାଇଁ ଭିତ୍ତିଭୂମି ଅଭାବରୁ ପାଠ ପଢ଼ିସାରି ସେମାନେ ଯେତେବେଳେ ବିଦେଶ ଯାଆନ୍ତି ସେଠାରେ ଖୁବ୍ ସୁନାମ ଅର୍ଜନ କରିଥାଆନ୍ତି। ଭାରତ ଅପେକ୍ଷା ବହୁଗୁଣିତ ପାରିଶ୍ରମିକ ପ୍ରଲୋଭନ ଦେଖାଇ ସେମାନେ ଏହି ଡାକ୍ତରମାନଙ୍କୁ ସେ ଦେଶଗୁଡ଼ିକରେ ନିଯୁକ୍ତି ଦେଇଦିଅନ୍ତି।

ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ସୁଧାର ଆସିଲାଣି। ଛାତ୍ରୀଛାତ୍ରଙ୍କ ଡାକ୍ତରୀ ବିଦ୍ୟା ପଢିବାକୁ ଆଗ୍ରହ ଅନୁଭବ କରି ଅନେକ ସରକାରୀ ଓ ବେସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହେଲାଣି। ଦିନ ଥିଲା ଛାତ୍ରୀଛାତ୍ର ମେଡିକାଲ ଓ ଇଞ୍ଜିନିୟରିଂ ଉଭୟ ଶିକ୍ଷାକୁ ସମ ପରିମାଣରେ ଗୁରୁତ୍ୱ ଦେଉଥିଲେ। କହିବାକୁ ଗଲେ ଦୁହିଁଙ୍କ ଭିତରେ କାହାର ଗୁରୁତ୍ୱ ବେଶି ସେଥିପାଇଁ ପ୍ରଚ୍ଛନ୍ନ ପ୍ରତିଯୋଗିତା ଚାଲୁଥିଲା। ଇଞ୍ଜିନିୟରିଂ ପାଠପଢ଼ା ସରିବା ପରେ ଆଜିକାଲିକା ପରି ଚାକିରି ପାଇଁ ସମସ୍ୟା ବା ସଙ୍କଟ ହେଉ ନ ଥିଲା। ତେଣୁ ପିଲାମାନେ ଡାକ୍ତର ହେବା ବଦଳରେ ଇଞ୍ଜିନିୟର ହେବା ପାଇଁ ପସନ୍ଦ କରୁଥିଲେ। ପାଠ ପରେ ପ୍ରଥମ ଶ୍ରେଣୀର ମେଧାମାନେ ବିଦେଶ ଯାଇ ସେଠାରେ ନିଜର ଜୀବିକା ନିର୍ବାହ କରୁଥିଲେ ତ ଦ୍ୱିତୀୟ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ର, ଯେଉଁମାନେ ବିଦେଶକୁ ଯାଇ ପାରନ୍ତି ନାହିଁ ସେମାନେ ବହୁ ରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ସେହିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବହୁ ପରିମାଣରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହୋଇଥିଲା। ଘରେ ଘରେ ଇଞ୍ଜିନିୟରିଂ ଛାତ୍ର ବାହାରିଲେ। କିନ୍ତୁ ଖୁବ୍‌ଶୀଘ୍ର ପରିସ୍ଥିତି ବଦଳିଗଲା। ଆମେରିକାରେ ସୃଷ୍ଟି ହେଲା ଆର୍ଥିକ ମାନ୍ଦାବସ୍ଥା। ବହୁ ସଂଖ୍ୟକ ଇଞ୍ଜିନିୟର ଚାକିରି ହରାଇଲେ। ସେମାନଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଗଲା। ଫଳରେ ଛାତ୍ରୀଛାତ୍ରମାନେ ଏବେ ଡାକ୍ତରୀ ପଢିବା ପାଇଁ ସବୁତକ ସାମର୍ଥ୍ୟ ବିନିଯୋଗ କରୁଛନ୍ତି। ବଡ଼ କଥା ହେଲା ଡାକ୍ତର ହେବା ପାଇଁ ସେମାନେ ଯେତିକି ନିଷ୍ଠା ପ୍ରଦର୍ଶନ କରୁଛନ୍ତି, ଅଭିଭାବକଙ୍କ ଯେତିକି ସମର୍ଥନ ମିଳୁଛି ସେତିକି ଅନ୍ୟ ଯେ କୌଣସି କ୍ଷେତ୍ର ପାଇଁ ଚେଷ୍ଟା କଲେ ଛାତ୍ରୀଛାତ୍ରମାନେ ହତାଶ ହୁଅନ୍ତେ ନାହିଁ। କ୍ୟାରିୟର ଗଢ଼ିବା ପାଇଁ ଏବେ ପରିସରର ଅଭାବ ନାହିଁ। କିନ୍ତୁ ଡାକ୍ତର ହେବାର ସ୍ୱପ୍ନଭଙ୍ଗ ଯନ୍ତ୍ରଣାରେ ଛଟପଟ ହୋଇ ଯେତେ ଛାତ୍ରୀଛାତ୍ର ଅବସାଦଗ୍ରସ୍ତ ହେଉଛନ୍ତି, ଆତ୍ମହତ୍ୟା କରୁଛନ୍ତି ତାହା ଏବେ ଚିନ୍ତାଜନକ ସମସ୍ୟା ହୋଇପଡିଛି।

ରାଜସ୍ଥାନର କୋଟା ଏକ ଆତ୍ମହତ୍ୟାପ୍ରବଣ ସହର ନାମରେ କୁଖ୍ୟାତି ଅର୍ଜନ କରିଛି। ମେଡିକାଲ କୋଚିଂ ନେବା ପାଇଁ ସାରା ଭାରତବର୍ଷରୁ ଛାତ୍ରୀଛାତ୍ର ଏହି ସ୍ଥାନକୁ ଆସିଥାଆନ୍ତି। ଅନେକେ ଏଥିରେ ସଫଳତା ମଧ୍ୟ ହାସଲ କରି ଥାଆନ୍ତି, ଯେଉଁମାନେ ବିଫଳ ହୁଅନ୍ତି ସେମାନଙ୍କ ମଧ୍ୟରେ ଖୁବ୍ ହତାଶା ଭାବ ସୃଷ୍ଟି ହୋଇ ଥାଏ, ସେମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ଏହି ପରିସ୍ଥିତିକୁ ସମ୍ମୁଖୀନ ହେବା ପାଇଁ କର୍ତ୍ତୃପକ୍ଷଙ୍କ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି। ଏ ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ବିଦେଶକୁ ନିଜ ନିଜର ସନ୍ତାନମାନଙ୍କୁ ପଠାଇ ଥାଆନ୍ତି। ସବୁଠାରୁ ବଡ଼ କଥା ହେଲା କେତେକ ରାଷ୍ଟ୍ରରେ ମେଡିକାଲ ପଢିବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ପଡେ ନାହିଁ। ଭାରତର ଘରୋଇ ମେଡିକାଲ କଲେଜ ଅପେକ୍ଷା ଖୁବ୍‌କମ ଖର୍ଚ୍ଚରେ ପାଠ ପଢ଼ା ହୋଇଯାଏ। କିନ୍ତୁ ପଢିସାରିଲା ପରେ ସେମାନଙ୍କ ପାଇଁ ଆହୁରି ସମସ୍ୟା ରହିଛି ସେ କଥା ଖୁବ୍ କମ୍ ଲୋକ ଚିନ୍ତା କରନ୍ତି। ୟୁକ୍ରେନ୍, ଆର୍ମେନିଆ ଆଦି ରାଷ୍ଟ୍ରରେ ମେଡିକାଲ କଲେଜରେ ପାଠ ପଢ଼ିଥିଲେ ଛାତ୍ରୀଛାତ୍ରମାନଙ୍କୁ ସିଧାସଳଖ ଭାରତରେ ସେବା କରିବାକୁ ସୁଯୋଗ ମିଳେ ନାହିଁ। ସେଥିପାଇଁ ସେମାନଙ୍କୁ ଫରେନ ମେଡିକାଲ ଗ୍ରାଜୁଏଶନ ପରୀକ୍ଷା ଦେବାକୁ ପଡ଼େ। ସମସ୍ୟା ହେଲା ଏମାନଙ୍କ ମଧ୍ୟରୁ ପ୍ରତିବର୍ଷ ମାତ୍ର ୧୬ ପ୍ରତିଶତ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ସଫଳତା ହାସଲ କରନ୍ତି। ଏବେ ଯୁଦ୍ଧ ଆକ୍ରାନ୍ତ ୟୁକ୍ରେନ୍‌ରେ ପଢୁଥିବା ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ଆମ ସରକାର କେତେ ଉଦ୍‌ବେଗଗ୍ରସ୍ତ ହୋଇଥିଲେ ସମସ୍ତଙ୍କ ଅଙ୍ଗନିଭା କଥା। ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ବାହାର ଦେଶକୁ ପଢିବା ନିମନ୍ତେ ଯାଉଛନ୍ତି। ଆମ ଦେଶର କୋଟି କୋଟି ଟଙ୍କା ବାହାରକୁ ଯାଉଛି, ଯେଉଁ ଡାକ୍ତରମାନେ ବାହାରୁଛନ୍ତି ସେମାନେ ସମସ୍ତେ ଆମ ଦେଶକୁ ସେବା ଯୋଗାଇଦେବା ପାଇଁ ଯୋଗ୍ୟ ବିବେଚିତ ହୋଇ ପାରୁନାହାନ୍ତି। କରୋନା କାଳରେ ଆମ ଦେଶ ଭିତରେ ସୁରଟ ଫେରନ୍ତା ଦାଦନମାନଙ୍କଠାରୁ ଆମେ ଯାହା ଶିକ୍ଷା କଲୁ ଏବେ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କଠାରୁ ମଧ୍ୟ ତାହା ଶିଖିବା। ତଫାତ୍ ଏତିକି ଯେ ୟୁକ୍ରେନ୍ ଫେରନ୍ତାଙ୍କ ଦାୟିତ୍ୱ ସରକାର ନେଇଥିବା ବେଳେ ଦାଦନମାନେ ମରିପଡି ନିଜ ମାଟିକୁ ଫେରିଲେ।

ପୁନର୍ବାର ଏପରି ସଙ୍କଟ ନ ହେଉ ଏଥିପାଇଁ ଆମକୁ ସତର୍କ ରହିବାକୁ ହେବ। ଅନେକ ଜନହିତକର ପଦକ୍ଷେପ ନେବାକୁ ପଡିବ। ଆମ ଦେଶର ଚାହିଦା ଅନୁଯାୟୀ ଡାକ୍ତରୀ କଲେଜ ଖୋଲିବା, ଆବଶ୍ୟକ ସିଟ୍ ସଂଖ୍ୟା ବୃଦ୍ଧି, ପାରାମେଡିକାଲ ଛାତ୍ରୀଛାତ୍ରଙ୍କୁ ତାଲିମ ଓ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯେଉଁ ଚାରି ଶହ କୋଟି ଟଙ୍କାର ବଜେଟ ଓ ଯେଉଁ ବିସ୍ତୃତ ଭିତ୍ତିଭୂମି କଥା କୁହାଯାଉଛି, ବୈଦେଶିକ ରାଷ୍ଟ୍ରଗୁଡ଼ିକରେ ଏତେ ସବୁ ନୀତିନିୟମ ଧରା ଯାଏ ନାହିଁ। ଖୁବ୍ କମ୍ ଖର୍ଚ୍ଚରେ ସେଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇ ଥାଏ। ସେହି ହେତୁ କମ୍ ଖର୍ଚ୍ଚରେ ପିଲାମାନେ ପଢି ପାରନ୍ତି। ଆମ ଦେଶରେ ମଧ୍ୟ ଏହିପରି ମେଡିକାଲ କଲେଜ ସ୍ଥାପନ କରାଯାଇ ପାରନ୍ତା। ଆମ ଦେଶର ମେଡିକାଲ କଲେଜର ସଂଖ୍ୟା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ମେଡିକାଲ ପଢିବା ଖର୍ଚ୍ଚ କମ୍ କରିବାକୁ ହେବ। ନ ହେଲେ ଦିନ ଆସିବ କେବଳ ଧନିକ ବର୍ଗର ସନ୍ତାନମାନେ ଡାକ୍ତର ହେବେ, ଗରିବ ଲୋକଙ୍କ ପାଇଁ ଏହା ସ୍ୱପ୍ନ ହୋଇ ରହିଯିବ।

**ମୋ:୯୪୩୭୦୩୩୦୭୪**
basantimohanty12@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ଦ ପାଳନ ଏକ ମାନସିକ ଦଣ୍ଡ

ମହାଶୟ,

୧୯୯୮ରେ ସୁପ୍ରିମକୋର୍ଟ 'ବନ୍ଦ ପାଳନ'କୁ ଆଇନତଃ ନିଷିଦ୍ଧ କରିଥିବା ସତ୍ତ୍ୱେ ପରବର୍ତ୍ତୀ ସମୟରେ ବନ୍ଦ ସବୁକୁ ଶାନ୍ତିପୂର୍ଣ୍ଣ ହରତାଳର ନାମ ଦେଇ ତଥାକଥିତ ବନ୍ଦ୍‌ଜୀବୀମାନେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରୁଛନ୍ତି। ସର୍ବସାଧାରଣଙ୍କ ଜୀବନଯାତ୍ରା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛନ୍ତି। ଏହା ଏକ ମାନସିକ ଓ ଆର୍ଥିକ ଦଣ୍ଡ ସ୍ୱରୂପ, ଯାହାକି ଗଣତନ୍ତ୍ର ରାଷ୍ଟ୍ର ପାଇଁ ଶୁଭଙ୍କର ନୁହେଁ। ଏହାଦ୍ୱାରା ଭାରତର ଅର୍ଥନୀତିରେ ହଜାର ହଜାର କୋଟି ଟଙ୍କା ରାଜସ୍ୱ କ୍ଷତି ହୋଇଥାଏ। ଆନ୍ଦୋଳନକାରୀମାନଙ୍କ ହିଂସାତ୍ମକ ଆଚରଣଜନିତ ସରକାରୀ ଓ ବେସରକାରୀ ସମ୍ପତ୍ତିର କ୍ଷୟକ୍ଷତି ମଧ୍ୟ କମ୍ ନୁହେଁ। ଏହା କେତେଦୂର ନ୍ୟାୟୋଚିତ ଓ ଯୁକ୍ତିଯୁକ୍ତ ତାହା ସମୀକ୍ଷା କରିବା ଉଚିତ। ହେଲେ ଏହି ବନ୍ଦ ଡାକରା ଦେଇ ଜୀବନଯାତ୍ରାକୁ ଠପ୍ କରିବା ଦ୍ୱାରା ସରକାର କ'ଣ ବର୍ଦ୍ଧିତ ମୂଲ୍ୟକୁ ହଠାତ୍ କମାଇ ଦେବେ କି ? ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦିନମଜୁରିଆ ଶ୍ରମିକଟିଏ ଦୈନନ୍ଦିନ କାମକୁ ନ ଗଲେ ତା' ପରିବାର ଉପାସ ରହେ। ତେବେ ଏ ବନ୍ଦ କେଉଁ ସ୍ୱାର୍ଥରେ ଓ କାହା ପାଇଁ ? ଗଣତନ୍ତ୍ର ନାମରେ ଅଗଣତାନ୍ତ୍ରିକ ସମ୍ବିଧାନ ବିରୋଧୀ କାର୍ଯ୍ୟ ଉଭୟ ଜନ ଓ ଦେଶ ପାଇଁ ଶୁଭଙ୍କର ନୁହେଁ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ।
-(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ନୂଆ ରୂପରେ ଆସିବ ଜେଟ୍ ଏୟାରୱେଜ୍**

ନୂଆଦିଲ୍ଲୀ, ୭।୪: ଚଳିତ ବର୍ଷ ସୁଦ୍ଧା ଜେଟ୍ ଏୟାରୱେଜ୍ ଏକ ନୂଆ ରୂପରେ ଫେରିବ। କମ୍ପାନୀ ପ୍ରିମିୟମ ଏବଂ ନୋ ଫ୍ରିଲ୍ସ ସୁବିଧା ସହିତ ଫେରିବାକୁ ଯୋଜନା କରୁଛି। ଏହାଦ୍ୱାରା ଏୟାରୱେଜ୍ ଭାରତୀୟ ଏୟାରଲାଇନ୍ ବଜାରରେ ନିଜର ପୂର୍ବ ଅଂଶଧନ ଫେରିପାଇବାକୁ ଲକ୍ଷ୍ୟ ରଖିଛି। ଜେଟ୍ ଏୟାରୱେଜ୍ ବର୍ତ୍ତମାନ ଏକ ନୂଆ ମାଲିକ ଗ୍ରୁପ୍ ଦ୍ୱାରା ସଞ୍ଚାଳିତ ହେଉଛି। ଏହାର ନୂଆ ମାଲିକ ହେଉଛନ୍ତି ଦୁବାଇରେ ରହୁଥିବା ଭାରତୀୟ ବ୍ୟବସାୟୀ ମୁରାରୀ ଲାଲ୍ ଜଲାନ୍ ଏବଂ ଲଣ୍ଡନର ଫ୍ଲୋରିୟନ୍ ଫିଂଚ୍। ଫିଂଚ୍ ଜଣେ ବିତ୍ତୀୟ ପରାମର୍ଶଦାତା ଏବଂ କାଲ୍‌ରକ୍ କ୍ୟାପିଟାଲ ମ୍ୟାନେଜମେଣ୍ଟ ଲିମିଟେଡ୍‌ର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ନୂଆ ମାଲିକ ଏୟାରୱେଜ୍‌ରେ ୧୨ କୋଟି ଡଲାର ନିବେଶ ପାଇଁ ଯୋଜନା ରଖିଛନ୍ତି।

# ପୋଲିସ-ଜେଟିପି ମିଳିମିଶି ଜଗିବେ

ପୁରୀ ଅଫିସ, ୭।୪

ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ଘଟଣା ପରେ ପ୍ରଶାସନ ଚେତିଛି। ଶ୍ରୀମନ୍ଦିର ସୁରକ୍ଷା ନେଇ ଗୁରୁବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ, ପରିଚାଳନା କମିଟି ସଦସ୍ୟ ଓ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ମନ୍ଦିର ଭିତରେ ଅଧିକ ସିସିଟିଭି ଲଗାଯିବା, ଅଧିକ ସଂଖ୍ୟକ ଜେଟିପି ଓ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଏବଂ ପ୍ରତି ସପ୍ତାହରେ ବୈଠକ ବସିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଗୁରୁବାର ରାତିଠାରୁ ଜଣେ ପୋଲିସ ଅଧିକାରୀଙ୍କ ନେତୃତ୍ୱରେ ଜେଟିପି ସହ ପୋଲିସ କର୍ମଚାରୀ ମନ୍ଦିର ପରିସରରେ ମୁତୟନ ହୋଇଛନ୍ତି।

**ଶ୍ରୀମନ୍ଦିର ସୁରକ୍ଷା ସଂକ୍ରାନ୍ତ ବୈଠକ**



- ମନ୍ଦିର ଭିତରେ ଲାଗିବ ୧୩୫ ସିସିଟିଭି
- ଚାରିଦ୍ୱାରରେ ବଢ଼ିବ ସୁରକ୍ଷା ବ୍ୟବସ୍ଥା
- ଏଣିକି ପ୍ରତି ସପ୍ତାହରେ ସୁରକ୍ଷା ବୈଠକ
- ନୋଟିସ୍‌ର ଜବାବ ମିଳିବା ପରେ କାର୍ଯ୍ୟାନୁଷ୍ଠାନ

ଏଣିକି ପ୍ରତ୍ୟେକ ମାସ ପରିବର୍ତ୍ତେ ପ୍ରତ୍ୟେକ ସପ୍ତାହରେ ଶ୍ରୀମନ୍ଦିର ସୁରକ୍ଷା ସମ୍ପର୍କିତ ବୈଠକ ବସିବ। ଏସଂକ୍ରାନ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସମାଧାନର ରାସ୍ତା ଖୋଜାଯିବ। ସେହିଭଳି ଶ୍ରୀମନ୍ଦିର ଭିତରେ ୧୩୫ଟି ସିସିଟିଭି ଲଗାଯିବ। ଯେଉଁ ସିସିଟିଭି ଅଚଳ ହୋଇପଡ଼ିଛି, ସେଗୁଡ଼ିକ ତୁରନ୍ତ ସଚଳ କରାଯିବ। ସିସିଟିଭି ଓ୍ୟାରଲେସ୍ ହେବା ସହ ସର୍ଭର ଦ୍ୱାରା ପରିଚାଳିତ ହେବ। ସିସିଟିଭିର ଷ୍ଟୋରେଜ୍ କ୍ଷମତା ଅତିକମ୍‌ରେ ଦୁଇମାସ ରହିବ। ଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି)ଙ୍କ ସଂଖ୍ୟା କମ୍ ରହୁଥିବାରୁ ଓଡ଼ିଶା ପୋଲିସ କର୍ମଚାରୀଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯିବ। ଜେଟିପି ଓ ପୁରୀ ପୋଲିସର ମିଳିତ ଉଦ୍ୟମରେ ଶୋଧ ଅପରେଶନ୍ ଚାଲୁ ରହିବ। ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୁପରଭାଇଜର ଭାବେ ନିୟୋଜିତ ହେବେ। ଯେପରି ରାତ୍ର ପହୁଡ଼ ପରେ ମନ୍ଦିର ଭିତରେ କେହି ନ ରୁହନ୍ତି ସେନେଇ ତନ୍ନତନ୍ନ ଯାଞ୍ଚ କରାଯିବ। ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ ଓ ଜେଟିପିଙ୍କ ସଂଖ୍ୟା କମ୍ ରହୁଥିବାରୁ କର୍ମଚାରୀ ନିୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ତୁରନ୍ତ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। ଶ୍ରୀମନ୍ଦିର ଏସ୍‌ଓପି ଆଧାରରେ ରୋଷ ପାଇକ ଓ ରୋଷ ଅମିନ ଦାୟିତ୍ୱରେ ରହୁଛନ୍ତି। ରୋଷଘର ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ଧ୍ୟାନ ଦିଆଯାଉଛି। ରୋଷଘର ଭିତରେ ସିସିଟିଭି ଲାଗିପାରିବ ନାହିଁ। ଏଣୁ ରୋଷଘର ବାହାର ଚାରିପଟୁ ନଜର ଦେବା ପାଇଁ ୪ଟି ସ୍ଥାନ ଚିହ୍ନଟ ହୋଇଛି। ସେଠାରେ ସିସିଟିଭି କ୍ୟାମେରା ଲଗାଯିବା ସହ ଜେଟିପି ଓ ପୁରୀ ପୋଲିସ ନିୟୋଜିତ ହେବେ। ସେହିଭଳି ଗତ ରବିବାର ଅର୍ଥାତ ଘଟଣା ଘଟିଥିବା ରାତିରେ ରୋଷଘର ଦାୟିତ୍ୱରେ ଥିବା ୪ ଜେଟିପି ଓ କର୍ମଚାରୀମାନଙ୍କୁ ଅନ୍ତରୀଣ କମିଟି କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ସେମାନଙ୍କ କୈଫିୟତ୍ ଆସିବା ପରେ ପ୍ରଶାସନ ଅନୁଧ୍ୟାନ କରି ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ କହିଛନ୍ତି। ସେହିପରି ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ କର୍ମଚାରୀଙ୍କ ମୁତୟନ ସଂଖ୍ୟା ବଢ଼ାଯିବ। ମେଟାଲ ଡିଟେକ୍ଟର ଭଳି ଚେକିଂକୁ ଆହୁରି କଡ଼ାକଡ଼ି କରାଯିବ। ସବୁ ଦ୍ୱାରରେ ସିସିଟିଭି କ୍ୟାମେରାକୁ କଣ୍ଟ୍ରୋଲ ରୁମ୍‌ରୁ ପରିଚାଳନା କରାଯିବ ଓ ଶ୍ରଦ୍ଧାଳୁଙ୍କ ଗତିବିଧି ଉପରେ ନଜର ରଖାଯିବ। ରାତ୍ର ପହୁଡ଼ ପରେ କେହି ଶ୍ରୀମନ୍ଦିର ପରିସରରେ ନ ରହିବା ଦରକାର। ଆଗାମୀ ସମୟରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ପରେ କାହାକୁ ଦେଖିବାକୁ ମିଳିଲେ ପୋଲିସ ପଚରାଉଚରା କରିବା ସହ କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ ଏବଂ ପରିଚାଳନା କମିଟିର ସଦସ୍ୟ ତଥା ସେବାୟତମାନେ ଉପସ୍ଥିତ ଥିଲେ।

# ଜବାବ ଦାଖଲ ଲାଗି ସାରଦା ମାଇନ୍ସକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୪

ସାରଦା ମାଇନ୍ସ ପ୍ରା. ଲିଃକୁ ଅବଶିଷ୍ଟ ୧୦ ବର୍ଷ ଖଣି ଲିଜ୍ ଦେବା ପାଇଁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଉକ୍ତ କମ୍ପାନୀ ପକ୍ଷରୁ ପିଟିଶନ ଦାଏର ହୋଇଥିଲା। କେନ୍ଦ୍ର ଖଣି ମନ୍ତ୍ରଣାଳୟ ଏହା ବିରୋଧରେ ଅଭିଯୋଗ ପିଟିଶନ ଦାଖଲ କରିବା ପରେ ସାରଦା ମାଇନ୍ସକୁ ଜବାବ ଦେବା ଲାଗି ସର୍ବୋଚ୍ଚ ଅଦାଲତ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ସପ୍ତାହେ ପରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଖଣି ମନ୍ତ୍ରଣାଳୟର ଅଭିଯୋଗ ଆବେଦନ ଉପରେ କୌଣସି ଆପତ୍ତି ନାହିଁ ବୋଲି ଓଡ଼ିଶା ସରକାର କହିବା ପରେ ଆବେଦନକାରୀଙ୍କୁ ସତ୍ୟପାଠ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଥିବା କୋର୍ଟ କହିଛନ୍ତି। ଯଦି ସମସ୍ତଙ୍କୁ ଏଭଳି ଅଭିଯୋଗ ଦାଖଲ ଅନୁମତି ଦିଆଯାଏ, ତେବେ ଆମେ ମାମଲାର ଶୁଣାଣି କିପରି କରିବୁ ବୋଲି ଖଣ୍ଡପୀଠ କହିଥିଲେ। ସାରଦା ମାଇନ୍ସ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତରେ ଖଣି ମନ୍ତ୍ରଣାଳୟର ଆବେଦନକୁ ବିରୋଧ କରିଥିଲେ। ବିବାଦ କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୋଲି ସେ କହିଥିଲେ। ସାରଦା ମାଇନ୍ସକୁ ପୂର୍ବରୁ କେନ୍ଦୁଝର ଜିଲାର ଠାକୁରାଣୀ ବି-ବ୍ଲକ୍ ଲୁହାପଥର ଖଣି ୩୦ ବର୍ଷ ପାଇଁ ଲିଜ୍ ମିଳିଥିଲା। ୨୦ ବର୍ଷ ଖଣିଜ ଉତ୍ତୋଳନ କରିବା ପରେ କମ୍ପାନୀ କାର୍ଯ୍ୟ ବନ୍ଦ ରଖିଥିଲେ। ଖଣି ଓ ଖଣିଜ ବିକାଶ ଆଇନ, ୨୦୧୫ ଅନୁଯାୟୀ ସେ ତାଙ୍କର ଅବଶିଷ୍ଟ ସମୟ ଲାଗି ଲିଜ୍ ଅଧିକାର ହରାଇଛନ୍ତି ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ କମ୍ପାନୀ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବା ସହ ଅବଶିଷ୍ଟ ୧୦ ବର୍ଷ ଲିଜ୍ ପ୍ରଦାନ ଲାଗି ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ନିବେଦନ କରାଯାଇଥିଲା।

# ଦରବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୭।୪ (ବ୍ୟୁରୋ)

ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବିରୋଧରେ ସିପିଆଇ ପକ୍ଷରୁ ୪ରୁ ୧୨ତାରିଖ ମଧ୍ୟରେ ସର୍ବଭାରତୀୟ ପ୍ରତିବାଦ ପରିପ୍ରେକ୍ଷୀରେ ଗୁରୁବାର ଭୁବନେଶ୍ୱରଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସିପିଆଇର ଜୋନ୍ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ପୂର୍ବାହ୍ନରେ ପାର୍ଟିର ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ସିପିଆଇ ଓ ବିଜେଏମ୍‌ୟୁ କର୍ମୀମାନେ ପ୍ଲାକାର୍ଡ ଧରି ନାନା ନାରାବାଜି ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ଟ୍ରଲିରେ ସ୍କୁଟର ଲଦି ଟାଣିବା ସହ ଖାଲି ଗ୍ୟାସ୍ ସିଲିଣ୍ଡର ଦେଖାଇ ଅଭିନବ ପ୍ରତିବାଦ କରିଥିଲେ। ରାଜମହଲ ଛକ ଅତିକ୍ରମ କରି ରାଜଧାନୀ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଥିବାବେଳେ ପୋଲିସ ବାଧା ଦେବାରୁ ସେଠାରେ ସେମାନେ ରାସ୍ତାରୋକୋ କରାଯାଇଥିଲା। ଆନ୍ଦୋଳନରେ ଉତ୍କଳ ରାଜ୍ୟ ମହିଳା ସମିତିର ପ୍ରଭାବତୀ ଦାସ, ଜୋନ୍ ସହ ସମ୍ପାଦକ କୈଳାସ ପୁହାଣ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍, ଖାଇବା ତେଲ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ବିରୋଧରେ ସିପିଆଇ ପକ୍ଷରୁ ଗୁରୁବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

# ଅଭିଯୁକ୍ତଙ୍କୁ ୨୫ ବର୍ଷ ୬ମାସ କାରାଦଣ୍ଡ

**ଅପ୍ରାକୃତିକ ଯୌନକ୍ରିୟା ମାମଲା**

ଜୟପୁର ୭।୪(ନି.ପ୍ର.)

ଏକ ଅପ୍ରାକୃତିକ ଯୌନକ୍ରିୟା ମାମଲାର ବିଚାରକରି କୋରାପୁଟ ଜିଲା ଜୟପୁରସ୍ଥିତ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ଗୁରୁବାର ଅଭିଯୁକ୍ତଙ୍କୁ ୨୫ ବର୍ଷ ୬ମାସ କାରାଦଣ୍ଡ ସହ ୩୦ ହଜାର ୫ଶହ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜଣେ ୧୦ ବର୍ଷର ବାଳକଙ୍କ ସହ ଯୌନ ସମ୍ପର୍କ ରଖିବା ମାମଲାର ଶୁଣାଣିକରି ଅତିରିକ୍ତ ଦୌରାଜଜ୍ ପ୍ରଦୀପ କୁମାର ସାସମଲ ନନ୍ଦପୁର ଥାନା ଘାଗଡ଼ାପାଣ୍ଡି ଗ୍ରାମର ଅଭିଯୁକ୍ତ ସୁବାସ ବଡ଼ନାୟକ(୩୬)ଙ୍କ ବିରୋଧରେ ଏହି ଦଣ୍ଡାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ ଏପ୍ରିଲ ୨୫ରେ ଅଭିଯୁକ୍ତ ସୁବାସ ନାବାଳକଙ୍କୁ ୧୦ ଟଙ୍କା ଦେବେ ବୋଲି କହି ପ୍ରଲୋଭନ ଦେଖାଇ ଗାଁ ନିକଟ ନାଳ ପାଖକୁ ନେଇଥିଲେ। ସେଠାରେ ତାଙ୍କୁ ଭୟଭୀତ କରି ମାଡ଼ ମାରିବା ସହ ଯୌନ ସମ୍ପର୍କ ରଖିଥିଲେ। ଏଥିରେ ନାବାଳକ ଜଣକ କ୍ଷତାକ୍ତ ଅବସ୍ଥାରେ ଅଭିଯୁକ୍ତଙ୍କ କବଳରୁ ଖସି ଆସିଥିଲେ। ବାଟରେ ତାଙ୍କ ବାପାଙ୍କୁ ଦେଖି ସମସ୍ତ ବିଷୟ ଜଣାଇଥିଲେ। ବାପା ତାଙ୍କୁ ପ୍ରଥମେ ନନ୍ଦପୁର ଡାକ୍ତରଖାନା ଓ ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ପରେ ଘଟଣା ନେଇ ନନ୍ଦପୁର ଥାନାରେ ଲିଖିତ ସେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସୁବାସଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତଙ୍କୁ ୪ଟି ଦଫାରେ ଦଣ୍ଡିତ କରିଛନ୍ତି। ମାମଲାର ବିଚାରଣା ବେଳେ ପୀଡ଼ିତଙ୍କୁ ଅନ୍ତରୀଣ ୧ ଲକ୍ଷ ୫୦ ହଜାର ଟଙ୍କାର ଆର୍ଥିକ ଅନୁକମ୍ପା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ଫଇସଲା ପରେ ପୁଣି ୧ ଲକ୍ଷ ୫୦ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରୀ ଓକିଲ ସୁଧୀର ତ୍ରିପାଠୀ ଓ ବି. ଗାୟତ୍ରୀ ଦେବୀ ପରିଚାଳନା କରୁଥିଲେ।

# ରୋଗୀ ସମ୍ପର୍କୀୟଙ୍କୁ ହତ୍ୟା

- ଲୁଟ୍ ପାଇଁ ହୋଇଥିବା ସନ୍ଦେହ: ଏସ୍‌ଡିପିଓ

ସମ୍ବଲପୁର,୭।୪(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ନେତାଜୀ ଛକଠାରୁ ଗୌଡପାଲି ରାସ୍ତାରେ ଗୁରୁବାର ଭୋର ସମୟରେ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ହୋଇଛନ୍ତି ଭିମ୍‌ସାରରେ ଚିକିତ୍ସିତ ହେଉଥିବା ରୋଗୀ ସମ୍ପର୍କୀୟ ମହୁଲପାଲି ଥାନା ମହୁଲପାଲି ଗ୍ରାମର ଲମ୍ବୋଦର ନାଏକ (୪୫)। ସେ ଶୌଚ ପାଇଁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍‌ସାର ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ସିସିଟିଭି ଓ ଅନ୍ୟ ଦିଗକୁ ନେଇ ତଦନ୍ତ କରୁଛି। ଲୁଟ୍ ଉଦ୍ଦେଶ୍ୟ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ହୀରାକୁଦ ଏସ୍‌ଡିପିଓ ଏସ୍. ଦାଶ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଏପ୍ରିଲ ୫ ତାରିଖରେ ଲମ୍ବୋଦରଙ୍କ ବାପା କପିଲ ଭିମ୍‌ସାର ଇଏନ୍‌ଟି ବିଭାଗରେ ଭର୍ତ୍ତି ହୋଇଥିଲେ। କପିଳଙ୍କୁ ଜଗିବା ପାଇଁ ଭିଣୋଇ ଅଭିନ୍ନ ଓ ପୁଅ ଲମ୍ବୋଦର ସାଙ୍ଗରେ ରହୁଥିଲେ। ଗୁରୁବାର ଭୋର ୫ଟାରେ ସେମାନେ ଶୌଚ ପାଇଁ ନିକଟସ୍ଥ କେନାଲକୁ ଯାଇଥିଲେ। ରାସ୍ତା କଡରେ ପ୍ୟାଣ୍ଟ ଖୋଲି ଶୌଚ ହେବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଆସି ପ୍ୟାଣ୍ଟ ନେବାକୁ ଚେଷ୍ଟା କରିଥିଲେ। ପ୍ୟାଣ୍ଟ ପକେଟରେ ଟଙ୍କା ଥିବାରୁ ଲମ୍ବୋଦର ପହଞ୍ଚି ସେମାନଙ୍କୁ ବିରୋଧ କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଲମ୍ବୋଦର ଗୁରୁତର ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିନ୍ନ ତାଙ୍କୁ ଭିମ୍‌ସାର ନେଇଥିଲେ। ଏଭଳି ଅପରାଧିକ ଘଟଣା ବାରମ୍ବାର ଘଟୁଥିବାରୁ ବୁର୍ଲା ପୋଲିସ ଉପରେ ଲୋକଙ୍କ ଭରସା ରହୁ ନାହିଁ। ଫେବୃୟାରୀ ୧୭ରେ ଜଣେ କିନ୍ନରଙ୍କୁ କେହି ହତ୍ୟା କରି ଜାତୀୟ ରାଜପଥ କଡରେ ଫିଙ୍ଗି ଦେଇଥିଲେ। ଘଟଣାକୁ ପ୍ରାୟ ଦେଢମାସ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଇବ ବୋଲି ଏଠାରେ ଆଲୋଚନା ହେଉଛି।

# ଦୁଇ ଭାଇଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**କୃଷି ଉପକରଣ ସବ୍‌ସିଡି ନାଁରେ ୬.୮୧ କୋଟି ହଡ଼ପ**

- ୧୯ ଜିଲାରେ ଠକେଇ ର୍‍ୟାକେଟ
- ଏକାଧିକ ଡିଲରଙ୍କ ସମ୍ପୃକ୍ତି ଥିବା ସୂଚନା

ଭୁବନେଶ୍ୱର,୭।୪ (ବ୍ୟୁରୋ)

ଚାଷୀଙ୍କୁ କୃଷି ଉପକରଣ ବିକ୍ରି କରିଥିବା ଦର୍ଶାଇ ୬.୮୧ କୋଟି ସବ୍‌ସିଡି ଟଙ୍କା ହଡ଼ପ ମାମଲାରେ ସମ୍ପୃକ୍ତ ୨ ଭାଇଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେମାନେ ହେଲେ ଏମ୍/ଏସ୍ ଶୀତଲ ଏଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ ଓ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍ କମ୍ପାନୀର ପ୍ରୋପ୍ରାଇଟର୍ ତାପସ କୁମାର ଦାସ। ଉଭୟଙ୍କୁ ବୁଧବାର ଗିରଫ କରାଯିବା ପରେ ଗୁରୁବାର ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କଠାରୁ ଚାଷୀଙ୍କ ଦସ୍ତାବିଜ୍, ଜାଲ୍ କାଗଜପତ୍ର, ମନି ରିସିପ୍ଟ ଓ ଗୋଟିଏ ହାର୍ଡ ଡିସ୍କକୁ ଜବତ କରିଛି। ଏହି ମାମଲାରେ ଏକାଧିକ ଡିଲର୍‌ଙ୍କ ସମ୍ପୃକ୍ତି ଥିବାରୁ ସେମାନଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଏମ୍/ଏସ୍ ଶୀତଲ ଏଗ୍ରୋ ଇନ୍‌ପୁଟ୍ସ ପ୍ରାଇଭେଟ୍ ଲିଃର ଅଫିସ୍ ଜଗତ୍‌ସିଂହପୁର ଜିଲା ତରଡ଼ାପଡ଼ାସ୍ଥିତ ପୁରୋହିତପୁରରେ ରହିଛି। ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ ଡିବିଟି (ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର) ସ୍କିମ୍ ଜରିଆରେ ବିଭିନ୍ନ କୃଷି ଉପକରଣ ବିକ୍ରି କରିବାକୁ ଉକ୍ତ କମ୍ପାନୀ ପଞ୍ଜୀକୃତ ରହିଛି। ତେବେ ଅଭିଯୁକ୍ତ ମାନସ ୨୦୧୮-୨୦୧୯ ଓ ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍ କମ୍ପାନୀ ସମେତ ୮ ଡିଲରଙ୍କ ଦ୍ୱାରା ୫୦୮ ଧାନରୁଆ ଯନ୍ତ୍ର ବିକ୍ରି କରିଥିବା ନେଇ ବିଭିନ୍ନ ଚାଷୀଙ୍କ ଜାଲ କାଗଜପତ୍ର ୱେବ୍‌ସାଇଟ୍ ଜରିଆରେ ଅପଲୋଡ୍ କରିଥିଲେ। ଅଭିଯୁକ୍ତମାନେ ଜଗତ୍‌ସିଂହପୁର, ଯାଜପୁର, ବାଲେଶ୍ୱର, ଖୋର୍ଦ୍ଧା, କଳାହାଣ୍ଡି ଓ ସମ୍ବଲପୁର ଆଦି ୧୯ଟି ଜିଲାର ଚାଷୀଙ୍କୁ ଧାନରୁଆ ଯନ୍ତ୍ର ବିକ୍ରି କରିଥିବା ଦର୍ଶାଇ ୬ କୋଟି ୮୧ ଲକ୍ଷ ୫୩ ହଜାର ୪୮ ଟଙ୍କାର ସବ୍‌ସିଡି ଅର୍ଥ ହଡ଼ପ କରିଥିଲେ। ତେବେ ଏହି ସବ୍‌ସିଡି ଅର୍ଥ ବିଭିନ୍ନ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବା ପରେ ମାନସ ଓ ତାଙ୍କ ଭାଇ ତାପସ ଏବଂ ଡିଲରମାନେ ଚାଷୀଙ୍କୁ ଅଳ୍ପ ପରିମାଣର ଅର୍ଥ ଦେଇ ବାକି ଟଙ୍କା ନେଇଯାଇଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ଡିଲର୍ ଏମ୍/ଏସ୍ ମିଶିତା ଏଣ୍ଟରପ୍ରାଇଜେସ୍‌ର ପ୍ରୋପ୍ରାଇଟର୍ ତାପସ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ୫୦୪ ଧାନରୁଆ ଯନ୍ତ୍ରରୁ ୩୩୭ଟି ବିକ୍ରି କରିଛନ୍ତି। ଦୁଇ ଭାଇ ମାନସ ଓ ତାପସ ଡିବିଟି ପୋର୍ଟାଲରେ ଫେକ୍ କାଗଜପତ୍ର ଦେଇ ସବ୍‌ସିଡି ଅର୍ଥ ହଡ଼ପ କରିଥିଲେ। ତେବେ ୨୦୨୧ରେ ରୁଜୁ ହୋଇଥିବା ଏକ ମାମଲା (ନଂ୭)ର ତଦନ୍ତ କରୁଥିବାବେଳେ ଇଓଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ଏ.କେ. ମିଶ୍ର ଏହି ଠକେଇ ସମ୍ପର୍କରେ ଜାଣିବାକୁ ପାଇଥିଲେ। ତାଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁରେ ୨୦୨୨ ଏପ୍ରିଲ୍ ୨ରେ ମାମଲା (ନଂ.୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।


ଗିରଫ ଦୁଇ ଅଭିଯୁକ୍ତ।

# ଓଡ଼ିଶାକୁ ୨୭୨୫ କୋଟି ଋଣ ଉଠାଣ ଅନୁମତି

ଭୁବନେଶ୍ୱର, ୭।୪(ବ୍ୟୁରୋ)

**ବିଦ୍ୟୁତ୍ ସଂସ୍କାର**



ବିଦ୍ୟୁତ୍ ସଂସ୍କାର ପାଇଁ ଓଡ଼ିଶାକୁ ୨୭୨୫ କୋଟି ଟଙ୍କାର ଋଣ ଉଠାଣ ନିମନ୍ତେ ମଞ୍ଜୁରୀ ମିଳିଛି । ଓଡ଼ିଶା ସମେତ ଦେଶର ୧୦ଟି ରାଜ୍ୟକୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ପାଇଁ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଅତିରିକ୍ତ ୨୮ ହଜାର ୨୦୪ କୋଟି ଟଙ୍କାର ଋଣ ଉଠାଣ ପାଇଁ ଅନୁମତି ଦିଆଯାଇଛି । ବିଦ୍ୟୁତ୍ କ୍ଷେତ୍ରରେ ବିଭିନ୍ନ ରାଜ୍ୟଗୁଡ଼ିକ ପକ୍ଷରୁ କରାଯାଇଥିବା ସଂସ୍କାରକୁ ଆଧାର କରି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତି ବର୍ଷ ରାଜ୍ୟ ଜିଡିପିର ୦.୫ ପ୍ରତିଶତ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦେବା ଲାଗି ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିସକୁ ଆଧାର କରି ଏହି ମଞ୍ଜୁରୀ ଦେବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ଗ୍ରହଣ କରିଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୨୧-୨୨ ବଜେଟ ଭାଷଣରେ ଏ ସମ୍ପର୍କରେ ଘୋଷଣା କରିଥିଲେ। ବିଦ୍ୟୁତ୍ କ୍ଷେତ୍ରରେ ପରିଚାଳନା ଏବଂ ଆର୍ଥିକ ଦକ୍ଷତାରେ ସୁଧାର ଆଣିବା ସହିତ ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଦୀର୍ଘସ୍ଥାୟୀ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ସକାଶେ ଅନୁମତି ଦେବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର କାର୍ଯ୍ୟକାରୀ କରୁଥିବା ରାଜ୍ୟଗୁଡ଼ିକୁ ଅତିରିକ୍ତ ଋଣ ଉଠାଣ ନିମନ୍ତେ ଅନୁମତି ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨୦୨୧ ଜୁନ୍ ୯ରେ ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗ ପକ୍ଷରୁ ଆବଶ୍ୟକ ବିସ୍ତୃତ ମାର୍ଗଦର୍ଶିକା ଏବଂ ନିୟମାବଳୀ ଜାରି କରାଯାଇଥିଲା। ଅତିରିକ୍ତ ଋଣ ଉଠାଣ ନିମନ୍ତେ ବିଦ୍ୟୁତ୍ କ୍ଷେତ୍ରରେ ରାଜ୍ୟ ସରକାରମାନଙ୍କୁ ବାଧ୍ୟତାମୂଳକ ସଂସ୍କାର କାର୍ଯ୍ୟକାରୀ କରିବାକୁ ହେବ ଏବଂ ନିର୍ଦ୍ଧାରିତ ପ୍ରଦର୍ଶନ ବେଞ୍ଚମାର୍କ ପ୍ରସ୍ତୁତ କରିବାକୁ ପଡ଼ିବ । ବିଦ୍ୟୁତ୍ ବିତରଣ କମ୍ପାନୀର ଘରୋଇକରଣ ପାଇଁ ରାଜ୍ୟଗୁଡ଼ିକ ବୋନସ ପ୍ରୋତ୍ସାହନ ପାଇବା ଲାଗି ଯୋଗ୍ୟ ହୋଇପାରିବେ। ରାଜ୍ୟମାନଙ୍କର ପ୍ରଦର୍ଶନ ଏବଂ ଅତିରିକ୍ତ ଋଣ ଉଠାଣ ଅନୁମତି ପାଇଁ ଯୋଗ୍ୟତା ଆକଳନ କରିବା ଲାଗି ଶକ୍ତି ମନ୍ତ୍ରଣାଳୟକୁ ନୋଡାଲ ମନ୍ତ୍ରଣାଳୟ ଭାବେ ନିୟୋଜିତ କରାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ମଧ୍ୟ ରାଜ୍ୟଗୁଡ଼ିକ ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ସହ ଜଡ଼ିତ ଅତିରିକ୍ତ ଋଣ ଉଠାଣ ସୁବିଧାର ଲାଭ ନେଇପାରିବେ। ଏଥିପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧,୨୨,୫୫୧ କୋଟି ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଉପଲବ୍ଧ ରହିଛି । ୨୦୨୧-୨୨ ଆର୍ଥିକ ବର୍ଷରେ ସଂସ୍କାର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରି ନ ଥିବା ରାଜ୍ୟଗୁଡ଼ିକ ଚଳିତ ଆର୍ଥିକ ବର୍ଷରେ ସଂସ୍କାର କାର୍ଯ୍ୟକାରୀ କରିପାରିଲେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟବସ୍ଥା ହୋଇଥିବା ଅତିରିକ୍ତ ଋଣ ଉଠାଣର ଲାଭ ନେଇପାରିବେ ।

# ରଥର ୪ ଦ୍ୱାର କାର୍ଯ୍ୟ ସମ୍ପନ୍ନ

ପୁରୁଣା ଭୁବନେଶ୍ୱର, ୭।୪(ଡି.ଏନ୍.ଏ.)

ଆସନ୍ତା ୯ ତାରିଖରେ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଥିବା ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ରୁକୁଣା ରଥଯାତ୍ରା ପୂର୍ବରୁ ଠାକୁରଙ୍କ ନେତ୍ରୋତ୍ସବ ଥିବାରୁ ଏଥିପାଇଁ ରଥର ଅଧିକାଂଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ କାର୍ଯ୍ୟ କରୁଥିବା ମହାରଣାମାନେ ଗୁରୁବାର ସୁଦ୍ଧା ରଥରେ ଚକଡ଼ା ବେଦୀ ପଟା ଲଗାଇଥିବା ବେଳେ ୪ ଦ୍ୱାର କାର୍ଯ୍ୟ ସମ୍ପନ୍ନ ହୋଇଛି। ନେତ୍ରୋତ୍ସବରେ ଘଣ୍ଟିଓରା ଧ୍ୱଜବତା, ଦଧିନଉତି, ଝରାଶୁଆ ଏବଂ କଳସ ଲାଗି ବତା ବାଡ଼ିଆ ଯିବାପରେ ସିଂହାସନ ଓ ପ୍ରଭା ରଥକୁ ଉଠିବ। ରାତି ୯ଟା ସୁଦ୍ଧା ରଥ ମନ୍ଦିର କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ ବୋଲି ସର୍ଦ୍ଦାର ମହାରଣା, ବଟକୃଷ୍ଣ ମହାରଣା କହିଛନ୍ତି। ରଥ କାର୍ଯ୍ୟରେ ୬୫ଜଣ ମହାରଣାଙ୍କ ସମେତ ସୋମନାଥ ମହାରଣା, କେଦାର ମହାରଣା, ପ୍ରିୟରଞ୍ଜନ ମହାରଣା, ମହେଶ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଶୁକ୍ରବାର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡରୁ ପାଣି ଆସିବା ପରେ ରଥ ପ୍ରତିଷ୍ଠା କରାଯିବ ବୋଲି ସୂଚନା ମିଳିଛି।

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ଏପ୍ରିଲ, ୨୦୨୨

**୨୨୮ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ କଣ୍ଟାଗୋଠ ଗ୍ରାମରେ କମିଶନରେଟ ପୋଲିସର ରେଡକ୍ରସ ସୋସାଇଟି ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୨୮ ଜଣ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ଦିଆଯାଇଥିଲା। ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ କମିଶନର ନିତୀଶେଖର ଓ ଡିସିପି (ଟ୍ରାଫିକ) ଏସ୍ ସୁଶ୍ରୀ ଶିବିର ବୁଲି ଦେଖିଥିଲେ। ସୋସାଇଟିର ଯୁଗ୍ମ ସମ୍ପାଦକ ଏସ୍‌ପି ଲଳିତେନ୍ଦୁ ମହାନ୍ତି, ପରେଶ ରାଉତ, ବାଲିଅନ୍ତା ଥାନାଧିକାରୀ ଯୁବରାଜ ସ୍ୱାଇଁ, ଦିଲୀପ ଦାଶଶର୍ମା, ଡ. ଦ୍ୱାରିକାନାଥ ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଏକ୍ସଇ ଭାରିଆଣ୍ଟକୁ ନେଇ ଆତଙ୍କିତ ହୁଅନି: ଡିଏମ୍ଇଟି

**ଭୁବନେଶ୍ୱର,୭।୪(ବ୍ୟୁରୋ):** କରୋନାର ନୂଆ ଭାରିଆଣ୍ଟ ଏକ୍ସଇ ବିଶେଷ ଭୟାବହ ନ ଥିବାରୁ ଆତଙ୍କିତ ନ ହେବାକୁ ଡିଏମ୍ଇଟି ଡା. ରମାରମଣ ମହାନ୍ତି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଭାରତରେ ଏହି ଭାରିଆଣ୍ଟ ଚିହ୍ନଟ ହୋଇଥିଲେ ମଧ କେନ୍ଦ୍ର ସରକାର ଏହାକୁ ଖଣ୍ଡନ କରିଛନ୍ତି। ଭାରିଆଣ୍ଟ ପ୍ରାଥମିକ ଅବସ୍ଥାରେ ଥିବାବେଳେ, ଏହା କେତେ ସଂକ୍ରାମକ ତାହା ଉପରେ ତର୍ଜମା ଚାଲିଛି। କିନ୍ତୁ ନିୟମିତ ମାସ୍କ ପିନ୍ଧିବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ମଧ ଭୟଭୀତ ନ ହେବାକୁ କହିଛନ୍ତି। ଏକ୍ସଇ ଭାରିଆଣ୍ଡ ପ୍ରଥମେ ୟୁକେରୁ ଚିହ୍ନଟ ହୋଇଥିଲା। ଏହାର ସଂକ୍ରମଣ ଗତି ଅଛି ମାତ୍ର ଏତେ ଭୟାବହ ନାହିଁ। ଚିହ୍ନଟ ହୋଇଥିବା ବ୍ୟକ୍ତି ଲକ୍ଷଣହୀନ ଅଛନ୍ତି। ଅପରପକ୍ଷେ ରାଜ୍ୟ ସରକାର ମୁକାବିଲା ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବୁଧବାର ଭାରତରେ ପ୍ରଥମ ଏକ୍ସଇ ଭାରିଆଣ୍ଟ ମୁମ୍ବାଇରୁ ଚିହ୍ନଟ ହୋଇଥିଲା। କିନ୍ତୁ ଏହାର କିଛି ଘଣ୍ଟା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା।

### ଗଞ୍ଜେଇ ବେପାରୀ ଗିରଫ

**ଭୁବନେଶ୍ୱର,୭।୪(ବ୍ୟୁରୋ):** ନୟାପଲ୍ଲୀ ଥାନା ପୋଲିସ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି । ସେ ହେଲେ ଭୁବନେଶ୍ୱର ବେହେରା ବସ୍ତିରେ ରହୁଥିବା ପୁରୀ ଜିଲାର ଜମେଶ୍ୱର ପ୍ରଧାନ । ତାଙ୍କ ଠାରୁ ୩ କେଜି ୧୦୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ଗତ ୬ ତାରିଖରେ ଜମେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ କୃଷି ଉଦ୍ୟାନ ମୁଖ୍ୟ ଗେଟ ପାଖରେ ଗଞ୍ଜେଇ ବେପାର କରୁଥିଲେ । ଖବର ପାଇ ନୟାପଲ୍ଲୀ ଥାନା ପୋଲିସ ଚଢାଉ କରି ତାଙ୍କୁ କାବୁ କରିଥିଲେ । ଜମେଶ୍ୱର ଦୀର୍ଘ ଦିନ ଧରି କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ଜଣାପଡ଼ିଛି।

### 'ସହଯୋଗ-୨' ତାଲିମ ଶିବିର

**ବାରଙ୍ଗ,୭।୪(ଡି.ଏନ୍.ଏ.):** ସର୍ବଶିକ୍ଷା ଅଭିଯାନ ପକ୍ଷରୁ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ନେଇ ତିନି ଦିନିଆ 'ସହଯୋଗ-୨' ପ୍ରଶିକ୍ଷଣ ଶିବିର ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଦାଢ଼ା ପଞ୍ଚାୟତ ଅନ୍ତର୍ଗତ ପଦାସାହି କ୍ଲଷ୍ଟର ଅଧୀନ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ୧୫ଜଣ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଆର୍‌ପି ପ୍ରଭାସିନୀ ସାହୁ ଏବଂ ସୁରେନ୍ଦ୍ର ରେଢ୍ଡୀ ବିଦ୍ୟାଳୟ ପରିଚାଳନା କମିଟି ଗଠନ ଓ କାର୍ଯ୍ୟ, ପିତାମାତା (ପିଟିଏ) ଗଠନ, କାର୍ଯ୍ୟ ଓ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ସୋମନାଥ ସିଂ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଜଗନ୍ନାଥ ଭଞ୍ଜ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ଈଶାନେଶ୍ୱର ବସ୍ତିରେ ଆରମ୍ଭ ହେଲା ପଠନ କେନ୍ଦ୍ର

**ଭୁବନେଶ୍ୱର,୭।୪(ବ୍ୟୁରୋ):** ଶିଶୁମାନଙ୍କର ଶିକ୍ଷାକୁ ଆଗେଇ ନେବା ଓ ଅଧାରୁ ପାଠ ଛାଡୁଥିବା ଶିଶୁମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜଧାନୀରେ ପଠନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ଆକ୍ସନଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ଈଶାନେଶ୍ୱର ବସ୍ତିଠାରେ ଏହି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବରେ ମେୟର ସୁଲୋଚନା ଦାସ ଯୋଗଦେଇ କହିଥିଲେ, ଭୁବନେଶ୍ୱରକୁ ଶିଶୁମିତ୍ର ସହର କରିବା ପାଇଁ ସମସ୍ତଙ୍କର ସହଯୋଗ ଏକାନ୍ତ କାମ୍ୟ । ସମ୍ମାନିତ ଅତିଥିଭାବେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ ଶିଶୁମାନଙ୍କ ପାଇଁ ଶିଶୁ ଅନୁକୂଳ ବାତାବରଣ ସୃଷ୍ଟି କରିବା ଓ ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଜରୁରୀ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ୱାର୍ଡ ନଂ. ୧୪ର କର୍ପୋରେଟର ମୋନାଲିସା ସାହୁ, ଆକ୍ସନଏଡ୍ ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ବି.ଏନ୍.ଦୁର୍ଗା, ସ୍ୱାତୀ ତନୟା ମିଶ୍ର, ଈଶାନେଶ୍ୱର ବସ୍ତିର ସଭାପତି ରାଜେଶ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆକ୍ସନଏଡ୍‌ର କାର୍ଯ୍ୟକ୍ରମ ପ୍ରବନ୍ଧକ ଘାସିରାମ ପଣ୍ଡା ପରିଚାଳନା କରିଥିବାବେଳେ ଶୁଭେନ୍ଦୁ କୁମାର ରାୟ ଶିଶୁ ପଠନ କେନ୍ଦ୍ରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ଅବହେଳାରୁ ଅଟିକିଛି 'ସିଟିଜ୍ ପ୍ରକଳ୍ପ'

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

## ଏମିତି ସ୍ଥିତିରେ ସ୍ମାର୍ଟସିଟି ଯୋଜନା

- ଟେଣ୍ଡରରେ ଅଟକିଛି ପ୍ରକଳ୍ପ
- ନାଲି ଫିତା ତଳେ ଚପିଯାଉଛି ଏଭଳି ଅନେକ ଯୋଜନା

ରାଜଧାନୀ ଭୁବନେଶ୍ୱରକୁ ପୂର୍ଣ୍ଣାଙ୍ଗ ସ୍ମାର୍ଟସିଟିରେ ପରିଣତ କରିବାକୁ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ ଆରମ୍ଭ ହେଉଛି। ବିଡିଏ, ବିଏମ୍‌ସି ଓ ସ୍ମାର୍ଟସିଟି ପକ୍ଷରୁ ମାଳ ମାଳ ଯୋଜନା ପ୍ରସ୍ତୁତ କରାଯାଉଥିଲେ ମଧ ସମୟ ସହିତ ଅଧିକାଂଶ ନାଲି ଫିତା ତଳେ ଚାପି ହୋଇ ଯାଉଛି। ବହୁ ପ୍ରକଳ୍ପ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବାବେଳେ 'ସିଟିଜ୍ ପ୍ରକଳ୍ପ'କୁ ନେଇ ସେମିତି କିଛି ଆଶଙ୍କା ଦେଖାଦେଇଛି। ସ୍ମାର୍ଟସିଟି ମିଶନ୍‌ରେ ସହରର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏହି ପ୍ରକଳ୍ପରେ ସହରର ବିଭିନ୍ନ ସ୍ଥାନର ବିକାଶ କରାଯିବାର ଯୋଜନା ରହିଛି। ଭୁବନେଶ୍ୱରରେ 'ସିଟିଜ୍ ପ୍ରକଳ୍ପ' କାର୍ଯ୍ୟକାରୀ କରିବା ପାଇଁ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ, ରାଜ୍ୟ ସରକାର ଓ ସ୍ମାର୍ଟସିଟି ମଧ୍ୟରେ ୨୦୧୯ ମାର୍ଚ୍ଚ ୫ରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପରେ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ସହିତ ଫ୍ରାନ୍ସ ଉନ୍ନୟନ ସଂସ୍ଥା (ଏଏଫ୍‌ଡି), ୟୁରୋପିଆନ ୟୁନିୟନ (ଇୟୁ) ଓ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଅର୍ବାନ ଆଫାୟାର୍ସ (ଏନ୍‌ଆଇୟୁଏ) ଭୁବନେଶ୍ୱରକୁ ସହଯୋଗ କରୁଛି। ତେବେ ୩ ବର୍ଷ ପରେ ମଧ ପ୍ରକଳ୍ପ ଆରମ୍ଭ ହେବାର ନାଁ ଧରୁନି। ପ୍ରକଳ୍ପ ଅଧୀନରେ ସହରର ୨ହଜାର ୪୭୦ ଏକର ଖୋଲା ସ୍ଥାନର ବିକାଶ କରାଯିବାର ଥିଲା। ସହରବାସୀଙ୍କୁ ଉନ୍ନତ ସେବା ସହିତ ରାଜଧାନୀର ଐତିହ୍ୟ ଓ କୀର୍ତ୍ତିରାଜି ସୁରକ୍ଷା ଦିଗରେ କାର୍ଯ୍ୟ କରାଯାଇଥାନ୍ତା। ରାସ୍ତା, କଳ, ପାର୍କ, ଖୋଲା ସ୍ଥାନ, କ୍ରୀଡ଼ା ଓ ଖେଳ ପଡ଼ିଆ ସମେତ ଔଷଧୀୟ ଉଦ୍ୟାନ ଆଦି କରାଯିବାର ବ୍ୟବସ୍ଥା ରହିଥିଲା। ଏଥିପାଇଁ ମୋଟ୍ ୧୮୯୬୯ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ତେବେ ପ୍ରୋତ୍ସାହନ ଓ ଅଧିକାରୀଙ୍କ ଖାମଖିଆଲ ତଥା ଅବହେଳା କାରଣରୁ ପ୍ରକଳ୍ପର ଶିଳାନ୍ୟାସ ମଧ ହୋଇ ପାରୁନାହିଁ। ଅପରପକ୍ଷେ ଏହି ପ୍ରକଳ୍ପ ଅଧୀନରେ ଥିବା ଏକାଧିକ ଯୋଜନା ଏବେ ବାଦ୍ ପଡିଛି।

ଏ ସମ୍ପର୍କରେ ସ୍ମାର୍ଟସିଟି ଜେନେରାଲ ମ୍ୟାନେଜର (ସିଟି ପ୍ରୋଜେକ୍ଟ) ଦିପ୍ତୀରାଣୀ ସାହୁ କହିଛନ୍ତି, ପ୍ରକଳ୍ପ ଟେଣ୍ଡର ପ୍ରୋସେସିଂ ଷ୍ଟେଜ୍‌ରେ ଅଛି। ଟେଣ୍ଡର ପ୍ରକ୍ରିୟା ସରିଲେ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ଏହି ପ୍ରକଳ୍ପ କେବଳ ସ୍ମାର୍ଟସିଟିର ନୁହେଁ, ଏହା ବିଡିଏ, ବିଏମ୍‌ସି, କ୍ରୀଡା ବିଭାଗର ମିଳିତ ସହଯୋଗରେ କରାଯାଉଛି। ପୂର୍ବରୁ ଧାର୍ଯ୍ୟ ହୋଇଥିବା ପ୍ରକଳ୍ପରେ କିଛିଟା ପରିବର୍ତ୍ତନ କରାଯାଇଛି। ସଂଶୋଧିତ ପ୍ରକଳ୍ପ ଅନୁଯାୟୀ ସହରର ମୁଖ୍ୟ ଡ୍ରେନ୍ ନଂ. ୭ ଓ ୧୦ର ସୌନ୍ଦର୍ଯ୍ୟକରଣ କରାଯିବ। ଏହି ନାଳରେ ଯାଉଥିବା ପାଣି ଯେମିତି ଅପରିଷ୍କାର ନ ରହିବ, ତାହା ଉପରେ ଗୁରୁତ୍ୱ ଦିଆଯିବ। ବିଏମ୍‌ସି ସହିତ ମିଶି ଏହାର ଆଖପାଖକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହିତ ଆକର୍ଷଣୀୟ କରାଯିବ। ସେହିପରି ବିଡିଏ ସହିତ ଅନୁବନ୍ଧିତ ହୋଇ ପାର୍କ ଅନ୍ ଡିମାଣ୍ଡ (ପିଓଡ଼ି) କରାଯିବ। ପାର୍କଗୁଡିକର ଉନ୍ନତିକରଣ ସହିତ ଏଠାରେ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ରହିବ। ନିକୋ ପାର୍କଠାରେ ହେବାକୁ ଥିବା ଔଷଧୀୟ ଉଦ୍ୟାନ ଏହାର ପାଇଲଟ୍ ପ୍ରକଳ୍ପ ହୋଇଥିବାରୁ ଏହା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟ ଓ ବିଦ୍ୟୁତ୍ କାମ ଆରମ୍ଭ ହୋଇଥିବା ସେ ସୂଚନା ଦେଇଛନ୍ତି। ତେବେ ସଂଶୋଧିତ ବଜେଟ ସଂକ୍ରାନ୍ତରେ ସେ ସୂଚନା ଦେବାକୁ ମନା କରିଥିଲେ।

### ବାଦ୍ ପଡ଼ିଲା ଐତିହ୍ୟ ପୁଷ୍କରିଣୀ, ରାସ୍ତାର ନବକଳେବର

ସିଟିଜ୍ ପ୍ରକଳ୍ପରେ ରାଜଧାନୀର ୫ଟି ଐତିହ୍ୟ ସମ୍ପନ୍ନ ପୁଷ୍କରିଣୀ ଯଥା ଗୋଦାବରୀ, କାର୍ତ୍ତିକେଶ୍ୱର, ଗଙ୍ଗା ଯମୁନା, ଦେବୀ ପାଦହରା ଓ ଗୋଡ଼ି ପୋଖରୀର ପୁନରୁଦ୍ଧାର କରାଯିବାର ଯୋଜନା ଥିଲା। ବୈଜ୍ଞାନିକ ପଦ୍ଧତିରେ ପୁଷ୍କରିଣୀର ପାଣି ପରିବର୍ତ୍ତନ ସାଙ୍ଗକୁ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସେହିପରି ରାଜଧାନୀର ୯ ପ୍ରମୁଖ ରାସ୍ତାର ନବକଳେବର ମଧ ଏହି ପ୍ରକଳ୍ପ ଅନ୍ତର୍ଗତ ରହିଥିଲା। ମୋଟ ୧୬୭ କିମି ରାସ୍ତା ସହ ଉଭୟ ପାର୍ଶ୍ୱ ଖାଲି ସ୍ଥାନର ଉନ୍ନତିକରଣ କରାଯାଇଥାନ୍ତା। ଯାହାକୁ ଏବେ ସଂଶୋଧି ପ୍ରକଳ୍ପରେ ବାଦ୍ ଦିଆଯାଇଛି।

## ୭ ଲକ୍ଷର ଗଞ୍ଜେଇ ଜବତ, ୨ ଗିରଫ

**ଭୁବନେଶ୍ୱର,୭।୪(ବ୍ୟୁରୋ)**

କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ ନୟାଗଡ଼ ଜିଲାରେ ଚଢ଼ାଉ କରି ୨ ନିଶାବେପାରୀଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା କାଳଙ୍ଗ ଗ୍ରାମର ପ୍ରମୋଦ ସାହୁ ଓ ନୟାଗଡ଼ର ଫତେଗଡ଼ ଥାନା ପିଠାଖାଇ ଗ୍ରାମର ଦାଶରଥି ଲେଙ୍କା। ଏମାନଙ୍କ ଠାରୁ ୫୮ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଫତେଗଡ଼ ପୁଲିସକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଫତେଗଡ଼ ଥାନା ପୋଲିସ ନଂ ୭୬/୨୨ରେ ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ନୟାଗଡ଼ ଫତେଗଡ଼ ଥାନା ଭାପୁର ପିଠାଖାଇ ଗ୍ରାମ ନିକଟରେ ଗଞ୍ଜେଇ ବିକ୍ରି ହେଉଥିଲା। ଏସମ୍ପର୍କରେ ଖବରପାଇ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି ଦୁଇଜଣ ନିଶାବେପାରୀଙ୍କୁ ଧରିଥିଲା।

## 'ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ କାର୍ଯ୍ୟକାରିତା' ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀରେ ଦୁଇଦିନ ବ୍ୟାପୀ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ 'ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ' କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ବନ୍ଧିତ ପ୍ରଶିକ୍ଷଣ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ୫୧ ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ଏହି କର୍ମଶାଳାକୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ୨୦୩୦ କାର୍ଯ୍ୟସୂଚୀ (ଏଜେଣ୍ଡା) ପ୍ରସ୍ତୁତ କରାଯାଇଛି। ଏହାର କାର୍ଯ୍ୟକାରିତା ଓ ଶତପ୍ରତିଶତ ସଫଳତା ହାସଲ ଦିଗରେ ବିଭିନ୍ନ ବିଭାଗର ବ୍ୟୟ ଅଟକଳରେ ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପୃକ୍ତ ବିଭାଗରେ କାର୍ଯ୍ୟରତ କାର୍ଯ୍ୟକ୍ରମ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଥିଲେ। ବିକାଶର ନିରନ୍ତର ପ୍ରକ୍ରିୟାରେ ରାଜ୍ୟର ସମସ୍ତ ବର୍ଗଙ୍କ ସାମଗ୍ରୀକ ବିକାଶ ସାଧନ ପାଇଁ ୨୦୩୦ ଏଜେଣ୍ଡାରେ ସୂଚୀତ ଓ ନିର୍ଦ୍ଧାରିତ ୧୭ଟି ଉଦ୍ଦେଶ୍ୟ ଏବଂ ତତ୍ ଅନ୍ତର୍ଗତ ୧୬୯ଟି ଲକ୍ଷ୍ୟ ହାସଲ ନିମନ୍ତେ ସମସ୍ତ ବିଭାଗର ସକ୍ରିୟ ଭୂମିକା ରହିଛି ବୋଲି ସେ କହିଥିଲେ। କର୍ମଶାଳାର ଅନ୍ତିମ ଦିବସରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ଏସ୍.ଡି.ଜି. ନୋଡାଲ୍ ଅଧିକାରୀ ମନୀଷ ଅଗ୍ରୱାଲ୍, ଅର୍ଥ ବିଭାଗ ବଜେଟ୍ ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ନିର୍ଦ୍ଦେଶକ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ପ୍ରମାଣ ଆଧାରିତ ଯୋଜନା, ଏସ୍.ଡି.ଜି. ମନିଟରିଂ ଫ୍ରେମ୍‌ୱାର୍କ ଏବଂ ଏଥି ସମ୍ବନ୍ଧିତ ଡ୍ୟାସ୍‌ବୋର୍ଡ଼ କାର୍ଯ୍ୟକାରିତା ଆଦି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ, ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀ ସୁନ୍ଦର ନାରାୟଣ ମିଶ୍ର, ଡ. ରମେଶ ଚେଲାନ୍ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆର୍ଟ ଭିଜନ ପକ୍ଷରୁ ରିମେମ୍ବରିଂ ଗୁରୁଜୀ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, କୋଲକାତାର ନନ୍ଦିନୀ ଘୋଷାଲ ଓ ରିନା ଝାନା ନୃତ୍ୟ ପରିବେଷଣ କରୁଛନ୍ତି।

## କରୋନାରେ ୭ ନିୟୁତ, ଜଳବାୟୁ ପରିବର୍ତ୍ତନରେ ୧୩ ନିୟୁତ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

ମହାଲେଖାକାର କାର୍ଯ୍ୟାଳୟ ଓ ସମ୍ ଅଲଟିମେଟ ସହଯୋଗରେ ଗୁରୁବାର ୭୨ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କେଶରୀନଗରସ୍ଥିତ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମହାଲେଖାକାର ପ୍ରିନସନ ଭର୍ଗିଜ ଅଧକ୍ଷତା କରିଥିଲେ। ଏହି ପରିପ୍ରେକ୍ଷୀରେ 'କରୋନା ଭୂତାଣୁ ନିରାକାରଣରେ ଆମର ଭୂମିକା' ସ୍ୱାସ୍ଥ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପମହାଲେଖାକାର କିଶୋର ରେଙ୍ଗୀ ପୋଲୁ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ସ୍ତ୍ରୀ ଓ ପ୍ରସୂତି ଡା. ଚିନ୍ମୟୀ କର ଯୋଗଦେଇ କହିଲେ, ବିଶ୍ୱରେ ମହାମାରୀ କରୋନାରେ ୭ ନିୟୁତ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ୧୩ ନିୟୁତ ଲୋକମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ମୃତ୍ୟୁହାର ରୋକିବାକୁ ହେଲେ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ମହିଳା କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ଲେଖାଧିକାରୀ ଚନ୍ଦ୍ର ପରିଜା, ପରି ବିଶ୍ୱାସ, ସେଣ୍ଟ ଜନ ଆମ୍ବୁଲାନ୍ସର ସହକାରୀ କମିଶନର ପୁରୁଷୋତ୍ତମ ବଳ ଓ ସମ ଅଲଟିମେଟର ଅଧିକାରୀ ନିକୁଞ୍ଜ କିଶୋର ଦାସ, ଚିନ୍ମୟ ଦାସ ପରିଚାଳନା କରିଥିଲେ।

## ସ୍ୱାଧୀନଙ୍କୁ ନେଇ ମିଶ୍ରଣ ରାଜନୀତି

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

- ଆଜି ମିଶିବେ ୧୩ ନଂ. ୱାର୍ଡର ଇତିଶ୍ରୀ ଦାସ
- ବିଜେଡି କର୍ପୋରେଟର ସଂଖ୍ୟା ୫୦ ଛୁଇଁଲା

ଆସନ୍ତା ୯ ତାରିଖରେ ଭୁବନେଶ୍ୱର ମହାନଗର ନିଗମର ଡେପୁଟି ମେୟର ଘୋଷଣା ହେବ। ଏଥିସହ ମେୟର, ଡେପୁଟି ମେୟର ଓ କର୍ପୋରେଟରମାନେ ଶପଥ ନେବେ। ଚଳିତ ନିର୍ବାଚନରେ ମୋଟ ୬୭ଟି ୱାର୍ଡରୁ ବିଜେଡି ୪୮ଟି ହାତେଇବା ପରେ ଡେପୁଟି ମେୟର ମଧ ଦଳ ମଧ୍ୟରୁ ଜଣେ ହେବେ ବୋଲି ସ୍ପଷ୍ଟ ହୋଇସାରିଛି। ଏପରିସ୍ଥିତିରେ ଦବ୍‌ଦବା ଦେଖାଇବାକୁ ସ୍ୱାଧୀନ କର୍ପୋରେଟରଙ୍କୁ ନେଇ ମିଶ୍ରଣ ରାଜନୀତି ଜୋର୍ ଧରିଛି। ଇତିମଧ୍ୟରେ ୨ଜଣ ସ୍ୱାଧୀନ କର୍ପୋରେଟର ବିଜେଡିରେ ସାମିଲ ହୋଇଥିବାବେଳେ ବାକି ୭ଜଣଙ୍କୁ ଦଳକୁ ନେବା ପାଇଁ କସରତ ଚାଲିଛି। ଶୁକ୍ରବାର ୱାର୍ଡ ନଂ. ୧୩ର ସ୍ୱାଧୀନ କର୍ପୋରେଟର ଇତିଶ୍ରୀ ଦାସ ବିଜେଡିରେ ମିଶିବେ ବୋଲି ସୂଚନା ମିଳିଛି। ପୂର୍ବରୁ ମଧ ସେ ଦଳରେ ଥିଲେ। ବିଧାୟକ ସୁଶାନ୍ତ ରାଉତଙ୍କ ସହିତ ମିଶି ଲୋକଙ୍କ ପାଇଁ କାମ କରିଛନ୍ତି। ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢ଼େଇ କରିଥିଲେ। ତେଣୁ ଏହା ଏକ ସୌଜନ୍ୟମୂଳକ ମିଶ୍ରଣ ବୋଲି ସେ କହିଛନ୍ତି।

ସେହିପରି ୱାର୍ଡ ନଂ. ୩୭ର କର୍ପୋରେଟର ବନ୍ଦିତା ପାଲ୍ ମଧ ଦଳରେ ମିଶିବା ନେଇ ସବୁଜ ସଙ୍କେତ ଦେଇଛନ୍ତି। ଶୁକ୍ରବାର ବିଧାୟକ ଅନନ୍ତ ନାରାୟଣ ଜେନା ତାଙ୍କୁ ସାକ୍ଷାତ ପାଇଁ ଡାକିଛନ୍ତି। ଅପରପକ୍ଷେ ୱାର୍ଡ ନଂ. ୪୬ର କର୍ପୋରେଟର ପୁଷ୍ପା ରାଉତ, ୫୮ର ନମିତା ମହାପାତ୍ର ଏବଂ ୬୫ର ରଶ୍ମିରଞ୍ଜନ ପାଢ଼ଶାଣୀ ଏ ପର୍ଯ୍ୟନ୍ତ ଦଳରେ ମିଶିବା ନେଇ କୌଣସି ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ରଖି ନ ଥିବାବେଳେ ସାଧାରଣଲୋକ ସେମାନଙ୍କୁ ଭରସା କରିଛନ୍ତି। ତେଣୁ ଲୋକଙ୍କ ନିଷ୍ପତ୍ତି ହିଁ ତାଙ୍କର ନିଷ୍ପତ୍ତି ହେବ ବୋଲି କହିଛନ୍ତି। ନମିତା କହିଛନ୍ତି, ସ୍ୱାଧୀନ ଭାବେ ଜିତିଲେ ବି ଆମେ ଦଳ ସହିତ ରହିଛୁ। ବିଧିବଦ୍ଧ ଭାବେ ମିଶିବା ନ ମିଶିବାରେ କିଛି କଥା ନାହିଁ। ତେବେ ଦଳରେ ମିଶିବା ନେଇ କେହି ମୋ ସହ ଯୋଗାଯୋଗ କରି ନାହାନ୍ତି ଓ ମୁଁ ମଧ ଏ ସମ୍ପର୍କରେ କିଛି ନିଷ୍ପତ୍ତି ନେଇ ନାହିଁ। ସେହିପରି ରଶ୍ମିରଞ୍ଜନ ଶପଥ ଗ୍ରହଣ ପୂର୍ବରୁ ଦଳରେ ସାମିଲ ହେବେ ନାହିଁ ବୋଲି କହିଛନ୍ତି। ପ୍ରତିଶ୍ରୁତି ମିଳିଲେ ବିଜେଡିରେ ସାମିଲ ହେବା ନେଇ ଚିନ୍ତା କରିବେ ବୋଲି ସେ କହିଛନ୍ତି। କିଛିଦିନ ତଳେ ୬୦ ନଂ. କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଓ ୯ ନଂ. କର୍ପୋରେଟର ସୁଷମା ସାହୁ ବିଜେଡିରେ ମିଶିଛନ୍ତି। ଫଳରେ ବିଜେଡି କର୍ପୋରେଟରଙ୍କ ସଂଖ୍ୟା ୫୦ ଛୁଇଁଛି।

## ମହର୍ଷି କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ



**ଭୁବନେଶ୍ୱର, ୭।୪ (ବ୍ୟୁରୋ)**

ମହର୍ଷି ମହିଳା ଡିଗ୍ରୀ ମହାବିଦ୍ୟାଳୟ ଏନଏସଏସ ୟୁନିଟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଆୟୋଜିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପତିତପାବନ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକ ଡା. ସୂର୍ଯ୍ୟ ଚୌଧୁରୀ ଯୋଗଦେଇ ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ସୁସ୍ଥ ରହିବା ପାଇଁ ଦୈନନ୍ଦିନ ଜୀବନଶୈଳୀ କିଭଳି ହେବା ଦରକାର ସେ ବିଷୟରେ ଡାକ୍ତର ଚୌଧୁରୀ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ସେମାନେ ସୁସ୍ଥ ରହିଲେ ପୁରା ପରିବାର ଓ ସମାଜ ସୁସ୍ଥ ରହିବା ସହ ସମାଜର ପ୍ରଗତି ହେବ ବୋଲି ଅଧକ୍ଷ ପତିତପାବନ ସ୍ୱାଇଁ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ଡ. ସୁଶ୍ରୀରେଖା ମହାନ୍ତି ଉପସ୍ଥିତ ରହି ପିଲାଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରିଥିଲେ। ଏନଏସଏସ ୟୁନିଟର ମୁଖ୍ୟ ଅଧାପିକା ସୋମିଲା ଦାସ ଓ ବିଷ୍ଣୁପ୍ରିୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ସମବାୟ ପ୍ରକୋଷ୍ଠ ୩୨ ପଦାଧିକାରୀଙ୍କ ନାମ ଘୋଷଣା

**ଭୁବନେଶ୍ୱର,୭।୪ (ବ୍ୟୁରୋ)**

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଭାଜପା ସମବାୟ ପ୍ରକୋଷ୍ଠର ସଂଯୋଜକ ନାମ ଘୋଷଣା କରାଯାଇଛି। ଏନେଇ ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ପବିତ୍ର ମୋହନ ଦାଶ ୧୬ଟି ସମବାୟ ଜିଲା ସଂଯୋଜକ ଓ ରାଜ୍ୟର ବିଭିନ୍ନ ସମବାୟ ବିଭାଗର ୧୬ଟି ଶୀର୍ଷ ସମବାୟର ସଂଯୋଜକ ନାମ ଘୋଷଣା କରିଛନ୍ତି। ଅନୁଗୋଳ ଜିଲା ପାଇଁ ରାମଚନ୍ଦ୍ର ପାତ୍ର, ଆସ୍କା ସାଂଗଠନିକ ଜିଲା ପାଇଁ ଅରୁଣ ପଣ୍ଡା, ବ୍ରହ୍ମପୁର ପାଇଁ ନାରାୟଣ ପଣ୍ଡା, ବାଙ୍କୀ ପାଇଁ ଅଜୟ ମୁଦୁଲୀଙ୍କୁ ଦାୟିତ୍ୱ ଦିଆଯାଇଛି। ପୁନଶ୍ଚ ବାଲେଶ୍ୱର ଜିଲା ପାଇଁ ସର୍ବେଶ୍ୱର ମହାନ୍ତି ଓ ବୌଦ୍ଧ ପାଇଁ ସୁବାସ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଛି। ଅପରପକ୍ଷେ, ବିଭିନ୍ନ ସମବାୟ ବିଭାଗର ଶୀର୍ଷ ସମବାୟ ରାଜ୍ୟ ସଂଯୋଜକ ଭାବେ, ଓଡିଶା ରାଜ୍ୟ ସମବାୟ ସମୂହ ସଂଯୋଜକ ଭାବେ ଲକ୍ଷ୍ମୀପ୍ରିୟା ସାହୁ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପାଇଁ ପୂର୍ଣ୍ଣିମା କେର୍କେଟା, ନଗରାଞ୍ଚଳ ଋଣ ସମବାୟ ସମିତି ପାଇଁ ଚଣ୍ଡି ସିଂ, ବୟନିକା ପାଇଁ ସାନନ୍ଦ ମେହେରଙ୍କୁ ନିଯୁକ୍ତ କରାଯାଇଥିବାବେଳେ ରାଜ୍ୟ ଖାଉଟି ସମବାୟ ସମିତି ସମୂହ ପାଇଁ ସୌଭାଗ୍ୟ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରାଜ୍ୟ ଦୁଗ୍ଧ ଉତ୍ପାଦନ ସମିତି ସମୂହ ପାଇଁ ପ୍ରିୟବ୍ରତ ସ୍ୱାଇଁ, ଟସର ଏବଂ ଶିଲ୍କ ଫେଡେରେଶନ ସମୂହ ପାଇଁ ସଞ୍ଜୀବ ମହାନ୍ତିଙ୍କୁ ଚୟନ କରାଯାଇଛି। ଓଡ଼ିଶା ରାଜ୍ୟ କୋପରେଟିଭ୍ ହାଉସିଂ ନିଗମ ପାଇଁ ଶ୍ରୀରଞ୍ଜନ ମଙ୍ଗରାଜ, ଓପୋଲଫେଡ ପାଇଁ ସୁଜିତ୍ କୁମାର ଦାସ ପାଇଁ ଉତ୍କଳିକା ପାଇଁ ବିନୟ ନୃସିଂହ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି ଅପରପକ୍ଷରେ କଟା ନିଗମ ପାଇଁ ସଚିନ୍ଦ୍ର କୁମାର ବାନାର୍ଜୀ, ତାଳଗୁଡ ପାଇଁ ଗିରିଶ୍ ବରିଶାଲଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ପଛୁଆ ବର୍ଗ ଆର୍ଥିକ ଉନ୍ନୟନ ନିଗମ ପାଇଁ ତାପସ ଜେନା, ଓଡିଶା ରାଜ୍ୟ ମହିଳା ବିକାଶ ନିଗମ ପାଇଁ ପ୍ରତିଭା ଶତପଥୀ, ସୂତା ସମବାୟ ନିଗମ ପାଇଁ ଅଜୟ ବିଶ୍ୱାଳ ଓ ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ସମିତି ସମୂହ ପାଇଁ ପ୍ରସନ୍ନ ବେହେରାଙ୍କ ନାମ ଘୋଷଣା କରାଯାଇଛି।

## ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜୈବ ବିବିଧତାର ସୁରକ୍ଷା ଲୋଡ଼ା

**ଭୁବନେଶ୍ୱର, ୭।୪ (ବ୍ୟୁରୋ)**




ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମାରୋହରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଜଳବାୟୁ ପରିବର୍ତ୍ତନ ଯୋଗୁ ଆମ ସ୍ୱାସ୍ଥ୍ୟ ଗୁରୁତର ପ୍ରଭାବିତ ହେଉଛି। ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଆମ ପୃଥିବୀର ଜୈବ ବିବିଧତାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ କୁମାର ମହାନ୍ତି କହିଛନ୍ତି। ଗୁରୁବାର ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। 'ଆମ ପୃଥିବୀ–ଆମ ସ୍ୱାସ୍ଥ୍ୟ' ଶୀର୍ଷକ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ମହାନ୍ତି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବେ ବିଭାଗର ସ୍ୱତନ୍ତ୍ର ସଚିବ (ମେଡିକାଲ ସର୍ଭିସେସ୍) ଡା. ଦୀନବନ୍ଧୁ ପଣ୍ଡା, ଭାରତ ସରକାରଙ୍କ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ଏସ୍. କେ. କର, ନିର୍ଦ୍ଦେଶକ ସ୍ୱାସ୍ଥ୍ୟସେବା ଡା. ବିଜୟ କୁମାର ମହାପାତ୍ର, କିମ୍‌ସ ଉପକୁଳପତି ଡା. ସି. ବି.କେ. ମହାନ୍ତି, ନିର୍ଦ୍ଦେଶକ ଆୟୁଷ ଡା. ଭୂମେଶ ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓଡିଶା ଶାଖା ପ୍ରତିନିଧି ଡା. ନୀହାର ରାୟ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ଯୋଗଦେଇ ବିଶ୍ୱସ୍ୱାସ୍ଥ୍ୟ ଦିବସ ବାର୍ତ୍ତାର ଯଥାର୍ଥ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ।

### ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସମାରୋହ

ବୈଷୟିକ ଅଧିବେଶନରେ ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ମୁଖ୍ୟ ବୈଜ୍ଞାନିକ ଡା. ହବିବୁର ରେହମାନ୍ ବିଶ୍ୱାସ, ଆଇଆଇପିଏଚ୍ ନିର୍ଦ୍ଦେଶକ ଡା. ଶ୍ରୀଧର କଦମ୍, ନିର୍ଦ୍ଦେଶକ ଜନସ୍ୱାସ୍ଥ୍ୟ ଡା. ନିରଞ୍ଜନ ମିଶ୍ର ଓ ୟୁନିସେଫ୍ ପ୍ରତିନିଧି ଡା. ମୀନା ସୋମ୍ ପ୍ରମୁଖ ଅଂଶଗ୍ରହଣ କରି ଜଳବାୟୁ ପରିବର୍ତ୍ତନ, ମନୁଷ୍ୟ ଜୀବନ ଉପରେ କି କି ନକାରାତ୍ମକ ପ୍ରଭାବ ପକାଉଛି ଓ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଏହି ଅଧିବେଶନର ବିବରଣୀ ରଖିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହି ରାଜ୍ୟସ୍ତରୀୟ ସମାରୋହ ସମେତ ରାଜ୍ୟର ବିଭିନ୍ନ ଜିଲା, ବ୍ଲକ ଏବଂ ଆଞ୍ଚଳିକ ସ୍ତରରେ ମଧ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ନିଜ ସହ ଉତ୍ତରପିଢ଼ିର ସୁରକ୍ଷା ପାଇଁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଉଦ୍ୟମ ନିମନ୍ତେ ଜନସଚେତନତା ସୃଷ୍ଟି କରାଯାଇଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭାରତୀୟ ମଜଦୁର ସଂଘ ଓଡିଶା ପ୍ରଦେଶ ପକ୍ଷରୁ ବିକ୍ଷୋଭ, ଭୁବନେଶ୍ୱର ରେଳ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଟୁଗେଦର ସଙ୍ଗଠନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।

**କଟକ**

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ବାସୁଦେବ କରଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- ଭୂପେନ୍ଦ୍ର କୁମାର ବସୁଙ୍କ ସ୍ମୃତିସଭା, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା ୩୦।

## କରତକଳରେ ଚଢ଼ାଉ

ବାଲିପାଟଣା,୭।୪(ଡି.ଏନ୍.ଏ.)- ଭିଜିଲାନ୍ସ ବିଭାଗ ଓ ବନ ବିଭାଗ ପକ୍ଷରୁ ଗୁରୁବାର ବାଲିପାଟଣା ଥାନା ଅନ୍ତର୍ଗତ ଚିତ୍ତଲପୁରଠାରେ ଥିବା ଏକ ବେଆଇନ କରତକଳ ଉପରେ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ଦାମୀ କାଠ ଜବତ କରାଯାଇଛି। ଘଟଣାସ୍ଥଳରୁ କରତକଳ ମାଲିକ ଖସିଯାଇଛନ୍ତି। ଏ ନେଇ ବନ ବିଭାଗ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ଚିତ୍ତଲପୁରରେ ଦୀର୍ଘଦିନ ହେବ ବେଆଇନ କରତକଳ ଚାଲୁଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳୁ ଭିଜିଲାନ୍ସ ଡିଏସ୍‌ପି ରଜନୀକାନ୍ତ ମହାନ୍ତି, ଏସିଏଫ୍ ଅସିତ କୁମାର ମିଶ୍ର, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ତଥା ଭାରପ୍ରାପ୍ତ ବାଲିପାଟଣା ବନଖଣ୍ଡ ଅଧିକାରୀ ଜୟକୃଷ୍ଣ ପଣ୍ଡା, ଆଇଆଇସି କୃପାସିନ୍ଧୁ ବରାଡ଼ଙ୍କ ନେତୃତ୍ୱରେ ଓ ୨ ପ୍ଲାଟୁନ ଫୋର୍ସ ସହାୟତାରେ ଚଢ଼ାଉ କରାଯାଇଥିଲା। ଉକ୍ତ କରତକର ବିନା କାଗଜପତ୍ରରେ ଚାଲୁଥିବା ଜଣାପଡିବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି।

# ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ମାମଲାରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୭।୪(ବ୍ୟୁରୋ)

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୮ଜଣ ଛାତ୍ରୀଛାତ୍ର ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇ ନାମ ଲେଖାଇବା ମାମଲାରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବଡ଼ଗଡ଼ ଥାନା ପୋଲିସ ଜଣେ ନାବାଳକଙ୍କୁ ଚିହ୍ନଟ କରି ଗୁରୁବାର ବାଳସୁଧାର ଗୃହ ପଠାଇଥିବାବେଳେ ସମ୍ପୃକ୍ତ ଅନ୍ୟ ଦୁଇ ଛାତ୍ରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।

### ୨ ଛାତ୍ର ଅଟକ, ଜଣେ ଗଲେ ବାଳ ସୁଧାର ଗୃହ

ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ଏହି ସାର୍ଟିଫିକେଟ୍ କେମିତି ହାତେଇଲେ, କିଏ ଏହି ସାର୍ଟିଫିକେଟ୍ ଯୋଗାଇଛି ଓ କଲେଜର ଆଉ କେତେଜଣ ଛାତ୍ରୀଛାତ୍ର ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ଅଧିକ ତଦନ୍ତ ଚାଲିଛି। ତେବେ ଏହି ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପ୍ରସ୍ତୁତ କରିଥିବା ବ୍ୟକ୍ତିଙ୍କୁ ଶୀଘ୍ର ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଏହି ଛାତ୍ରୀଛାତ୍ର ୨୦୧୯-୨୦, ୨୦୨୦-୨୧, ୨୦୨୧-୨୨ ଶିକ୍ଷାବର୍ଷରେ ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ନାମ ଲେଖାଇ ପଢୁଥିଲେ ମଧ୍ୟ ବିଜେବି କଲେଜ କର୍ତ୍ତୃପକ୍ଷ ଜାଣିପାରି ନ ଥିଲେ। ପରବର୍ତ୍ତୀ ସମୟରେ କଲେଜ ପକ୍ଷରୁ ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯେଉଁ ସିଡିଏମ୍‌ଓ କାର୍ଯ୍ୟାଳୟରୁ ଏହି ସାର୍ଟିଫିକେଟ ମିଳିଛି ବୋଲି ଦର୍ଶାଯାଇଥିଲା, ସେଠାକୁ ଯାଞ୍ଚ ପାଇଁ ଚିଠି ପଠା ଯାଇଥିଲା। ତେବେ ୮ଜଣ ଛାତ୍ରୀଛତ୍ରଙ୍କ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଜାଲ୍ ବୋଲି ଜଣାପଡିଥିଲା। ଅପରପକ୍ଷେ ଜାଲ୍ ସାର୍ଟିଫିକେଟ ଦେଇ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ରୁଜୁ କରିବା ପାଇଁ ଜାନୁୟାରୀ ୨୨ରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଥିଲା। ଏହି ଆଧାରରେ ମଙ୍ଗଳବାର କଲେଜ ଅଧ୍ୟକ୍ଷ ନିରଞ୍ଜନ ରଥ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଜଗନ୍ନାଥ ଓଡ଼ିଆ ଜାତିର ଆତ୍ମା। ହିନ୍ଦୁ ବିଦ୍ୱେଷୀ ତକୀ ଖାଁର ଚକ୍ରାନ୍ତରେ ଜଗନ୍ନାଥଙ୍କୁ ପାତାଳି ହେବାକୁ ପଡ଼ିଥିଲା। ମହାରାଜା ରାମଚନ୍ଦ୍ର ଦେବ ଓ ତାଙ୍କ ସୈନ୍ୟ ମୋଗଲ ସେନା ସହ ଘୋମାଘୋଟ ଯୁଦ୍ଧ କରି ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ମନ୍ଦିରରେ ବିଜେ କରିଥିଲେ। ଖିମ୍‌ଜୀ ଜ୍ୱେଲର୍ସ ପକ୍ଷରୁ ଆୟୋଜିତ ଓଡ଼ିଆ ଜାତିର ଆତ୍ମା ଜଗନ୍ନାଥଙ୍କୁ ସମର୍ପିତ ଐତିହାସିକ ନାଟକ 'ଆହେ ନୀଳଶୈଳ' ରବୀନ୍ଦ୍ର ମଣ୍ଡପଠାରେ ଗୁରୁବାର ମଞ୍ଚସ୍ଥ ହୋଇଛି। ଏହି ଅବସରରେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ବାଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ, ଖିମ୍‌ଜୀର ଦିନେଶ ଖିମ୍‌ଜୀ ଓ କିଶୋର ଖିମ୍‌ଜୀ ଉପସ୍ଥିତ ଥିଲେ। ଏହି ନାଟକର କାହାଣୀ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ ଓ ସହ ଲେଖିକା ପ୍ରତିମା କୁମାର ହୋତା ଲେଖିଥିବା ବେଳେ ଲାଲା ବୀରେନ୍ ରାୟ ନିର୍ଦ୍ଦେଶନା ଦେଇଛନ୍ତି।

## ଆଇନଜୀବୀଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୭।୪(ବ୍ୟୁରୋ)

ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରସୁଲଗଡ଼ ଚମ୍ପିସାହିରେ ରହୁଥିବା କାହ୍ନୁ ଚମ୍ପି। ତାଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୧୪ଟି ଆପରାଧିକ ମାମଲା ଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ପାଣ୍ଡରାରେ ରହୁଥିବା ଆଇନଜୀବୀ ଚିରଞ୍ଜିନ ଦାସଙ୍କ ରସୁଲଗଡ଼ରେ ଏକ ଅଫିସ୍ ରହିଛି। ଗିରଫ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ କୌଣସି କାରଣକୁ ନେଇ ବୁଧବାର ସନ୍ଧ୍ୟାରେ ତାଙ୍କ ଅଫିସରେ ପଶି ମରଣାନ୍ତକ ଆକ୍ରମଣ କରିଥିଲା। ଏନେଇ ଆଇନଜୀବୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ନଂ.୧୦୮/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜିତୁ



@ ମାନସ



@ ରମ୍ୟରଞ୍ଜନ



@ ଅର୍ଣ୍ଣବ



@ ସିଦ୍ଧାର୍ଥ

# ୫ ଦିନିଆ ରିମାଣ୍ଡରେ ଆସିବେ ନକଲି ଡାକ୍ତରଙ୍କ ଦ୍ୱିତୀୟ ସ୍ତ୍ରୀ

ଭୁବନେଶ୍ୱର,୭।୪ (ବ୍ୟୁରୋ)

୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱିତୀୟ ସ୍ତ୍ରୀ କମଳା ସ୍ୱାଇଁଙ୍କୁ କମିଶନରେଟ ପୋଲିସ ରିମାଣ୍ଡରେ ନେବ। ମହିଳା ଥାନା ପୋଲିସ ତାଙ୍କୁ ୭ ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିବାବେଳେ କୋର୍ଟ ୫ ଦିନ ପାଇଁ ଗୁରୁବାର ଅନୁମତି ଦେଇଛନ୍ତି। ଏଥିସହ ଜେଲରେ ଥିବା ରମେଶଙ୍କୁ ଆଉ ୫ ଦିନ ପାଇଁ ରିମାଣ୍ଡ ଆବେଦନକୁ କୋର୍ଟ ଖାରଜ କରି ଦେଇଛନ୍ତି।

ନକଲି ଡାକ୍ତର ରମେଶଙ୍କୁ ଠକେଇରେ ସହଯୋଗ କରୁଥିଲେ କମଳା। ରମେଶ ଗିରଫ ହେବା ପରେ ସେ ତାଙ୍କୁ ଜାମିନରେ ଆଣିବାକୁ ଅର୍ଥ ଖର୍ଚ୍ଚ କରିବା ସହ ଓକିଲ ଦେବାଠାରୁ ଆରମ୍ଭ କରି ସମସ୍ତ ସହଯୋଗ କରୁଥିଲେ। ତେଣୁ ପୋଲିସ

### ରମେଶଙ୍କ ରିମାଣ୍ଡକୁ ଖାରଜ କଲେ କୋର୍ଟ



ଦୁହିଁଙ୍କୁ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବା ସହ ଠକେଇ ସମ୍ପର୍କିତ ଅଧିକ ତଥ୍ୟ ହାସଲ ପାଇଁ ଯୋଜନା କରିଥିଲା। କୋର୍ଟ ରମେଶଙ୍କୁ ରିମାଣ୍ଡରେ ନେବାକୁ ମନା କରିଦେବା ପରେ ପୋଲିସ ଚିନ୍ତାରେ ପଡ଼ିଛି। ତେବେ ସୁବିଧା ଦେଖି କମଳାଙ୍କୁ ରିମାଣ୍ଡରେ ଅଣାଯିବ ଓ ମାରାଥନ ଜେରା କରି ତାଙ୍କଠାରୁ ଅଧିକ ନୂଆ ତଥ୍ୟ ପାଇବାକୁ ପୋଲିସ ଆଶା ରଖିଛି।

ସୂଚନାଯୋଗ୍ୟ, କମଳାଙ୍କୁ ୨୦୦୨ରେ ରମେଶ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ରମେଶ ଅନ୍ୟ ମହିଳାଙ୍କୁ ବିବାହ କରିବା ସମୟରେ କମଳା ବିଭିନ୍ନ ପରିଚୟ ଦେଇ ବରଯାତ୍ରୀରେ ଯାଉଥିଲେ। ତେବେ ରମେଶଙ୍କୁ ଗିରଫ କରି ପଚରାଉଚରା କରିବା ସହ ବିଭିନ୍ନ ବ୍ୟାଙ୍କର ଟ୍ରାଞ୍ଜାକ୍ସନ୍ ଯାଞ୍ଚ କରିଥିଲା। କମଳା ଆହ୍ଲାବାଦରେ ଚାକିରୀ କରିଥିବା ରମେଶ ପୋଲିସକୁ କହିଥିଲେ। ଏହାପରେ ପୋଲିସ କମଳାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲା। ଏହା ଜାଣିବା ପରେ ଜାଣି ସେ ଫେରାର ହୋଇଯାଇଥିଲେ। ଶେଷରେ କମିଶନରେଟ ପୋଲିସ ତାଙ୍କୁ ସୋମବାର ଝାଡ଼ଖଣ୍ଡରୁ ଗିରଫ କରି ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା।

## ମଞ୍ଜୁ ମହାନ୍ତି, ପ୍ରଭାକର ସ୍ୱାଇଁ ଓ ଅଶୋକ ପଣ୍ଡା ପାଇବେ ଜାନକୀବଲ୍ଲଭ ସ୍ମୃତି ସମ୍ମାନ

ଭୁବନେଶ୍ୱର,୭।୪ (ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତିରେ ସମାଜସେବା, ଭାଷା ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଚଳିତ ବର୍ଷ ୩ଜଣଙ୍କୁ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ' ମିଳିବ। ଏନେଇ ଗୁରୁବାର ସତ୍ୟନଗରସ୍ଥିତ ଏକ ହୋଟେଲରେ ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ବୈଠକରେ ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ ନାମ ଘୋଷଣା କରାଯାଇଛି। ସେମାନେ ହେଲେ ସମାଜସେବା କ୍ଷେତ୍ରରେ ଛାତ୍ର ଜୀବନରୁ ନିଜକୁ ସମର୍ପିତ କରିଥିବା ପୁରୀ ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମଞ୍ଜୁ ମହାନ୍ତି, ଭାଷା ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ କାର୍ଯ୍ୟ କରିଥିବା କଟକ ଶାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏବଂ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ଟାଇମ୍ସ ଅଫ୍ ଇଣ୍ଡିଆର ପୂର୍ବତନ ସହସମ୍ପାଦକ ତଥା ପ୍ରଭାବଶାଳୀ ବକ୍ତା ରୋଟାରିୟାନ ଅଶୋକ ପଣ୍ଡା। ଆସନ୍ତା ୨୧ ତାରିଖ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ବାର୍ଷିକ ଶ୍ରାଦ୍ଧ ଉତ୍ସବରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମୃତି କମିଟିର ସାଧାରଣ ସମ୍ପାଦକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।

## ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କରାଯାଉ: ତାରା

ଭୁବନେଶ୍ୱର,୭।୪ (ବ୍ୟୁରୋ)

ପଞ୍ଚାୟତ ଓ ପୌର ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ ସହ ଦଳୀୟ କନ୍ଦଳ ମଧ୍ୟରେ ରାଜ୍ୟ କଂଗ୍ରେସର ସ୍ଥିତି ଶୋଚନୀୟ ହୋଇପଡ଼ିଛି। ଏପରିସ୍ଥିତିରେ ପିସିସି ସଭାପତି ପରିବର୍ତ୍ତନ ଦାବି ତେଜିବାରେ ଲାଗିଛି। ଦଳର ହି ସ୍ଥିତି ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ବାରମ୍ବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦାୟୀ କରିବା ସହ ପିସିସି ପରିବର୍ତ୍ତନ ପାଇଁ ଦାବି କରି ଆସୁଛନ୍ତି। ଗୁରୁବାର ସେ କହିଛନ୍ତି, ବିଧାୟକଙ୍କ ଭିତରୁ ଯେ କୌଣସି ଲୋକ ସଭାପତି ହେଲେ ଆମେ ସ୍ୱାଗତ କରିବୁ। ଯେଉଁମାନେ ହୋଇଛନ୍ତି, ସେମାନେ ପରୀକ୍ଷିତ। ସେମାନଙ୍କ ଭିତରୁ କାହାକୁ ବି ପିସିସି ସଭାପତି ପଦରେ ବସାଇବା ଉଚିତ ହେବନାହିଁ। ତେବେ ବାହିନୀପତିଙ୍କ ଏପରି ମନ୍ତବ୍ୟକୁ ସମର୍ଥନ ଜଣାଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବିଜେଡି ଓ ଭାଜପା ବିରୋଧରେ ଜନସାଧାରଣଙ୍କ ନିକଟରେ ଯେଉଁ ଅସନ୍ତୋଷ ରହିଛି, ତାହାକୁ ଆମେ ଯେତେ ଅଧିକ ଉତ୍ଥାନ କରେଇ ପାରିବୁ ଓ ସମନ୍ୱୟ ରଖି କାର୍ଯ୍ୟ କରିପାରିବୁ ସେତେ ଭଲ ହେବ। ପିସିସି ସଭାପତି କଂଗ୍ରେସ ବିଧାୟକଗଣଙ୍କ ଭିତରୁ କିମ୍ବା ବିଧାୟକଗଣଙ୍କ ବାହାରୁ ଯିଏ ବି ହୁଅନ୍ତୁ ଭଲ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବିଧାୟକ ସୁରେଶ କୁମାର ରାଉତରାୟ, ଅଧିରାଜ ମୋହନ ପାଣିଗ୍ରାହୀ ମଧ୍ୟ ପିସିସି ପରିବର୍ତ୍ତନ ଦାବିକୁ ସମର୍ଥନ ଜଣାଇଛନ୍ତି।

# ଜେଲ ଫେରିଲେ ଶର୍ମିଷ୍ଠା, ଝୁନା: ରହସ୍ୟରେ ରହିଗଲା ଚିପ୍

ଭୁବନେଶ୍ୱର ୭।୪ (ବ୍ୟୁରୋ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ବୁଧବାର ସରିଛି। ୩ଦିନ ଧରି ଉଭୟଙ୍କୁ ମାରାଥନ ଜେରା କରି କିଛି ତଥ୍ୟ ହାସଲ କରିଥିଲେ ମଧ୍ୟ ରହସ୍ୟଜନକ ଚିପ୍ ଓ ହତ୍ୟାର ପ୍ରକୃତ କାରଣ ଖୋଲିପାରି ନାହିଁ କ୍ରାଇମବ୍ରାଞ୍ଚ ଟିମ୍। ଉଭୟଙ୍କୁ ଗୁରୁବାର ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି। ତେବେ ଯେଉଁ ମେମୋରି ଚିପ୍ ପାଇଁ ହତ୍ୟା କରାଯାଇଥିବା କୁହାଯାଉଛି, ତାହା ରହସ୍ୟ ହୋଇ ରହିଯାଇଛି। ଅନ୍ୟପକ୍ଷରେ ଆସନ୍ତା ୧୧ ତାରିଖରେ ଶୁଣାଣି ରହିଥିବାବେଳେ ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ପାଇଁ କ୍ରାଇମବ୍ରାଞ୍ଚର ଚାର୍ଜଶିଟ ଉପରେ ଏବେ ନଜର ରହିଛି।

ରିମାଣ୍ଡର ପ୍ରଥମ ଦିନରେ ଶର୍ମିଷ୍ଠାଙ୍କ ବୟାନ ଆଧାରରେ କ୍ରାଇମବ୍ରାଞ୍ଚ ଟିମ୍ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଗୋଡିପୋଖରୀ ଗ୍ରାମସ୍ଥିତ ମାନସଙ୍କ ଘରେ ପହଞ୍ଚି ଖୋଳତାଡ଼ କରିଥିଲା। ଅଧିକାରୀମାନେ ପରିବାର ଲୋକଙ୍କ ସହିତ ବିଭିନ୍ନ ଘଟଣା ସମ୍ପର୍କରେ

### କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା



■୧୧ ରେ ପରବର୍ତ୍ତୀ ଶୁଣାଣି

ଆଲୋଚନା କରି ମାନସଙ୍କ ଦରପୋଡ଼ା ଇଅରଫୋନ୍ ଏବଂ ଚପଲକୁ ତାଙ୍କ ସ୍ତ୍ରୀ ଓ ଭାଇଙ୍କ ଦ୍ୱାରା ଚିହ୍ନଟ କରାଇଥିଲେ। ଦ୍ୱିତୀୟ ଦିନରେ ହତ୍ୟାରେ ବ୍ୟବହୃତ ୩ଖଣ୍ଡ ବାଉଁଶ ଫାଳିଆ ଓ ଏକ କାଠ ଫାଳିଆକୁ ଦୟାଲ ଆଶ୍ରମରୁ ଜବତ କରାଯାଇଥିଲା। ଶେଷ ଦିନରେ ମେମୋରି ଚିପ୍ ଫେରାଇବାକୁ ମାନସ ୧୦ ହଜାର ଟଙ୍କା ଦାବି କରିଥିଲେ ବୋଲି ଶର୍ମିଷ୍ଠା କହିଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟର ଏହି ତିନିଦିନିଆ ରିମାଣ୍ଡରେ ତଦନ୍ତକାରୀ ଟିମ୍ ଉକ୍ତ ମେମୋରି ଚିପ୍ ହାସଲ କରିବାକୁ ବହୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ବିଫଳ ହୋଇଛି।

## ନବନିର୍ବାଚିତ ପୌର ଉପାଧ୍ୟକ୍ଷ ଓ ଉପନଗରପାଳ

ଚୌଦ୍ୱାର ପୌରପାଳିକା



ଶୁଭେନ୍ଦୁ ସାମଲ
ବିଜେଡି

ବାଙ୍କୀ ଏନଏସି



ସନ୍ତୋଷ କୁମାର ରଣା
ବିଜେଡି

ଆଠଗଡ଼ ଏନଏସି



ବି. ଶୁଭ୍ର ଶଙ୍କର ଜ୍ୟୋତି
ବିଜେଡି

ନିମାପଡା ଏନଏସି



ସନ୍ତୋଷ ଦାଶ
ବିଜେଡି

କୋଣାର୍କ ଏନଏସି



ସୁରେଶ ରାଉତରାୟ
ବିଜେଡି

ପିପିଲି ଏନଏସି



ଭାଗ୍ୟବତୀ ମହାରଣା
ବିଜେଡି

ଜଟଣୀ ପୌରପାଳିକା



ଆରତି ରାଉତ
ବିଜେଡି

ବାଲୁଗାଁ ଏନଏସି



ଭଗବାନ ପ୍ରଧାନ
ବିଜେଡି

ଖୋର୍ଦ୍ଧା ପୌରପାଳିକା



ସୌର୍ଯ୍ୟରଞ୍ଜନ ମହାନ୍ତି
ବିଜେଡି

ଧରିତ୍ରୀ DHARITRI
Bhubaneswar, Friday, April 8, 2022

## ୨.୫ ଟଙ୍କା ବଢ଼ିଛି ସିଏନ୍‌ଜି

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ମୂଲ୍ୟ ପରିବର୍ତ୍ତନ ହୋଇଛି। ଏପରିକି ନୂଆଦିଲ୍ଲୀରେ ଗୁରୁବାର ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପିଛା ୨.୫୦ ଟଙ୍କା ବୃଦ୍ଧି ପାଇଛି। ଗତ ମାର୍ଚ୍ଚଠାରୁ ମୋଟ ୧୨.୫ ଟଙ୍କା କିଲୋଗ୍ରାମ ପିଛା ଦର ବୃଦ୍ଧି ଘଟିଛି। ନୂଆଦିଲ୍ଲୀରେ ସିଏନ୍‌ଜି ମୂଲ୍ୟ କିଲୋଗ୍ରାମ ପିଛା ୬୯.୧୧ ଟଙ୍କା ରହିଛି। ଏ ନେଇ ସିଏନ୍‌ଜି ରିଟେଲ ଏବଂ ପାଇପ୍ ରନ୍ଧନ ଗ୍ୟାସ୍ ସଂସ୍ଥା ଇନ୍ଦ୍ରପ୍ରଥା ଗ୍ୟାସ୍ ଲିମିଟେଡ୍ (ଆଇଜିଏଲ୍) ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ବୁଧବାର ସିଏନ୍‌ଜି କିଲୋଗ୍ରାମର ମୂଲ୍ୟ୨.୫୦ ଟଙ୍କା ବୃଦ୍ଧି ପାଇଥିଲା। ତେବେ ପାଇପ୍ ରନ୍ଧନ ଗ୍ୟାସ୍ (ପିଏନ୍‌ଜି) ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ।



### ସଂକ୍ଷେପରେ

## ଏମ୍‌ପିସି ଘୋଷଣା କରିବ ମନିଟାରି ପଲିସି

**ନୂଆଦିଲ୍ଲୀ, ୭।୪:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମନିଟାରି ପଲିସି କମିଟି (ଏମ୍‌ପିସି) ଶୁକ୍ରବାର ନିଜର ନୀତିଗତ ନିର୍ଣ୍ଣୟର ଘୋଷଣା କରିବ। ଏହି ନିର୍ଣ୍ଣୟରେ ଲୋକଙ୍କ ନଜର ଗଭର୍ନରଙ୍କ ଦ୍ୱାରା ଘୋଷଣା ହେବାକୁ ଥିବା ସଂଶୋଧିତ ଆର୍ଥିକ ପ୍ରୋଜେକ୍ସନ ଏବଂ ସୁଧ ହାର ଉପରେ ରହିବ। ୟୁକ୍ରେନ୍-ରୁଷିଆ ଯୁଦ୍ଧ ଯୋଗୁ ଅର୍ଥନୀତିରେ ବିଭିନ୍ନ ଅନିଶ୍ଚିତତା ଦେଖାଦେଇଛି। ଅଶୋଧିତ ତୈଳ ସମେତ ବିଭିନ୍ନ ଜିନିଷର ଦର ବୃଦ୍ଧି ହେବା ସହ ମୁଦ୍ରାସ୍ଫୀତି ବର୍ତ୍ତମାନ ଏମ୍‌ପିସି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ୨୦୨୨-୨୩ ପାଇଁ ଆର୍‌ବିଆଇ ଏମ୍‌ପିସିର ଆନୁମାନିକ ହାରାହାରି ସିପିଆଇ ମୁଦ୍ରାସ୍ଫୀତି ୪.୫% ଇୟର-ଅନ୍-ଇୟର ଏବଂ ଜିଡିପି ଗ୍ରୋଥ୍ ପୂର୍ବାନୁମାନ ୭.୮% ରେ ସଂଶୋଧନ ହେବ ବୋଲି ବୋଫା ସିକ୍ୟୁରିଟିଗୁଡ଼ିକର ରିପୋର୍ଟ ଅନୁସାରେ ଆଶା କରାଯାଉଛି। ବୋଫା ସିକ୍ୟୁରିଟିର ନିଜସ୍ୱ ରିପୋର୍ଟ ଅନୁସାରେ, ୨୦୨୨-୨୩ର ହାରାହାରି ସିପିଆଇ ମୁଦ୍ରାସ୍ଫୀତି ୫.୫% (୩୦ବିପି ଅପ୍‌ସାଇଡ୍ ରିସ୍କ ସହିତ) ଏବଂ ଜିଡିପି ବୃଦ୍ଧି ୭.୯% (ଡାଉନ୍‌ସାଇଡ୍ ରିସ୍କ ସହିତ) ରହିବ ବୋଲି ଅନୁମାନ କରାଯାଉଛି।

## ମେଡ୍‌ସିସ୍ ପ୍ୟାଥ୍‌ଲାବ୍‌କୁ ଅଧିଗ୍ରହଣ କଲା ମଣିପାଲ ହେଲ୍‌ଥମ୍ୟାପ୍

**ନୂଆଦିଲ୍ଲୀ,୭।୪:** ଦେଶର ଏକ ଅଗ୍ରଣୀ ଇଣ୍ଟିଗ୍ରେଟେଡ୍ ଡାଇଗ୍ନୋଷ୍ଟିକ ସେବା ପ୍ରଦାନକାରୀ ସଂସ୍ଥା ମଣିପାଲ ହେଲ୍‌ଥମ୍ୟାପ ନିକଟରେ ହାଇଦ୍ରାବାଦସ୍ଥିତ ପ୍ୟାଥ୍‌ଲାବ ପ୍ରାଇଭେଟ୍ ଲିମିଟେଡ୍‌କୁ ଅଧିଗ୍ରହଣ କରିଛି। ଏ ନେଇ ଉଭୟ କମ୍ପାନୀ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। ଉକ୍ତ ଚୁକ୍ତି ଅନୁସାରେ ମଣିପାଲ ହେଲ୍‌ଥମ୍ୟାପ୍ ଏହାର ପାଦଚିହ୍ନକୁ ୧୯ ଅତିରିକ୍ତ କେନ୍ଦ୍ରକୁ ବିସ୍ତାର କରିଛି। ଏହାର ସମୁଦାୟ ସଂଖ୍ୟା ବର୍ତ୍ତମାନ ୧୪ଟି ରାଜ୍ୟରେ ୭୦କୁ ବୃଦ୍ଧି ପାଇଛି। ଏ ସମ୍ପର୍କରେ ମଣିପାଲ ହେଲ୍‌ଥମ୍ୟାପ୍‌ର ସିଇଓ ଡାକ୍ତର (କ୍ୟାପ୍‌ଟେନ) ସନ୍ଦୀପ ଶର୍ମା କହିଛନ୍ତି, ମଣିପାଲ ହେଲ୍‌ଥମ୍ୟାପ୍ ମେଡ୍‌ସିସ୍ ପ୍ୟାଥ୍‌ଲାବ୍‌କୁ ଅଧିଗ୍ରହଣ କରିଥିବାରୁ ଆମେ ବେଶ୍ ଉତ୍ସାହିତ। ଏହାଦ୍ୱାରା ଦେଶରେ ଏକୀକୃତ ଡାଇଗ୍ନୋଷ୍ଟିକ ସେବାର ଉନ୍ନତ ମାନ ଆସିପାରିବ। ସେହିଭଳି ମେଡ୍‌ସିସ୍ ପ୍ୟାଥ୍‌ଲାବର ସିଇଓ ଭରତ କୁମାର ଅନାଗାନି କହିଥିଲେ, ମଣିପାଲ ହେଲ୍‌ଥମ୍ୟାପ୍ ସହ ମିଳିତ ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ। ଏହାର ଭାରତରେ ଡାଇଗ୍ନୋଷ୍ଟିକ ସେବାରେ ଉଚ୍ଚ କ୍ଲିନିକାଲ ଏବଂ ସେବା ଉତ୍କର୍ଷ ପ୍ରଦାନ କରିବାର ଦୀର୍ଘ ଇତିହାସ ରହିଛି।

# ସ୍ଥାନାନ୍ତର ହୋଇପାରିଲାନି ୫୦ ହଜାର କୋଟିର ବ୍ୟାଡ୍ ଲୋନ୍

**ନୂଆଦିଲ୍ଲୀ, ୭।୪**

- ଏପ୍ରିଲ୍ ଶେଷ ସୁଦ୍ଧା ଶେଷ ହେବ ୧୫ ଆକାଉଣ୍ଟ ସ୍ଥାନାନ୍ତର କାର୍ଯ୍ୟ
- ମାର୍ଚ୍ଚ ୩୧ ରହିଥିଲା ଡେଡ୍ ଲାଇନ


ୟୁନିୟନ୍ ବ୍ୟାଙ୍କ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ରାଜକିରଣ ରାୟ

୫୦,୦୦୦ କୋଟି ଟଙ୍କାର ବ୍ୟାଡ୍ ଲୋନ୍‌କୁ ନ୍ୟାଶନାଲ ଆସେଟ୍ ରିକନ୍‌ଷ୍ଟ୍ରକ୍ସନ କୋ(ଏନ୍‌ଏଆର୍‌ସିଏଲ୍)କୁ ସ୍ଥାନାନ୍ତର ପାଇଁ ଦେଶର ବ୍ୟାଙ୍କଗୁଡ଼ିକ ପାଇଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଦ୍ୱାରା ଧାର୍ଯ୍ୟ ହୋଇଥିବା ଦିନ ଅତିକ୍ରମ କରିଯାଇଛି। ଏସ୍‌ବିଆଇ ପକ୍ଷରୁ ବ୍ୟାଡ୍ ଲୋନ୍ ହସ୍ତାନ୍ତରର ସମୟସୀମା ମାର୍ଚ୍ଚ ୩୧ ସ୍ଥିର କରାଯାଇଥିଲା। ଆର୍ଥିକ ଦେୟରେ ବିଳମ୍ବ ହେତୁ ଏହି କାର୍ଯ୍ୟ ଶେଷ ହୋଇପାରିନାହିଁ। ୮୨,୮୪୫ କୋଟି ଟଙ୍କାର ସର୍ବମୋଟ୍ ୩୮ଟି ନନ୍ ପର୍‌ଫର୍ମିଂ ଆକାଉଣ୍ଟକୁ ପର୍ଯ୍ୟାୟକ୍ରମେ ଏନ୍‌ଏଆର୍‌ସିଏଲ୍‌କୁ ହସ୍ତାନ୍ତର ପାଇଁ ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦,୩୩୫ କୋଟି ଟଙ୍କାର ୧୫ଟି ଆକାଉଣ୍ଟକୁ ମାର୍ଚ୍ଚ ଶେଷ ସୁଦ୍ଧା ଏନ୍‌ଏଆର୍‌ସିଏଲ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଗତ ଜାନୁୟାରୀରେ ଏସ୍‌ବିଆଇ ପକ୍ଷରୁ କୁହାଯାଇଥିଲା। ଘଟଣା ସମ୍ପର୍କରେ ଅବଗତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କିଛି ଆକାଉଣ୍ଟର ବିତ୍ତୀୟ ଯାଞ୍ଚରେ ସମୟ ଲାଗିଥିଲା। ତେବେ ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ହୋଇଥିବା ସେ କହିଛନ୍ତି। ଏହା ଏକ ପର୍ଯ୍ୟାୟଯୁକ୍ତ ପଦକ୍ଷେପ। ଏହି ପ୍ରକ୍ରିୟାରେ ଅନେକ ହିତାଧିକାରୀ ଜଡ଼ିତ ଅଛନ୍ତି। ଏନେଇ ସରକାରଙ୍କ ସମସ୍ତ ନିୟମ ପୂରଣ କରିବାକୁ ପଡ଼ିବ, ପରେ ଆର୍‌ବିଆଇ ଏହାକୁ ଅନୁମୋଦନ କରିବ। ଏହି ସମସ୍ତ ନିୟମ ପୂରଣ କରିବାକୁ ସମୟ ଲାଗିଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି। ଏହାଛଡ଼ା ୧୪ଟି ଆକାଉଣ୍ଟ ପାଇଁ ଧାର୍ଯ୍ୟ ସମୟସୀମା ଶେଷ ହୋଇଛି। ତେଣୁ ବ୍ୟାଙ୍କଗୁଡ଼ିକ ଏକମାସ ମଧ୍ୟରେ ଏହି ସମସ୍ତ ଆକାଉଣ୍ଟ ପାଇଁ ବାଇଣ୍ଡିଂ ଅଫର ନେଇ ଆସିବେ।

ତେବେ ପ୍ରଥମ ଥର ପାଇଁ ଆମେ ଏହିଭଳି ସଂରଚନା କରିଛୁ। ଏଥିପାଇଁ ଆମକୁ ବିଭିନ୍ନ ପ୍ରକାର ନିୟମ ଏବଂ ପ୍ରକ୍ରିୟା ପାଳନ କରିବାକୁ ପଡ଼ିଥାଏ। ମାର୍ଚ୍ଚ ଶେଷ ସୁଦ୍ଧା ଏହି କ୍ୟାପିଟାଲାଇଜେଶନ ଶେଷ ହେବାର ଯୋଜନା ରହିଥିଲେ ମଧ୍ୟ ଏହି ସମସ୍ତ ପ୍ରକ୍ରିୟା ଭିତରକୁ ଆସିବା ପାଇଁ ଘରୋଇ ବ୍ୟାଙ୍କଗୁଡ଼ିକୁ ବିଭିନ୍ନ ପ୍ରକାର ଔପଚାରିକତା ପୂରଣ କରିବାର ଥିଲା। ତେବେ ବର୍ତ୍ତମାନ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ପ୍ରାୟ ହୋଇଗଲାଣି। ତେଣୁ ଏପ୍ରିଲ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଆକାଉଣ୍ଟର ହସ୍ତାନ୍ତର କାର୍ଯ୍ୟ ଶେଷ କରିବୁ ବୋଲି ୟୁନିୟନ ବ୍ୟାଙ୍କ ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ରାଜକିରଣ ରାୟ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହାଛଡ଼ା ଖୁବ୍‌ଶୀଘ୍ର ଏନ୍‌ଏଆର୍‌ସିଏଲ୍‌ର ପୂର୍ଣ୍ଣକାଳିକ ସିଇଓ ନିଯୁକ୍ତ କରାଯିବ ବୋଲି ରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏସ୍‌ବିଆଇର ଚିଫ୍ ଜେନେରାଲ ମ୍ୟାନେଜର ପି.ଏମ୍. ନାୟାର ଏନ୍‌ଏଆର୍‌ସିଏଲ୍‌ର ଦାୟିତ୍ୱ ତୁଲାଉଛନ୍ତି।

# ଯୁଗଳ କିଶୋରଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ, ୭।୪**


ଯୁଗଳ କିଶୋର ଜୋଷୀ

ବରିଷ୍ଠ ପ୍ରଶାସକ ଯୁଗଳ କିଶୋର ଜୋଷୀଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ୍)ର ନୂତନ ପ୍ରମୁଖ ନିରାପତ୍ତା ଆୟୁକ୍ତ ଭାବେ ଜୋଷୀ ଇତିମଧ୍ୟରେ ଯୋଗଦାନ କରିଛନ୍ତି। ସେ ୧୯୯୭ ମସିହା ଭାରତୀୟ ରେଳପଥ ସୁରକ୍ଷା ବଳ ସେବା ଅଧିକାରୀ । ଏହା ପୂର୍ବରୁ ଜୋଷୀ ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଭାବେ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ଡେପୁଟେଶନରେ ଥାଇ କାର୍ଯ୍ୟ ତୁଲାଉଥିଲେ। ସେ ମଧ୍ୟ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି। ଜୋଷୀ ୨୦୧୪ରୁ ୨୦୧୬ ମଧ୍ୟରେ ରେଳପଥ ବୋର୍ଡରେ ଆର୍‌ପିଏଫ୍ ନିର୍ଦ୍ଦେଶକ, ଉତ୍ତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡା ରେଳ ମଣ୍ଡଳରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ମଧ୍ୟ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ରୁ ୨୦୧୧ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଜୋଷୀ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ।

# ଜୀ ସାର୍ଥକରେ ରଜ କୁଇନ-୨୨ ଉତ୍ସବ ୧୦ବର୍ଷର

**ଭୁବନେଶ୍ୱର, ୭।୪**




ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନଭିତ୍ତିକ ଚ୍ୟାନେଲ ଜୀ ସାର୍ଥକ ପୁଣିଥରେ ନେଇ ଆସିଛି ପ୍ରତିଭା ପ୍ରଦର୍ଶନର ବଡ଼ ପ୍ଲାଟ୍‌ଫର୍ମ ରଜ କୁଇନ୍ ୨୦୨୨-ଉତ୍ସବ ୧୦ବର୍ଷର। ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପର୍ବ ରଜକୁ ନେଇ ଏହି ରିଆଲିଟି ଶୋ' ରଜ କୁଇନର ଅଡିସନ ଏପ୍ରିଲ ୩ରୁ ରାଜ୍ୟର ବିଭିନ୍ନ ସହରରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ଟେଲିଭିଜନ ଇତିହାସରେ ପ୍ରଥମ ରିଆଲିଟି ଶୋ ଯାହା ଦୀର୍ଘ ୧୦ବର୍ଷ ଧରି ଚାଲିଆସିଛି। ଅଡିସନ ରାଉଣ୍ଡରେ ତମନ୍ନା, ଦିବ୍ୟା, ସୂର୍ଯ୍ୟମୟୀ, ଶ୍ରୀତମ ଦାସ, ରାକେଶ, ରିଷି ଓ ହରିହରଙ୍କ ଭଳି ଓଲିଉଡ୍ ଅଭିନେତା ଓ ଆଗ ଧାଡ଼ିର କଳାକାରମାନେ ଏହାର ଜଜ୍ ଭାବେ ଯୋଗଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ଗାଲା ରାଉଣ୍ଡ ପାଇଁ ବାଛିବେ ବୋଲି ଜୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି, ଜୀ ସାର୍ଥକ ତା'ର ଅଗଣିତ ଦର୍ଶକଙ୍କ ପାଇଁ ସଦାସର୍ବଦା ମନୋରଞ୍ଜନ ଭରା କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛି ଏବଂ ଏହି ପ୍ରୟାସକୁ ଜାରି ରଖି ରଜ କୁଇନ୨୦୨୨-ଉତ୍ସବ ୧୦ବର୍ଷର ପ୍ରସାରଣ କରିବାକୁ ଯାଉଛି। ସେହିଭଳି ଏହି କାର୍ଯ୍ୟକ୍ରମ ଦର୍ଶକମାନଙ୍କ ଭଲ ପାଇବା ସହ ମନକୁ ନିଶ୍ଚୟ ଛୁଇଁବ। ତେଣୁ ଅଡିସନରେ ଭାଗ ନିଅନ୍ତୁ ଓ ନିଜର ପ୍ରତିଭା ପ୍ରଦର୍ଶନ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶାର ସବୁଠାରୁ ଲୋକପ୍ରିୟ କାର୍ଯ୍ୟକ୍ରମ ରଜ କୁଇନ ୨୦୨୨- ଉତ୍ସବ ୧୦ ବର୍ଷର ଅଡିସନ ରାଉଣ୍ଡରେ ପ୍ରତିଯୋଗୀଙ୍କ ପ୍ରତିଭା, ଦୂରଦୃଷ୍ଟି ଓ ସ୍ମାର୍ଟନେସ୍ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଅଡିସନ ପାଇଁ ପ୍ରତିଯୋଗୀଙ୍କ ବୟସ ସୀମା ପ୍ରାୟ ୫ରୁ ୨୫ବର୍ଷ ପର୍ଯ୍ୟନ୍ତ ରହିଛି। ଉକ୍ତ କାର୍ଯ୍ୟକ୍ରମର ଅଡିସନ୍ ରାଉଣ୍ଡଗୁଡ଼ିକର ପ୍ରସାରଣ ୧୮ଏପ୍ରିଲରୁ ପ୍ରତି ସୋମବାରରୁ ଶନିବାର ସନ୍ଧ୍ୟା ୫ଟାରେ ଆରମ୍ଭ ହେବ। ଚଳିତ ବର୍ଷ ରଜ କୁଇନ୍‌ର ଅଡିସନ୍ କେନ୍ଦ୍ରାପଡ଼ା ଓ ପୁରୀ ଏପ୍ରିଲ ୧୬, କଟକ ଓ ଜଗତ୍‌ସିଂହପୁର ଏପ୍ରିଲ ୧୭, ଭୁବନେଶ୍ୱର ଓ ବ୍ରହ୍ମପୁର ଏପ୍ରିଲ ୨୪, କେନ୍ଦୁଝର ଓ ସମ୍ବଲପୁର ଏପ୍ରିଲ ୩୦ ଏବଂ ଅନୁଗୋଳ ଓ ରାଉରକେଲାରେ ମେ ୧ ତାରିଖରେ ଅନୁଷ୍ଠିତ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି।

# ଏରୋସ୍ପେସ୍ ଇଞ୍ଜିନିୟରିଂ ଅନୁସନ୍ଧାନ କେନ୍ଦ୍ର ଆରମ୍ଭ

**ନୂଆଦିଲ୍ଲୀ, ୭।୪**

ଆଇଟି କମ୍ପାନୀ ଇନ୍‌ଫୋସିସ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ଫାର୍ମ ରୋଲ୍ସ-ରୟସ୍ ପକ୍ଷରୁ ମିଳିତ ଭାବରେ ଗୁରୁବାର ସଂଯୁକ୍ତ ଏରୋସ୍ପେସ୍ ଇଞ୍ଜିନିୟରିଂ ଅନୁସନ୍ଧାନ କେନ୍ଦ୍ର ଆରମ୍ଭ କରାଯାଇଛି। ହାଇ-ଏଣ୍ଡ ରିସର୍ଚ୍ଚ ଆଣ୍ଡ ଡେଭେଲପମେଣ୍ଟ (ଆର୍ ଆଣ୍ଡ ଡି) ସେବା ପ୍ରଦାନ କରିବା ପାଇଁ ଏହି ଏରୋସ୍ପେସ୍ ଇଞ୍ଜିନିୟରିଂ ଅନୁସନ୍ଧାନ କେନ୍ଦ୍ରର ସ୍ଥାପନା କରାଯାଇଥିବା ଇନ୍‌ଫୋସିସ୍ ପକ୍ଷରୁ କୁହାଯାଇଛି। ଆଗାମୀ ୭ ବର୍ଷ ମଧ୍ୟରେ ଉଭୟ କମ୍ପାନୀ ପରସ୍ପରକୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରେସ୍ ବିବୃତିରେ କହାଯାଇଛି। ଡିସେମ୍ବର ୨୦୨୦ରୁ ଏହି ଦୁଇ କମ୍ପାନୀ ସୋର୍ସିଂ ଇଞ୍ଜିନିୟରିଂ ଏବଂ ଆର୍ ଆଣ୍ଡ ଡି ସେବା ପାଇଁ ପାରସ୍ପରିକ ସହଯୋଗ ଘୋଷଣା କରିଥିଲେ।

# 'ଟାଟା ନ୍ୟୁ' ଆପ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ, ୭।୪**


ଏନ୍ . ଚନ୍ଦ୍ରଶେଖରନ୍

ଟାଟା ଗ୍ରୁପ୍ ପକ୍ଷରୁ ଗୁରୁବାର ଏହାର ସୁପର ଆପ୍ 'ଟାଟା ନ୍ୟୁ'ର ଶୁଭାରମ୍ଭ କରାଯାଇଛି। ଏହି ସୁପର ଆପ୍ ଗ୍ରାହକଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମରେ କମ୍ପାନୀର ବିଭିନ୍ନ ସୁବିଧା ପ୍ରଦାନ କରିବ। ଏହା ଜରିଆରେ ଗ୍ରୋସରି ଏବଂ ଇଲେକ୍ଟ୍ରୋନିକ୍ସ ଉପକରଣ କ୍ରୟ, ହୋଟେଲ ଏବଂ ଫ୍ଲାଇଟ୍ ବୁକିଂ ଭଳି ବିଭିନ୍ନ କାର୍ଯ୍ୟ କରାଯାଇପାରିବ। ଏ ସମ୍ପର୍କରେ ଟାଟା ସନ୍ସର ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍ କହିଛନ୍ତି, ଟାଟା ପରିବାରର ଟାଟା ଡିଜିଟାଲ ଗ୍ରାହକଙ୍କ ସୁବିଧା ପାଇଁ ଟାଟା ନ୍ୟୁ ଆପ୍‌ର ଶୁଭାରମ୍ଭ କରିଛି। ଏହା ଏକ ରୋମାଞ୍ଚକର ପ୍ଲାଟ୍‌ଫର୍ମ, ଭାରତୀୟ ଗ୍ରାହକଙ୍କ ଜୀବନକୁ ସରଳ ଏବଂ ସୁବିଧାଜନକ କରିବା ଆମର କର୍ତ୍ତବ୍ୟ ବୋଲି ଚନ୍ଦ୍ରଶେଖରନ୍ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ୧୨୦ ମିଲିୟନ୍ ଗ୍ରାହକ, ୨,୫୦୦ ଅଫ୍‌ଲାଇନ୍ ଷ୍ଟୋର୍ ଏବଂ ଡିଜିଟାଲ୍ ପ୍ଲାଟ୍‌ଫର୍ମର ୮୦ ମିଲିୟନ୍ ଆପ୍ ଫୁଟ୍‌ପ୍ରିଣ୍ଟକୁ ନେଇ ଏହା ଆରମ୍ଭ ହୋଇଛି।

# ଶ୍ରୀ ସିଟିରେ ଡାଇକିନ୍‌ର ୩ୟ କାରଖାନା

**ନୂଆଦିଲ୍ଲୀ,୭।୪ :** ଡାଇକିନ୍ ଇଣ୍ଡିଆ ପକ୍ଷରୁ ନିକଟରେ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିରେ ଏହାର ୩ୟ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶେଷକରି ଶ୍ରୀ ସିଟିରେ ଏହାର ଆଗାମୀ ୩ୟ ଉତ୍ପାଦନ ସୁବିଧା ସ୍ଥଳର ନିର୍ମାଣ ଆରମ୍ଭ ହୋଇଛି। ୨୦୨୩ ସୁଦ୍ଧା କମ୍ପାନୀର ଏହି ନୂତନ କାରଖାନା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। ଫଳରେ ଡାଇକିନ୍ ଇଣ୍ଡିଆକୁ ଭାରତର ଏୟାର କଣ୍ଡିସନର ଉପକରଣର ସର୍ବବୃହତ୍ ଉତ୍ପାଦକ ହେବାକୁ ଏହା ବେଶ୍ ସହାୟତା କରିବ। କମ୍ପାନୀର ଉକ୍ତ କାରଖାନାରେ ଭାରତ ନିର୍ମିତ ଅତ୍ୟାଧୁନିକ ଏୟାର କଣ୍ଡିସନର ଉପକରଣ ଉପଲବ୍ଧ ହେବ। ଏପରିକି ୨୦୫୦ ସୁଦ୍ଧା ନେଟ୍ ଜିରୋ ସିଓ୨ ନିର୍ଗମନ ହାସଲ କରିବାକୁ ଡାଇକିନ୍‌ର ପ୍ରୟାସ ଜାରି ରହିବ। ସେହିଭଳି ଘରୋଇ ଏବଂ ଅନ୍ତର୍ଜାତୀୟ ବଜାର ପାଇଁ ଜଳବାୟୁ ଅନୁକୂଳ ଏସି ବିକାଶ ଲାଗି କମ୍ପାନୀ କାର୍ଯ୍ୟ କରିବ। ଗ୍ରାହକମାନେ ଶକ୍ତି-ଦକ୍ଷ ଏବଂ ଆଇଏ ସକ୍ଷମ ଦ୍ରବ୍ୟର ମାଲିକାନା କମ୍ ମୂଲ୍ୟରେ ସନ୍ଧାନ କରୁଛନ୍ତି। ଡାଇକିନ୍‌ଠାରେ ଆମେ ସମଗ୍ର ବିଶ୍ୱରେ ଏସିଗୁଡ଼ିକର ଶୀଘ୍ର ଗ୍ରହଣର ସାକ୍ଷୀ ରହିଛି।

# ରେକର୍ଡ ପରିମାଣରେ କୃଷି ଉତ୍ପାଦ ରପ୍ତାନି

**ନୂଆଦିଲ୍ଲୀ,୭।୪**

କୃଷି ଉତ୍ପାଦ ରପ୍ତାନି କରି ଭାରତ ଏକ ବିରଳ ରେକର୍ଡ କରିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପରିମାଣ ୫୦ ବିଲିୟନ ବା ୫ ହଜାର କୋଟି ଡଲାର ଟପିଛି। ଏହା ହେଉଛି ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ପରିମାଣର କୃଷି ଉତ୍ପାଦ ରପ୍ତାନି। ବାଣିଜ୍ୟିକ ସୂଚନା ଏବଂ ପରିସଂଖ୍ୟାନ ମହାନିର୍ଦ୍ଦେଶାଳୟ (ଡିଜିସିଆଇ ଆଣ୍ଡ ଏସ୍) ଏ ନେଇ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ମହାନିର୍ଦ୍ଦେଶାଳୟର ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ କୃଷି ରପ୍ତାନି ପରିମାଣ ୧୯.୯୨% ବୃଦ୍ଧି ପାଇ ୫୦.୨୧ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ବର୍ଷ ଚାଉଳ (୯୬୫ କୋଟି ଡଲାର), ଗହମ (୨୧୯ କୋଟି ଡଲାର), ଚିନି (୪୬୦ କୋଟି ଡଲାର) ଏବଂ ଅନ୍ୟାନ୍ୟ ଶସ୍ୟ (୧୦୮ କୋଟି ଡଲାର) ରପ୍ତାନି ହୋଇଛି। ସେହିଭଳି ସାମୁଦ୍ରିକ ଉତ୍ପାଦ ରପ୍ତାନି ବର୍ତ୍ତମାନ ସୁଦ୍ଧା ସବୁଠୁ ଅଧିକ ୭୭୧ କୋଟି ଡଲାର ରହିଥିବା ବେଳେ ମସଲା ରପ୍ତାନି ଲଗାତର ଦ୍ୱିତୀୟ ବର୍ଷ ବୃଦ୍ଧି ପାଇ ୪୦୦ କୋଟି ଡଲାରରେ ପହଞ୍ଚିଛି। ସେହିପରି ଯୋଗାଣ କ୍ଷେତ୍ରରେ ବାଧା ସତ୍ତ୍ୱେ କଫି ରପ୍ତାନି ପ୍ରଥମ ଥର ପାଇଁ ୧୦୦ କୋଟି ଡଲାର ଅତିକ୍ରମ କରିଛି।

### ଫୁରସତ୍

# ଆକ୍ସନ ଫିଲ୍ମରେ ରୁଚି


ଭୂମି ପେଡନେକର

**ମୁମ୍ବାଇ:** ଏକାଧିକ ବଲିଉଡ୍ ଫିଲ୍ମରେ କାମ କରି ନିଜ ଅଭିନୟ ଜଲୱାରେ ଦର୍ଶକଙ୍କ ମନ କିଣିଥିବା ଭୂମି ପେଡନେକର ଏବେ ଆକ୍ସନ ଫିଲ୍ମ କରିବା ପାଇଁ ମନ ବଳାଇଛନ୍ତି। ଏକ ସାକ୍ଷାତକାରରେ ଭୂମି କହିଛନ୍ତି ଯେ, ମୁଁ ବର୍ତ୍ତମାନ ଆକ୍ସନ ଫିଲ୍ମରେ ଅଭିନୟ କରିବାକୁ ଚାହୁଁଛି। ବର୍ତ୍ତମାନ ସୁଦ୍ଧା ଏ ପ୍ରକାର ଫିଲ୍ମରେ କାମ କରି ନ ଥିବାବେଳେ ଆଗାମୀ ଦିନରେ ଯଦି ମୋତେ ଆକ୍ସନ ଫିଲ୍ମ କରିବାକୁ ସୁଯୋଗ ମିଳେ ତେବେ ମୁଁ ନିହାତି ଭାବେ ଫିଲ୍ମରେ କାମ କରିବି ବୋଲି ସେ କହିଛନ୍ତି। ହଲିଉଡ୍ ଫିଲ୍ମ 'ଲାରା କ୍ରୋଫ୍ଟ', 'ମାଟ୍ରିକ୍ସ' ପରି ଆକ୍ସନ ଫିଲ୍ମରେ ନିଜକୁ ଦେଖିବାକୁ ତାଙ୍କର ଇଚ୍ଛା ଥିବା ସେ ସାକ୍ଷାତକାରରେ କହିଛନ୍ତି। ଫିଲ୍ମି ଦୁନିଆରେ ଅନେକ କିଛି ନୂଆ ଜିନିଷ ଜାଣିବାକୁ ଥିବାବେଳେ ଏଥିରୁ ଅନେକ ଜିନିଷ ଆବିଷ୍କାର ମଧ୍ୟ କରାଯାଇ ପାରିବ। ବି.ଟାଉନ୍‌ରେ ଭୂମି ନିଜ ଟ୍ୟାଲେଣ୍ଟ ଜରିଆରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିସାରିଛନ୍ତି। 'ଦମ୍ ଲଗାକେ ହଇସା'ରୁ ନିଜ ଫିଲ୍ମି କ୍ୟାରିୟର ସେ ଆରମ୍ଭ କରିଥିଲେ, ଯେଉଁଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଥିଲେ ଆୟୁଷ୍ମାନ ଖୁରାନା। ବର୍ତ୍ତମାନ ସୁଦ୍ଧା ଭୂମି ରୋମାଣ୍ଟିକ୍, ଫ୍ୟାମିଲି ଡ୍ରାମା ଏବଂ କମେଡି ଫିଲ୍ମ ଜରିଆରେ ନଜରକୁ ଆସିଛନ୍ତି। ଅଗଷ୍ଟ ୧୧ରେ ଭୂମି ଓ ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ଫିଲ୍ମ ' ରକ୍ଷା ବନ୍ଧନ' ରିଲିଜ୍ ହେବ। ଏହା ଏକ କମେଡି ଡ୍ରାମା ଫିଲ୍ମ ହୋଇଥିବାବେଳେ ଆନନ୍ଦ ଏଲ୍. ରାଏ ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି।

# ପ୍ରେମରେ ନାହିଁ ବୟସ ସୀମା



**କୋଲକାତା:** ପଶ୍ଚିମବଙ୍ଗ ନଦିଆ ଜିଲାର ସୁବ୍ରତ ସେନଗୁପ୍ତା ଓ ଅପର୍ଣ୍ଣା ଚକ୍ରବର୍ତ୍ତୀଙ୍କ ପ୍ରେମ କାହାଣୀକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ପ୍ରେମ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ ନ ଥିବାବେଳେ ବୃଦ୍ଧ ବୟସରେ ପ୍ରେମ ସମ୍ଭବ ବୋଲି ସୁବ୍ରତ ପ୍ରମାଣ କରି ଦେଖାଇଛନ୍ତି। ୨୦୧୯ରେ ଅପର୍ଣ୍ଣାଙ୍କୁ ବିବାହ ପାଇଁ ସେ ନିବେଦନ କରିଥିଲେ। କିନ୍ତୁ ଅପର୍ଣ୍ଣା ରାଜି ହୋଇ ନ ଥିଲେ। ଦୁହିଁଙ୍କ ପ୍ରେମ କାହାଣୀ ସାଧାରଣ ପ୍ରେମ କାହାଣୀଠାରୁ ସାମାନ୍ୟ ଭିନ୍ନ। ସୁବ୍ରତଙ୍କ ବୟସ ୭୦ ହୋଇଥିବାବେଳେ ଅପର୍ଣ୍ଣାଙ୍କ ବୟସ ୬୫ ବର୍ଷ। ଷ୍ଟେଟ୍ ଟ୍ରାନ୍ସପୋର୍ଟ କର୍ପୋରେଶନ୍ ଚାକିରି କରିଥିବା ସୁବ୍ରତ ଅବସର ପରେ ନିଜ ଭାଇଙ୍କ ଘରେ ରହୁଥିଲେ। ପରିବାର ଉପରେ ସେ ଏକ ବୋଝ ବୋଲି ଭାବି ଘର ଛାଡ଼ି ନଦିଆ ସ୍ଥିତ ବୃଦ୍ଧାଶ୍ରମରେ ଆସି ରହିଥିଲେ ; ଯେଉଁଠାରେ ତାଙ୍କର ସାକ୍ଷାତ ଅପର୍ଣ୍ଣାଙ୍କ ସହ ହୋଇଥିଲା। ଅପର୍ଣ୍ଣାଙ୍କୁ ଦେଖିବାମାତ୍ରରେ ସେ ତାଙ୍କୁ ମନ ଦେଇ ବସିଥିଲେ। ସୁବ୍ରତ ଚାହୁଁଥିରେ ଜୀବନର ଶେଷ ମୁହୂର୍ତ୍ତ ଭଲପାଉଥିବା ମଣିଷ ସହ କାଟିବା ଲାଗି। ସେଥିପାଇଁ ସେ ଅପର୍ଣ୍ଣାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ଲୋକଲଜ୍ଜାକୁ କେନ୍ଦ୍ର କରି ଅପର୍ଣ୍ଣା ତାଙ୍କ ପ୍ରସ୍ତାବକୁ ଏଡ଼ାଇ ଦେଇଥିଲେ। ଏହାପରେ ସେ ଆଶ୍ରମ ଛାଡ଼ି ବାହାରେ ଭଡ଼ା ଘର ନେଇ ରହିବାକୁ ଲାଗିଲେ। ଦିନେ ହଠାତ୍ ସୁବ୍ରତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଗଲା। ତାଙ୍କ ସେବା କରିବା ପାଇଁ ପାଖରେ କେହି ପ୍ରିୟଜନ ନ ଥିବାବେଳେ ଅପର୍ଣ୍ଣା ସେଠାକୁ ଯାଇ ସେବା କରିଥିଲେ। କିଛିଦିନ ପରେ ସୁବ୍ରତଙ୍କ ଦେହ ଭଲ ହୋଇଥିଲା। ତା' ପରେ ଦୁହେଁ ବିବାହ କରିଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ବୈଷ୍ଣବ ଚରଣ ସାହୁ**

ଜଡ଼ତିରା, ତିର୍ତ୍ତୋଲ, ଜଗତ୍‌ସିଂହପୁର
ଆବିର୍ଭାବ-୧୦।୦୩।୧୯୩୦
ତିରୋଧାନ- ୨୯।୦୩।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଆପଣ ଆମ୍ଭମାନଙ୍କୁ ସବୁଦିନ ପାଇଁ ଶୋକ ସାଗରରେ ଛାଡ଼ି ଚାଲିଗଲେ, ମାତ୍ର ଆପଣ ଆମ୍ଭ ସ୍ମୃତିରେ ଆମ୍ଭମାନଙ୍କ ସହିତ ଚିରଦିନ ପାଇଁ ରହିଥିବେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନାକରୁଛୁ ସେ ଆପଣଙ୍କୁ ତାଙ୍କ ପାଦ ପଦ୍ମରେ ସ୍ଥାନ ଦେଇ ଶାନ୍ତି ପ୍ରଦାନ କରନ୍ତୁ।

**ଶୋକସନ୍ତପ୍ତ:** ପତ୍ନୀ: ସାରଥି, ପୁତ୍ର: ଶିବ ପ୍ରସାଦ, ଶୋଲେନ, ପୁତ୍ରବଧୂ: ରୋଷ୍ନା, ଜ୍ୱାଇଁ: ରୁଦ୍ର, ନାରାୟଣ, ନଗେନ୍ଦ୍ର, ଝିଅ: ମନୋରମା, ଡଲି, ଝିଲି, ନାତି, ନାତୁଣୀ: ଚିକୁ, ଚିନ୍ଦୁ, ଗୁନ, ଧୁନ, ସାରଦା, ମାମା, ବାୟା ତଥା ବନ୍ଧୁ ଓ ପରିଜନ ।

ଧ-୦୬୦


# ଯୁଦ୍ଧ ବନ୍ଦ ଆଶାରେ ବୃକ୍ଷରୋପଣ

**କିଭ୍:** କିଭ୍‌ରେ ଜଣେ ମହିଳା ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ବିରାମ ଲାଗିବା ଆଶାରେ ବଗିଚାରେ ଫୁଲ ଗଛ ଲଗାଉଛନ୍ତି। ମହିଳା ଗଛ ଲଗାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବ୍ରିଟେନର ଖବରଦାତା ରିଚାର୍ଡ ଗେସଫୋର୍ଡ ଟୁଇଟରରେ ଏକ ଭିଡିଓ ଶେୟାର କରିଛନ୍ତି; ଯେଉଁଥିରେ କିଭ୍ ପାର୍କରେ ମହିଳା ଫୁଲ ଗଛ ଲଗାଉଥିବା ଦେଖିବାକୁ ମିଳିଛି। ରୁଷିଆ ଆକ୍ରମଣ ଦ୍ୱାରା ୟୁକ୍ରେନ୍ ଧ୍ୱଂସସ୍ତୂପ ପାଲଟିଯାଇଛି। ରାସ୍ତାରେ କୁଢ଼ କୁଢ଼ ମୃତ ଦେହ ଏଣେତେଣେ ପଡ଼ି ଥିବାବେଳେ ରାଜଧାନୀ କିଭ୍‌ରେ ଥିବା ଐତିହ୍ୟ କୀର୍ତ୍ତିରାଜି ସବୁ ନଷ୍ଟ ହୋଇଯାଇଛି। ଯୁଦ୍ଧକୁ ୪୩ ଦିନ ବିତିଯାଇଛି। ଏବେବି ୟୁକ୍ରେନ୍‌ବାସୀଙ୍କ ମନରେ ଯୁଦ୍ଧ ବନ୍ଦ ହେବା ଲାଗି ଆଶା ରହିଛି।



# ପ୍ରତି ମାସରେ ଗର୍ଲଫ୍ରେଣ୍ଡକୁ ଦିଅନ୍ତି ୮୨ ଲକ୍ଷ




**ରୋମି:** ପର୍ତ୍ତୁଗୀଜର ପ୍ରସିଦ୍ଧ ଫୁଟ୍‌ବୋଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଧନୀ ଖେଳାଳିଙ୍କ ମଧ୍ୟରୁ ଜଣେ। ଖେଳ ବ୍ୟତୀତ ତାଙ୍କୁ ତାଙ୍କର ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଲୋକେ ପସନ୍ଦ କରନ୍ତି। କିନ୍ତୁ ଏଥର ତାଙ୍କ ଗର୍ଲଫ୍ରେଣ୍ଡ ଜର୍ଜନା ରୋଡରିଜିଉଜ୍‌ଙ୍କୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏକ ରିପୋର୍ଟ ମୁତାବକ, ରୋନାଲ୍ଡୋ ଗର୍ଲଫ୍ରେଣ୍ଡ ଜର୍ଜନାଙ୍କୁ ପ୍ରତି ମାସରେ ଖର୍ଚ୍ଚପାଇଁ ୮୦ଲକ୍ଷରୁ ଅଧିକ ଟଙ୍କା ଦେଇଥାନ୍ତି। ବ୍ରିଟିଶ ମିଡିଆ ଗର୍ଲଫ୍ରେଣ୍ଡକୁ ଦେଉଥିବା ଟଙ୍କାକୁ ଦରମା ବୋଲି କହିଛି। ରିପୋର୍ଟ ଅନୁସାରେ ଜର୍ଜନାକୁ ପ୍ରତି ମାସରେ ୮୨ ଲକ୍ଷରୁ ଅଧିକ ଟଙ୍କା ତାଙ୍କ ପିଲାଙ୍କ ଦେଖାଶୁଣା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମିଳିଥାଏ। ଏହା ପୂର୍ବରୁ ରୋନାଲ୍ଡୋ ଗର୍ଲଫ୍ରେଣ୍ଡ ଜର୍ଜନାଙ୍କୁ ଦେଢ କୋଟି ଟଙ୍କାର ଏକ କାର ଗିଫ୍ଟ କରିଥିଲେ। ୨୦୧୭ରୁ ଦୁହେଁ ଏକାଠି ରହୁଛନ୍ତି। ଜର୍ଜନା ଏବଂ ରୋନାଲ୍ଡୋ ଏକାଠି ରହିବା ପରଠାରୁ ଜର୍ଜନାଙ୍କ ଜୀବନଶୈଳୀ ବଦଳିଯାଇଛି। ଉଭୟ ବିଳାସମୟ ଜୀବନ ଅତିବାହିତ କରୁଛନ୍ତି। ତେବେ ଜର୍ଜନା ପେସାରେ ଜଣେ ମଡେଲ। ସେ କେତେକ ବଡ ବଡ ବିଜ୍ଞାପନରେ ମଧ୍ୟ ନଜରକୁ ଆସିଛନ୍ତି। ଦି ମିରର ରିପୋର୍ଟ ଅନୁସାରେ, ଜର୍ଜନା ଏବଂ ରୋନାଲ୍ଡୋ ୪୮ କୋଟି ଟଙ୍କାର ବିଳାସ କୋଠାରେ ରୁହନ୍ତି। ଦାମୀ ଲକ୍ଜ୍ୟୁରି କାରଗୁଡ଼ିକରେ ବୁଲିବାକୁ ଯାଇଥାନ୍ତି। ରହୁଥିବା ମହଲରେ ସୁଇମିଂ ପୁଲ, ଜିମ୍ ଏବଂ ଫୁଟବଲ ଗ୍ରାଉଣ୍ଡ ମଧ୍ୟ ରହିଛି। ତେବେ ଆକାଶ ମାର୍ଗରେ ଯିବା ପାଇଁ ପ୍ରାଇଭେଟ୍ ଜେଟ୍‌ର ବ୍ୟବହାର କରିଥାନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

## ସରକାରୀ ସୁବିଧାର ଉଠାନ୍ତୁ ଲାଭ

(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା

6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଓଡ଼ିଶାରେ ପ୍ରଥମଥରପାଇଁ ହେବାକୁ ଯାଉଛି ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ପ୍ରତିଯୋଗିତା। ଏହି ସମ୍ମାନଜନକ ଲିଗ୍ ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଏପ୍ରିଲ ୧୫ରୁ ମେ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ...

# ଓଡ଼ିଶାରେ ଆଇଡବ୍ଲ୍ୟୁଏଲ୍






ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବେ କ୍ରିକେଟ ପ୍ରେମୀଙ୍କୁ ଉଲ୍ଲସିତ କରୁଥିବାବେଳେ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଛି କ୍ଲବ ଭିତ୍ତିକ ଫୁଟବଲର ଏକ ବଡ଼ ପ୍ରତିଯୋଗିତା। ବିଶେଷ କରି ମହିଳା ଫୁଟବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ପାଇଁ ଏହା ଅନେକ ଗୁରୁତ୍ୱ ରଖିବ। ସର୍ବଭାରତୀୟ ଫୁଟବଲ୍ ଫେଡେରେଶନ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଓଡ଼ିଶାରେ ପ୍ରଥମଥରପାଇଁ ହେବାକୁ ଯାଉଛି ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟବଲ। କ୍ରିକେଟରେ ଆଇପିଏଲ୍ ପରି ଫୁଟବଲ ପ୍ରେମୀଙ୍କ ମନରେ ଏହା ରୋମାଞ୍ଚ ଭରିବ। ଏହି ସମ୍ମାନଜନକ ଲିଗ୍ ଭୁବନେଶ୍ୱରର ୩ଟି ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମ, ୭ମ ବାଟାଲିୟନ ଏବଂ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଏପ୍ରିଲ ୧୫ରୁ ମେ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ୩ଟି ଯାକ ଗ୍ରାଉଣ୍ଡ ପ୍ରସ୍ତୁତ ରହିଥିବାବେଳେ ବାହାର ରାଜ୍ୟରୁ ବିଭିନ୍ନ ଦଳ ଭୁବନେଶ୍ୱରରେ ପହଞ୍ଚିବା ଆରମ୍ଭ କରିଛନ୍ତି। ଦଳଗୁଡ଼ିକର ରହିବା ଏବଂ ଟ୍ରେନିଂ ବ୍ୟବସ୍ଥା କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ କରାଯାଇଛି। ଅଭ୍ୟାସ ପାଇଁ ଆବଶ୍ୟକ ହେଲେ ଅନ୍ୟ ଗ୍ରାଉଣ୍ଡ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଖେଳାଳିମାନଙ୍କୁ ଆସନ୍ତା ୯ ଓ ୧୦ ତାରିଖ ସୁଦ୍ଧା ରିପୋର୍ଟ କରିବାକୁ କୁହାଯାଇଛି। ଏହାପରେ ସମସ୍ତ ଦଳର ସଦସ୍ୟ ବାୟୋ-ବବ୍‌ଲରେ ରହିବେ।

**ପଞ୍ଚମ ସଂସ୍କରଣ:** ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ଏହା ହେବ ୫ମ ସଂସ୍କରଣ। ୨୦୧୬-୧୭ରେ ପ୍ରଥମ ସଂସ୍କରଣ ଦିଲ୍ଲୀର ଆମ୍ବେଡକର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏହାର ଫାଇନାଲରେ ଓଡ଼ିଶାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ହରାଇ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ଚାମ୍ପିୟନ ହୋଇଥିଲା। ୨୦୧୭-୧୮ରେ ଦ୍ୱିତୀୟ ସଂସ୍କରଣ ମେଘାଳୟର ଶିଲଂଠାରେ ଆୟୋଜିତ ହୋଇଥିଲା। ଏହାର ଫାଇନାଲରେ ପୂର୍ବ ସଂସ୍କରଣର ବିପରୀତ ଫଳ ଆସିଥିଲା। ଅର୍ଥାତ୍ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନକୁ ପରାସ୍ତ କରି ମଧୁର ପ୍ରତିଶୋଧ ନେଇଥିଲା ଓଡ଼ିଶାଭିତ୍ତିକ ଦଳ ରାଇଜିଂ ଷ୍ଟୁଡେଣ୍ଟ। ୨୦୧୮-୧୯ ସିଜନରେ ତୃତୀୟ ସଂସ୍କରଣ ପଞ୍ଜାବର ଲୁଧିଆନାସ୍ଥିତ ଗୁରୁ ନାନକ ଷ୍ଟାଡିୟମରେ ଖେଳା ଯାଇଥିଲା। ଏଥର ମଣିପୁର ସ୍ପୋର୍ଟ୍ସ କ୍ଲବକୁ ହରାଇ ଚାମ୍ପିୟନ ହୋଇଥିଲା ତାମିଲନାଡୁଭିତ୍ତିକ କ୍ଲବ ସେଥୁ ଏଫ୍‌ସି। ୨୦୧୯-୨୦ ସିଜନରେ ୪ର୍ଥ ସଂସ୍କରଣ ବେଙ୍ଗାଲୁରୁସ୍ଥିତ ବାଙ୍ଗାଲୋର ଫୁଟବଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋକୁଲମ୍ କେରଳ ଚାମ୍ପିୟନ ଓ ମଣିପୁରଭିତ୍ତିକ ଦଳ କ୍ରିଫ୍‌ସା (କାଙ୍ଗଚୁପ ରୋଡ ୟଙ୍ଗ ଫିଜିକାଲ ସ୍ପୋର୍ଟ୍ସ ଆସୋସିଏଶନ) ରନର୍ସଅପ୍ ହୋଇଥିଲା। ୨୦୨୦-୨୧ ସିଜନରେ ଏହି ଲିଗ୍ ବାତିଲ ହୋଇଥିଲା।

**ଭାଗନେବେ ୧୨ ଦଳ:** ଆଗାମୀ ପ୍ରତିଯୋଗିତାରେ ଭାରତର ପ୍ରତିଷ୍ଠିତ ୧୨ଟି ଦଳ ଅଂଶଗ୍ରହଣ କରିବେ। ଆୟୋଜକଭାବେ ସ୍ପୋର୍ଟ୍ସ ଓଡ଼ିଶା ଡେବ୍ୟୁ କରିବାକୁ ଯାଉଥିବାବେଳେ ଭାରତର ଡେଭ୍‌ଲପ୍‌ମେଣ୍ଟାଲ ଟିମ୍ ଇଣ୍ଡିଆନ ଆରୋଜ ମହିଳା ଦଳ ମଧ୍ୟ ପ୍ରଥମଥର ପାଇଁ ଖେଳିବ। ଏହା ବ୍ୟତୀତ କେରଳ ଓମେନ୍ସ ଲିଗ୍ ଚାମ୍ପିୟନ ଗୋକୁଲମ କେରଳ, ଦିଲ୍ଲୀ ଓମେନ୍ସ ପ୍ରିମିୟର ଲିଗ୍ ଚାମ୍ପିୟନ ହଂସ ଓମେନ, କର୍ଣାଟକ ଓମେନ୍ସ ସୁପର ଡିଭିଜନ ଲିଗ୍ ଚାମ୍ପିୟନ କିକ୍‌ଷ୍ଟାର୍ଟ, ଛତିଶଗଡ଼ ରାଜ୍ୟ ମହିଳା ଲିଗ୍ ଚାମ୍ପିୟନ ମାତା ରୁକ୍ମିଣୀ ଗର୍ଲ୍ସ, ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ପୋଲିସ, ଡବ୍ଲ୍ୟୁଆଇଏଫ୍ଏ ଓମେନ୍ସ ଲିଗ୍ ଚାମ୍ପିୟନ ପିଫା(ପିଆଇଏଫ୍ଏ) ସ୍ପୋର୍ଟ୍ସ, ତାମିଲନାଡୁ ଓମେନ୍ସ ଲିଗ୍ ଚାମ୍ପିୟନ ସେଥୁ ଏଫ୍‌ସି, ଜିଏଫ୍ଏ ବେଦାନ୍ତ ଓମେନ୍ସ ଲିଗ୍ ଚାମ୍ପିୟନ ସିର୍ଭୋଡେମ୍ ସ୍ପୋର୍ଟିଂ, କାଲିକଟ ଓମେନ୍ସ ଫୁଟବଲ ଲିଗ୍ ଚାମ୍ପିୟନ ଏସଏସବି ଓମେନ ଏବଂ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର କ୍ୱାଲିଫାୟର ଦଳ ଗୁଜରାଟର ଅହମଦାବାଦ ରକେଟ ଏକାଡେମୀ (ଏଆର୍ଏ) ଫୁଟବଲ କ୍ଲବ ଏଥିରେ ଭାଗନେବେ। ସ୍ପୋର୍ଟ୍ସ ଓଡ଼ିଶା ଓ ଓଡ଼ିଶା ପୋଲିସ ଭାବେ ରାଜ୍ୟର ୨ଟି ଦଳ ଏଥର ଭାଗ୍ୟ ପରୀକ୍ଷା କରିବେ। ଗୀତାଞ୍ଜଳି ଖୁଣ୍ଟିଆ ସ୍ପୋର୍ଟ୍ସ ଓଡ଼ିଶା ଦଳର କୋଚ୍ ନିଯୁକ୍ତ ହୋଇଛନ୍ତି। ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଭାଗ ନେଉଥିବା ୧୨ ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବେ। ଅର୍ଥାତ୍ ପ୍ରତି ଦଳ ୧୧ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇବେ। ଯେଉଁ ଦଳ ସର୍ବାଧିକ ପଏଣ୍ଟ ପାଇବ ସେ ଚାମ୍ପିୟନ ହେବ।

## ପୂର୍ବ ସିଜନ ଫଳାଫଳ

| ସିଜନ | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୨୦୧୬-୧୭ | ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ | ରାଇଜିଂ ଷ୍ଟୁଡେଣ୍ଟ |
| ୨୦୧୭-୧୮ | ରାଇଜିଂ ଷ୍ଟୁଡେଣ୍ଟ କ୍ଲବ | ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ |
| ୨୦୧୮-୧୯ | ସେଥୁ ଏଫ୍‌ସି | ମଣିପୁର ପୋଲିସ ଏଫ୍‌ସି |
| ୨୦୧୯-୨୦ | ଗୋକୁଲମ କେରଳ | କ୍ରିଫ୍‌ସା |

## କେଉଁ ରାଜ୍ୟରୁ କିଏ

| କ୍ଲବ | ସହର | ରାଜ୍ୟ |
|---|---|---|
| ଏଆର୍ଏ | ଅହମଦାବାଦ | ଗୁଜରାଟ |
| ଗୋକୁଲମ କେରଳ | କାଲିକଟ | କେରଳ |
| ହଂସ ଓମେନ | ନୂଆଦିଲ୍ଲୀ | ଦିଲ୍ଲୀ |
| କିକ୍‌ଷ୍ଟାର୍ଟ | ବେଙ୍ଗାଲୁରୁ | କର୍ଣାଟକ |
| ମାତା ରୁକ୍ମିଣୀ ଗର୍ଲ୍ସ | ବସ୍ତର | ଛତିଶଗଡ଼ |
| ଓଡ଼ିଶା ପୋଲିସ | କଟକ | ଓଡ଼ିଶା |
| ପିଫା ସ୍ପୋର୍ଟ୍ସ ଏଫ୍‌ସି | ମୁମ୍ବାଇ | ମହାରାଷ୍ଟ୍ର |
| ସେଥୁ ଏଫ୍‌ସି | ଚେନ୍ନାଇ | ତାମିଲନାଡୁ |
| ସିର୍ଭୋଡେମ୍ ସ୍ପୋର୍ଟିଂ | ସଲସେଟ | ଗୋଆ |
| ସ୍ପୋର୍ଟ୍ସ ଓଡ଼ିଶା | ଭୁବନେଶ୍ୱର | ଓଡ଼ିଶା |
| ଏସ୍ଏସ୍‌ବି ଓମେନ | କୋଲକାତା | ୱେଷ୍ଟବେଙ୍ଗଲ |

## ଶ୍ରଦ୍ଧାଞ୍ଜଳି ଓଡ଼ିଶା ପୋଲିସ ଦଳର କୋଚ୍



ଓଡ଼ିଶା ଓମେନ୍ସ ଲିଗ୍ ଚାମ୍ପିୟନ ଓଡ଼ିଶା ପୋଲିସ ଉପରେ ଏଥର ନଜର ରହିବ। ରାଜ୍ୟ ଲିଗ୍‌ରେ ୬ଟି ଦଳକୁ ନେଇ ମୋଟ ୩୦ଟି ମ୍ୟାଚ ହେବାପରେ ଓଡ଼ିଶା ପୋଲିସ ସର୍ବାଧିକ ୨୮ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲା। ସ୍ପୋର୍ଟ୍ସ ଓଡ଼ିଶା ୨୦ ପଏଣ୍ଟ ସହିତ ଦ୍ୱିତୀୟ, ଇଷ୍ଟକୋଷ୍ଟ ରେଲ୍‌ୱେ ୧୯ ପଏଣ୍ଟ ସହ ତୃତୀୟ ସ୍ଥାନ ପାଇଥିଲା। ଫଳରେ ଓଡ଼ିଶା ପୋଲିସ ଆଇଡବ୍ଲ୍ୟୁ ପାଇଁ ସିଧାସଳଖ ଯୋଗ୍ୟତା ପାଇଥିଲା। ଏଥର ଓଡ଼ିଶା ପୋଲିସ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଶ୍ରଦ୍ଧାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ପୋଲିସ ପ୍ରଦର୍ଶନର ଛାପ ଛାଡ଼ିବା ପାଇଁ ଅଭ୍ୟାସକୁ ଜୋରଦାର କରିଛି। ପୂର୍ବରୁ ଶ୍ରଦ୍ଧାଞ୍ଜଳି ବହୁବାର ବିଭିନ୍ନ ବୟସ ବର୍ଗରେ ଜାତୀୟ ଦଳର ଖେଳାଳିଙ୍କୁ କୋଚିଂ ଦେଇ ସୁନାମ ଅର୍ଜନ କରିଛନ୍ତି। ଏହା ବ୍ୟତୀତ ସେ ଜାତୀୟ ଦଳର ଚୟନକର୍ତ୍ତାଭାବେ ମଧ୍ୟ ଗୁରୁଦାୟିତ୍ୱ ବହନ କରିଛନ୍ତି। ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହୋଇଥିବା ରାଇଜିଂ ଷ୍ଟୁଡେଣ୍ଟ ଦଳର ସହକାରୀ କୋଚ୍ ମଧ୍ୟଥିଲେ ଏହି ପୂର୍ବତନ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ଖେଳାଳି। ଓଡ଼ିଶା ପୋଲିସ ପୂର୍ବରୁ ୨୦୧୯-୨୦ ସିଜନରେ ଭାଗନେଇ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଗ୍ରୁପ୍ 'ବି'ରେ ଏହି ଦଳ ୫ ମ୍ୟାଚ ଖେଳି ୨ ବିଜୟ, ୧ ଡ୍ର ଓ ୨ ପରାଜୟ ସହ ୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲା। ୨ଟି ଗ୍ରୁପରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଯାଇଥିଲେ। ଫଳରେ ଓଡ଼ିଶା ପୋଲିସ ଅଳ୍ପକେ ନକ୍‌ଆଉଟ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଏଥର କିନ୍ତୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଆଶା ରଖିଛନ୍ତି।

# ଅସ୍ଥିର ପ୍ରଦର୍ଶନ

ଚଳିତ ସିଜନର ରଣଜୀ ଟ୍ରଫିରେ ଗୋଆ ବିପକ୍ଷ ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ସହିତ ମ୍ୟାଚ ଡ୍ର ରଖିଥିଲା ଓଡ଼ିଶା। ତେବେ ଅନ୍ୟ ଦୁଇଟି ମ୍ୟାଚରେ ସୌରାଷ୍ଟ୍ର ଏବଂ ମୁମ୍ବାଇ ବିପକ୍ଷରେ ଇନିଂସ ପରାଜୟବରଣ କରିଥିଲା। ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା...



ନିର୍ମଳ କୁମାର ମିଶ୍ର

ଇତିମଧ୍ୟରେ ୨୦୨୧-୨୨ ସିଜନର ରଣଜୀ ଟ୍ରଫି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍-ଡିରେ ଶକ୍ତିଶାଳୀ ମୁମ୍ବାଇ, ଗତବର୍ଷର ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ଏବଂ ଗୋଆ ସହିତ ସ୍ଥାନ ପାଇଥିଲା ଓଡ଼ିଶା। ଦଳ ୩ଟି ଯାକ ଗ୍ରୁପ୍ ମ୍ୟାଚ ଅହମଦାବାଦର ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ଖେଳିଥିଲା। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଏକ ଶ୍ରେଷ୍ଠ ଦଳ ଏଥର ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା। କାରଣ ଗତ କଳାହାଣ୍ଡି କପ୍‌ରେ ଉତ୍ତମ ଖେଳିଥିବା ଯୁବ ଏବଂ ଅଭିଜ୍ଞ ଖେଳାଳିମାନଙ୍କୁ ଏଥର ସ୍ଥାନ ଦିଆଯାଇଥିଲା। ତେବେ ସବୁଠାରୁ ଅଭିଜ୍ଞ ବ୍ୟାଟର ବିପ୍ଲବ ସାମନ୍ତରାୟ ଏବଂ ପେସ୍ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ସ୍ଥାନ ପାଇପାରି ନ ଥିଲେ। ପ୍ରଦର୍ଶନ ଦୃଷ୍ଟିରୁ ଗତ ରଣଜୀ ଟ୍ରଫିରେ ଓଡ଼ିଶା ଦଳର ପ୍ରଦର୍ଶନ ଖରାପ ରହିଥିଲା। ଫଳରେ ନକ୍ ଆଉଟ୍ ପର୍ଯ୍ୟାୟକୁ ଯିବା ଦିବାସ୍ୱପ୍ନ ସଦୃଶ ହୋଇଥିଲା। ନୂଆ ଫର୍ମାଟ୍ ଅନୁସାରେ ଏଥର ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ଲେଖାଏ ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ। ମାତ୍ର ନିମ୍ନମାନର ପ୍ରଦର୍ଶନ ଯୋଗୁ ଓଡ଼ିଶା ଲିଗ୍ ପର୍ଯ୍ୟାୟରୁ ବିଦାହୋଇଥିଲା।

ଗୋଆ ବିପକ୍ଷ ମ୍ୟାଚରେ ପ୍ରଥମ ଇନିଂସରେ ଅଗ୍ରଣୀ ଲାଭ ସହିତ ମ୍ୟାଚ ଡ୍ର ରଖିଥିଲା ଓଡ଼ିଶା। ତେବେ ଅନ୍ୟ ଦୁଇଟି ମ୍ୟାଚ ସୌରାଷ୍ଟ୍ର ଏବଂ ମୁମ୍ବାଇ ବିପକ୍ଷରେ ଇନିଂସ ପରାଜୟ ଆମ ଖେଳାଳିଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ଲଗାଇଥିଲା। ସିନିୟର ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତାର ଅଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ସିନିୟର ଦଳର ପ୍ରଦର୍ଶନ ସ୍ୱାଭାବିକଭାବେ ଜୁନିୟର ଦଳ ଉପରେ ପ୍ରଭାବ ପକାଇଥାଏ। ଏଥର ଜୁନିୟର ଦଳର ପ୍ରଦର୍ଶନରେ ମଧ୍ୟ ସେପରି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନାହିଁ। ଅଭିଜ୍ଞ କୋଚ ୱାସିମ ଜାଫରଙ୍କୁ ନିଯୁକ୍ତି, ନୂଆ ଚୟନ କମିଟି, ଅଭ୍ୟାସ ମ୍ୟାଚ ପାଇଁ ଅନ୍ୟ ରାଜ୍ୟଦଳଗୁଡ଼ିକୁ ଆମନ୍ତ୍ରଣ, ଖେଳାଳିଙ୍କ ପ୍ରଦର୍ଶନ ଭିତ୍ତିରେ ଦଳ ଚୟନ, ଅନଫିଟ୍ ଖେଳାଳିଙ୍କୁ ବାଦ୍ ଦିଆଯିବା, ଯୁବ ଖେଳାଳିଙ୍କୁ ସୁଯୋଗ ସତ୍ତ୍ୱେ ତାହା ଫଳାଫଳରେ ରୂପାନ୍ତରିତ ହୋଇ ପାରିନାହିଁ। କ୍ରମାଗତଭାବେ ଖେଳାଳିଙ୍କ ପ୍ରଦର୍ଶନରେ ସ୍ଥିରତା ନ ରହିବା ଚିନ୍ତା ବଢ଼ାଇଛି। ଦୀର୍ଘ ୨୨ବର୍ଷ ହେବ କୌଣସି ଓଡ଼ିଶା ଖେଳାଳି ଜାତୀୟ ଦଳରେ ସାମିଲ ହୋଇପାରି ନାହାନ୍ତି। ଏହା ଓଡ଼ିଶା କ୍ରିକେଟର ଦକ୍ଷତାକୁ ପଦାରେ ପକାଇ ଦେଇଛି। ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କଲେ ମଧ୍ୟ ତା'ର ସୁଫଳ ମିଳୁନାହିଁ।

ନୂଆ ରଣଜୀ ଫର୍ମାଟ୍ ଯୋଗୁ ଖେଳାଳିଙ୍କ ଏପରି ପ୍ରଦର୍ଶନ ଅନ୍ୟତମ କାରଣ ବୋଲି କୁହା ଯାଇପାରେ। ଗତ ରଣଜୀ ସିଜନ୍‌ରେ ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୮ଟି ଲେଖାଏ ମ୍ୟାଚ ଖେଳିଥିବାବେଳେ ଏଥର ତାହା ମାତ୍ର ୩ ମଧ୍ୟରେ ସୀମିତ ରହିଥିଲା। ଏହା ସତ୍ତ୍ୱେ ଅନେକ ଦଳର ଖେଳାଳି ବହୁତ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ଓଡ଼ିଶା କ୍ଷେତ୍ରରେ ତାହା ହୋଇ ନ ଥିଲା। ଦଳ ଏକ କଷ୍ଟସାଧ ଗ୍ରୁପ୍‌ରେ ରହିଥିଲା ସତ, ମାତ୍ର ଉଭୟ ବ୍ୟାଟିଂ ଏବଂ ବୋଲିଂରେ ଖେଳାଳିଙ୍କ ପ୍ରଦର୍ଶନ ନିମ୍ନମାନର ରହିଥିଲା। ବିଭିନ୍ନ ଦଳ ପକ୍ଷରୁ ଖେଳୁଥିବା ପେସ୍ ଏବଂ ସ୍ପିନ୍ ବୋଲରମାନଙ୍କ ମଧ୍ୟରୁ ୫୦ଜଣଙ୍କ ମଧ୍ୟରେ କୌଣସି ଓଡ଼ିଆ ବୋଲରଙ୍କ ନାଁ ନାହିଁ। ଆମର ବୋଲରମାନଙ୍କ ମଧ୍ୟରେ ଜୟନ୍ତ ବେହେରା, ଭେଟେରାନ ବସନ୍ତ ମହାନ୍ତି ଓ ଅଭିଷେକ ରାଉତ ୬ଟି ଲେଖାଏ ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ରାଜେଶ ମହାନ୍ତିଙ୍କୁ ୫ଟି ଉଇକେଟ ମିଳିଛି।

ସେହିପରି ବ୍ୟାଟିଂ କଥା ଦେଖିଲେ ଏକମାତ୍ର ବ୍ୟାଟର ରୂପେ ଶାନ୍ତନୁ ମିଶ୍ର ଟପ୍ ୫୦ଜଣଙ୍କ ମଧ୍ୟରେ ୪୨ତମ ସ୍ଥାନରେ ରହିଛନ୍ତି। ୩ଟି ମ୍ୟାଚରୁ ୨୬୮ ରନ୍ କରି ଓଡ଼ିଶା ପକ୍ଷରୁ ଟପ୍ ସ୍କୋରର ହୋଇଛନ୍ତି। ଉଇକେଟ କିପର ବ୍ୟାଟର ରାଜେଶ ଧୂପର ୩ଟି ମ୍ୟାଚରୁ ୨୨୧ରନ୍ କରିଥିବା ବେଳେ ଅଭିଷେକ ରାଉତ ମୋଟ ୩ଟି ମ୍ୟାଚରୁ ୨୦୨ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟର ମୋଟ ୧୦୦ ରନ ପୂରଣ କରି ନ ପାରିବା ଆମ ବ୍ୟାଟିଂ ଦକ୍ଷତାର ସ୍ପଷ୍ଟ ଚିତ୍ର ପ୍ରଦାନ କରୁଛି। ବ୍ୟକ୍ତିଗତ ଭାବେ କୌଣସି ଖେଳାଳି ହୁଅନ୍ତୁ କିମ୍ବା ଦଳଗତ ଭାବେ ଓଡ଼ିଶା ପ୍ରଦର୍ଶନର ଛାପ ଛାଡ଼ିପାରି ନ ଥିଲା। ଏପରି ସ୍ଥିତିରେ ଆମ ଖେଳାଳି ଜାତୀୟ ଦଳପାଇଁ ଯୋଗ୍ୟ ବିବେଚିତ ହେବା ସମ୍ପର୍କରେ ଭାବିବା ବୃଥା।

ଓଡ଼ିଶା ଖେଳାଳିଙ୍କ ପରି ସମାନ ୩ଟି ମ୍ୟାଚ ଖେଳି ମୁମ୍ବାଇ ବାମହାତୀ ସ୍ପିନର ଜାକିର ମୁଲାନୀ ୨୯ଟି ଉଇକେଟ ନେଇଛନ୍ତି। ପ୍ଲେଟ୍ ଗ୍ରୁପ୍‌ରେ ଖେଳିଥିବା ନାଗାଲାଣ୍ଡ ବ୍ୟାଟର ସି.ଡି. ବିଷ୍ଟ ୪ ମ୍ୟାଚରୁ ସର୍ବାଧିକ ୬୨୩ ରନ କରିଥିବାବେଳେ ବିହାରର ସକିବୁଲ ଗନି ୩ ମ୍ୟାଚରୁ ୬୦୧ ରନ୍ ସ୍କୋର କରିଥିଲେ। ଆଉ ୨ଜଣ ବ୍ୟାଟର ୫୦୦ ରନ ଅତିକ୍ରମ କରିଛନ୍ତି। ସେମାନେ ହେଲେ ମୁମ୍ବାଇର ଆକ୍ରମଣାତ୍ମକ ବ୍ୟାଟର ସର୍ଫରାଜ ଖାଁ (୫୫୧ରନ୍) ଓ ମିଜୋରାମର ଟି. କୋହଲି (୫୨୬)। ସେହିପରି ମାତ୍ର ୩ଜଣ ବୋଲର ୨୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ନେଇଛନ୍ତି। ମୁଲାନୀଙ୍କୁ ବାଦ୍‌ଦେଲେ ମହାରାଷ୍ଟ୍ରର ଏସ୍. ବଚଭ ୩ ମ୍ୟାଚରୁ ୨୧ ଏବଂ ରବି ତେଜା (ହାଇଦ୍ରାବାଦ) ୨୦ଟି ଉଇକେଟ ଅକ୍ତିଆର କରିଛନ୍ତି। ଏବେ ଚାଲିଛି ଟି୨୦ କ୍ରିକେଟର ଶ୍ରେଷ୍ଠ ପ୍ରଫେଶନାଲ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍)। ରଣଜୀ ଟ୍ରଫିର ନକ୍ ଆଉଟ୍ ପର୍ଯ୍ୟାୟ ଆଇପିଏଲ୍ ପରେ ଖେଳାଯିବ।

ଓଡ଼ିଶା ପାଇଁ ଚଳିତ ସିଜନର ରଣଜୀ ଟ୍ରଫି ଯାତ୍ରା ଶେଷ ହୋଇଛି। ଦଳ ବିଫଳତାର କାରଣ ଖୋଜା ଚାଲିଛି। ଓସିଏର ଭିଜନ ୨୦୨୪ ଠିକ୍ ପଥରେ ରହିଥିବା ବେଳେ ଖେଳାଳିମାନଙ୍କ ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ, ଟ୍ରେନିଂ ପାଇଁ ଶ୍ରେଷ୍ଠ କୋଚ, ବ୍ୟାପକ ଅଭ୍ୟାସ ମ୍ୟାଚ, ସମସ୍ତ ସୁବିଧା ସୁଯୋଗ, ଯୁବ ଖେଳାଳିଙ୍କୁ ପ୍ରାଧାନ୍ୟ ସତ୍ତ୍ୱେ ଏହାର ସୁଫଳ ମିଳିପାରୁ ନ ଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟର ଶ୍ରେଷ୍ଠ ଘରୋଇ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଛି ଏବଂ ଏଥି ସହିତ ବର୍ତ୍ତମାନ ଭିଜନ ୨୦୨୪ ମାଧ୍ୟମରେ ଖେଳାଳିମାନଙ୍କୁ ବହୁ ଆଗରୁ ଚୟନ କରି ଟିମ୍ ଉପରେ ଗୁରୁତ୍ୱ ଦେଲେ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରାଯାଇପାରେ।




ଓଡ଼ିଶାର ଦୁଇ ଟପ୍ ସ୍କୋରର ରାଜେଶ ଧୂପର ଓ ଶାନ୍ତନୁ ମିଶ୍ର।

## ଓଡ଼ିଶା ଖେଳାଳିଙ୍କ ରଣଜୀ (୨୦୨୧-୨୨)ପ୍ରଦର୍ଶନ

### ବ୍ୟାଟିଂ

| ଖେଳାଳି | ମ୍ୟାଚ | ଇନିଂସ | ରନ | ସର୍ବାଧିକ | ଆଭରେଜ | ଶତକ | ଅ.ଶତକ |
|---|---|---|---|---|---|---|---|
| ଶାନ୍ତନୁ ମିଶ୍ର | ୩ | ୬ | ୨୬୮ | ୧୦୩ | ୪୪.୬୬ | ୧ | ୨ |
| ରାଜେଶ ଧୂପର | ୩ | ୬ | ୨୧୧ | ୭୧* | ୪୨.୨୦ | ୦ | ୩ |
| ଅଭିଷେକ ରାଉତ | ୩ | ୬ | ୨୦୨ | ୫୯ | ୩୩.୬୬ | ୦ | ୧ |
| ଅଂଶୁମାନ ରଥ | ୧ | ୨ | ୪୮ | ୩୪ | ୨୪.୦୦ | ୦ | ୦ |
| ରାଜେଶ ମହାନ୍ତି | ୩ | ୫ | ୮୬ | ୩୯ | ୨୧.୫୦ | ୦ | ୦ |
| ଦେବାଶିଷ ସାମନ୍ତରାୟ | ୨ | ୪ | ୬୧ | ୨୨ | ୧୫.୨୫ | ୦ | ୦ |
| ସନ୍ଦିପ ପଟ୍ଟନାୟକ | ୨ | ୪ | ୫୬ | ୩୨ | ୧୪.୦୦ | ୦ | ୦ |
| ଅନୁରାଗ ଷଡ଼ଙ୍ଗୀ | ୨ | ୪ | ୫୫ | ୨୮ | ୧୩.୭୫ | ୦ | ୦ |
| ଦେବବ୍ରତ ପ୍ରଧାନ | ୨ | ୪ | ୨୭ | ୧୩ | ୧୩.୫୦ | ୦ | ୦ |
| ଶୁଭ୍ରାଂଶୁ ସେନାପତି | ୩ | ୬ | ୮୦ | ୨୯ | ୧୩.୩୩ | ୦ | ୦ |
| ଗୋବିନ୍ଦ ପୋଦ୍ଦାର | ୨ | ୪ | ୪୯ | ୩୭ | ୧୨.୨୫ | ୦ | ୦ |

### ବୋଲିଂ

| ଖେଳାଳି | ମ୍ୟାଚ | ଇନିଂସ | ଓଭର | ରନ | ଉଇକେଟ | ଇନିଂସ ଶ୍ରେଷ୍ଠ | ମ୍ୟାଚ ଶ୍ରେଷ୍ଠ |
|---|---|---|---|---|---|---|---|
| ବସନ୍ତ ମହାନ୍ତି | ୨ | ୩ | ୮୦.୦ | ୧୬୦ | ୬ | ୩/୨୭ | ୪/୭୮ |
| ଅଭିଷେକ ରାଉତ | ୩ | ୪ | ୩୭.୦ | ୧୯୫ | ୬ | ୩/୧୦୬ | ୫/୧୨୬ |
| ଶୁଭ୍ରାଂଶୁ ସେନାପତି | ୩ | ୩ | ୧୧.୦ | ୪୨ | ୧ | ୧/୧୪ | ୧/୨୪ |
| ଜୟନ୍ତ ବେହେରା | ୨ | ୨ | ୭୫.୩ | ୨୮୫ | ୬ | ୪/୧୪୮ | ୪/୧୪୮ |
| ପ୍ରଶାନ୍ତ ରଣା | ୧ | ୧ | ୨୬.୦ | ୯୭ | ୨ | ୨/୯୭ | ୨/୯୭ |
| ଆଶିଷ ରାଏ | ୧ | ୨ | ୩୧.୦ | ୧୧୩ | ୨ | ୧/୪୪ | ୨/୧୨୨ |
| ପପୁ ରାୟ | ୧ | ୧ | ୨୬.୦ | ୧୨୨ | ୨ | ୨/୧୨୨ | ୨/୧୨୨ |
| ରାଜେଶ ମହାନ୍ତି | ୩ | ୪ | ୧୦୧.୦ | ୩୨୬ | ୫ | ୩/୧୨୩ | ୩/୧୨୩ |

# ଭାରତ-ନେଦରଲାଣ୍ଡ ମ୍ୟାଚ ଆଜି

## ଏଫ୍ଆଇଏଚ୍ ପ୍ରୋ ଲିଗ୍ ମହିଳା ହକି

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ-ନେଦରଲାଣ୍ଡ ମହିଳା ହକି ମ୍ୟାଚ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଉଭୟ ଦଳ ଗୁରୁବାର ଅଭ୍ୟାସକୁ ଜୋରଦାର କରିଛନ୍ତି। ଅଲିମ୍ପିକ୍ ଚାମ୍ପିୟନ ନେଦରଲାଣ୍ଡକୁ ଭେଟିବାକୁ ଯାଉଥିବାରୁ ଦଳ ମଧ୍ୟରେ ଉତ୍ସାହ ରହିଛି ବୋଲି ପ୍ରି-ମ୍ୟାଚ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟିକା ସବିତା ପ୍ରକାଶ କରିଛନ୍ତି। ‘‘ନେଦରଲାଣ୍ଡକୁ ଭେଟିବା ପାଇଁ ଆମ ଦଳର ଖେଳାଳିମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ସେମାନେ ଅଭିଜ୍ଞ ଖେଳାଳିଙ୍କ ବିନା ଏଠାକୁ ଆସିଛନ୍ତି ସତ, ମାତ୍ର ସେମାନଙ୍କ ଖେଳ ଷ୍ଟାଇଲରେ ପରିବର୍ତ୍ତନ ହେବନାହିଁ। ନେଦରଲାଣ୍ଡର ଏକ ଯୁବ ଦଳ ପ୍ରୋ-ଲିଗ୍ ମ୍ୟାଚ ଖେଳିବାକୁ ଯାଉଛି। ଏହାର ଅର୍ଥ ନୁହେଁ ଯେ, ଆମେ ଏହାକୁ ହାଲୁକାଭାବେ ନେବୁ। ଯୁବ ଖେଳାଳିମାନେ ସୁଯୋଗ ପାଇଥିବାରୁ ସେମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଆମେ ଅନ୍ୟ ମ୍ୟାଚଗୁଡ଼ିକ ଭଳି ଏଥର ମଧ୍ୟ ନିଜ ଖେଳ ଉପରେ ଫୋକସ କରି ଖେଳିବୁ’’ ବୋଲି ସବିତା କହିଛନ୍ତି।

ଶେଷଥର ପାଇଁ ଦୁଇ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପରସ୍ପର ମୁହାଁମୁହିଁ ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟର ଏହି ମ୍ୟାଚରେ ଭାରତ ୧-୫ ଗୋଲରେ ପରାଜିତ ହୋଇଥିଲା। ‘‘ଆମେ ଘରୋଇ ପରିବେଶରେ ପୁଣି ନେଦରଲାଣ୍ଡ ବିପକ୍ଷରେ ଖେଳିବାକୁ ସୁଯୋଗ ପାଇବା ବହୁତ ଭଲ କଥା। ତେଣୁ ଆମେ ମ୍ୟାଚକୁ ଉପଭୋଗ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିବୁ’’ ବୋଲି ସବିତା କହିଛନ୍ତି। ଭାରତୀୟ ଦଳର ଉପ ଅଧିନାୟିକା ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ମଧ୍ୟ ଭାରତର ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଅଛନ୍ତି। ‘‘ଅଲିମ୍ପିକ୍ସ ପରେ ଆମେ ପ୍ରଥମଥର ପାଇଁ ନେଦରଲାଣ୍ଡକୁ ଭେଟିବାକୁ ଯାଉଛୁ। ସ୍ଥାନୀୟ ପରିବେଶରେ ଆମେ ପ୍ରତିଦିନ କଠିନ ଟ୍ରେନିଂ କରିଛୁ। ତେଣୁ ୨ଟି ଯାକ ମ୍ୟାଚରେ ଭଲ ଖେଳିବାକୁ ଆଶା ରଖିଛୁ’’ ବୋଲି ଦୀପ୍‌ଗ୍ରେସ୍ କହିଛନ୍ତି।

ଆୟୋଜକ ଭାରତ ସମ୍ପ୍ରତି ୧୨ ପଏଣ୍ଟ ସହିତ ଷ୍ଟାଣ୍ଡିଂର ୪ର୍ଥ ସ୍ଥାନରେ ରହିଛି। ଭାରତୀୟ ଦଳ ମସ୍କଟରେ ଚାଇନା ବିପକ୍ଷରେ ୭-୧ ଓ ୨-୧ ଗୋଲରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ଘରୋଇ ପରିବେଶରେ ସ୍ପେନ୍‌କୁ ଏକ ମ୍ୟାଚରେ ୨-୧ ଗୋଲରେ ହରାଇଥିଲା ଏବଂ ଅନ୍ୟ ମ୍ୟାଚଟିରେ ୩-୪ ଗୋଲରେ ହାରି ଯାଇଥିଲା। ଭାରତୀୟ ଦଳ ଏହା ପୂର୍ବ ମ୍ୟାଚ ଜର୍ମାନୀ ବିପକ୍ଷରେ କଳିଙ୍ଗ ଷ୍ଟାଡିୟମରେ ଖେଳିଥିଲା। ପ୍ରଥମ ମ୍ୟାଚ ୧-୧ ଗୋଲରେ ବରାବର ରହିଥିବାବେଳେ ଶୁଟ୍‌ଆଉଟରେ ଭାରତ ୧-୨ ଗୋଲରେ ହାରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚଟି ୧-୧ ଗୋଲରେ ଶେଷ ହେବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୩-୦ରେ ବିଜୟ ହାସଲ କରି ମଧୁର ପ୍ରତିଶୋଧ ନେଇଥିଲା।

ଅଧିନାୟକ ରହିବା ସହ ଗୋଲକିପିଂର ଗୁରୁଦାୟିତ୍ୱ ବହନ କରୁଥିବା ସବିତା କହିଛନ୍ତି ଯେ, ‘‘ଆମେ ପୂର୍ବରୁ କ୍ୱଚିତ ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାକୁ ପାଉଥିଲୁ। ଏପରି ଦଳ ବିପକ୍ଷରେ ଆମ ପାଇଁ କ୍ରମାଗତ ମ୍ୟାଚ ଖେଳିବାର ସୁଯୋଗ ନ ଥିଲା। ଏବେ ପ୍ରୋ ଲିଗ୍ ପାଇଁ ଏହା ସମ୍ଭବ ହୋଇପାରିଛି। ଏହି ମ୍ୟାଚଗୁଡ଼ିକ ଆମ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହେଉଛି। ଆମ ବିପକ୍ଷରେ ଅନ୍ୟ ଦଳଗୁଡ଼ିକ ଖେଳିବାକୁ ବ୍ୟଗ୍ରତା ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏହା ମଧ୍ୟ ଆମ ପାଇଁ ଏକ ସଫଳତା ସଦୃଶ। ଏହା ଆମକୁ ମୋଟିଭେଟ କରିବା ସହ ବିଶ୍ୱ ହକିରେ ଆମେ କେଉଁଠି ଅଛୁ ତାହାକୁ ସୂଚାଉଛି’’। ଅନ୍ୟପକ୍ଷରେ ନେଦରଲାଣ୍ଡ ଏବେ ୧୭ ପଏଣ୍ଟ ସହିତ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଦଳ ବେଲଜିୟମକୁ ୨-୩ ଓ ୩-୧ ଗୋଲରେ ହରାଇଥିଲା। ସେହିପରି ସ୍ପେନ୍‌କୁ ୧-୦ରେ ହରାଇଥିଲା ଏବଂ ପରବର୍ତ୍ତୀ ମ୍ୟାଚ ୨-୨ ଗୋଲରେ ବରାବର ରହିବାରୁ ଶୁଟ୍‌ଆଉଟରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ଆମେରିକାକୁ ଦଳ ଭେଟିଥିଲା ଏବଂ ୨ଟି ମ୍ୟାଚରେ ୩-୦ ଓ ୧୦-୦ ଗୋଲରେ ବିଜୟୀ ହୋଇଥିଲା। ଆଗାମୀ ମ୍ୟାଚ ସମ୍ପର୍କରେ ନେଦରଲାଣ୍ଡ ଦଳର ଅନ୍ତରୀଣ କୋଚ୍ ଜୁଷ୍ଟ ବିର୍ଟଲିଂ କହିଛନ୍ତି ଯେ, ‘‘ଆମ ଯୁବ ଖେଳାଳିଙ୍କ ପାଇଁ ଏପରି ଏକ ଷ୍ଟାଡିୟମରେ ଖେଳିବା ସ୍ୱପ୍ନଭଳି। ତେଣୁ ସେମାନେ ଭାରତ ବିପକ୍ଷରେ ଖେଳିବାକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ମୁଁ ଯେତିକି ଉତ୍ସାହିତ ଅଛି ସେତିକି ନର୍ଭସ ମଧ୍ୟ ଅନୁଭବ କରୁଛି। ତେଣୁ ଆମେ ଯାହା ଭଲପାଉ ଏବଂ ଯାହା କରିବାକୁ ଆସିଛୁ ତା’ ଉପରେ ଫୋକସ କରୁଛୁ। ଭାରତ ଦକ୍ଷ ଖେଳାଳିରେ ଭରପୂର ଏକ ଦଳ। ଏହି ଦଳର କୋଚ୍ ମଧ୍ୟ ବହୁତ ଭଲ। ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ପରିଲକ୍ଷିତ ହୋଇଛି। ଆମକୁ ଭାରତ ବିପକ୍ଷରେ ଖେଳିବାର ସୁଯୋଗ ମିଳିଛି ଏବଂ ଆମେ ବିଜୟ ସହ ଫେରିବାକୁ ଚାହୁଁଛୁ’’।




ଭାରତୀୟ ମହିଳା ହକି ଦଳର ଉପ ଅଧିନାୟିକା ଦୀପ୍ ଗ୍ରେସ୍ ଏକ୍କା ଓ ଅଧିନାୟିକା ସବିତା।

# କ୍ୱାର୍ଟରରେ ସିନ୍ଧୁ, ଶ୍ରୀକାନ୍ତ

## କୋରିଆ ଓପନ ବ୍ୟାଡ୍‌ମିଣ୍ଟନ

**ସୁନ୍‌ଚେନ, ୭।୪ (ପି.ଟି.)**

ଭାରତର ଶୀର୍ଷସ୍ଥାନୀୟ ଖେଳାଳି ପି.ଭି. ସିନ୍ଧୁ ଓ କିଡାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା କୋରିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମାତ୍ର ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ହାରି ବିଦାୟ ନେଇଛନ୍ତି।

ବିଶ୍ୱର ୭ ନମ୍ବର ଖେଳାଳି ଏବଂ ୨ ଥର ଅଲିମ୍ପିକ୍ ମେଡାଲିଷ୍ଟ ସିନ୍ଧୁ ଗୁରୁବାର ଜାପାନର ଆୟା ଓହୋରିଙ୍କୁ ୨୧-୧୫, ୨୧-୧୦ରେ ପରାସ୍ତ କରିଛନ୍ତି। ଏଥିସହ ବିଶ୍ୱର ୨୬ ନମ୍ବର ଜାପାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ସିନ୍ଧୁ ନିଜର ବିଜୟ ରେକର୍ଡକୁ ୧୨-୦ରେ ପହଞ୍ଚାଇଛନ୍ତି। କ୍ୱାର୍ଟର ଫାଇନାଲରେ ସିନ୍ଧୁ ଥାଇଲାଣ୍ଡର ବୁସାନାନ ଓଙ୍ଗବାମୃଙ୍ଗଫାନଙ୍କୁ ଭେଟିବେ। ଗତ ମାସରେ ଅନୁଷ୍ଠିତ ସୁଇସ୍ ଓପନ ଫାଇନାଲରେ ବୁସାନାନଙ୍କୁ ହରାଇ ସିନ୍ଧୁ ଟାଇଟଲ ହାସଲ କରିଥିଲେ। ଚଳିତ ସିଜନରେ ସୟଦ ମୋଦି ଇଣ୍ଟରନ୍ୟାଶନାଲ ଓ ସୁଇସ୍ ଓପନରେ ୨ଟି ସୁପର ୩୦୦ ଟାଇଟଲ ଜିତିଥିବା ପୂର୍ବତନ ବିଶ୍ୱ ଚାମ୍ପିୟନ ସିନ୍ଧୁ ବିଶ୍ୱର ୧୧ ନମ୍ବର ଖେଳାଳି ସୁସାନାନଙ୍କ ବିପକ୍ଷରେ ୧୭ ମ୍ୟାଚରୁ ୧୬-୧ ବିଜୟ ରେକର୍ଡ ରଖିଛନ୍ତି। ଅନ୍ୟପକ୍ଷରେ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ଶ୍ରୀକାନ୍ତ ଇସ୍ରାଏଲର ମିଶା ଜିଲବେର୍ମାନଙ୍କୁ ୨୧-୧୮, ୨୧-୬ରେ ପରାସ୍ତ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ସ୍ଥାନୀୟ ଖେଳାଳି ତଥା ପୂର୍ବତନ ନମ୍ବରୱାନ ସନ୍ ୱାନ୍ ହୁଙ୍କୁ ଭେଟିବେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସିଲଭର ମେଡାଲିଷ୍ଟ ତଥା ବିଶ୍ୱର ୭ ନମ୍ବର ଯୋଡ଼ି ସାତ୍ତ୍ୱିକରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ସିଙ୍ଗାପୁରର ହି ୟଙ୍ଗ କାଇ ଟେରୀ ଓ ଲୋହ କେନ ହେନ୍‌ଙ୍କୁ ୨୧-୧୫, ୨୧-୧୯ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ତେବେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ତଥା ବିଶ୍ୱର ୯ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ୨୦-୨୨, ୯-୨୧ ପଏଣ୍ଟରେ ଶେସାର ହିରେନ ରୁଷ୍ଟାଭିଟୋଙ୍କଠାରୁ ହାରି ଯାଇଛନ୍ତି।

# ବିକାଶ, ଚନ୍ଦ୍ରଶେଖର ପୁରସ୍କୃତ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି)**

ଜୁଡୋ ଓଡ଼ିଶା ଓ ଜୁଡୋ ଯୋଦ୍ଧାରଙ୍କ ମିଳିତ ଉଦ୍ୟମରେ ଏଠାରେ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଜୁଡୋ ଓଡ଼ିଶାର ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ କ୍ରୀଡ଼ାବିତ୍ ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଏବଂ ଚନ୍ଦ୍ରଶେଖର ବେହେରାଙ୍କୁ ଜୁଡୋ ଜୁଏଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସାକ୍ଷୀଗୋପାଳର ଗୁରୁକୂଳ ଆଥ୍‌ଲେଟିକ୍ ଆସୋସିଏଶନକୁ ଆରଡେଣ୍ଟ ଏକାଡେମୀ ପୁରସ୍କାର ଦିଆଯାଇଥିବାବେଳେ ସବିତା ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ, ଜୁଡୋ ବ୍ଲାକ୍‌ବେଲ୍ଟ କୋଦକାନ, ଜୁଡୋ ଓଡ଼ିଶାର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ପୁରୀ ଜିଲା ବିଜେଡି ସମ୍ପାଦକ ଦେବାଶିଷ ରାୟ, ବରିଷ୍ଠ ଜୁଡୋ ଖେଳାଳି ଅମିୟ କୁମାର ଦ୍ୱିବେଦୀ ଓ ଜାତୀୟ ପଦକଧାରୀ ବ୍ରଜ କିଶୋର ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଉତ୍ସବକୁ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଲେଙ୍କା ପରିଚାଳନା କରିଥିଲେ। ଶେଷରେ ସବିତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।




# ଲକ୍ଷ୍ନୌର ତୃତୀୟ ବିଜୟ

**ମୁମ୍ବାଇ, ୭।୪**

ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୩ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ଲକ୍ଷ୍ନୌ ସୁପରଜିଆଣ୍ଟ୍ସ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳ ପକ୍ଷରୁ କ୍ୱିଣ୍ଟନ ଡି’କକ୍ ସର୍ବାଧିକ ୮୦ (୫୨ ବଲ, ୯ ଚୌକା, ୨ ଛକା) ରନ କରି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ୨ଟି ଏବଂ ଲଳିତ ଯାଦବ ଓ ଶାର୍ଦ୍ଦୁଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ନୌ ଦଳ ୪ ମ୍ୟାଚରୁ କ୍ରମାଗତ ୩ ବିଜୟ ସହ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ୩ ମ୍ୟାଚରୁ ୨ୟ ପରାଜୟ ସହ ୭ମ ସ୍ଥାନକୁ ଖସିଛି।

ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପୃଥ୍ୱୀ ଶ’ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ରନ୍ ହାରରେ ପ୍ରଭାବ ପଡ଼ି ନ ଥିଲା। ପାୱାର ପ୍ଲେ ୬ ଓଭରରେ ଦିଲ୍ଲୀ କୌଣସି ଉଇକେଟ ନ ହରାଇ ୫୨ ରନ ସଂଗ୍ରହ କରିଥିଲା। ୮ମ ଓଭରର ତୃତୀୟ ବଲ୍‌ରେ ପୃଥ୍ୱୀଙ୍କୁ କ୍ୱିଣ୍ଟନ ଡି’କକ୍‌ଙ୍କ ହାତରେ କ୍ୟାଚ କରାଇ କ୍ରିଷ୍ଣାପ୍ପା ଗୋଥାମ ପ୍ୟାଭିଲିୟନ ଫେରାଇବାପରେ ମ୍ୟାଚର ମୋଡ଼ ବଦଳିଥିଲା। ପୃଥ୍ୱୀ ୩୪ ବଲ୍‌ରୁ ୯ ଚୌକା ଓ ୨ ଛକା ସହାୟତାରେ ୬୧ ରନ କରିଥିଲେ। ମାତ୍ର ତାଙ୍କ ବିଦାୟ ପରେ ଦିଲ୍ଲୀ ବ୍ୟାଟରମାନେ ରନ୍ ପାଇଁ ସଂଘର୍ଷ କରିଥିଲେ। ଡେଭିଡ ୱାର୍ନର ମାତ୍ର ୪ ଓ ୱେଷ୍ଟଇଣ୍ଡିଜର ରୋଭମାନ ପାୱେଲ ୩ ରନକରି ଆଉଟ ହୋଇଥିଲେ। ଅଧିନାୟକ ରିଷଭ ପନ୍ତ ଓ ଫର୍ମରେ ଥିବା ସର୍ଫରାଜ ଖାଁ ଉଇକେଟ ହରାଇ ନ ଥିଲେ ହେଁ ଲକ୍ଷ୍ନୌ ବୋଲରଙ୍କ ବିପକ୍ଷରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ଡେଥ୍ ଓଭରରେ ଆଭେଶ୍ ଖାଁ ଓ ଜାସନ ହୋଲ୍ଡର ଚମତ୍କାର ବୋଲିଂ କରିଥିଲେ। ରିଷଭ ୩୬ ବଲ୍‌ରୁ ୩୯ (୩ ଚୌକା, ୨ ଛକା) ଓ ସର୍ଫରାଜ ୨୮ ବଲ୍‌ରୁ ୩୬ (୩ ଚୌକା) ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ୨ଟି ଓ କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୪୯/୩ (ପୃଥ୍ୱୀ ଶ’-୬୧, ରିଷଭ ପନ୍ତ-୩୯*, ସର୍ଫରାଜ ଖାଁ-୩୬*, ରବି ବିଷ୍ଣୋଇ-୨/୨୨, କ୍ରିଷ୍ଣାପ୍ପା ଗୋଥାମ-୧/୨୩)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୧୯.୪ ଓଭରରେ ୧୫୫/୪ (କ୍ୱିଣ୍ଟନ ଡି’କକ୍-୮୦, ଲୋକେଶ ରାହୁଲ-୨୪, କୁଲଦୀପ ଯାଦବ-୨/୩୧, ଲଳିତ ଯାଦବ-୧/୨୧, ଶାର୍ଦ୍ଦୁଳ ଠାକୁର-୧/୨୯)।



ଉଇକେଟ ନେବାପରେ ରବି ବିଷ୍ଣୋଇଙ୍କ ପ୍ରତିକ୍ରିୟା।

# ଓଡ଼ିଶା ୧୦-୦ ଗୋଲରେ ବିଜୟୀ

**ଭୁବନେଶ୍ୱର, ୭।୪ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଭୋପାଳରେ ଚାଲିଥିବା ୧୨ତମ ଜାତୀୟ ସିନିୟର ପୁରୁଷ ହକି ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଗୁରୁବାର ଓଡ଼ିଶା ୧୦-୦ ଗୋଲରେ ଗୋଆକୁ ହରାଇ ଦେଇଛି। ପୁଲ୍ ‘ଏଚ୍’ର ଏହି ମ୍ୟାଚରେ ଅଧିନାୟକ ସୁଦୀପ ଚିରମାକୋ ୩୮, ୫୨, ୫୫ ଓ ୫୭ତମ ମିନିଟରେ ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମନଦୀପ ଲାକ୍ରା ୪୫ ଓ ୪୯ତମ ମିନିଟରେ ୨ଟି ଏବଂ ପ୍ରଯୁକ୍ତ ନାଗ୍ ୯ମ, ରାଜିନ କଣ୍ଡୁଲ୍‌ନା ୩୧, ଅନୁଗ୍ରହ କୁଜୁର ଓ ମାଥିୟାସ ଡାଙ୍ଗ ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁଲ୍ ‘ଏଚ୍’ର ଅନ୍ୟ ଏକ ମ୍ୟାଚରେ ହରିୟାଣା ୨୧-୧ ଗୋଲରେ ଆସାମକୁ ପରାସ୍ତ କରିଛି। ପୁଲ୍ ‘ଜି’ ମ୍ୟାଚରେ ତାମିଲନାଡୁ ୪-୦ ଗୋଲରେ ମଧ୍ୟପ୍ରଦେଶକୁ ହରାଇଛି।

# ସୋଙ୍ଗାଙ୍କ ଅବସର ସୂଚନା

**ପ୍ୟାରିସ୍, ୭।୪ (ଏପି):** ପୂର୍ବତନ ଅଷ୍ଟ୍ରେଲିଆନ ଓପନ ରନର ଅପ୍ ଜୋ-ୱିଲଫ୍ରିଡ୍ ସୋଙ୍ଗା ନିଜ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପରେ ସେ ଅବସର ନେବେ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେ ନିଜ ଆହତ ଜର୍ଜରିତ କ୍ୟାରିୟରର ପରିସମାପ୍ତି ଘଟାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୩୬ ବର୍ଷୀୟ ଏହି ଫ୍ରେଞ୍ଚ ତାରକା ୨୦୧୨ରେ କ୍ୟାରିୟର ଶ୍ରେଷ୍ଠ ନମ୍ବର-୫ ର୍‍ୟାଙ୍କିଙ୍ଗ୍ ହାସଲ କରିଥିଲେ। ମାତ୍ର ବାରମ୍ବାର ଆହତ ସମସ୍ୟାରେ ରହିବାରୁ ସେ ଏବେ ୨୨୦ତମ ସ୍ଥାନକୁ ଖସି ଯାଇଛନ୍ତି। ଏହାର ଅର୍ଥ ସେ ନିଜ ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ରୋଲାଣ୍ଡ ଗାରୋସରେ ଖେଳିବାକୁ ସିଧାସଳଖ ଏଣ୍ଟ୍ରି ପାଇବେ ନାହିଁ। ଆୟୋଜକ ତାଙ୍କୁ ୱାଇଲ୍ଡକାର୍ଡ ଏଣ୍ଟ୍ରି ଦେଇପାରନ୍ତି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଭୋଟ ପାଇଁ ନକଲି ରାଶନକାର୍ଡ

## ଜିତିବା ପରେ ଛଡ଼ାଇ ନେଇଗଲେ

- ଚିଲିକା ବିଡିଓଙ୍କୁ ଅଭିଯୋଗ ଜଣାଇଲେ ୨ ମହିଳା
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବ୍ଲକ ଯୋଗାଣ ନିରୀକ୍ଷକ

ଖୋର୍ଦ୍ଧା ଅଫିସ,୭।୪

ନକଲି ରାଶନକାର୍ଡ ଦେଇ ଭୋଟ ହାତେଇଥିବା ବେଳେ ନିର୍ବାଚନ ଫଳାଫଳ ଘୋଷଣା ପରେ ଏହି କାର୍ଡ କାର୍ଯ୍ୟକ୍ଷମ ହେଉନାହିଁ। ଏପରି କି ପ୍ରାର୍ଥୀ ବିଜୟ ହାସଲ କରିବା ପରେ ଭୋଟରଙ୍କୁ ଦେଇଥିବା କାର୍ଡକୁ ଜବରଦସ୍ତ ଛଡ଼ାଇ ନିଆଯାଇଛି। ଚିଲିକା ବ୍ଲକ ଚଣ୍ଡେଶ୍ୱର ପଞ୍ଚାୟତରୁ ଏଭଳି ସଙ୍ଗିନ ଅଭିଯୋଗ ଆସିଛି। ନକଲି ରାଶନ କାର୍ଡର ଶିକାର ହୋଇଥିବା ଦୁଇଜଣ ମହିଳା ଏ ନେଇ ଗୁରୁବାର ଚିଲିକା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଚଣ୍ଡେଶ୍ୱର ପଞ୍ଚାୟତ ଅଧୀନ ବଡ଼ପୋଖରୀଆପାଟଣା ଗ୍ରାମର ସାଧନା ପ୍ରଧାନ ଏବଂ ଅହଲ୍ୟା ଦେଈଙ୍କୁ ପୂର୍ବତନ ସରପଞ୍ଚ ସୁଧାକର ମହାପାତ୍ର ପୃଥକ ଭାବେ ଦୁଇଟି ରାଶନ କାର୍ଡ (ଯଥାକ୍ରମେ ନଂ. ୧୯୦୭୦୫୧୨୨୭୮ ଏବଂ ୧୯୦୭୦୫୧୨୨୭୧) ୩ମାସ ପୂର୍ବରୁ ଦେଇଥିଲେ। ତଦନୁସାରେ ଉଭୟେ ଡିସେମ୍ବର ଏବଂ ଜାନୁୟାରୀ ମାସରେ ଉପରୋକ୍ତ କାର୍ଡ ଦେଖାଇ ବିନା ଫିଙ୍ଗର ପ୍ରିଣ୍ଟରେ ଚାଉଳ ଆଣିଥିଲେ। ମାତ୍ର ଏବେ ଚାଉଳ ଆଣିବା ପାଇଁ ଦୁହେଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ଯୋଗାଣ ସହାୟକ ସେମାନଙ୍କୁ ଚାଉଳ ଦେବାକୁ ମନା କରିଦେବା ସହ ସମ୍ପୃକ୍ତ କାର୍ଡ ଦୁଇଟିକୁ ରଖିଦେଇଥିଲେ। ଏଥିସହ ଏହି କାର୍ଡରେ ଆଉ ଚାଉଳ ଦିଆଯାଇପାରିବ ନାହିଁ ବୋଲି କହିଥିଲେ। ପରେ ଏହା ନକଲି କାର୍ଡ ବୋଲି ସମ୍ପୃକ୍ତ ହିତାଧିକାରୀ ଦ୍ୱୟ ଜାଣିବାକୁ ପାଇଥିଲେ। ଏନେଇ ସେମାନେ ସୁଧାକରଙ୍କୁ ପଚାରିବାରୁ ସେ ନିଜ ହାତରୁ ସାମଗ୍ରୀ ଦେଉଥିଲେ, ଏଣିକି ଆଉ ଦିଆଯାଇପାରିବ ନାହିଁ ବୋଲି କହିଥିବା ସାଧନା ଏବଂ ଅହଲ୍ୟା ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ରାଶନକାର୍ଡରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ହିତାଧିକାରୀଙ୍କୁ ସୁଧାକର ପୂର୍ବରୁ ଦେଇଥିଲେ। ତେବେ କେଉଁ ଉଦ୍ଦେଶ୍ୟ ରଖି ସେ ଏହି ରାଶନକାର୍ଡ ଦେଇଥିଲେ ଏବଂ ଯଦି ତାହା ନକଲି ଥିଲା, ତେବେ ସେମାନଙ୍କୁ ଚାଉଳ କିପରି ମିଳୁଥିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଏହି ଘଟଣାରୁ ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନରେ ହେରଫେର ହେଉଥିବା ସ୍ପଷ୍ଟ ହେଉଛି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ ଏକାଧିକ ଗ୍ରାମର ଲୋକଙ୍କୁ ଏଭଳି ନକଲି ରାଶନ କାର୍ଡ ଦିଆଯାଇଥିବା କେତେଜଣ ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ, ବହୁ ଗୁମର ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି। ଚଳିତବର୍ଷ ପଞ୍ଚାୟତ ନିର୍ବାଚନରେ ଚଣ୍ଡେଶ୍ୱର ପଞ୍ଚାୟତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ସୁଧାକର ସରପଞ୍ଚ ପଦରେ ନିଜ ସ୍ତ୍ରୀ ଲିପାଲୀନାଙ୍କୁ ଠିଆ କରାଇବା ଉଦ୍ଦେଶ୍ୟ ନେଇ ଏଭଳି ନକଲି ରାଶନକାର୍ଡ ବାଣ୍ଟିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସୁଧାକର ମହାପାତ୍ରଙ୍କ ପ୍ରତିକ୍ରିୟା ମିଳି ନାହିଁ। ଅନ୍ୟପକ୍ଷେ ଏହାର ଠିକ୍ ତଦନ୍ତ କରିବା ସହ ସପ୍ତାହ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ବ୍ଲକ ଯୋଗାଣ ନିରୀକ୍ଷକ ଅରୁଣ ଲେଙ୍କା କହିଛନ୍ତି, ପ୍ରାଥମିକ ଅନୁସନ୍ଧାନରୁ ସମ୍ପୃକ୍ତ ରାଶନ କାର୍ଡ ନମ୍ବର ନକଲି ବୋଲି ଜଣାପଡ଼ିଛି। ଏହି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ମା’ ଜାଗୁଲାଈଙ୍କ ବିଶ୍ରାମ ଦିବସ



ଜଟଣୀ,୭।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବୀ ମା’ ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଗୁରୁବାର ଷଷ୍ଠ ଦିନରେ ପହଞ୍ଚିଛି। ବିଧି ଅନୁଯାୟୀ ସକାଳେ ସୂର୍ଯ୍ୟ ପୂଜା ଓ ଅଗ୍ନି ଆବାହନ କରାଯାଇଥିଲା। ହେଲେ ଗୁରୁବାର ସପ୍ତମୀ ତିଥି ନ ଥିବାରୁ ମା’ଙ୍କ ବିଶ୍ରାମ ଦିବସ ଭାବେ ପାଳନ କରାଯାଇଥିଲା। ଶୁକ୍ରବାର ମହାସପ୍ତମୀରେ ମା’ କାଳରାତ୍ରି ବେଶରେ ଦର୍ଶନ ଦେବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ନବନିର୍ବାଚିତା କାଉନସିଲର ଅମ୍ରିତା ଦାସ ମା’ଙ୍କ ଆଶୀର୍ବାଦ ଭିକ୍ଷା କରିବାସହ ଗୁରୁବାର ପୂଜାର ସମସ୍ତ ନୀତିକାନ୍ତି ଖର୍ଚ୍ଚ ବହନ କରିଥିଲେ ବୋଲି ପରିଚାଳନା କମିଟିର ସମ୍ପାଦକ ଏଲ୍. ଡି. ମହାନ୍ତି କହିଥିଲେ। ସଭାପତି ରାଧାମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଶେଖର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର ଦାସ, ପ୍ରମୋଦ ସାହୁ, ଚର୍ଚ୍ଚିଲ ଦାସ, ଦିପୁ ପାଲ, ସନିଆଁ ପୃଷ୍ଟି ଓ ଶଶିକାନ୍ତ, ଲିପା ମହାପାତ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

### ମାଉଣ୍ଟ ଲିଟେରା ଜି ସ୍କୁଲର ମୁଖପତ୍ର ଉନ୍ମୋଚିତ

ଟାଙ୍ଗୀ (ଖୋର୍ଦ୍ଧା),୭।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳରେ ଥିବା ଚଣ୍ଡେଶ୍ୱରସ୍ଥିତ ମାଉଣ୍ଟ ଲିଟେରା ଜୀ ସ୍କୁଲର ମୁଖପତ୍ର ଗୁରୁବାର ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉନ୍ମୋଚିତ ହୋଇ ଯାଇଛି। ଏଥିରେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ମୁଖପତ୍ର ‘ଦି ଜିଲିଅନ ସେଡସ’କୁ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ରାମଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶିକ୍ଷାବିତ ପଦ୍ମନାଭ ବିଶ୍ୱାଳ, ଟାଙ୍ଗୀ ପଞ୍ଚାୟତ ସମିତି ଅଧକ୍ଷା ରିସ୍ମା ମାନ୍ଧାତା, ଆଇଆଇସି ବିଜୟ କୁମାର ମଲ୍ଲିକ, ବିଦ୍ୟାଳୟର ଡାଇରେକ୍ଟର ଭୀଷ୍ମ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରବୋଧ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୧୦ଜଣ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଭିଭାବକ, ବୁଦ୍ଧିଜୀବୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ୩୨ ୟୁନିଟ ରକ୍ତ ସଂଗ୍ରହ

ବୋଲଗଡ଼,୭।୪(ଡି.ଏନ୍.ଏ.): ବୋଲଗଡ଼ ଅଞ୍ଚଳର ସାମାଜିକ କର୍ମୀ ଦିନେଶ ଚନ୍ଦ୍ର ମହାପାତ୍ରଙ୍କ ଏକାଦଶାହ ପାଳନ ଅବସରରେ ତାଙ୍କ ସ୍ମୃତିରେ ଗୁରୁବାର ସ୍ଥାନୀୟ ନନ୍ଦିଘୋଷ ଭବନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରର ପ୍ରାରମ୍ଭରେ କାର୍ଯ୍ୟକ୍ରମ ଆବାହକ ସାମାଜିକ କର୍ମୀ ମାୟାଧର ବରା ଉପସ୍ଥିତ ଅତିଥି ଓ ରକ୍ତଦାତାମାନଙ୍କୁ ସ୍ୱାଗତ କରିଥିଲେ। ପରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ, ପରିବେଶ ବିଜ୍ଞାନୀ ପ୍ରଫେସର ସୁନନ୍ଦଚନ୍ଦ୍ର ପ୍ରଧାନ, କବୟିତ୍ରୀ ଉଷା ମିଶ୍ର, ପୂର୍ବତନ ଅଧକ୍ଷ ରବୀନ୍ଦ୍ରନାଥ ମହାନ୍ତି, ପ୍ରାଧାପକ କର୍ମୋଦୟ ଛୋଟରାୟ, ଅଧାପକ ରଙ୍କନାଥ ମହାରଣା, ସାମାଜିକ କର୍ମୀ ଶ୍ରୀନିବାସ ଛୋଟରାୟ, ସଞ୍ଜୟ ସୁବୁଦ୍ଧି, ସତ୍ୟବ୍ରତ ମହାପାତ୍ର, ରବି ନାରାୟଣ ଦତ୍ତ, ସନ୍ତୋଷ ବୈରୀଗଞ୍ଜନ, ବୈଦ୍ୟନାଥ ହୋତା, ସଞ୍ଜୟ ପଟ୍ଟନାୟକ ଓ ମୁନା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ପ୍ରାୟ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଖୋର୍ଦ୍ଧା ରକ୍ତ ଭଣ୍ଡାରର ଇର୍ଷାବୈଶାଖୀ ପଣ୍ଡା, ଲ୍ୟାବ ଟେକ୍ନିସିଆନ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

# କପିଳେଶ୍ୱର ମନ୍ଦିରକୁ ଆସିଲା ଶ୍ରୀମନ୍ଦିର ଆଜ୍ଞାମାଳ



କପିଳେଶ୍ୱର ଦେବଙ୍କ ବିଜୟ ରଥଯାତ୍ରା ପାଇଁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଅଣାଯାଉଛି।

## ବିଜୟା ରଥଯାତ୍ରା

ନିରାକାରପୁର,୭।୪ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେଡିଆଠାରେ ଥିବା ଶ୍ରୀ ଶ୍ରୀ କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଆସନ୍ତା ୯ ତାରିଖରେ ହେବାକୁ ଯାଉଛି। ଏଥିପାଇଁ ପୁରୀ ଶ୍ରୀମନ୍ଦିରରୁ ଗୁରୁବାର ଶ୍ରୀ କପିଳେଶ୍ୱର ଦେବଙ୍କ ପାଖରେ ଆଜ୍ଞା ମାଳ(ପତନୀ, ଚନ୍ଦନକୀଳା, ପାଉଣା) ଆସି ପହଞ୍ଚିଛି। ଏହି ଆଜ୍ଞାମାଳ ଆଣିବା ପାଇଁ ଟାଙ୍ଗୀ ତହସିଲଦାର ଶ୍ରୁତିରଞ୍ଜନ ଶତପଥୀ, ସ୍ଥାନୀୟ ଥାନା ଅଧିକାରିଣୀ ଗୀତାଞ୍ଜଳି ନାୟକ, କପିଳେଶ୍ୱର ଦେବ ପରିଚାଳନା କମିଟିର ସଭ୍ୟ ମାନସଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ପୁରୀ ଯାଇ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆଣି କପିଳେଶ୍ୱରଙ୍କ ପାଖରେ ପ୍ରଦାନ କରିଛନ୍ତି। ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ପୋଲିସ ପକ୍ଷରୁ ଟ୍ରାଫିକ ସମସ୍ୟା ନ ହେବା ପାଇଁ ସ୍ଥାନୀୟ ଥାନା ଅଧିକାରିଣୀ କ୍ଷେତ୍ର ପରିଦର୍ଶନ କେଉଁ କେଉଁ ସ୍ଥାନରେ କ’ଣ କଲେ ସମସ୍ୟାର ସମାଧାନ ହେବ ତାହା ଅନୁଧ୍ୟାନ କରିଛନ୍ତି। ଚାରିଚକିଆ ଯାନ ଓ ଦୁଇଚକିଆ ଯାନର ପାର୍କିଂ ଜୋନ କେଉଁଠି କରାଯିବ ତାହା ମଧ୍ୟ ବୁଲି ଦେଖିଛନ୍ତି।



ବିଭିନ୍ନ ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଗୁରୁବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ୧୫ ଦଫା ଦାବିରେ ଗର୍ଜିଲେ ଅଙ୍ଗନୱାଡ଼ି କର୍ମୀ, ସହାୟିକା

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

- ଉପଜିଲାପାଳଙ୍କ ମନମୁଖି କାର୍ଯ୍ୟକୁ ବିରୋଧ
- ୬୦ ବର୍ଷରେ ନିବୃତ୍ତ କରାଯାଇଥିବା ୪କର୍ମୀଙ୍କୁ ପୁନଃ ନିଯୁକ୍ତି ଦାବି

ଖୋର୍ଦ୍ଧା ଅଫିସ,୭।୪

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଙ୍ଗନୱାଡ଼ି ମହିଳା କର୍ମଚାରୀ ରାଜ୍ୟ ସଂଘର ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ୧୫ଦଫା ଦାବି ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ସରକାରୀ ମାନ୍ୟତା, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ଦରମା ବୃଦ୍ଧି ସହ ଇନ୍‌କ୍ରିମେଣ୍ଟ, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି, କାର୍ଯ୍ୟରୁ ବହିଷ୍କୃତ କରାଯାଇଥିବା କର୍ମୀଙ୍କୁ ପୁନଃ ନିଯୁକ୍ତି, ୨୦୨୦ ଶିକ୍ଷା ନୀତି ଅନୁସାରେ କର୍ମୀଙ୍କୁ ତାଲିମ ଦିଆଯାଇ ଶିକ୍ଷକ ମାନ୍ୟତା, ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସୁପରଭାଇଜରକୁ ପଦୋନ୍ନତି, କୋଭିଡ୍‌ରେ ମୃତ କର୍ମଚାରୀ ଓ ସହାୟିକାଙ୍କୁ ୫୦ଲକ୍ଷ ଟଙ୍କା ସହାୟତା ରାଶି, ଅବସର ପରେ ପରିବାରର ଜଣଙ୍କୁ ନିଯୁକ୍ତି, ଉନ୍ନତମାନର ମୋବାଇଲ ଫୋନ ଯୋଗାଇଦେବା ପ୍ରଭୃତି ଦାବି ରହିଛି। ଏଥିସହିତ ସେମାନେ ଖୋର୍ଦ୍ଧା ଉପଜିଲାପାଳଙ୍କ ମନମୁଖି କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି। ୬୨ ବର୍ଷ ବୟସ ପର୍ଯ୍ୟନ୍ତ କର୍ମୀ କାର୍ଯ୍ୟ କରିପାରିବେ ବୋଲି ସରକାରଙ୍କ ନିର୍ଦ୍ଦେଶନାମା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଉପଜିଲାପାଳ ୩ଜଣ ସହାୟିକା ଏବଂ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ୬୦ବର୍ଷରେ କାର୍ଯ୍ୟରୁ ନିବୃତ୍ତ କରିଛନ୍ତି। ଏନେଇ ପୂର୍ବରୁ ବାରମ୍ବାର ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ସିଡିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ପରିବର୍ତ୍ତେ ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ସଂଘ ଅଭିଯୋଗ କରିଛି।

ସଂଘର ଜିଲା ସଭାନେତ୍ରୀ ପ୍ରଭାତୀ ମଙ୍ଗରାଜ ଓ ସମ୍ପାଦିକା ବନିତାଞ୍ଜଳି ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏହି ବିକ୍ଷୋଭରେ ସାମିଲ ଥିଲେ। ଏଥିରେ ରାଜ୍ୟ ସଂଘ କୋଷାଧକ୍ଷା କୁନ୍ତଳତା ଦାସ, ଭାରତୀୟ ମଜଦୁର ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଜୟ ପାତ୍ର, ରେଲୱେ ମହାସଂଘର ଉପଦେଷ୍ଟା ଶ୍ରୀରଞ୍ଜନ ମଙ୍ଗରାଜ, ବିଏମ୍‌ଏସ୍‌ର ଜିଲା ସହସଂଯୋଜକ ପାର୍ଥସାରଥି ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରୁ ୬୮ ହଜାର ଟଙ୍କା ସହ ସୁନା ଚୋରି

ନିରାକାରପୁର,୭।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓଲସିଂହ ପଞ୍ଚାୟତ ପାଟରା ସାହିର ଦାଶରଥି ସାହୁଙ୍କ ଘରୁ ବୁଧବାର ରାତିରେ କବାଟ ଭାଙ୍ଗି ୬୮ହଜାର ଟଙ୍କା ସହିତ ସୁନା ଗହଣା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା(ନଂ. ୧୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଦାଶରଥିଙ୍କ ପରିବାର ସବୁଦିନ ଭଳି ବୁଧବାର ରାତିରେ ଖାଇ ସାରି ରାତି ପ୍ରାୟ ୧୨ଟାରେ ଶୋଇଥିଲେ। ଭୋରରୁ ତାଙ୍କ ଭାଇ ଜଣେ ବେପାର କରିବାକୁ ଯିବା ପାଇଁ ଉଠିଲା ବେଳକୁ ଘର ଖୋଲା ଥିବା ଦେଖିଥିଲେ। ଅନ୍ୟ ଏକ ଘର ଖୋଲାଥିବା ବେଳେ ଏକ ଟ୍ରଙ୍କ ଭାଙ୍ଗି ସେଥିରେ ଥିବା ୬୮ ହଜାର ଟଙ୍କା ଚୋରି ହୋଇଥିବା ସହିତ ସୁନା ହାର, କାନଫୁଲ, ଚେନ୍ ଆଦି ସୁନା ଜିନିଷ ନ ଥିବାଦେଖିଥିଲେ। ରାତିରେ କେହି ଦୁର୍ବୃତ୍ତ ପଶି ଏହି ସବୁ ଚୋରି କରିଥିବା ନେଇ ଦାଶରଥି ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

ଯାଁଳା,୭।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଶିକ୍ଷା ଗୋଷ୍ଠୀ କାର୍ଯ୍ୟାଳୟରୁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହା ପାଞ୍ଚ ଦିନ ଧରି ବିଭିନ୍ନ ପଞ୍ଚାୟତରେ ଗଡିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା କିପରି ପିଲାମାନେ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ ନାମ ଲେଖାଇ ପ୍ରତିଦିନ ବିଦ୍ୟାଳୟକୁ ଆସି ପାଠ ପଢିବେ। ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଏହି ରଥକୁ ପତାକା ଦେଖାଇ ଶଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଆରସିସି ମନୋଜ ହରିଚନ୍ଦନ, ଏବିଇଓ ସତ୍ୟଭମା ଦେଇ ଓ ବିଭୂତି ଭୂଷଣ ଜେନା, ବିଆରଟି ଅଲୀଳାବାଳା ଦାଶ ଏବଂ ସିଆରସିସି ଝୁମୁରୀ ସାହୁ ସହଯୋଗ କରିଥିଲେ। ପ୍ରଥମ ଦିନରେ ରଥଟି ଯାଁଳା, ମଦନପୁର, ଗଙ୍ଗପଡା, ଅଙ୍ଗାରପଡା ଓ ଛତାବର ପଞ୍ଚାୟତରେ ଗଡିଥିଲା ।

# ନାଚ, ଗୀତ ଗାଇ ସଚେତନ କଲେ ଶିକ୍ଷୟିତ୍ରୀ

## ବୁଲିଲା ଶିକ୍ଷା ସଚେତନତା ରଥ

ବୋଲଗଡ଼,୭।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ବୋଲଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଗୁରୁବାର ଶିକ୍ଷା ସଚେତନତା ରଥ ବୁଲିବା ଆରମ୍ଭ କରିଛି। ଏହି ଶିକ୍ଷା ସଚେତନତା ରଥ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ସମ୍ପର୍କରେ ସଚେତନତାର ବାର୍ତ୍ତା ଦେବା ନିମନ୍ତେ ୪ଦିନ ବ୍ୟାପୀ ବୋଲଗଡ଼ ବ୍ଲକ ଅଞ୍ଚଳର ସମସ୍ତ କ୍ଲଷ୍ଟର ବୁଲିବ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି। କୋମଳମତି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହିଁ ଏକମାତ୍ର ମାର୍ଗ, ଯାହା ସମାଜର ଅନ୍ଧକାର ମଧ୍ୟରୁ ଆଲୋକ ଦେଖିବାର ଉପଯୁକ୍ତ ମାଧ୍ୟମ। ମାଟି ପିଣ୍ଡୁଳା ସଦୃଶ କୁନି ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ହିଁ ଦେଇଥାଏ ଉତ୍ତମ ଆଚରଣ, ସଂସ୍କାର, ଆଦର୍ଶ ଓ ବିବେକ ଭଳି ଅନେକ ସମ୍ପଦ। ମହାମାରୀ କରୋନା ହେତୁ ଦୀର୍ଘ ୨ବର୍ଷ ହେବ ସ୍କୁଲ ଶିକ୍ଷାଦାନରୁ ଛାତ୍ରୀଛାତ୍ର ଦୂରେଇ ଯାଇଛନ୍ତି। ରାଜ୍ୟ ଶିକ୍ଷା ବିଭାଗ ଏହି ନିକଟରେ ସମସ୍ତ ସ୍କୁଲ ଖୋଲିଛନ୍ତି ଓ କୁନି ଛାତ୍ରୀଛାତ୍ର ପୂର୍ବବତ ସ୍କୁଲ ଆସି ଶିକ୍ଷା ଗ୍ରହଣ କରିବାକୁ ଶିକ୍ଷା ସଚେତନତା ରଥ ବୁଲିବାର ପ୍ରୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷା ସଚେତନତା ରଥ ସ୍ଥାନୀୟ ଶିକ୍ଷା ବ୍ଲକ ଅନ୍ତର୍ଗତ ଟିକାତାଳ ସରକାରୀ ପ୍ରାଥମିକ ସ୍କୁଲଠାରୁ ବୁଲିବା ଆରମ୍ଭ ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ସହ-ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ଅନ୍ୟତମ ସହ-ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର ସାହୁ, ବିଆର୍‌ସିସି ପ୍ରଭାସିନୀ ସିଂଙ୍କ ସମେତ ୧୧ଜଣ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ସଚେତନତା ରଥ ବୁଲିବା ପ୍ରାରମ୍ଭରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ କୁନି ଛାତ୍ରୀଛାତ୍ରଙ୍କ ସହିତ ନୃତ୍ୟ ଗୀତ ମାଧ୍ୟମରେ ଶିକ୍ଷା ସଚେତନତା ବାଣ୍ଟି ଥିଲେ। ପ୍ରଥମ ଦିବସରେ ଶିକ୍ଷା ରଥ ଦେଉଳି, କଡବ, ସାନପଦର, ବାରବାଟି ଓ ମୁଗୁମଣ୍ଡା ଆଦି କ୍ଲଷ୍ଟର ବୁଲି ଶିକ୍ଷା ସଚେତନତା କରିଥିଲା।

# କେସିସିବିରେ ଅନିୟମିତତା

- ସିଇଓଙ୍କ ବିରୋଧରେ ଅଭିଯୋଗ ଆଣିଲେ ବିଧାୟକ
- ଅଭିଯୋଗ ଭିତ୍ତିହୀନ, ତଦନ୍ତ ଲାଗି ପ୍ରସ୍ତୁତ: ସିଇଓ

ଖୋର୍ଦ୍ଧା ଅଫିସ, ୭।୪:

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ ବିରୋଧରେ ଲକ୍ଷାଧିକ ଟଙ୍କାର ଆର୍ଥିକ ଅନିୟମିତତା ଅଭିଯୋଗ ଆସିଛି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏହି ଅଭିଯୋଗ ଆଣି ନିରପେକ୍ଷ ତଦନ୍ତ ଲାଗି ରାଜ୍ୟ ସମବାୟ ବିଭାଗ ଶାସନ ସଚିବଙ୍କ ନିକଟକୁ ଚିଠି ଲେଖିଛନ୍ତି। ଚିଠିରେ ଦର୍ଶାଯାଇଛି, କେସିସିବି ହେଉଛି ରାଜ୍ୟର ଦ୍ୱିତୀୟ ବୃହତ ବ୍ୟାଙ୍କ। ଏହି ବ୍ୟାଙ୍କର ସିଇଓ ଭାବେ ଅନନ୍ତ ସାମଲ ଅବସ୍ଥାପିତ ଅଛନ୍ତି। ନିକଟରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବେଆଇନ ଆର୍ଥିକ କାରବାର କରାଯାଇଛି। ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦିଆ ନ ଯାଇ ବ୍ୟାପକ ହେରଫେର ହୋଇଛି। ପରୀକ୍ଷା ଓ ଇଣ୍ଟରଭ୍ୟୁ ସମୟରେ ଲକ୍ଷାଧିକ ଟଙ୍କାର କାରବାର କରାଯାଇଛି। ଏପରି କି ଏହି ବ୍ୟାଙ୍କ ଅନ୍ତର୍ଗତ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଛି। ଜିଲାପାଳ ସମବାୟ ବ୍ୟାଙ୍କର ମୁଖ୍ୟ ପ୍ରଶାସକ ରହିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ହେରଫେର ଘଟଣାର ତଦନ୍ତ କିମ୍ବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସିଇଓ ସାମଲ ଏଠାରେ କାର୍ଯ୍ୟରତ ଦିନଠାରୁ କୌଣସି ବ୍ୟାଙ୍କ ଶାଖା ପରିଦର୍ଶନ କରୁନାହାନ୍ତି। ଏହି ଘଟଣାର ତଦନ୍ତ ସହ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସିଇଓଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବିଧାୟକ ମିତ୍ର ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ସିଇଓ ସାମଲ କହିଛନ୍ତି, ବିଧାୟକଙ୍କ ଅଭିଯୋଗ ଭିତ୍ତିହୀନ ଓ ଏଥିରେ କୌଣସି ସତ୍ୟତା ନାହିଁ। ସବୁ ପ୍ରକାର ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି। ୨୦୧୯ରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀ ଲାଗି ସିଲେକ୍ସନ ହୋଇଥିଲା। ୨୦୨୧ରେ ଏହାର ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷା ଓ ଇଣ୍ଟରଭ୍ୟୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ କରାଯାଇଥିଲା। ଓଏସ୍‌ଇବିର ଗାଇଡ୍‌ଲାଇନ ଅନୁସାରେ ବୋର୍ଡ ଦ୍ୱାରା ୪ଜଣ ପ୍ରଶାସନିକ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଏଥିରେ ମୋର କୌଣସି ସମ୍ପୃକ୍ତି ନାହିଁ। ବିଧାୟକ କେଉଁ ତଥ୍ୟ ଆଧାରରେ ଏହି ଅଭିଯୋଗ ଆଣିଛନ୍ତି, ସେ ଜାଣିଥିବେ। ମୁଁ ବିଧାୟକଙ୍କ ସମ୍ପର୍କରେ କିଛି କହିବାକୁ ଚାହେଁ ନାହିଁ ବୋଲି ସିଇଓ ସାମଲ ପ୍ରକାଶ କରିଛନ୍ତି।

# ସେମିରେ ମେଣ୍ଟାଶାଳ, ଅରିସଲ

## ମା’ ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଖୋର୍ଦ୍ଧା ଅଫିସ, ୭।୪

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦେଉଳିଟାଙ୍ଗୀରେ ମା’ ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଗୁରୁବାର ଦୁଇଟି ମ୍ୟାଚ ଖେଳାଯାଇଥିଲା। ମେଣ୍ଟାଶାଳ ଓ ଅରିସଲ ଟିମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ କଲ୍ୟାଣପୁର ଓ ମେଣ୍ଟାଶାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି କଲ୍ୟାଣପୁର ଦଳ ବ୍ୟାଟିଂ କରି ୧୬ ଓଭରରେ ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଜବାବରେ ମେଣ୍ଟାଶାଳ ଦଳ ୧୬ ଓଭରରେ ୨ ଉଇକେଟ ହରାଇ ୧୩୯ ରନ କରି ମ୍ୟାଚ ଜିତିଥିଲା। ମେଣ୍ଟାଶାଳ ଦଳର ଚିତ୍ତରଞ୍ଜନ ଜେନା ୩୦ ବଲରେ ୪୭ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।

ସେହିପରି କୁମାରବସ୍ତ ଓ ଅରିସଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଅରିସଲ ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୯୧ ରନ କରିଥିଲା। ଜବାବରେ କୁମାରବସ୍ତ ଦଳ ସମସ୍ତ ଉଇକେଟ ହରାଇ ୧୫୯ ରନ କରି ମ୍ୟାଚ ହାରିଥିଲା। ପ୍ରଥମ ରାଉଣ୍ଡ ଖେଳର ବିଜେତା ମେଣ୍ଟାଶାଳ ଓ ଦ୍ୱିତୀୟ ରାଉଣ୍ଡ ଖେଳର ଅରିସଲ ଟିମ୍ ସେମିକୁ ଉନ୍ନୀତ ହୋଇଥିଲେ। ଗୋପୀନାଥ ମାଝୀ ଓ ମନୋଜ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ସୋମନାଥ ଦଳେଇ ଓ ସୌମ୍ୟରଞ୍ଜନ ସ୍ୱାଇଁ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଉଇହୁଙ୍କା ରୂପେ ପୂଜା ପାଉଛନ୍ତି କୀର୍ତ୍ତନିଆ ଋଷି

## ଜଙ୍ଗଲରେ ରହିଛି ପୀଠ



ବେଗୁନିଆ, ୭।୪(ଡି.ଏନ୍.ଏ.)

ପୁରୀ-ଶରଣକୂଳ ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଛଣଗିରି ଓ ହଜ ମଧ୍ୟରେ କଳକଳ ନାଦ କରି ବହିଯାଉଛି ମଲାଗୁଣି ବା ମନ୍ଦାକିନୀ ନଦୀ। ଏହି ନଦୀକୂଳରେ ଅବସ୍ଥିତ ହଜ ଗ୍ରାମର ଉତ୍ତର ଦିଗକୁ ମାତ୍ର ୫୦୦ ମିଟର ଗଲେ ପଡ଼େ କଲରାଝର ଗ୍ରାମ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମର ପୂର୍ବ ଦିଗରେ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ସହ ମା’ ସିଦ୍ଧ ଖଣ୍ଡୁଆଳ ମନ୍ଦିର, ଗୋପୀନାଥ ଦେବ ମନ୍ଦିର ଏବଂ ପଶ୍ଚିମ ଦିଗରେ ମା’ ମଙ୍ଗଳା ମନ୍ଦିର ଶୋଭା ପାଉଥିବାବେଳେ କଲରାଝର-ହଜ ରାସ୍ତା ପାର୍ଶ୍ୱରେ କୀର୍ତ୍ତନିଆ ହିଲ ବ୍ରାଞ୍ଚ (ସ୍ୱାମୀ ଶିବାନନ୍ଦ) ନାମକ ଦିବ୍ୟ ଜୀବନ ସଂଘ ରହିଛି। ଗାଁ ପ୍ରବେଶପଥ ନିକଟରେ ନେତାଜୀ କ୍ଲବ ଅଛି। କଲରାଝର- ନିଧିପୁର ସତମାର୍ଗ ରାସ୍ତାର ପଶ୍ଚିମ ଦିଗରେ ଗ୍ରାମ୍ୟ ଜଙ୍ଗଲ ରହିଛି। ଏହି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବୃକ୍ଷଲତା ସାଙ୍ଗକୁ ମୟୂର, ଶୁଆ, ହାତୀ, ଠେକୁଆ, ଶାରୀ, ବାର୍ହା, ଝିଙ୍କ, ଗାଡଭାଲୁ, ବଣକୁକୁଡ଼ା, ଗୋଧି, ଅଜଗର ସାପ ଆଦି ରହୁଛନ୍ତି। ଆଶ୍ରମ ନିକଟ ଅଞ୍ଚଳ ପର୍ଯ୍ୟଟକଙ୍କୁ ବଣଭୋଜି ପାଇଁ ଆକୃଷ୍ଟ କରିଥାଏ। ବିଭିନ୍ନ କାରଣରୁ ଅଧିକାଂଶ ସ୍ଥାନରେ ଜଙ୍ଗଲ ଉଜୁଡୁଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଓ ଯୁବକଙ୍କ ସହଯୋଗରେ ଏହି ଜଙ୍ଗଲକୁ ସୁରକ୍ଷିତ ରଖିଛନ୍ତି ଗ୍ରାମରେ ରହୁଥିବା ଅବସରପ୍ରାପ୍ତ ବନପାଳ ମାଧବ ଚନ୍ଦ୍ର ପାଇକରାୟ। ସେ ନଣ୍ଡା ପାହାଡ଼ ନିକଟରେ ଜଙ୍ଗଲ ସୃଷ୍ଟି ସହ ଏହାର ରକ୍ଷଣାବେକ୍ଷଣ କରି ଅନ୍ୟ ପାଇଁ ପ୍ରେରଣା ପାଲଟିଛନ୍ତି। ଜଙ୍ଗଲରୁ ସଂଗୃହୀତ ଅଦରକାରୀ କାଠକୁ ବିକ୍ରି କରାଯାଇ ଲବ୍ଧ ଅର୍ଥରେ ଠାକୁରାଣୀ ମନ୍ଦିରକୁ ରାସ୍ତା ତିଆରି କରାଯାଇଛି। କିମ୍ବଦନ୍ତୀ ଅନୁଯାୟୀ, ଏହି ଜଙ୍ଗଲରେ ଜଣେ ଋଷି ସର୍ବଦା ତପସ୍ୟାରେ ମଜ୍ଜିରହି ସଂକୀର୍ତ୍ତନ କରୁଥିଲେ। ତାଙ୍କର ଦେହାନ୍ତ ପରେ ସେହି ସ୍ଥାନରେ ଏକ ବିରାଟ ଉଇହୁଙ୍କା ହୋଇଥିଲା। ଏହାର ଚାରିପଟେ ଧଳା ରଙ୍ଗର ବସ୍ତ୍ର ଘୋଡ଼ାଯାଇ ଲୋକେ କୀର୍ତ୍ତନିଆ ବାବା ନାମରେ ପୂଜା କରିଆସୁଛନ୍ତି। ଏଠାକାର ମଲାଗୁଣି ନଦୀରେ କୀର୍ତ୍ତନିଆ ବାବା ସ୍ନାନ ତର୍ପଣ କରିବା ପରେ କୀର୍ତ୍ତନିଆ ପାହାଡ଼ର ବଟବୃକ୍ଷ ମୂଳେ ଥିବା କଲରା ଗୁମ୍ଫା (ମାଳିକାରେ ବର୍ଣ୍ଣିତ) ରେ ତପସ୍ୟା କରୁଥିଲେ। ଏଠାରେ ପଥର ଖୋଦିତ ପୁରାତନ କୁଣ୍ଡ ଥିବାବେଳେ ଗୁମ୍ଫା ଦ୍ୱାର ଦେଶରେ ମହାବୀର ମୂର୍ତ୍ତି ପୂଜା ପାଉଛନ୍ତି। ସାଧାରଣତଃ ମାଟି ଥିବା ସ୍ଥାନରେ ଦୀର୍ଘଦିନ ଧରି ବସ୍ତ୍ର ପଡ଼ିରହିଲେ ଉଈ ଲାଗି ନଷ୍ଟ ହୋଇଯାଇଥାଏ। ମାତ୍ର ଏଠାକାର ଉଇହୁଙ୍କାରେ ବର୍ଷତମାମ ଧଳାବସ୍ତ୍ର ରହିଥାଏ ବୋଲି କୁହାଯାଏ। ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୩ ଲକ୍ଷ ଟଙ୍କା ବ୍ୟୟରେ ୨୦୧୮-୧୯ ଆର୍ଥିକ ବର୍ଷରେ ଏଠାରେ କମ୍ୟୁନିଟି ଘର ନିର୍ମାଣ କରାଯାଇଛି। ଏହା ରାଜ୍ୟ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଥିବାରୁ ବିକାଶ ହୋଇପାରିନାହିଁ। ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ସାଧାରଣରେ ଦାବି ହେଉଛି।

**ସ୍ୱାସ୍ଥ୍ୟ ପରାମର୍ଶ ଶିବିର**

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ଲୁକ୍‌ସାନ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ଅହମ୍ମଦପୁର ଗ୍ରାମରେ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଲୁକ୍‌ସାନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶେଖ୍ ଅବଦୁଲ ସମିମ୍ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ସୁନିଲ ଜରାଇ, ଡା. ନରହରି ମିଶ୍ର, ଡା. ପାର୍ଥ ସାରଥି ବିଶ୍ୱାଳ, ଡା. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଡା. ନୀହାରିକା ପଟ୍ଟନାୟକ ପ୍ରମୁଖ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଏଥିରେ ସଭାପତି ବୀର ବିକ୍ରମ, ଶିକ୍ଷକ ସତ୍ୟବାଦୀ ଦାସ ଓ ଲୁକ୍‌ସାନ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।






୭।୪।୨୦୨୨

| | |
|---|---|
| ୨,୭୮,୬୭୫ ଟଙ୍କା | |
| ସୁନା | ୩.୬୫୦ ଗ୍ରାମ |
| ରୁପା | ୭୧.୫୦୦ ଗ୍ରାମ |

# ପ୍ରଶାସନ ହାତରେ ନାହିଁ ରୋଷଘର ଚୁଲି

ପୁରୀ ଅଫିସ,୭।୪:

ଶ୍ରୀମନ୍ଦିର ରୋଷଘର ଚୁଲି ନିଜ ହାତରେ ରଖିବା କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହୋଇଛି। ଚୁଲିଭଙ୍ଗା ଘଟଣା ସାମ୍ନାକୁ ଆସିବା ପରେ ରୋଷଘରେ କେତେ ସଂଖ୍ୟକ ଚୁଲି ରହିଛି ତାହାକୁ ନେଇ ଠିକ୍ ତଥ୍ୟ ମିଳିପାରୁନାହିଁ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ରୋଷଘରେ ୨୪୦ଟି ଚୁଲି ଥିବା ଶ୍ରୀମନ୍ଦିର ପ୍ରଶାସନ କହୁଥିବାବେଳେ ବାସ୍ତବରେ ଏହାର ସଂଖ୍ୟା ଦୁଇଗୁଣରୁ ଅଧିକ ବୋଲି ଜଣାପଡ଼ିଛି। ସୁଆର ମହାସୁଆର ନିଯୋଗର ସଭାପତି ଦାମୋଦର ମହାସୁଆର ଚୁଲି ସଂଖ୍ୟା ୭ଶହରୁ ଅଧିକ ବୋଲି କିଛି ଦିନ ତଳେ ନିଜ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଥିଲେ। ଏଣୁ ଚୁଲିର ସଂଖ୍ୟାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଏ ନେଇ ଜଗନ୍ନାଥ ସଂସ୍କୃତି ବିଶାରଦ ଡ. ସୁରେନ୍ଦ୍ର କୁମାର ମହାନ୍ତି କହିଛନ୍ତି, ରୋଷଘରେ



କୋଠଭୋଗ ଓ ପିଠାଚୁଲି ସହ ବିଭିନ୍ନ ମଠ ଏବଂ ଆଶ୍ରମ ପାଖରେ ଚୁଲିର ଦାୟିତ୍ୱ ରହିଥିଲା। ମଠଗୁଡ଼ିକ ସୁଆରମାନଙ୍କୁ ଦାୟିତ୍ୱରେ ରଖି ମହାପ୍ରସାଦ ରାନ୍ଧୁଥିଲେ। ମାତ୍ର ଶଙ୍କରାନନ୍ଦ ମଠ, ଶିବତୀର୍ଥ ମଠ, ରାଘବଦାସ ମଠ ଓ ମହିପ୍ରକାଶ ମଠ ଭଳି ଅନେକ ମଠ ନିଜ ଅସ୍ତିତ୍ୱ ହରାଇବା ପରେ ସୁଆର ଓ ମହାସୁଆରମାନେ ସଂପୃକ୍ତ ଚୁଲିକୁ ମାଡ଼ି ବସିଛନ୍ତି। ଏହାପରେ ସୁଆରମାନେ ଚୁଲିର ମାଲିକ ହୋଇଗଲେ। ମାଲିକାନା ଆସିବା ପରେ ବଡ଼ ଚୁଲି ପାଖରେ ଛୋଟ ଛୋଟ ଚୁଲି ମଧ୍ୟ ତିଆରି କରାଗଲା। ସୁଆର ଓ ମହାସୁଆର ନିଯୋଗର ସେବାୟତମାନେ କ୍ରମାଗତ ଭାବେ ଚୁଲିର ସଂଖ୍ୟା ବଢ଼ାଇବାରେ ଲାଗିଲେ। ଫଳସ୍ୱରୂପ ଚୁଲି ସଂଖ୍ୟା ୭ ଶହ ଛୁଇଁ ସାରିଲାଣି। ଅନ୍ୟପକ୍ଷରେ ରେକର୍ଡ ଅଫ ରାଇଟ୍ସ ଅନୁଯାୟୀ, ମଠ ଅସ୍ତିତ୍ୱ ଧ୍ୱଂସ ହେବା ପରେ ସେମାନଙ୍କ ମାଲିକାନାରେ ଥିବା ଚୁଲିର ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ

## ଚୁଲି ସଂଖ୍ୟା ତଥ୍ୟକୁ ନେଇ ଦ୍ୱନ୍ଦ୍ୱ

ନିଜେ ନେବା କଥା। ମାତ୍ର ପ୍ରଶାସନ ଏହି ଦିଗରେ ଆଦୌ ଧ୍ୟାନ ଦେଇନାହିଁ। ସେହିଭଳି ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକଙ୍କୁ ଚୁଲିର ସଂଖ୍ୟା ସମ୍ପର୍କରେ ପଚରାଯିବାରେ କହିଛନ୍ତି, ସ୍ୱତ୍ୱଲିପି ଅନୁଯାୟୀ ଚୁଲି ସଂଖ୍ୟା ୨୪୦। ତେବେ ଶ୍ରୀମନ୍ଦିର ରୋଷଘରକୁ ଯିବା ପାଇଁ ତାଙ୍କୁ ଅନୁମତି ନାହିଁ। ଏଣୁ ଅନ୍ତରୀଣ କମିଟିକୁ ଚୁଲିଭଙ୍ଗା ସମ୍ପର୍କରେ ସେ ଯେଉଁ ସୂଚନା ଦେଇଛନ୍ତି ତାହା ସୁଆର ମହାସୁଆର ନିଯୋଗର ସେବାୟତମାନଙ୍କଠାରୁ ସଂଗ୍ରହ କରାଯାଇଛି ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି। ଅର୍ଥାତ୍ କମାଣ୍ଡର ନିଜେ ଭଙ୍ଗା ଚୁଲିର ସଂଖ୍ୟା ଗଣି ନ ଥିବା ବେଳେ ଯାହା ସୁଆରମାନେ କହିଛନ୍ତି ସେନେଇ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେହିଭଳି କେତେ ନମ୍ବର ଚୁଲି କାହା ପାଖରେ ରହିଛି ସେନେଇ ଶ୍ରୀମନ୍ଦିର ପ୍ରଶାସନ ପାଖରେ ସୂଚନା ରହିଛି କି ନାହିଁ ତାହା ଏକ ବଡ଼ ପ୍ରଶ୍ନ। ଚୁଲି ମାଲିକାନାର ତାଲିକା ପ୍ରଶାସନ ପାଖରେ ଅଛି କି ନାହିଁ, ଯଦି ଅଛି ତେବେ ୨୪୦ଟି ଚୁଲିର ଦାୟିତ୍ୱରେ ଥିବା ସେବାୟତମାନଙ୍କୁ ଚିହ୍ନଟ କରାଯାଇ ଅନ୍ୟ ଚୁଲିଗୁଡ଼ିକୁ ଅକାମୀ କରାଯାଉନାହିଁ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଚୁଲିକୁ ନେଇ ବିବାଦ ଉଠିବା ପରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଚୁଲିର ସଂଖ୍ୟାକୁ ନେଇ ସ୍ୱତ୍ୱଲିପିରେ ସ୍ପଷ୍ଟ ଭାବେ ଲିଖିତ ଥିବାରୁ ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରାଇବା ଉପରେ ଗୁରୁତ୍ୱ ଦେବା ଦରକାର। ଆଇନଗତ ଭାବେ ଯାହା ଠିକ୍ ତାହା ହେବା ଦରକାର। ଅନ୍ୟପକ୍ଷରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ଏହି ପ୍ରସଙ୍ଗରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଶରୀର ସୁସ୍ଥ ରହିଲେ ମନ ପ୍ରଫୁଲ୍ଲ ରହିବ

ଗୋପ,୭।୪(ଡି.ଏନ୍.ଏ.):

ଗୋପ ମୁକ୍ତି ଏଏନ୍‌ଏମ୍ ତାଲିମ୍ କେନ୍ଦ୍ର ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଗୁରୁବାର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକ୍ତି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଅଶୋକ ନନ୍ଦ ସ୍ୱାସ୍ଥ୍ୟ କ'ଣ ଓ ସ୍ୱାସ୍ଥ୍ୟର କାର୍ଯ୍ୟକାରିତା ଉପରେ ମତ ରଖିଥିଲେ। ଶରୀର ସୁସ୍ଥ ରହିଲେ ମସ୍ତିଷ୍କ ସହିତ ମନ ପ୍ରଫୁଲ୍ଲ ରହିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଗଣେଶ ଚନ୍ଦ୍ର ଦାଶ, ଗୀତାଞ୍ଜଳି କାଣ୍ଡି, ସ୍ନିଗ୍ଧା ସୁଚରିତା ପାତ୍ର, ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୫ ମିନିଟ୍‌ରେ ରବି ରଥ ଗଢ଼ିଲେ ଗାନ୍ଧିଜୀଙ୍କ ମୂର୍ତ୍ତି

ସାକ୍ଷୀଗୋପାଳ,୭।୪(ସ୍ୱ.ପ୍ର):

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସମସ୍ତଙ୍କ ଉପସ୍ଥିତିରେ ୧୫ ମିନିଟ୍ ମଧ୍ୟରେ କଞ୍ଚା ମାଟିରେ ଶିଳ୍ପୀ ରବି ନାରାୟଣ ରଥ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ଗଢ଼ିଛନ୍ତି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଭାସ୍କର ଶିଳ୍ପୀ ତଥା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ରଥ ଗୁରୁବାର ଏପରି କରିଥିଲେ। ୧୯୨୧ ମାର୍ଚ୍ଚ ୨୬ତାରିଖରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆମନ୍ତ୍ରଣରେ ମହାତ୍ମା ଗାନ୍ଧୀଙ୍କ ଆଗମନର ସ୍ମୃତିରେ ବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଓ ଶିକ୍ଷକ ସତ୍ୟବାଦୀ ଦାସ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛତା, ରୋଗ ପ୍ରତିକାର ସଂକ୍ରାନ୍ତ କର୍ମଶାଳା

ପୁରୀ ଅଫିସ, ୭।୪: ରାମଚଣ୍ଡି ବାଲିକୁଦ ବସ୍ତିରେ ମା' ବିମଳା ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମଶାଳା ଅନୁଷ୍ଠିତ ହେବା ସହ ରେଳଷ୍ଟେଶନ ପାଖରେ ଜଳଛତ୍ର ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ବିଜେଡି ମିଡିଆ ମୁଖପାତ୍ର ପ୍ରସନ୍ନ କୁମାର ମହାପାତ୍ର, ସାମାଜିକ କର୍ମୀ ଜଗନ୍ନାଥ ସାହୁ ଓ ଲୋକନାଥ ମହାପାତ୍ର, ଚନ୍ଦନ ହଜୁରି ଶିଶୁ ହସ୍ପିଟାଲର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସୁଶ୍ରୀ ମହାନ୍ତି, ଡାକ୍ତର ସୁଧାଂଶୁବାଳା ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ପରିଚାଳକ ରଞ୍ଜିତ ସ୍ୱାଇଁ, ପ୍ରଜ୍ଞା ପାଣି, ସୁବ୍ରତ ଚନ୍ଦ୍ର କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ସମିତିର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ଦୀପ୍ତିମୟୀ ଦାଶ, ବିଷ୍ଣୁପ୍ରିୟା ମଙ୍ଗରାଜ, ଚାରୁଲତା ନାୟକ, ଜୟନ୍ତୀ ରେଡ୍ଡୀ, ଅନିତା କର, ସରୋଜିନୀ ପଟ୍ଟନାୟକ, ଊର୍ମିଳା ମହାନ୍ତି, ରାଜକୁମାରୀ ଘୋଷ, ସୁନିତା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା ଓ ରୋଗ ପ୍ରତିକାର ସମ୍ବନ୍ଧରେ ଡାକ୍ତରମାନେ ବୁଝାଇଥିଲେ।

### ଦିବାରାତ୍ର ପ୍ରିମିୟର ଲିଗ୍

ଅସ୍ତରଙ୍ଗ,୭।୪(ଡି.ଏନ୍.ଏ.): ବଣିକ ଶିକ୍ଷାନୁଷ୍ଠାନ ଆୟୋଜନରେ ତୃତୀୟ ବାର୍ଷିକ ପ୍ରିମିୟର ଲିଗ୍ ମା' ଗାଲୁଆଣୀ କ୍ରିକେଟ କ୍ଲବ ପାଟଳଦା ଖେଳପଡ଼ିଆଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୯ ତାରିଖ ରାତିରୁ ଆରମ୍ଭ ହୋଇ ୧୧ ତାରିଖ ରାତିରେ ଉଦ୍‌ଯାପନ କରାଯିବ। ଟୁର୍ଣ୍ଣାମେଣ୍ଟରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ୧୫ଟି ପଞ୍ଚାୟତର ୧୬ଟି ଟିମ ଯୋଗ ଦେବେ।

### କୁଷ୍ଠରୋଗୀଙ୍କୁ ଟ୍ରାଇ ସାଇକେଲ, ହୁଇଲ୍ ଚେୟାର ପ୍ରଦାନ

ପୁରୀ ଅଫିସ,୭।୪: ଜିଲା ପ୍ରଶାସନ ପକ୍ଷରୁ ଲୋକନାଥ ରୋଡ଼ସ୍ଥିତ ଜିବରାମଜି ପଲ୍ଲୀରେ ଥିବା ଲିପ୍ରୋସି କଲୋନୀଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୁଷ୍ଠରୋଗରେ ପୀଡିତ ରୋଗୀଙ୍କୁ ୨୫ଟି ଟ୍ରାଇ ସାଇକେଲ ଓ ୩ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ ଯୋଗଦେଇ ଟ୍ରି ସାଇକେଲ ଓ ହୁଇଲ ଚେୟାର ପ୍ରଦାନ କରିଥିଲେ।

### ୫୨୦ ଛାତ୍ରୀ ନେଲେ ଆତ୍ମରକ୍ଷା କୌଶଳ ତାଲିମ

ନିମାପଡ଼ା,୭।୪(ଡି.ଏନ୍.ଏ.): ନିମାପଡ଼ା କଲେଜ ପରିସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ୮ଦିନିଆ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଜଗତ ପ୍ରସାଦ ସାବ୍ତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ପ୍ରାଧାପିକା ଡ. ମଞ୍ଜୁଶ୍ରୀ ମହାପାତ୍ର, ପୁଷ୍ପିତା ରାଜଗୁରୁ, ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ, ଅଧାପକ ସୁବ୍ରତ ମହାନ୍ତି, ଡ. ସିଗ୍ଧା ମିଶ୍ର, ଅବସରପ୍ରାପ୍ତ ପ୍ରାଧାପକ ଦୀପ୍ତିମୟୀ ନନ୍ଦ, ପ୍ରଣବ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବିରରେ ପ୍ରଶିକ୍ଷିକା ଭାବେ ସୋନାଲିକା ମୁଦୁଲି, ଲିଜା ପ୍ରଧାନ, ମନସ୍ୱିନୀ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ୨୭୦ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ସେହିପରି ନିମାପଡ଼ା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ଅତିଥିଭାବେ ଉକ୍ତ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ଅନୁପମା ସ୍ୱାଇଁ, ସନାତନ ପ୍ରଧାନ, ଅଧାପିକା ସ୍ୱର୍ଣ୍ଣଲତା ସେନାପତି, ଅରବିନ୍ଦ ସ୍ୱାଇଁ, ଗିରିଜା ଶଙ୍କର ପରିଡ଼ା, ସୌଦାମିନୀ ପୁଷ୍ପାଳକ, ମଧୁସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ କହିଥିଲେ। ପ୍ରଶିକ୍ଷିକା ଭାବେ ପିଙ୍କିନା ବିଶ୍ୱାଳ, ଲିଜା ପ୍ରଧାନ ଯୋଗଦେଇଥିବା ବେଳେ ୨୫୦ଜଣ ଛାତ୍ରୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।



ବାଲ୍ୟ ବିବାହ ରୋକିବା ଲାଗି ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ମହାସଂଘର ସଦସ୍ୟମାନେ ଶପଥ ପାଠ କରୁଛନ୍ତି।

# ବାଲ୍ୟ ବିବାହ ରୋକିବା ପାଇଁ ଶପଥ

ପୁରୀ ଅଫିସ, ୭।୪:

ପୁରୀ ଜିଲାରେ ବାଲ୍ୟ ବିବାହ ରୋକିବା ଲାଗି ଗୁରୁବାର ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାମୂହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୨ଟି ଶିଶୁ ବିକାଶ ପ୍ରକଳ୍ପ ଅଧୀନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ମହାସଂଘର ସଦସ୍ୟମାନେ ନିଜ ଅଞ୍ଚଳରେ ଶିଶୁଙ୍କ ଅଧିକାରର ସୁରକ୍ଷା କରିବା ସହ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ଅତ୍ୟାଚାର ରୋକିବା ଦିଗରେ ସହଯୋଗ କରିବା ପାଇଁ ଶପଥ ନେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବିଜୟ କୁମାର ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲା ବାଲ୍ୟ ବିବାହ ନିରୋଧୀ ସଂଯୋଜିକା ସୁମିତ ରାଣୀ ଘୋଷ, ଜିଲା ମିଶନ ଶକ୍ତି ସଂଯୋଜିକା ଆରତି ସାହୁ ଏବଂ ଶୁଭକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରକୃତି ରକ୍ଷା ହୋଇପାରିଲେ ଜୀବନ ରକ୍ଷା ସମ୍ଭବ

ପୁରୀ ଅଫିସ, ୭।୪:

## ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର ସଭାପତିତ୍ୱ କରିଥିଲେ। ଚଳିତ ବର୍ଷର ଶୀର୍ଷକ 'ଆମ ପୃଥିବୀ ଆମ ସ୍ୱାସ୍ଥ୍ୟ– ଆମ ଜଳ, ପବନ ଓ ଖାଦ୍ୟକୁ ସ୍ୱଚ୍ଛ ରଖିବା' ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବ୍ୟସ୍ତ ବହୁଳ ଜୀବନ ଶୈଳୀ ଓ ବାହାରେ ବିକ୍ରୟ ଖାଦ୍ୟ ଖାଇ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଜାରରେ ଅନେକ ନକଲି ଖାଦ୍ୟ ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଏଥିପ୍ରତି ଗ୍ରାହକ ସଚେତନ ରହୁନାହାନ୍ତି। ନିୟନ୍ତ୍ରିତ ଜୀବନ ଶୈଳୀ ଓ ସନ୍ତୁଳିତ ଖାଦ୍ୟ, ଯୋଗ ଓ ବ୍ୟାୟାମ ଦ୍ୱାରା ମଣିଷ ସୁସ୍ଥ ରହିପାରିବ ବୋଲି ଅତିଥିମାନେ କହିଥିଲେ। ସେହିଭଳି ଜଳ ଓ ବାୟୁରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ଏହା ଉପରେ ବିଚାର କରିବାର ଆବଶ୍ୟକତା ରହିଛି। ତାପମାତ୍ରା ବୃଦ୍ଧିର କୁପରିଣାମ ମଧ୍ୟ ମାନବ ସମାଜକୁ ଭୋଗିବାକୁ ପଡୁଛି। ଏହାଦ୍ୱାରା ଅସମୟରେ ବାତ୍ୟା ଓ ଘୂର୍ଣ୍ଣିଝଡ଼ର ସାମ୍ନା କରିବାକୁ ପଡୁଛି। ବଡ଼ ବଡ଼ ବରଫଖଣ୍ଡ ତରଳି ଯାଉଥିବାରୁ ସ୍ଥଳ ଭାଗ ହ୍ରାସ ପାଉଛି। ପ୍ରକୃତି ରକ୍ଷା ହୋଇପାରିଲେ ଜୀବନ ରକ୍ଷା କରାଯାଇ ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦେବୀପ୍ରସାଦ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡା. ନିମାଇଁ ଚରଣ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଶା ସଂଯୋଜକ ଅଶୋକ କୁମାର ସାହୁ, ଡିଏମ୍‌ଆର୍‌ସିଏଚ୍ ପ୍ରଶାନ୍ତ ବରାଳ, ଖାଦ୍ୟ ସୁରକ୍ଷା ଅଧିକାରୀ ଡା. ରାଜଶ୍ରୀ ପତି, ଏଡିପିଏଚ୍‌ସିଓ ଡା. ସୁଶାନ୍ତ ବିଶ୍ୱାଳ ଏବଂ ନର୍ସିଂ ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଡିପିଏଚ୍‌ସିଓ ରବୀନ୍ଦ୍ର ପ୍ରଧାନ ସଭା ପରିଚାଳନା ଓ ଆସିଷ୍ଟାଣ୍ଟ ମ୍ୟାନେଜର (ଟ୍ରେନିଂ) ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିବ କ୍ଷତିପୂରଣ

ଡେଲାଙ୍ଗ,୭।୪(ଡି.ଏନ୍.ଏ.):

## ଚାଷ ଜମିକୁ ଖନନ ମାଟି ମାଡ଼ିବା ଘଟଣା

ଡେଲାଙ୍ଗ ଓ କଣାସ ବ୍ଲକରେ ପ୍ରବାହିତ ଲୁଣାନଦୀ ଶଯ୍ୟା ଖନନରେ ନିକଟବର୍ତ୍ତୀ ଚାଷୀମାନଙ୍କ ଚାଷଜମିକୁ ଖନନ ମାଟି ମାଡିଯାଇଥିବା ଘଟଣାରେ ଗୁରୁବାର କଣାସ ତହସିଲ କାର୍ଯ୍ୟାଳୟ ପରିସରରେ ପ୍ରଶାସନିକ ଅଧିକାରୀ, ଓସିସି କର୍ମଚାରୀ ଓ ଚାଷୀ ସଂଗଠନଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ନୀଳାଞ୍ଚଳ କୃଷକ ମହାସଂଘର ସମ୍ପାଦକ ଉଗ୍ରସେନ ବିଶ୍ୱାଳ, ସମନ୍ୱୟ କମିଟି ଅଧକ୍ଷ ଗୁଣନିଧି ପାତ୍ର, ଠିକା ସଂସ୍ଥା ସୁପରଭାଇଜର ଲିଟନ କୁମାର ପ୍ରମୁଖ ଆଲୋଚନାର ଅଂଶଗ୍ରହଣ କରିଥିଲେ। ଆଲୋଚନାରେ ଚାଷୀଙ୍କ କ୍ଷତିପୂରଣକୁ ଗୁରୁତ୍ୱ ଦିଆଯିବା ସହିତ ନଦୀ ଡାହାଣ ପାର୍ଶ୍ୱ ମାଇନରର ପୁନରୁଦ୍ଧାର, ବାଳିଆ ଖିଆଠାରୁ ଲୁଣା ସଫେଇ, ଜଘାଂରଠାରୁ ସିରେଇନାଳ, ନଳୀବସନ୍ତଠାରୁ ଧାନକେରା ଏଗାରପଣ ନାଳର ମୁହଁ ଖନନ କରାଯିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏନେଇ ଓସିସି ପକ୍ଷରୁ କ୍ଷତିଗ୍ରସ୍ତ ଚାଷଜମି ବାବଦରେ ଏକର ପିଛା ଚାଷୀଙ୍କୁ ୮ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ନଦୀପଠାରେ ରହିଥିବା ମାଟିଗୁଡିକୁ କାଢିନେବା ପାଇଁ ଓସିସି ବୈଠକରେ ପ୍ରତିଶ୍ରୁତି ଦେଇଥିଲା। ଆସନ୍ତା ୧୧ ତାରିଖ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀମାନେ କଣାସ ତହସିଲଦାରଙ୍କ ନିକଟରେ କ୍ଷତିଗ୍ରସ୍ତ ଚାଷ ଜମିର ପଟ୍ଟା ଓ ବ୍ୟାଙ୍କ ଖାତାର ନକଲ ଜମା କରିବାକୁ ଓସିସି ପକ୍ଷରୁ ସୂଚନା ଦିଆଯାଇଛି। ଏହାସହିତ ଆସନ୍ତା ୧୮ ତାରିଖ ସୁଦ୍ଧା କ୍ଷତିପୂରଣ ଟଙ୍କା ପ୍ରଦାନ କରାଯିବ ବୋଲି କଣାସ ତହସିଲଦାର ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଶରତ ସ୍ୱାଇଁ, ଉପେନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ପରିଡା, ସର୍ବେଶ୍ୱର ନାୟକ, ଅଧିକାରୀ ବେହେରା, ଗୁଣନିଧି ସ୍ୱାଇଁ, ପ୍ରକାଶ ନାୟକ, କେଦାର ପରିଡା, ଉଲ୍ଲାସ ନାୟକ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।



ଶ୍ରୀମନ୍ଦିର ସୁରକ୍ଷା ସଂକ୍ରାନ୍ତ ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ.ବି. ସିଂ ଏବଂ ଅନ୍ୟମାନେ ।

# ଉଚ୍ଛେଦ ବାସିନ୍ଦାଙ୍କୁ ଥଇଥାନ ଦାବିରେ ବିକ୍ଷୋଭ

ପୁରୀ ଅଫିସ, ୭।୪:

ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ବାସିନ୍ଦାଙ୍କୁ ଥଇଥାନ ଦାବିରେ ପୁରୀ ମ୍ୟୁନିସିପାଲ ଶ୍ରମିକ ୟୁନିୟନ ପକ୍ଷରୁ ଗୁରୁବାର ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ବିକ୍ଷୋଭକାରୀମାନେ ଦର୍ଶାଇଛନ୍ତି, ସେମାନେ ପୁରୀ ପୌରସଂସ୍ଥା ପରିମଳ ବିଭାଗର କର୍ମଚାରୀ ହୋଇଥିବାବେଳେ ଦୀର୍ଘଦିନ ଧରି ବଳଗଣ୍ଡି ରାୟବାହାଦୁର ଲେନସ୍ଥିତ ଗୋପବନ୍ଧୁ କଲୋନୀରେ ନିଜ ପରିବାର ସହିତ ରହୁଥିଲେ। କିଛି ଦିନ ତଳେ ଉକ୍ତ ଜାଗାର ବ୍ୟବହାର ପାଇଁ ପୌର କର୍ତ୍ତୃପକ୍ଷ ଏଠାରେ ବାସ କରୁଥିବା କର୍ମଚାରୀଙ୍କୁ ଉଚ୍ଛେଦ କରିଥିଲେ। ତେବେ ଉଚ୍ଛେଦ ସମୟରେ କ୍ଷତିଗ୍ରସ୍ତଙ୍କୁ ଅନ୍ୟତ୍ର ଥଇଥାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ୩/୪ ମାସ ପରେ ବି ଏଯାବତ୍ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଥଇଥାନ ବ୍ୟବସ୍ଥା କଲେ ନାହିଁ। ଫଳରେ କ୍ଷତିଗ୍ରସ୍ତମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉଚ୍ଛେଦ କ୍ଷତିଗ୍ରସ୍ତଙ୍କୁ ଯଥାଶୀଘ୍ର ଥଇଥାନ କରିବାକୁ ଦାବି କରାଯାଇଛି। ତେବେ ଏ ନେଇ ତହସିଲଦାରଙ୍କୁ ଜଣାଇବାକୁ ପୌରସଂସ୍ଥା ନିର୍ବାହୀ ଅଧିକାରୀ କହିଛନ୍ତି। ୟୁନିୟନର ସାଧାରଣ ସମ୍ପାଦକ ଟୁନା ନାୟକଙ୍କ ତତ୍ତ୍ୱାବଧାନରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଦାବିପତ୍ର ପ୍ରଦାନ ବେଳେ ମାନସୀ ନାୟକ, ଲିଙ୍ଗା ନାୟକ, ରମା ଦେଈ, ସୁରେନ ନାୟକ, ଜଗା ନାୟକ ଏବଂ ଶ୍ରମିକ ନେତା ଜଗନ୍ନାଥ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ସମ୍ପର୍କିତ ମୌଳିକ ଜ୍ଞାନ ଜରୁରୀ

ସାକ୍ଷୀଗୋପାଳ,୭।୪(ସ୍ୱ.ପ୍ର):

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଯୁବ ରେଡକ୍ରସ୍, ସାକ୍ଷୀଗୋପାଳର ମିଳିତ ଉଦ୍ୟମରେ ଗୁରୁବାର ମହାବିଦ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରତିକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଧକ୍ଷ କହିଥିଲେ, ଯେଉଁ ବ୍ୟକ୍ତି ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ସୁସ୍ଥ ରହେ, ସେ ଜଣେ ଉତ୍ତମ ବ୍ୟକ୍ତିରେ ରୂପାନ୍ତରିତ ହୋଇଥାଏ। ମୁଖ୍ୟ ଅତିଥି ଭାବେ ଡ. ବିଶ୍ୱଜିତ ମିଶ୍ର ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କୀୟ ଲୋକେ ମୌଳିକ ଜ୍ଞାନ ଆହରଣ ନ କଲେ ବିଭିନ୍ନ ଶାରୀରିକ ଓ ମାନସିକ ଅସୁସ୍ଥତାର ଶିକାର ହେବେ ବୋଲି କହିଥିଲେ। ଆୟୋଜିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ଜେ.ବି. ଶତାବ୍ଦୀ ମିଶ୍ର, ନମ୍ରତା ପ୍ରିୟଦର୍ଶିନୀ ମହାରଣା ଓ ରୂପାଲି ସ୍ୱାଇଁ, ଦୀପିକା ପ୍ରିୟଦର୍ଶିନୀ ସେଠୀ, ସୋନାଲିକା ବିଶ୍ୱାଳ, ଲୋପାମୁଦ୍ରା ସାହୁ, ତୃପ୍ତିଲତା ବେହେରା, ପ୍ରିୟଦର୍ଶିନୀ ପଣ୍ଡା, ତପନ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଶିବିରକୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭାଶିଷ ଦାସ, ଡା. ଲୋପାମୁଦ୍ରା ମିଶ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ କ୍ଷେତ୍ରମଣି ସେଠୀ, ଜଳନ୍ଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ରତ୍ନାକର ସାହୁ, ଅମରନାଥ ପାଲ୍, ରାଜକିଶୋର ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱର୍ଣ୍ଣଲତା ମାହାରୀ ଧନ୍ୟବାଦ ଦେଇଥିଲେ।

# ୨ କରତକଳରେ ଚଢ଼ାଉ

ନିମାପଡ଼ା,୭।୪(ଡି.ଏନ୍.ଏ.):

## ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ

କଟକ ଓ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଏବଂ ବନ ବିଭାଗ ପକ୍ଷରୁ ମିଳିତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ହରିପୁର ବଜାର, ହରିପୁର ମଲ୍ଲିକ ସାହି ଏବଂ ରେ ବେଆଇନ ଭାବେ ଚାଲୁଥିବା ୨ କରତକଳ ଉପରେ ଗୁରୁବାର ଚଢ଼ାଉ କରାଯାଇଛି। ଚଢ଼ାଉରେ ୨ କରତକଳରୁ ଲକ୍ଷାଧିକ ଟଙ୍କା ମୂଲ୍ୟର କରତକଳର ଯନ୍ତ୍ରାଂଶ କାଠ, ପଟା ଆଦି ଜବତ କରାଯାଇଛି। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ୩ଟି କରତକଳ ମାଲିକଙ୍କ ବିରୋଧରେ ୩ଟି ମାମଲା ରୁଜୁ କରାଯାଇଥିବା ବନ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଭିଜିଲାନ୍ସ ବିଭାଗର ଡିଏଫ୍‌ଓ ରଜନୀ ମହାନ୍ତି, ପୁରୀ ଡିଏଫ୍‌ଓ ପି.ରାମସ୍ୱାମୀ, ଏସ୍‌ଏଫ୍‌ଓ ଉତ୍ତମ କୁମାର ଗଡ଼ନାୟକ, ଗୋପ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୁରୀ ବାଲୁଖଣ୍ଡ ଓ ଅସ୍ତରଙ୍ଗ ରେଞ୍ଜ ଅଧିକାରୀ, ଭିଜିଲାନ୍ସ ବିଭାଗର ଏସ୍‌ସିଏଫ୍ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ଭିଜିଲାନ୍ସ ଭୁବନେଶ୍ୱରର ଇନ୍ସପେକ୍ଟର ବ୍ରହ୍ମାନନ୍ଦ ନାୟକ, ଅଶୋକ କୁମାର ବିରୁଆ, ନିମାପଡ଼ା ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ଚଢ଼ାଉ କରିଥିଲେ। ହରିପୁର ବଜାର, ହରିପୁର ମଲ୍ଲିକ ସାହୁ କରତକଳ ମାଲିକଙ୍କ ବିରୋଧରେ ଗୋପ ବନ ବିଭାଗ ପକ୍ଷରୁ ପୃଥକ ୨ଟି ମାମଲା( ନଂ.୪, ୫/୨୨) ରୁଜୁ କରାଯାଇଥିବା ଗୋପ ବନ ଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ କହିଛନ୍ତି।

# ଗୋବର୍ଦ୍ଧନପୁର ବ୍ୟାରେଜ ନବୀକରଣକୁ ଗୁରୁତ୍ୱ

ପୁରୀ ଅଫିସ,୭।୪:

## ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ପୁରୀ ଓ ବ୍ରହ୍ମଗିରି ବ୍ଲକ୍‌ରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯାଇଛି। ଜଳ ନିଷ୍କାସନ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଛି, ଗୋରୁଆଳ ଚଉଦଶହ ପୁଆଁଣି କେନାଲ, ନମାଣ ବନ୍ଧ କେନାଲ, ଆମ୍ବପଡ଼ା ମହଲାପାଟ କେନାଲ, ଏକନାଲିଆ କେନାଲର କାଠୁଆରେଡ଼ି ଶଙ୍ଖ, ଏକନାଲିଆରୁ ଲିଙ୍କ କାଠୁଆରେଡି, ବକ୍ସିକାଣିଆ, ଦକ୍ଷିଣକାଣିଆର ଉନ୍ନତୀକରଣ ଓ ଜଳ ନିଷ୍କାସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ସେହିଭଳି ଚଉଡମଉଜାର ନାଣ୍ଡିପୁରଟାରେ ନିଷ୍କାସନ ନାଳ, ଚଉଦମଉଜାର ଦଶମାଣ ଶଙ୍ଖ, ତିଅରିପାରି କେନାଲ, କୁରୁଣ୍ଟି କେନାଲ ଓ କୃଷ୍ଣସରଣପୁର ଜଳ ନିଷ୍କାସନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଗୋବର୍ଦ୍ଧନପୁର ବ୍ୟାରେଜ ନବୀକରଣ ପାଇଁ ଜଳ ନିଷ୍କାସନ ଓ ଜଳସେଚନ ବିଭାଗର ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଦକ୍ଷିଣ କାଣିଆ, ବକ୍ସିକାଣିଆ ଜଳ ନିଷ୍କାସନ ଓ ଜଳସେଚନ, ଶାଖା କେନାଲର ପୁନରୁଦ୍ଧାର, ଚାଇଁଗିଣିଆ ସ୍ୱେରେଜର ନବୀକରଣ, ଧରଣୀକୁଦିରୁ ବାଘଲାଞ୍ଜି ଡ୍ରେଜିଂ କରିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବର୍ମା କହିଛନ୍ତି। ଜଳ ନିଷ୍କାସନ ଫଳରେ ଚାଷୀଙ୍କ ସମସ୍ୟାର ସମାଧାନ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେତୁ ନିର୍ମାଣ ବିଭାଗ ସହ ମଧ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଆଲୋଚନା କରିଛନ୍ତି। ରତ୍ନଚିରା ନଦୀ ଉପରେ ସିରୁଳି ଏବଂ କରମଳା ରୋଡ୍ ସଂଯୋଗ ଓ ଚଷାପଡ଼ା ସେତୁ, ଭାର୍ଗବୀ ନଦୀ ଉପରେ ପଥରପଦା ନିକଟସ୍ଥ କୁରୁଣ୍ଡି ଛକ-କପିଳେଶ୍ୱରପୁର ରୋଡ୍ ସଂଯୋଗ, ବାଲିକେରା ନିକଟରେ ତିନିକୁଦି–ରାହାଡମଲ୍ଲ ସଡ଼କ ସଂଯୋଗ, ଲୁଣାନଦୀ ଉପରେ ନିଖିଳା ଗୋବିନ୍ଦପୁର–ମାଝିପଡ଼ା ରୋଡ୍, ଦକ୍ଷିଣକାଣିଆ ଉପରେ କୂଅପଦଠାରେ କରିମ୍‌ପୁର–ବଡ଼ବେଣାକୁଦି ରୋଡ୍ ସଂଯୋଗ ନିମନ୍ତେ ସେତୁ ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ବୈଠକରେ ଜିଲା ପରିଷଦ ସଦସ୍ୟ ଯଜ୍ଞେଶ୍ୱର ସାହୁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, ଜଳ ସଚେତନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶ, ଉପନିର୍ବାହୀ ଯନ୍ତ୍ରୀ ତପନ କୁମାର ମଜୁମଦାର, ସେତୁ ଓ କୋଠାବାଡ଼ି ନିର୍ମାଣ ମୁଖ୍ୟ ଯନ୍ତ୍ରୀ ରମେଶ ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟବ୍ରତ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ରାମପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ପୂର୍ବରୁ ପୌର କାର୍ଯ୍ୟାଳୟ ଫାଟକକୁ ଅଣ୍ଡାମାଡ଼

ଚୌଦ୍ୱାର,(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ସଭାଗୃହରେ ଗୁରୁବାର ଉପନଗରପାଳ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ବିଜେଡିର ଶୁଭେନ୍ଦୁ ସାମଲ ଉପନଗରପାଳ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ନିର୍ବାଚନ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ପୌରପାଳିକା ମୁଖ୍ୟ ଫାଟକ ସମ୍ମୁଖରେ କେତେଜଣ ଲୋକ ରୁଣ୍ଡ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପୌର କାର୍ଯ୍ୟାଳୟ ଫାଟକକୁ କିଛି ଅଣ୍ଡା ମାଡ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ନେଇଥିଲା। ସେଠାରେ ପଚରାଉଚରାବେଳେ ନିଶାସକ୍ତ ଅବସ୍ଥାରେ ଏଭଳି କରିଥିବା ସମ୍ପୃକ୍ତ ଯୁବକ କହିଥିଲା। ପରେ ପୋଲିସ ତାଙ୍କୁ ଛାଡି ଦେଇଥିବା ଜଣାପଡିଛି।



## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ନିଶ୍ଚିନ୍ତକୋଇଲି,୭।୪(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତା କଟରପଡା ନିକଟରେ ଗୁରୁବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମାହଙ୍ଗା ଥାନା ଅଧୀନ ବେଗୁନିଆ ଗାଁର ସହଦେବ ଦାସଙ୍କ ପୁଅ ସନାତନ(୪୫) ସାଇକେଲରେ ଘରକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ହାଇୱା ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସନାତନ ଗୁରୁତର ହୋଇ ପଡିଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଦୁର୍ଘଟଣାର ତଦନ୍ତ କରୁଛି।

### ପଶୁପତି କୁକୁଡ଼ା କମ୍ପାନୀର ୨ କର୍ମଚାରୀଙ୍କୁ ଆକ୍ରମଣ

ତିଗିରିଆ,୭।୪ (ଡି.ଏନ.ଏ.): ତିଗିରିଆ ଥାନା ଅନ୍ତର୍ଗତ ଗୋହିରୀମୁଣ୍ଡ ଛକ ନିକଟରେ ବୁଧବାର ରାତିରେ ପଶୁପତି କୁକୁଡ଼ା କମ୍ପାନୀର ଦୁଇଜଣ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ମୁତାବକ ଥାନା ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମସ୍ଥିତ ଏକ କୁକୁଡା ଫାର୍ମରୁ ସର୍ଭେ କାମ ସାରି ରାତି ସାଢ଼େ ୧୧ଟାରେ ପଶୁପତି କୁକୁଡା କମ୍ପାନୀର ଆଠଗଡ଼ ଶାଖା ପରିଚାଳକ ତୃପ୍ତିରଞ୍ଜନ ଜେନା ଓ କର୍ମଚାରୀ ପ୍ରଭାତ କୁମାର ବେହେରା ଭୁବନେଶ୍ୱର ଫେରୁଥିଲେ। ଗୋହିରୀମୁଣ୍ଡ ଛକ ନିକଟରେ କେତେଜଣ ଯୁବକ ସେମାନଙ୍କ ଗାଡିକୁ ଅଟକାଇ ଠେଙ୍ଗା ଓ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ କର୍ମଚାରୀ ପ୍ରଭାତ ଗୁରୁତର ଆହତ ହୋଇଥିବାରୁ ତିଗିରିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ଗୁରୁବାର ଅପରାହ୍ନରେ ଗୋକର୍ଣ୍ଣଖାଲ ଅଞ୍ଚଳରେ କୁକୁଡା ଫାର୍ମ କରିଥିବା ଆନନ୍ଦ ଚନ୍ଦ୍ର ବେହେରା ପଶୁପତି କୁକୁଡା କମ୍ପାନୀର ମ୍ୟାନେଜର ତୃପ୍ତି ରଞ୍ଜନ ଜେନା, କର୍ମଚାରୀ ଦିବ୍ୟ ରଞ୍ଜନ ରାଉତ, ଶରଣ କୁମାର ରାଉତ, ଗଣେଶ୍ୱର ସିଂ ଓ ପ୍ରଭାତ କୁମାର ବେହେରାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କୁକୁଡା ଫାର୍ମର ମାଲିକ ବେହେରା ଫାର୍ମରେ ଅନୁପସ୍ଥିତ ଥିଲେ। ବେହେରାଙ୍କ ସ୍ଥାନରେ ତାଙ୍କ ଭଣଜା ଥିବାର ଦେଖି କମ୍ପାନୀର କର୍ମଚାରୀମାନେ ମନଇଚ୍ଛା ଫାର୍ମରେ ପଶି ୧୩୫ଟି କୁକୁଡା ଚିଆଁଙ୍କୁ ହାତରେ ଓ ବାଡିରେ ମାଡମାରି ମାରିଦେଇଥିଲେ। ଏହାକୁ ନେଇ ଭଣଜାଙ୍କ ସହ କମ୍ପାନୀ କର୍ମଚାରୀଙ୍କ ଉଚ୍ଚବାଚ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ଚୌଦ୍ୱାର,୭।୪(ଡି.ଏନ୍.ଏ.): ଅବସରପ୍ରାପ୍ତ ସେନା କର୍ମଚାରୀ ଦେବରାଜ ପଣ୍ଡା(୬୮)ଙ୍କର ଗୁରୁବାର ପରଲୋକ ହୋଇଯାଇଛି।



୨ଦିନ ତଳେ ଚାରବାଟିଆ ହାଉସିଂ ବୋର୍ଡ଼ (ଫେଜ୍-୧)ସ୍ଥିତ ବାସଭବନରେ ହଠାତ୍ ତାଙ୍କ ଗୋଡ ଖସି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ପରେ ମରଶରୀରକୁ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପ ନଗରପାଳ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ବିଜୟ କୁମାର ମଲ୍ଲିକ, ବିଜୟ ସାହୁ, ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଦେବରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଜିତେନ୍ଦ୍ର ପଣ୍ଡା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଭାରତ ପ୍ରତିରକ୍ଷା ବିଭାଗର ଶୃଙ୍ଖଳିତ ସୈନିକ ଭାବେ ଦେବରାଜ କାର୍ଗିଲ ଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଯୁଦ୍ଧବେଳେ ତାଙ୍କ ଗୋଡ଼ରେ ଶତ୍ରୁପକ୍ଷର ଗୁଳି ବାଜିଥିଲେ ସୁଦ୍ଧା ସେ ଲଢେଇ ଜାରି ରଖିଥିଲେ।

# ଦୁର୍ନୀତିମୁକ୍ତ ହେବ ସିଏମ୍‌ସି: ସୁବାସ





କଟକ ସହିଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଓ କର୍ପୋରେଟରମାନେ ଶପଥ ଗ୍ରହଣ କରୁଛନ୍ତି।

କଟକ ଅଫିସ,୭।୪

କଟକ ମହାନଗର ନିଗମ(ସିଏମ୍‌ସି)ର ୫ମ ମେୟର ଭାବରେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି ସୁବାସ ସିଂ। ଏଥିସହ ୫୯ ଜଣ କର୍ପୋରେଟର ମଧ୍ୟ ଶପଥ ଗ୍ରହଣ କରିଛନ୍ତି। କଟକ ସହୀଦ ଭବନରେ ଆୟୋଜିତ ଶପଥଗ୍ରହଣ କାର୍ଯ୍ୟକ୍ରମରେ ପୌର ପ୍ରଶାସନର ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ପ୍ରଥମେ ସୁବାସଙ୍କୁ ଶପଥପାଠ କରାଇଥିଲେ। ପରେ କର୍ପୋରେଟରମାନେ ସାମୂହିକ ଭାବେ ଶପଥ ଗ୍ରହଣ କରିଥିଲେ। ଏହାପରେ ସୁବାସ ସିଏମ୍‌ସି ବିଜୁଭବନ ପରିସରରେ ଥିବା ନିଜ କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ସହରବାସୀ ଆଶା ଓ ବିଶ୍ୱାସର ସହ ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଇ ମୋତେ ଜିତାଇଛନ୍ତି। ମୁଖ୍ୟମନ୍ତ୍ରୀ କଟକକୁ ନୂଆ ରୂପରେଖ ଦେବାକୁ ଚାହୁଁଛନ୍ତି।

**ଶପଥ ନେଲେ ମେୟର, ୫୯ କର୍ପୋରେଟର**

ତେବେ ମୁଖ୍ୟମନ୍ତ୍ରୀ ଯେଉଁ ଆସ୍ଥା ମୋ ଉପରେ ରଖିଛନ୍ତି ତାହାକୁ ପୂର୍ଣ୍ଣାଙ୍ଗ କରିବାକୁ ମୁଁ ପ୍ରାଧାନ୍ୟ ଦେବି। ଦୁର୍ନୀତି ଓ ଭ୍ରଷ୍ଟାଚାର ସିଏମ୍‌ସିରୁ ଦୂରେଇବ। କେହି ଏଠାରୁ ଶୋଷଣର ଶିକାର ହେବେ ନାହିଁ। ଦୁର୍ନୀତିମୁକ୍ତ ହେବ ସିଏମ୍‌ସି। ଏଥିସହ ଫୋକସ୍‌ରେ ମଶା ମରା ଅଭିଯାନ ରହିବ ବୋଲି ସୁବାସ କହିଛନ୍ତି। ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି ପ୍ରଶାସକ ଅନୀଲ ସାମଲ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, ଶ୍ୱେତପଦ୍ମା. ଡି ଶତ୍‌ପଥୀ ଓ ସଚିବ ଲତାଶ୍ରୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀ ଜୀବନରୁ ରାଜନୀତି

କଟକ ଅଫିସ, ୭।୪

ରେଭେନ୍‌ଶାରେ ଅଧ୍ୟୟନ କରୁଥିବା ୨୧ବର୍ଷୀୟା ଦମୟନ୍ତୀ ମାଝୀ କଟକ ମ୍ୟୁନିସିପାଲିଟି କର୍ପୋରେଶନ(ସିଏମ୍‌ସି)ର ଡେପୁଟି ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ୪୯ ନଂ. ୱାର୍ଡରୁ କର୍ପୋରେଟର ଭାବେ ନିର୍ବାଚିତ ହୋଇଥିବା ଦମୟନ୍ତୀ କଟକ ଜଗତ୍‌ପୁର ବାଲିସାହି ବସ୍ତିରେ ରୁହନ୍ତି। ସେ ଜଣେ ଆଦିବାସୀ ଯୁବତୀ ହୋଇଥିଲେ ସୁଦ୍ଧା ରାଜନୀତି ପ୍ରତି ତାଙ୍କର ବେଶ୍ ରୁଚି ରହିଛି। ଆଉ ଯେଉଁଥିପାଇଁ ପରିବାରରେ ଅନେକ ସମସ୍ୟା ଥିଲେ ସୁଦ୍ଧା ପାଠପଢ଼ା ସହ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ କର୍ପୋରେଟର ଭାବେ ବିଜୟୀ ହେବା ସହ ଏବେ କଟକ ଭଳି ସହରର ଡେପୁଟି ମେୟର ପଦ ପାଇଛନ୍ତି। ବିଶେଷକରି ସେ ସିଏମ୍‌ସିର ସର୍ବକନିଷ୍ଠା ଡେପୁଟି ମେୟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

ଯୁକ୍ତ ଦୁଇ ପଢ଼ିବା ସମୟରେ ଦମୟନ୍ତୀଙ୍କ ବାପା ଶ୍ୟାମସୁନ୍ଦରଙ୍କ ପରଲୋକ ଘଟିଥିଲା। ମାଆ ସାରା ଛୋଟ ଦୋକାନ କରି ୨ଝିଅ ଓ ଗୋଟିଏ ପୁଅକୁ ନେଇ ପରିବାର ପ୍ରତିପୋଷଣ କରୁଛନ୍ତି। ଦମୟନ୍ତୀ ମାଆଙ୍କ ବୋଝ ହାଲୁକା କରିବାକୁ ଘରଘର ବୁଲି ପିଲାଙ୍କୁ ଟ୍ୟୁଶନ କରି କିଛି ଅର୍ଥ ରୋଜଗାର କରନ୍ତି। ୩ ଭଉଣୀଭାଇ ମେଧାବୀ ଛାତ୍ରୀଛାତ୍ର ହୋଇଥିବାରୁ ସରକାରଙ୍କ ସାହାଯ୍ୟ ଓ ମେଧାବୃତ୍ତି ଦ୍ୱାରା ନିଜର ଅଧ୍ୟୟନ ଜାରି ରଖିଛନ୍ତି। ଦମୟନ୍ତୀ ବସ୍ତିରେ ରହୁଥିବା ଅନେକ ଲୋକଙ୍କୁ ସାହାଯ୍ୟ କରିଛନ୍ତି। ବସ୍ତିବାସୀଙ୍କୁ ଶ୍ରମ କାର୍ଡ, ଆଧାରକାର୍ଡ କରାଇବାରେ ସହଯୋଗ କରି ସେ ଲୋକଙ୍କ ନିକଟତର ହୋଇପାରିଥିଲେ। ତାଙ୍କର ଲୋକଙ୍କ ପାଇଁ ସେବା ମନୋବୃତ୍ତି ଦେଖି ବିଜେଡି ପକ୍ଷରୁ ୪୯ ୱାର୍ଡର କର୍ପୋରେଟର ଭାବରେ ତାଙ୍କୁ ଟିକେଟ ମିଳିଥିଲା। ଆଉ ୨,୫୧୩ ଖଣ୍ଡ ଭୋଟ ପାଇ ଦମୟନ୍ତୀ କର୍ପୋରେଟର ଭାବେ ବିଜୟୀ ମଧ୍ୟ ହେଲେ। ଜଣେ ମେଧାବୀ ଛାତ୍ରୀ ଭାବେ ରେଭେନଶା ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗରେ କୃତକାର୍ଯ୍ୟ ହାସଲ କରିଛନ୍ତି। ତାଙ୍କର ଏହି ସଫଳାତା ପରେ ସହପାଠୀମାନଙ୍କ ଠାରୁ ନେଇ ଅଧ୍ୟାପିକାଅଧ୍ୟାପକ ମାନେ ବେଶ ଖୁସିବ୍ୟକ୍ତ କରିଛନ୍ତି। ଏଥିସହିତ ପ୍ରଥମ ଥର ଲାଗି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଧ୍ୟୟନ ସମୟରେ ଜନ ପ୍ରତିନିଧି ଭାବେ ନିର୍ବାଚିତ ହୋଇ ଇତିହାସ ରଚିଛନ୍ତି।



ଡେପୁଟି ମେୟର ଦମୟନ୍ତୀ ମାଝିଙ୍କୁ କର୍ପୋରେଟରମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

## ନିର୍ବାଚନ କକ୍ଷ ଛାଡ଼ିଲେ କଂଗ୍ରେସ, ଭାଜପା କର୍ପୋରେଟର

କଟକ ଅଫିସ,୭।୪

**ଡେପୁଟି ମେୟର ନିର୍ବାଚନକୁ ବୟକଟ୍**

ଶପଥ ଗ୍ରହଣ କାର୍ଯ୍ୟକ୍ରମ ପରେ ଶହୀଦ ଭବନ ପରିସରରେ ଡେପୁଟି ମେୟର ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାପୂର୍ବରୁ କଂଗ୍ରେସ ଏବଂ ଭାଜପା କର୍ପୋରେଟରମାନେ କକ୍ଷ ତ୍ୟାଗ କରିଥିଲେ। ଭୋଟ ଦେବା ସମୟରେ ଅବ୍‌ଜରଭରଙ୍କୁ ବସାଇ କାହାକୁ ଭୋଟ ଦିଆଯାଉଛି, ତାହା ଦେଖାଇବାକୁ ପଡ଼ିବ ବୋଲି କୁହାଯାଉଛି, ଯାହାକି ଗଣତନ୍ତ୍ରର ହତ୍ୟା ସଦୃଶ ବୋଲି ୫୦ନମ୍ବର ୱାର୍ଡ କର୍ପୋରେଟର ସନ୍ତୋଷ ଭୋଳ କହିଛନ୍ତି। ସେହିପରି ୨୬ନମ୍ବର ୱାର୍ଡର କର୍ପୋରେଟର ଗଗନ ଓଝା ମଧ୍ୟ ଭୋଟ ଦେବା ବେଳେ କାହାକୁ ଭୋଟ ଦିଆଯାଉଛି ତାହା ଦେଖାଇବାକୁ କୁହାଯିବାକୁ ଗ୍ରହଣ କରିପାରି ନାହାନ୍ତି। ଏଭଳି ନୀତିକୁ ବିରୋଧ କରି ଉଭୟ ଭାଜପା ଏବଂ କଂଗ୍ରେସ କର୍ପୋରେଟରମାନେ ନିର୍ବାଚନରେ ଭାଗ ନ ନେଇ କକ୍ଷତ୍ୟାଗ କରିଥିଲେ। ଫଳରେ ଦମୟନ୍ତୀ ମାଝି ନିର୍ଦ୍ୱନ୍ଦ୍ୱରେ ଡେପୁଟି ମେୟର ଭାବେ ନିର୍ବାଚିତ ହୋଇଥିଲେ। ସୂଚନା ଥାଉ କି ସିଏମ୍‌ସିର ମୋଟ ୫୯ ୱାର୍ଡରୁ ୩୮ରେ ବିଜେଡି ବିଜୟୀ ହୋଇଥିବାବେଳେ କଂଗ୍ରେସ ୮, ଭାଜପା ୭ ଓ ସ୍ୱାଧୀନ ଭାବେ ୬ଜଣରେ ବିଜୟୀ ହୋଇଛନ୍ତି।

## ୧୪ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ





ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ କଟକ ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

କଟକ ଅଫିସ, ୭।୪

୧୪ ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏସନ କଟକ ଜିଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ କରାଯାଇଥିଲା। ଏଥିସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା, ଅଙ୍ଗନୱାଡି କର୍ମଚାରୀଙ୍କୁ ମାସିକ ୫୦୦୦ ଟଙ୍କା ପେନ୍‌ସନ୍ ପ୍ରଦାନ, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ଭଳି ଅନେକ ଦାବି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ସଭାପତି ପ୍ରମିଳା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବସନ୍ତ ସାହୁ, ଶ୍ରୀନିବାସ ରାଓ, ଅକ୍ଷୟ କୁମାର ଦାସ, ଗୌରାଙ୍ଗ ଚରଣ ରଥ, ଭାଗୀରଥି ବେହେରା, ସନ୍ତୋଷ ଭୂୟାଁ ଓ ପୁଷ୍ପଲତା ମହାନ୍ତି ସାମିଲ ହୋଇଥିଲେ।

## କରୋନା କ୍ଷତିପୂରଣ ଦିଆ ନ ଗଲେ ଆନ୍ଦୋଳନ

କଟକ ଅଫିସ, ୭।୪

ବାରିକ ପରିବାରକୁ କରୋନା କ୍ଷତିପୂରଣ ପ୍ରଦାନ କରିବାକୁ ନିଖିଳ ଉତ୍କଳ ବାରିକ ସମିତି ପକ୍ଷରୁ ଦାବି କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନିଆଯାଇ କ୍ଷତିପୂରଣ ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ସମିତି ପକ୍ଷରୁ ଜିଲାପାଳଙ୍କୁ ଗୁରୁବାର ଏକ ସ୍ମାରକପତ୍ର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, କରୋନା ମହାମାରୀ ଯୋଗୁ ଲକ୍‌ଡାଉନ ଓ ସଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ଏଥିଯୋଗୁ ସେଲୁନ, ପାର୍ଲର ଦୀର୍ଘମାସ ଧରି ବନ୍ଦ ରହିଥିଲା। ବ୍ୟବସାୟୀମାନେ ରୋଜଗାର ହରାଇବା ପରେ ଘର ଓ ଦୋକାନ ଭଡ଼ା ଦେଇ ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ସମିତି ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଗତ ମାର୍ଚ୍ଚ ୮ ତାରିଖ ମଧ୍ୟରେ ଜିଲାପାଳ ଉପଯୁକ୍ତ ପଦକ୍ଷେପ ନେବାକୁ ରାୟ ଦେଇଥିଲେ। ହେଲେ ଏହି ସମୟ ଅତିକ୍ରମ ହୋଇସାରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଣୁ ଜିଲାପାଳ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଅକ୍ଷୟ କୁମାର ବାରିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ମୁଦୁଲି, ଉପସଭାପତି ପ୍ରଶାନ୍ତ କୁମାର ବାରିକ, ନବକିଶୋର ବାରିକ, ସୁନିତା ମୁଦୁଲି, ଲକ୍ଷ୍ମୀପ୍ରିୟା ବାରିକ, ଚନ୍ଦ୍ରମଣି ବାରିକ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବାଙ୍କୀ, ତିଗିରିଆରେ ସ୍ୱାସ୍ଥ୍ୟସେବା ଶିବିର

ବାଙ୍କୀ/ ତିଗିରିଆ,୭।୪ (ସ୍ୱ.ପ୍ର./ ଡି.ଏନ.ଏ.)

ଡମପଡ଼ା ବ୍ଲକ କୁଶୁପଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସିଲ୍‌ଭର ସିଟି କଟକ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଡମପଡ଼ା ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ବେଉରା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ନରେଶ ଚନ୍ଦ୍ର ବେଉରା ଉପସ୍ଥିତ ରହିଥିଲେ। ଶିବିରରେ କଟକ ବଡ ଡାକ୍ତରଖାନାର ଡାକ୍ତରମାନେ ୧୭୩ଜଣ ରୋଗୀଙ୍କ ଚିକିତ୍ସା କରିବା ସହ ଔଷଧ ବଣ୍ଟନ କରିଥିଲେ। ମା' ବାଉତୀ କମ୍ରେଡ୍ ଗ୍ରୁପ ସଭାପତି ପ୍ରେମରାଜ ଲେଙ୍କା, ସଭ୍ୟ ବସନ୍ତ କୁମାର ସାହୁଙ୍କ ସମେତ ସମସ୍ତ ସଭ୍ୟ ଓ ସିଲ୍‌ଭର ସିଟି କ୍ଲବର ସମ୍ପାଦକ ରାକେଶ ପାତ୍ର, ଉପସଭାପତି ଜ୍ଞାନରଞ୍ଜନ ବେଉରା ପ୍ରଭୃତି ଉପସ୍ଥିତ ଥିଲେ।

ତିଗିରିଆ ବ୍ଲକ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବିଶ୍ୱବିକାଶ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପାଟଣା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୁଷ ଡା. ଶୁଚିସ୍ମିତା ଉଦୟ ସିଂ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଫର୍ମାସିଷ୍ଟ, ଆଶା ଓ ଅଙ୍ଗନୱାଡି କର୍ମୀ ସହଯୋଗ କରିଥିଲେ।

## ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

କଟକ,୭।୪

ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ଗୁରୁବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଦ୍‌ଗୁରୁ ହସ୍ପିଟାଲ ଓ ଏକ ଘରୋଇ ଗଣମାଧ୍ୟମ ସଂସ୍ଥାର ମିଳିତ ସହଯୋଗରେ ବାଦାମବାଡ଼ିସ୍ଥିତ ଓଏସ୍‌ଆର୍‌ଟିସି ବସ୍‌ଷ୍ଟାଣ୍ଡ ପରିସରରେ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜିତ ହୋଇଥିଲା। ଏଥିରେ କଟକରେ କାର୍ଯ୍ୟରତ ବିଭିନ୍ନ ଖବରକାଗଜର ୬୫ରୁ ଊର୍ଦ୍ଧ୍ୱ ବିତରକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ସଦ୍‌ଗୁରୁ ହସ୍ପିଟାଲର ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ପୃକ୍ତ ଗଣମାଧ୍ୟମର ବରିଷ୍ଠ ଅଧିକାରୀ ଓ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ। ସମାଜରେ ଘଟୁଥିବା ଘଟଣାବଳୀକୁ ସାମ୍ବାଦିକଟିଏ ଖବରକାଗଜ ଜରିଆରେ ଲୋକଲୋଚନକୁ ଆଣିଥାଏ। ମାତ୍ର ଉକ୍ତ ଖବର ଛାପିବା ଘରେ ଘରେ ପହଞ୍ଚାଇବାର ଗୁରୁଦାୟିତ୍ୱ ଖବରକାଗଜ ବିତରକମାନଙ୍କ ଉପରେ ନ୍ୟସ୍ତ ରହିଛି। ଫଳରେ ସେମାନେ ଭୋରରୁ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥାନ୍ତି। ତେଣୁ ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଖବରକାଗଜ ବିତରଣ କରୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏହା ସମର୍ପିତ କରାଯାଇଥିଲା। ହସ୍ପିଟାଲର ବିଶେଷଜ୍ଞ ଡା. ପ୍ରତୀକ ପଟ୍ଟନାୟକ, ଡା. ସିଦ୍ଧିଚାନ୍ଦ ମିଶ୍ର, ଫାର୍ମାସିଷ୍ଟ ଶୁଭମ ମହାରଣା ଏବଂ ମେଡିକାଲ କର୍ମଚାରୀ ସୌମ୍ୟରଞ୍ଜନ ମିଶ୍ର ଯୋଗଦେଇ ଇସିଜି, ମଧୁମେହ, ରକ୍ତଚାପ ଭଳି ବିଭିନ୍ନ ଡାକ୍ତରୀ ପରୀକ୍ଷା କରିଥିଲେ। ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବା ଦ୍ୱାରା ବିତରକମାନେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ଅଧିକ ସଚେତନ ହୋଇଥିଲେ। ଆଗାମୀ ଦିନରେ କଟକ ଜିଲାର ବିଭିନ୍ନ ସ୍ଥାନରେ ଖବରକାଗଜ ବିତରକଙ୍କ ପାଇଁ ଏଭଳି ଶିବିର ଆୟୋଜନ କରାଯିବ ବୋଲି ରାହୁଲ କହିଛନ୍ତି।

## ସମସ୍ୟା ସମାଧାନ ପାଇଁ ସହଯୋଗ ଜରୁରୀ

କଟକ ଅଫିସ, ୭।୪

ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ ହସ୍ପିଟାଲ ଦ୍ୱାରା ପରିଚାଳିତ 'ପଦ୍ମିନୀ କେୟାର'ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି କହିଥିଲେ, ବିଶ୍ୱରେ ଦେଖାଦେଇଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମନ୍ତେ ସମ୍ମିଳିତ ସହଯୋଗ ନିତାନ୍ତ ଜରୁରୀ। ଏହି ଅବସରରେ ଚଳିତବର୍ଷର ଥିମ୍ 'ଆମ ଗ୍ରହ ଆମ ସ୍ୱାସ୍ଥ୍ୟ' ପୋଷ୍ଟର ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତିପ୍ରକାଶ ପରିଜା, ସନ୍ଦୀପ ପ୍ରହରାଜ, ପ୍ରଦୀପ ଷଡଙ୍ଗୀ, ଶିବରାମ ସୁର୍ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଚୌଧୁରୀ ବଜାର ମଣ୍ଡପରେ ପୂଜା ପାଉଥିବା ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

## ପୂର୍ବ ଶତ୍ରୁତାରୁ ହୋଇଥିଲା ହତ୍ୟା

ଫୁଲନଖରା, ୭।୪(ଡି.ଏନ୍.ଏ.)

**ମହିଳାଙ୍କୁ ହତ୍ୟା ଘଟଣା: ବାପା, ପୁଅ ଗିରଫ**

କଟକ ସଦର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ହେମଲତା ପାଣିଗ୍ରାହୀ ନାମକ ମହିଳାଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ବାପା,ପୁଅଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଦକ୍ଷିଣ ଉଷୁମା ଗ୍ରାମର ଚକ୍ରଧର ସାମଲ ଓ ତାଙ୍କ ପୁଅ ପ୍ରକାଶ ସାମଲ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସ୍ପଷ୍ଟ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ହେମଲତାଙ୍କ ବଡପୁଅ ପ୍ରଭାସ ପାଣିଗ୍ରାହୀ ଅଭିଯୁକ୍ତ ପ୍ରକାଶଙ୍କ ଭଉଣୀ ସୁମିତ୍ରାଙ୍କୁ ଅପହରଣ କରିବା ପରେ ବିବାହ କରିଥିଲେ। ସେଥିପାଇଁ ଚକ୍ରଧର, ପ୍ରକାଶ ଓ ତାଙ୍କ ସାନଭାଇ ସାନୁ ୨୬।୭।୨୦୨୧ରେ ହେମଲତାଙ୍କ ଘରେ ଆସି ପାଟିତୁଣ୍ଡ କରିଥିଲେ। ଏନେଇ ହେମଲତା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୩୦/୨୧) ରୁଜୁ କରିଥିଲା। ଏଥିସହ ପ୍ରକାଶ ଓ ଚକ୍ରଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହି ସମୟରେ ସେମାନେ ପ୍ରତିଶୋଧ ପରାୟଣ ହୋଇ ହେମଲତାଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ବେଲ୍‌ରେ ଆସିଥିଲେ। ଗତ ସୋମବାର ହେମଲତା ଘରେ ଏକୁଟିଆ ଥିବାବେଳେ ତାଙ୍କ ସ୍ୱାମୀ ଭୀମସେନ ଓ ପୁଅ ବିକାଶ ପରିବା ବ୍ୟବସାୟ କରିବାକୁ ଭୁବନେଶ୍ୱର ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ହେମଲତାଙ୍କୁ ନିକଟସ୍ଥ ଏକ ବୁଦାମୂଳକୁ ନେଇ ପଥର ଓ କଟୁରିରେ ହତ୍ୟା କରିଥିଲେ। ବ୍ୟବସାୟ ସାରି ଭୀମସେନ ଓ ବିକାଶ ରାତିରେ ଫେରିବା ପରେ ଘରେ ହେମଲତା ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ନିକଟସ୍ଥ ଏକ ବୁଦାମୂଳରେ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେଉଥିବାବେଳେ ନିକଟରେ ଥିବା ରକ୍ତଲଗା ପଥର ପଡିଥିଲା। ଖବରପାଇ କଟକ ସଦର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଏଥିସହ ପୋଲିସ ଘଟଣାସ୍ଥଳରୁ ଏକ କଟୁରି, ମାଙ୍କଡା ପଥର ଓ ଗୋଟିଏ ମୋବାଇଲ ଫୋନ ଜବତ କରିଥିଲା। ଏ ନେଇ ବିକାଶ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୫/୨୨) ରୁଜୁକରିଥିଲା।